URJANA, 45th Volume, 3rd Issue, 4th December, 2024
Price ₹ 10.00

ଉର୍ଜ୍ଜନା

୪୫ତମ ବର୍ଷ, ୩ୟ ସଂଖ୍ୟା
ମାର୍ଗଶିର, ୧୪୩୧
ମୂଲ୍ୟ - ୧୦ଟଙ୍କା

ଉର୍ଜ୍ଜନା

(ଜୀବନ –ବୁଦ୍ଧିଦ ଧର୍ମ ଓ କୃଷ୍ଟିମୂଳକ ମାସିକ ପତ୍ରିକା)

'ମା ମ୍ରିୟସ୍ୱ ! ମା ଜହି ! ଶକ୍ୟତେ ଚେତ୍ ମୃତ୍ୟୁମବଲୋପୟ' ।

ଅସତ୍-ଭଣ୍ଡାମିରେ ନିଷ୍ଠା ରଖି
ଜ୍ଞାନ-କଥାରହିଁ କଟୁ ଚଳାରେ,
ସତ୍‌କୁ କିନ୍ତୁ କରିଲେ ବର୍ଜ୍ଜନ-
ଅସତ୍ ରହିବ ଉର୍ଜ୍ଜନାରେ । ୧୪ ।

(ଅନୁଶ୍ରୁତି, ୫ମଖଣ୍ଡ, ପ୍ରବୃତ୍ତି)

ପଞ୍ଚଚତ୍ୱାରିଂଶତମ ବର୍ଷ, ତୃତୀୟ ସଂଖ୍ୟା
ମାର୍ଗଶୀର-୧୪୩୧, ଡ଼ିସେମ୍ବର-୨୦୨୪
ଅନୁକୂଳାବ୍ଦ- ୭୯

ସମ୍ପାଦକ
ଡ଼ାଃ. ବିନାୟକ ମହାପାତ୍ର

ପ୍ରଚ୍ଛଦ : ସତ୍‌ସଙ୍ଗ ବିହାର କୋନ୍ନଗର, ହୁଗୁଳି, ପଶ୍ଚିମବଙ୍ଗ
ଅଳଙ୍କରଣ : ସତ୍‌ସଙ୍ଗ ଗ୍ରାଫିକ୍ସ ଆଣ୍ଡ ମଲଟିମିଡ଼ିଆ ସେଣ୍ଟର

URJANA
Editor : Dr. Binayak Mohapatra
Website : www.urjana.com

SATSANG
P.O. : Satsang, Deoghar, Jharkhand-814116

ସୂଚୀପତ୍ର

ମାର୍ଗଶୀର୍ଷ – ୧୪୩୧

୧. ପରମପୂଜ୍ୟପାଦ ଶ୍ରୀଶ୍ରୀଠାକୁରଙ୍କ ବାଣୀ ୧୪୦
୨. ପରମପୂଜ୍ୟପାଦ ଶ୍ରୀଶ୍ରୀଠାକୁରଙ୍କ ଆଶୀର୍ବାଣୀ ପୂଜ୍ୟପାଦ ବଡ଼ଦାଙ୍କ ପ୍ରତି ୧୪୨
୩. ଆଲୋଚନା–ପ୍ରସଙ୍ଗ : ଶ୍ରୀସୁଭାଷ୍ଚନ୍ଦ୍ର କୁମାର ଦାସ ୧୪୩
୪. ବାଣୀରକ୍ଷା : ଶ୍ରୀଦେବପ୍ରସାଦ ମୁଖୋପାଧ୍ୟାୟ ୧୪୮
୫. ସାଧନାର ପଥେ – କାମନାଶ୍ରୟ ବାଦ ଦେଇ ଦେବତା ନାମଧ୍ୟାନରେ ପୂର୍ଣ୍ଣ ବିକାଶ ହୁଏ କି ନା ? ୧୫୩
୬. କର୍ମୀ–ଦର୍ପଣ – ଲକ୍ଷ୍ୟ ଶ୍ରୁତିଚାର୍ଚ୍ଚି ଲକ୍ଷ୍ୟ ହେଲେ ଆମର ୧୫୫
୭. ମାତୃଜଗତ – ବିବାହ ବ୍ୟାପାରରେ ମୁଖ୍ୟ ଜୀବବିଜ୍ଞାନସମ୍ମତ ଯୋଗ୍ୟତା ୧୫୭
୮. ଶିକ୍ଷା–ପ୍ରସଙ୍ଗ – ଶିକ୍ଷା ବ୍ୟବସ୍ଥାରେ ଧର୍ମର ସ୍ଥାନ ୧୫୮
୯. ବୈବାହିକ ଜୀବନ – ବ୍ୟତୋତ୍ପାଦ ବିବାହରେ ସୁଜାତକର ସମ୍ଭାବନା ସୁଦୂରପରାହତ ୧୬୧
୧୦. ଧୃତି–ବିଧାୟନା – ପ୍ରେତିତଙ୍କୁ ଦ୍ୱାଦାର ନ କରି "ଇଷ୍ଟଗଣଙ୍କୁ ଦ୍ୱାଦାର କରେ" କଥା ଅର୍ଥହୀନ ୧୬୨
୧୧. ମତ ଓ ମନ୍ତବ୍ୟ – ପରମପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ମତ ଓ ମନ୍ତବ୍ୟ
ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦାଙ୍କ ପ୍ରତି ୧୬୪
୧୨. ଆର୍ଯ୍ୟ–କୃଷ୍ଟି – ମାନବିକତାର ମାନଦଣ୍ଡ ୧୬୭
୧୩. ସେବା–ବିଧାୟନା – ଗୁରୁଭ୍ରାତାର ପରିବାର ଓ ସଂଘ–ପରିବାର ପ୍ରତି କରଣୀୟ ୧୭୮
୧୪. ଦିବ୍ୟ ଅନୁଭୂତି – କଳ୍ପତରୁ : ଶ୍ରୀଫମ୍ପାଳ ଚକ୍ରବର୍ତ୍ତି ୧୭୦
୧୫. ଶ୍ରୀଶ୍ରୀବଡ଼ଦା ସ୍ମରଣେ – ନୈବେଦ୍ୟ : ପ୍ରୀତିପ୍ରଦାନ ଲଜ୍ଜାଚାର୍ଯ୍ୟ ୧୭୫
୧୬. ବିଦ୍ୟାଲୀଳା – ଲକ୍ଷ୍ୟାର୍ଥେ ଜୀବନ.....ସମସ୍ୟା ସ୍ୱତଃ ସମାହିତ ॥ : କୃଷ୍ଣ ଜୀବନ ମିଶ୍ର ୧୮୨
୧୭. ବିବରଣୀ : ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦାଙ୍କ ଶୁଭ ୧୧୫ତମ ଜନ୍ମବିବସ ଉଦ୍‌ଯାପନ ୧୮୮
● ପରମପୂଜ୍ୟପାଦ ଶ୍ରୀଶ୍ରୀଆଚାର୍ଯ୍ୟଦେବଙ୍କ ଆସାମରାଜ୍ୟ–ପରିକ୍ରମା ୧୯୦
୧୮. ବିଶେଷ ବିଜ୍ଞପ୍ତି :
(ଅନଲାଇନ ଇସ୍ତଭୃତି–ପ୍ରେରଣ) ୧୯୩
୧୯. ଆଶ୍ରମ ସମ୍ବାଦ ୧୯୫
୨୦. ସମ୍ପାଦକୀୟ ୧୯୮

ପ୍ରଚ୍ଛଦ : ପୃଷ୍ଠା–୨ : ପରମପୂଜ୍ୟପାଦ ଶ୍ରୀଶ୍ରୀଆଚାର୍ଯ୍ୟଦେବଙ୍କ ଆସାମ ପରିକ୍ରମାର ବିଭିନ୍ନ ମୁହୂର୍ତ୍ତର ଚିତ୍ରାବଳି ।
ପୃଷ୍ଠା–୩ : ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦାଙ୍କ ୧୧୫ତମ ଜନ୍ମବିବସ ଉଦ୍‌ଯାପନର ବିଭିନ୍ନ ମୁହୂର୍ତ୍ତ ।
ପୃଷ୍ଠା–୪ : ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦାଙ୍କ ଜନ୍ମବିବସରେ ଅନୁଷ୍ଠିତ ସତ୍‌ସଙ୍ଗ ଓ 'ଉତ୍ସୁଜୀ'ର ବାର୍ଷିକ ପ୍ରଦର୍ଶନୀର ଚିତ୍ର ଦୃଶ୍ୟ ।



ପରମପ୍ରେମମୟ
ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ବାଣୀ

ଗାଈଲା ଘରେ ଗୋଟେ ପ୍ରଚଳିତ କଥା ରହିଛି—
'ମଣିଷ ଲକ୍ଷ୍ମୀଙ୍କ ବରଯାତ୍ରୀ'
— ତା' ଠିକ୍‌ହିଁ କିନ୍ତୁ;
ମଣିଷ ଯେ ଘରେ ବା ଯେଉଁମାନଙ୍କ ଘରେ
ଯାତାୟାତ କରନ୍ତି—
ସେ ଘରର ଲୋକମାନେ
ଗୋଟେ ସପ୍ତାହ ଦୂରତ୍ୱ ଲକ୍ଷ
ମଣିଷଙ୍କୁ ଯତି
ଲକ୍ଷ୍ୟକୁଣ୍ଡ, ସଶ୍ରଦ୍ଧ ସେବା-ସମ୍ବର୍ଦ୍ଧନାରେ
ଅନୁଶୀଳନ ଓ ଅନୁଚାଳନାରେ
ନନ୍ଦିତ କରିତୋଳନ୍ତି
ପ୍ରତ୍ୟେକଙ୍କୁ ଯେ ଯେପରି ସେପରି କରି
କୁଶଳ-ପ୍ରୀତି ନେଇ,—
ମଣିଷ ସେମାନଙ୍କର ସ୍ୱତଃହିଁ
ପରିପୂରଣଶୀଳ ହୋଇଉଠେ,
ଫଳରେ, ଆସେ ତୃପ୍ତି, ତୁଷ୍ଟି,
ଆତ୍ମିକ ସହଯୋଗିତା,
ଅର୍ଥ ଓ ସମ୍ପଦର ଉପଚୟୀ ଉତ୍‌କ୍ରମଣ,

ଦେଖ, ଚିନ୍ତି, ଆଲୋଚନାର ଭିତର ଦେଇ
ଜ୍ଞାନ ଲାଭ କରି ପ୍ରତିଷ୍ଠାବାନ୍ ହୋଇ
ସେମାନେ ହୋଇଉଠନ୍ତି ଲକ୍ଷ୍ମୀମନ୍ତ;
ଯେଉଁଠାରେ ଅର୍ଥ-ସମ୍ପଦ ଅଛି
ଲୋକସେବା ନାହିଁ—
ମଣିଷ ଯାଏନା ସେଉଁମାନଙ୍କ ଘରକୁ—
ସେମାନେ ଲକ୍ଷ୍ମୀମନ୍ତ ନୁହଁନ୍ତି
ଯକ୍ଷ୍ମୀମନ୍ତ ହୋଇପାରନ୍ତି । ୧୮୭ ।

ବ୍ୟବସାୟହିଁ ହୁଅନ୍ତୁ, ଆଉ ଯେ କେହି ହିଁ ହୁଅନ୍ତୁ—
ଦେଶ, କାଳ ଓ ପାତ୍ରାନୁଗ
ଉତ୍‌ପାଦନ, ପ୍ରସ୍ତୁତି ଓ ଶ୍ରମନିର୍ବାହୀ
ମୂଲ୍ୟର ବ୍ୟତିକ୍ରମ କରି
ବା ସେଥିରେ ବାଧା, ବିପର୍ଯ୍ୟୟ ସଂଘଟନ କରି
ଯେଉଁମାନେ ଅଧିକ ଅର୍ଥରେ
ବିନିମୟ ବା ବିକ୍ରୟ କରନ୍ତି
— ସେମାନେ କୂଟକୌର୍ଯ୍ୟରେ
ସମକ୍ଷରୀ ବିଶ୍ରମିତିର
ବ୍ୟତିକ୍ରମ ସମ୍ପାଦନ କରି
ଅର୍ଥଗ୍ରୀତି ଓ ଆନୁଷଙ୍ଗିକ କୁଲ୍ଲତାର ଆବାହନରେ
ଅନର୍ଥକୁହିଁ ଆମନ୍ତ୍ରଣ କରିଥା'ନ୍ତି—
ବିଷ୍ଣୁ-ବିସ୍ରୋତା ଲକ୍ଷ୍ମୀର
ବ୍ୟାହତ ହୁଅନ୍ତି ସେଠାରେ—
ଯା'ର ପ୍ରତିକ୍ରିୟାରେ
ଗଣବିକ୍ଷୋଭ ଦୁର୍ବାନ୍ତ ମୂର୍ତ୍ତି ପରିଗ୍ରହ କରି
ସେଇ ଦୁଷ୍କୃତକାରୀମାନଙ୍କୁହିଁ
ବିଶେଷଭାବେ ବିଧ୍ୱସ୍ତ କରିତୋଳେ,
ଏପରିକି, ସେହି ଗଣଦାହୀ କ୍ଷୁଧା
ସେମାନଙ୍କୁ ସର୍ବନାଶର ହିଁ
ଆହୁତି କରିତୋଳେ;
ତେଣୁ ଯା'ହିଁ କରନା କାହିଁକି
ସମରିବେଶ ତୁମର
ସହଜ ସତ୍ତା-ସଂରକ୍ଷଣୀ
ସେବା ଉପରେ ଛିଡ଼ା ହୋଇ ହିଁ
କରିବାକୁ ଯାଅ,—
ସମୃଦ୍ଧିର ଉପଢ଼ୌକନରେ ନନ୍ଦିତ ହୋଇଉଠିବ,
ଲକ୍ଷ୍ମୀ ତାଙ୍କର ଚିନ୍ତିତ ଜ୍ଞାନ,
ଦର୍ଶନ, ଅଙ୍କନ, ଆଲୋଚନ ନେଇ
ଚଞ୍ଚଳ ପାଦରେ ବି ତୁମଠାରେ
ଅଚଳ ହୋଇ ରହିବେ । ୫୦ ।

କାମିନୀ-କାଞ୍ଚନର
ଯୁଗଳ-ଆରାଧନା ଯେ କରେ—
ସେ ନରକରେ ହିଁ ନଷ୍ଟ ପାଏ,
ନାରାୟଣଙ୍କ ସେବା କର,
ଇଷ୍ଟସେବା କର,—
ଲକ୍ଷ୍ମୀ ତୁମର ପଛେ ପଛେ ରହିବେ । ୮୩ ।

ତୁମର ଅସ୍ତିତ୍ୱର ଭିତର ଦେଇ
ନିଷ୍ଠା-ଆନୁଗତ୍ୟ-କୃତିସମ୍ବେଗର
ଶ୍ରମପ୍ରିୟ ଭଙ୍ଗୀ ତତ୍ପରତାର
ଜ୍ୱଳିୟମାଣ ଖରଦ୍ୟୋତନାରେ
ନାରାୟଣ-ବିଭା ଉଜ୍ଜ୍ୱଳ ହୋଇଉଠୁ;
ଆଜ, ସେହି ବିଭୂତି ଶ୍ରୀବତ୍ସଳ ହୋଇଉଠୁ,
ଅର୍ଥ ହିଁ ତୁମର ପରିଚର୍ଯ୍ୟା କରୁ,
ତୁମେ ନାରାୟଣ-ଲକ୍ଷ୍ମୀ-ପରିଚର୍ଯ୍ୟାରେ ନିରତ ଥାଅ—
ସବ୍ୟଷ୍ଟି-ସମଷ୍ଟିର ଭଜନଦୀପନାରେ,
ଆଜ, ତୁମଠାରେ ନିବେଦିତ ଅର୍ଘ୍ୟ ବା ଅର୍ଥ
ସ୍ୱର୍ଗୀୟ ଅର୍ଥ ହୋଇଉଠୁ,—
ସତ୍-ସନ୍ଦୀପନୀ ବିଭା ସୃଷ୍ଟି କରି;
ମୋର ସାତ୍ୱତ ଜୀବନର ପ୍ରାର୍ଥନା ଏଇହିଁ—
ପରମ ଦୈବତଙ୍କ ପାଦପଦ୍ମରେ
ମନେରଖ- ସେହି ଦୟୀ ପୁରୁଷହିଁ ନାରାୟଣ—
ଯିଏ ପ୍ରତିଟି ଅସ୍ତିତ୍ୱର ସମର୍ଦ୍ଧନୀ ଶୁଭବର୍ମ୍ମ । ୪୩ ।

(ସମାଜ-ସନ୍ଦୀପନା)

ପରମପ୍ରେମମୟ ଶ୍ରୀଶ୍ରୀଠାକୁରଙ୍କ ଆଶୀର୍ବାଣୀ
ପୂଜ୍ୟପାଦ ବଡ଼ଦାଙ୍କ ପ୍ରତି

ବଡ଼ଖୋକା !
ତୁମେ ଶୁଭ-ସମ୍ବର୍ଦ୍ଧନୀ
ସୁନିଷ୍ଠ ଏକାୟନୀ ଶ୍ରଦ୍ଧା ନେଇ
ନୀରୋଗ ସୁଦୀର୍ଘଜୀବୀ ହୋଇ ବଞ୍ଚି ରୁହ,
ଶତାୟୁ ହୁଅ,
ଅମିତାୟୁ ହୁଅ,
ଅମୃତତ୍ୱର ଅଧିକାରୀ ହୁଅ —
ହୃଦ୍ୟ ପ୍ରୀତିପ୍ରସନ୍ନ ଅସତ୍-ନିରୋଧୀ ତତ୍‌ପରତା ନେଇ,
ସ୍ୱସ୍ତିର ଶୁଭ ସଂସ୍ଥିତିରେ
ସୁସଂସ୍ଥିତ ରହି,
ସୁକେନ୍ଦ୍ରିକ ତପୋଦୀପନାରେ
ନିଜକୁ ସୁସନ୍ଦୀପ୍ତ କରି;
ଆଉ ଲୋକଜୀବନର ପରମତୀର୍ଥ ହୋଇଉଠ,
ପରିବାର, ପରିବେଶ ଓ ଜନଗଣଙ୍କ
ପରମ କଲ୍ୟାଣ-ମୂର୍ତ୍ତିରୂପେ ଅବସ୍ଥାନ କର —
ସେଇ ତପସ୍ୟାରେ ସେମାନଙ୍କୁ ପ୍ରବୁଦ୍ଧ କରି,
କଲ୍ୟାଣ ଓ ପ୍ରବର୍ଦ୍ଧନାର
ପାଳନହୋତା ହୋଇ;
ତୁମେ ତୁମର କୃତିଚଳନ ନେଇ
ପ୍ରତିଟି ମୁହୂର୍ତ୍ତ ପାଇଁ
ଶୁଭ-ସମ୍ବର୍ଦ୍ଧନୀ ପ୍ରସ୍ତୁତିରେ
ପ୍ରଦୀପ୍ତ ହୋଇ ରୁହ,
ଯେପରି କୌଣସି ଅବସ୍ଥାର ସମ୍ମୁଖୀନ ହୋଇ
ତା'କୁ ଶୁଭ ବିନାୟନାରେ
ଜୀବନୀୟ କରି ତୋଳିପାର;
ଆଉ ତୁମର ସେଇ ପ୍ରେରଣାରେ
ସେମାନେ ପ୍ରତ୍ୟେକେ ଯେପରି
ପାରସ୍ପରିକତାର ମହାନ୍ ଆଲିଙ୍ଗନ ନେଇ
ପରସ୍ପର ପରସ୍ପରର ସ୍ୱାର୍ଥ ହୋଇ
ଶୁଭ ସନ୍ଦୀପନାରେ ସଞ୍ଜୀବିତ ହୋଇ ରୁହନ୍ତି —
ଶତାୟୁର ଅଧିକାରୀ ହୋଇ;
ସେମାନେ ଯେପରି ଆଦର୍ଶରେ ଅତୁଟ ରହି
ଆତ୍ମବିନାୟନୀ ତତ୍‌ପରତାରେ
ଦୃଢ଼ଚେତା ପରାକ୍ରମପ୍ରଦୀପ୍ତ ହୋଇଉଠନ୍ତି,
ହୃଦ୍ୟ ଅସତ୍-ନିରୋଧୀ ଅନୁଦୀପନାରେ
ପ୍ରସ୍ତୁତିର ପରମ ଯଜ୍ଞରେ
ଧୃତି-ଅନୁଶୀଳନାରେ
ନିଜକୁ କୃତିଦୀପ୍ତ କରି
ଇଷ୍ଟାର୍ଥ-ଅନୁଦୀପନୀ ସଂହତିର
ସହାନୁଚର୍ଯ୍ୟୀ ତାପସ ଦୀକ୍ଷାରେ
ଦକ୍ଷ କରି ତୋଳିପାର —
ଯେକୌଣସି ଅବସ୍ଥାହିଁ ଆସୁ ନା କାହିଁକି,
ଶୁଭ ବିନାୟନାରେ ତା'କୁ ଜୀବନୀୟ କରି,
ସେମାନଙ୍କର ପରିବାର, ପରିଜନ,
ସନ୍ତାନ-ସନ୍ତତି ଯା'କିଛିକୁ
ସେଇ ତପୋମତ୍ତ ଐଶୀ ଅନୁକମ୍ପୀ
ନିଷ୍ପାଦନୀ ଚଳନାରେ
ବ୍ୟାପୃତ ରଖି;
ଆଉ ତୁମେ, ତୁମର ପରିବାର, ପରିଜନ
ଓ ପରିସ୍ଥିତି
ମୋର ଏହି ଉତ୍ତାଳ ଆକୂତ
ଆଶୀଷ-ଅନୁଶାସନକୁ
ନିଜ ଜୀବନରେ ମୂର୍ତ୍ତ କରି
ଈଶ୍ୱରଙ୍କ ନୈବେଦ୍ୟ ହୋଇଉଠ;
ଦୟାଳ ମୋର,
ପରମପିତା ମୋର,
ମୋର ଏହି ଆକୁଳ ପ୍ରାର୍ଥନାକୁ
ମଞ୍ଜୁର କରି
ବାସ୍ତବରେ ମୂର୍ତ୍ତ କରି ତୋଳନ୍ତୁ ।

(ମାର୍ଗଶୀର-୨୦, ୧୩୫୨, ପରମପୂଜ୍ୟପାଦ ବଡ଼ଦା'ଙ୍କ ଶୁଭ ୪୫ତମ ଜନ୍ମଦିବସ ଉପଲକ୍ଷେ ।)
(ଆଶିଷ ବାଣୀ, ପୃ.:୧୯୫-୧୯୮)

ପରମପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ସହିତ କଥୋପକଥନ

ଆଲୋଚନା ପ୍ରସଙ୍ଗେ

(ପଞ୍ଚଦଶ ଖଣ୍ଡ)

ସଂକଳୟିତା— ଶ୍ରୀ ପ୍ରଫୁଲ୍ଲ କୁମାର ଦାସ, ଏମ୍.ଏ.

(ପୂର୍ବପ୍ରକାଶିତ ଉତ୍ତାରୁ....)

ମାଘ-୨୧, ଗୁରୁବାର, ବଂ୧୩୫୫
(ଇଂତା୦୩.୦୨.୧୯୪୯ରିଖ)

ସକାଳେ ଶ୍ରୀଶ୍ରୀଠାକୁର ଗୋଲ ତମ୍ବୁରେ ଉପବିଷ୍ଟ । କେଷ୍ଟଭାଇ (ଭଟ୍ଟାଚାର୍ଯ୍ୟ), ସୁବୋଧଭାଇ (ସେନ) ପ୍ରମୁଖ ଆଲୋଚନା କରୁଥିଲେ — Biological superiorityର (ଜୈବ ଉତ୍କର୍ଷର) standard (ମାନଦଣ୍ଡ) କ'ଣ ହେବ ।

ଶ୍ରୀଶ୍ରୀଠାକୁର — Admiration for supperior, will-power, adherence, tendency towards unity, presence of mind, sympathy, power of resistance, cautions inquisitiveness, intelligence (ଶ୍ରେୟଙ୍କ ପ୍ରତି ଶ୍ରଦ୍ଧା, ଇଚ୍ଛାଶକ୍ତି, ନିଷ୍ଠା, ଐକ୍ୟପ୍ରବଣତା, ଉପସ୍ଥିତବୁଦ୍ଧି, ସହାନୁଭୂତି, ପ୍ରତିରୋଧ-କ୍ଷମତା, ସତର୍କ ଅନୁସନ୍ଧିତ୍ସା, ବୁଦ୍ଧି) ଏହି କେତୋଟିର ମାପକାଠିରେ higher biological efficiency (ଉଚ୍ଚତର ଜୈବ ଦକ୍ଷତା) determine (ନିର୍ଦ୍ଧାରଣ) କରାଯାଏ । ଶ୍ରଦ୍ଧା ଓ ନିଷ୍ଠା ଥିଲେ ଆଉ ସବୁଗୁଡ଼ିକ ଆସେ । Inferiority complex (ହୀନମନ୍ୟତା) ଥିଲେ ଅନ୍ୟ ସମସ୍ତଙ୍କୁ ଦୂରେଇ ବଡ଼ ହେବାକୁ ଚାହେଁ, ଆଉ କେହି ତା'ର ସମକକ୍ଷ ବା ତା'ଠାରୁ ବଡ଼ ହେଉ ତା' ବରଦାସ୍ତ କରିପାରେନା । ସେ ଚାହେଁ ସମସ୍ତେ ତା'ର ଅନୁଗତ ଓ ଅଧୀନ ରହି ତା'ର ଏକଛତ୍ର ଆଧିପତ୍ୟକୁ ମାନି ନିଅନ୍ତୁ । ସେ ଚାହେଁ ଏହିଭଳି ଐକ୍ୟ ଯେଉଁଠାରେ ସମସ୍ତେ ତା'କୁ ସର୍ବେସର୍ବା ବୋଲି ମାନି ନେବାକୁ ପ୍ରସ୍ତୁତ । ଏହାର ଯେଉଁଠାରେ ବ୍ୟତ୍ୟୟ ଘଟେ, ସେଠାରେ ସେ ଦୁର୍ବାସାଙ୍କ ଭଳି କ୍ରୋଧରେ ଆତ୍ମହରା ହୋଇଉଠେ । ସେ ସମସ୍ତଙ୍କ ସଙ୍ଗେ ମିଳିମିଶି ଏକାତ୍ମ ହୋଇ ଚାଲିପାରେନା । କା'ର ego (ଅହଂ) କେତେଦୂର untussling (ନିର୍ବିରୋଧ) ଅଥଚ unyielding with regard to principle (ଆଦର୍ଶଙ୍କ ବ୍ୟାପାରରେ ଅଟଳ), ତା' ଦେଖି ବୁଝାଯାଏ ତା'ର personality (ବ୍ୟକ୍ତିତ୍ୱ) କେତେଦୂର developed (ଉନ୍ନତ) ।

ମାଘ-୨୨, ଶୁକ୍ରବାର, ବଂ୧୩୫୫
(ଇଂତା୦୪.୦୨.୧୯୪୯ରିଖ)

ଶ୍ରୀଶ୍ରୀଠାକୁର ପ୍ରାତଃରେ ଗୋଲ ତମ୍ବୁରେ । କେଷ୍ଟଭାଇ (ଭଟ୍ଟାଚାର୍ଯ୍ୟ), ଶଚୀନଭାଇ (ଗାଙ୍ଗୁଲୀ), ପ୍ରବୋଧଭାଇ (ମିତ୍ର) ପ୍ରମୁଖ ପାଖରେ ଅଛନ୍ତି ।

ଶଚୀନଭାଇ କହିଲେ — ଆପଣ କହନ୍ତି ସଗୋତ୍ରରେ ବିବାହ ହୁଏନା, କିନ୍ତୁ ପଣ୍ଡିତମାନେ ତ ବିଧାନ ଦିଅନ୍ତି — ଶାଣ୍ଡିଲ୍ୟଗୋତ୍ରର ଝିଅକୁ ଯଦି ଭରଦ୍ୱାଜଗୋତ୍ର ପୋଷ୍ୟପୁତ୍ରୀ ଗ୍ରହଣ କରନ୍ତି, ସେତେବେଳେ ତା'କୁ ଶାଣ୍ଡିଲ୍ୟ ଗୋତ୍ରର ପୁଅ ସଙ୍ଗେ ବିବାହ ଦିଆଯାଏ ।

*Biological superiority*ର *(ଜୈବ ଉତ୍କର୍ଷର)* standard *(ମାନଦଣ୍ଡ)* କ'ଣ ହେବ ।

ଶ୍ରୀଶ୍ରୀଠାକୁର — Admiration for supperior, will-power, adherence, tendency towards unity, presence of mind, sympathy, power of resistance, cautions inquisitiveness, intelligence (ଶ୍ରେୟଙ୍କ ପ୍ରତି ଶ୍ରଦ୍ଧା, ଇଚ୍ଛାଶକ୍ତି, ନିଷ୍ଠା, ଐକ୍ୟପ୍ରବଣତା, ଉପସ୍ଥିତବୁଦ୍ଧି, ସହାନୁଭୂତି, ପ୍ରତିରୋଧ-କ୍ଷମତା, ସତର୍କ ଅନୁସନ୍ଧିତ୍ସା, ବୁଦ୍ଧି) ଏହି କେତୋଟିର ମାପକାଠିରେ higher biological efficiency (ଉଚ୍ଚତର ଜୈବ ଦକ୍ଷତା) determine (ନିର୍ଦ୍ଧାରଣ) କରାଯାଏ । ଶ୍ରଦ୍ଧା ଓ ନିଷ୍ଠା ଥିଲେ ଆଉ ସବୁଗୁଡ଼ିକ ଆସେ । Inferiority complex (ହୀନମନ୍ୟତା) ଥିଲେ ଅନ୍ୟ ସମସ୍ତଙ୍କୁ ଦୂରେଇ ବଡ଼ ହେବାକୁ ଚାହେଁ, ଆଉ କେହି ତା'ର ସମକକ୍ଷ ବା ତା'ଠାରୁ ବଡ଼ ହେଉ ତା' ବରଦାସ୍ତ କରିପାରେନା । ସେ ଚାହେଁ ସମସ୍ତେ ତା'ର ଅନୁଗତ ଓ ଅଧୀନ ରହି ତା'ର ଏକଛତ୍ର ଆଧିପତ୍ୟକୁ ମାନି ନିଅନ୍ତୁ । ସେ ଚାହେଁ ଏହିଭଳି ଐକ୍ୟ ଯେଉଁଠାରେ ସମସ୍ତେ ତା'କୁ ସର୍ବେସର୍ବା ବୋଲି ମାନି ନେବାକୁ ପ୍ରସ୍ତୁତ । ଏହାର ଯେଉଁଠାରେ ବ୍ୟତ୍ୟୟ ଘଟେ, ସେଠାରେ ସେ ଦୁର୍ବାସାଙ୍କ ଭଳି କ୍ରୋଧରେ ଆତ୍ମହରା ହୋଇଉଠେ । ସେ ସମସ୍ତଙ୍କ ସଙ୍ଗେ ମିଳିମିଶି ଏକାତ୍ମ ହୋଇ ଚାଲିପାରେନା । କା'ର ego (ଅହଂ) କେତେଦୂର untussling (ନିର୍ବିରୋଧ) ଅଥଚ unyielding with regard to principle (ଆଦର୍ଶଙ୍କ ବ୍ୟାପାରରେ ଅଟଳ), ତା' ଦେଖି ବୁଝାଯାଏ ତା'ର personality (ବ୍ୟକ୍ତିତ୍ୱ) କେତେଦୂର developed (ଉନ୍ନତ) ।

ଶ୍ରୀଶ୍ରୀଠାକୁର— ଧରନ୍ତୁ, ମୋର ହୁଏତ ପୁଅ ନାହିଁ, ଆପଣ ମୋର ପୁଅର ସ୍ଥଳାଭିଷିକ୍ତ ହୋଇପାରନ୍ତି, କିନ୍ତୁ in flesh and blood (ରକ୍ତ-ମାଂସରେ) ଆପଣ ମୋର ପୁଅ ହେଲେ ନାହିଁ । ଆପଣ ଆପଣଙ୍କ ବାପାଙ୍କରହିଁ ପୁଅ ରହିଲେ । ତାଙ୍କର ଗୋତ୍ର ଓ ରକ୍ତହିଁ ଆପଣଙ୍କଠାରେ ରହିଲା, ତା'ର ପରିବର୍ତ୍ତନ ହେଲା ନାହିଁ । ତେଣୁ legal right (ଆଇନଗତ ଅଧିକାର) ପାଇପାରନ୍ତି, କିନ୍ତୁ biological rights (ଜୈବ ସଂସ୍ଥିତିତା ଅଧିକାର) ପାଇବେ କିପରି ? ସେପରିଭାବେ ଗୋତ୍ରାନ୍ତରିତ କରି ବିବାହ ଚଳେନା, ପଣ୍ଡିତମାନେ ଯା'ହିଁ କୁହନ୍ତୁ ଲୌକିକ ବିଧାନ ଯଦି ସୁବିଧାବାଦର ଖାତିରରେ ବିଜ୍ଞାନକୁ ଉପେକ୍ଷା କରେ, ତା' ସମର୍ଥନଯୋଗ୍ୟ ନୁହେଁ । ଅନ୍ତତଃ ମୋର ମତ ଏହିଭଳି ।

ଏହାପରେ ହାଉଜରମ୍ୟାନଭାଇ, ହେନରୀ, ଶ୍ରଦ୍ଧେୟ ଅଶୋକଭାଇ (ଚକ୍ରବର୍ତ୍ତୀ) ପ୍ରମୁଖ ଆସିଲେ । ଯୁଦ୍ଧ ସମୟରେ ଫ୍ରାନ୍ସର ସମାଜର ନିମ୍ନସ୍ତରରେ ଅବିହିତ ଯୌନ ସମ୍ମିଳନ ବ୍ୟାପକ ଆକାରରେ ସଂଘଟିତ ହେବାରୁ ସେଠାକାର ନୈତିକ ମାନ ଅତ୍ୟନ୍ତ ଖସିଯାଇଛି ସେହି ସମ୍ବନ୍ଧରେ କଥା ଚାଲିଥିଲା ।

ପ୍ରସଙ୍ଗକ୍ରମେ ଶ୍ରୀଶ୍ରୀଠାକୁର କହିଲେ— ଜବାହରଲାଲ କହନ୍ତି— I am a Brahmin by accident (ମୁଁ ଆକସ୍ମିକଭାବେ ବ୍ରାହ୍ମଣ) । କିନ୍ତୁ These accidents always regulate the incidents of life according to the urge to exist (ଏହି ସବୁ ଆକସ୍ମିକତା ବଞ୍ଚିବାର ଆକୁତି-ଅନୁଯାୟୀ ଜୀବନର ଘଟଣାଗୁଡ଼ିକୁ ସର୍ବଦା ନିୟନ୍ତ୍ରିତ କରେ) ।

ଏହାପରେ ଅଶୋକଭାଇ ପୁଣି କହିଲେ— ଯୁଦ୍ଧ ସମୟରେ ମଣିଷର ଦାରିଦ୍ର୍ୟର ସୁଯୋଗ ନେଇ ସେମାନଙ୍କୁ ନୀତିବିରୁଦ୍ଧ କର୍ମରେ ପ୍ରରୋଚିତ କରା ଯାଇଛି ।

ଶ୍ରୀଶ୍ରୀଠାକୁର— ଯେଉଁମାନେ ପ୍ରଲୁବ୍ଧ ହୁଅନ୍ତି ସେମାନେ poor (ଦରିଦ୍ର) ନୁହଁନ୍ତି, pauper (ଦାରିଦ୍ର୍ୟବ୍ୟାଧିଗ୍ରସ୍ତ) । ଯେଉଁମାନଙ୍କର ଶୁଭ ସଂସ୍କାର ଓ ରକ୍ତକୌଳିନ୍ୟର ଦୈନ୍ୟ ଥାଏ, ସେମାନେ ଧନୀ ହେଲେ ବି ଦାରିଦ୍ର୍ୟବ୍ୟାଧିଗ୍ରସ୍ତ ହୁଅନ୍ତି, ସେମାନେ ପ୍ରଲୋଭନର ମୁହଁରେ ପଡ଼ିଲେ ନିଜକୁ ଆଉ ସମ୍ଭାଳି ପାରନ୍ତିନି ।

> ନିଷ୍ଠାବିହୀନ ପ୍ରଣୟ ଯାହାର
> ଆନୁଗତ୍ୟ-କୃତିହୀନ,
> ବୃତ୍ତି-ମାତାଲ ହୋଇତାଲେ—
> ସତ୍ତା ଯେପରି ହୁଏହିଁ କ୍ଷୀଣ । ୧ ।
>
> *(ଅନୁଶ୍ରୁତି, ୫ମଖଣ୍ଡ, ପ୍ରବୃତ୍ତି)*

ଏହାପରେ ଖବରକାଗଜ ପଢ଼ା ହେଲା । ଆଜି କାଗଜରେ ବାଘା ଯତୀନଙ୍କ କଥା ଥିଲା । ଶ୍ରୀଶ୍ରୀଠାକୁର କହିଲେ— ଏମାନେ ସବୁ ଅସାଧାରଣ ମଣିଷ ଥିଲେ । ସେମାନଙ୍କ ହୃଦୟର ପାଖକୁ ଗଲେ, ମଣିଷର ପ୍ରାଣର ତୃଷ୍ଣା ନିବାରଣ ହେଉଥିଲା । ମୁଁ ତାଙ୍କୁ କେବେ ଦେଖି ନାହିଁ । କିନ୍ତୁ ତା'ର କଥା ଖୁବ୍ ଶୁଣିଛି । ତାଙ୍କର ଘର ଥିଲା କୁଷ୍ଟିୟା ନିକଟରେ ।

ଅରୁଣ (ଜୋୟାରଦାର)— ଥରେ ଦୁର୍ଭିକ୍ଷ ସମୟରେ ଖାଇବାକୁ ନ ପାଇ ହରିଣ ମୁଣ୍ଡ ଉଡ଼ା କରି ଖାଦ୍ୟ ସଂଗ୍ରହ କରୁ କରୁ କାଳେ ଜିରାଫ ହୋଇ ଯାଇଥିଲା ।

ଶ୍ରୀଶ୍ରୀଠାକୁର— ଦୁର୍ଭିକ୍ଷ ବୋଲି ତ କଥା ନୁହେଁ ସାଧାରଣତଃ ମୁଣ୍ଡ ଉଡ଼ା କରି ଖାଇବାକୁ ଚେଷ୍ଟା କରୁ କରୁ, ଏଇ urge (ଆକୁତି)ରୁ ତଦନୁପାତିକ functional adjustment (କ୍ରିୟାଗତ ବିନ୍ୟାସ) ହେଲା, ସେମାନଙ୍କର ପୁରୁଷ ଓ ସ୍ତ୍ରୀର ଶୁକ୍ର ଓ ଡ଼ିମ୍ବକୋଷ ଏଇପରିଭାବରେ ଅଭିଷିକ୍ତ ହେଲା । ଏଇପରିଭାବେ ଧୀରେ ଧୀରେ ପରିବର୍ତ୍ତନ ହେଲା ।

ଗୋଟାଏ ପକ୍ଷୀ ଅଦୂରରେ ବୋବାଉଥିଲା । ତାହା ଲକ୍ଷ୍ୟ କରି ଶ୍ରୀଶ୍ରୀଠାକୁର କହିଲେ— ଆଗକାଳରେ କୌଣସି କୌଣସି ବିଶ୍ୱବିଦ୍ୟାଳୟରେ ପକ୍ଷୀମାନଙ୍କର ଭାଷା ଶିଖା ଯାଉଥିଲା ।

ଅରୁଣ— ପକ୍ଷୀମାନଙ୍କର ତ ମଣିଷ ପରି ଯୁକ୍ତିତର୍କ କରିବାର କ୍ଷମତା ନାହିଁ ।

ଶ୍ରୀଶ୍ରୀଠାକୁର— ସେମାନଙ୍କର ସେମାନଙ୍କ ଭଳିଆ ଅଛି ।

ଅରୁଣ— ଆଜିକାଲି କଲିକତାର ଯୁବକମାନେ ସିନେମାର ବିୟୋଗାନ୍ତ ଓ ବ୍ୟର୍ଥତାମୂଳକ ଛବି ଦେଖିବାକୁ ଖୁବ୍ ପସନ୍ଦ କରନ୍ତି, ସେଥିରେ ତ ଖୁବ୍ ଖରାପ ହୋଇଥାଏ । ସ୍ନାୟୁଗୁଡ଼ିକର ପ୍ରସାରଣ ନ ହୋଇ ସଂକୋଚନ ହୁଏ । ମୋ ଭଳି ମୁଁ କହେ, ବୁଝାଏ, କିନ୍ତୁ ଶୁଣନ୍ତିନି ।

ଶ୍ରୀଶ୍ରୀଠାକୁର— ମଣିଷକୁ ପ୍ରୀତିର ସହିତ ବାରମ୍ବାର କହିବାକୁ ହୁଏ, ବୁଝାଇବାକୁ ହୁଏ । ସେମାନଙ୍କ ମୁଖ ଦେଇ ବାରମ୍ବାର ଭଲ ବିଷୟରେ ହଁ କରାଇ ନେବାକୁ ହୁଏ । ପରେ ହଁ-ହଁ କରିବ । ସର୍ବଦା ପଛରେ ଲାଗି ରହି ଯୁକ୍ତିଯୁକ୍ତଭାବେ ବୁଝାଇ ପାରିଲେହିଁ ହୁଏ । ତେବେ ତୁମର ଚରିତ୍ର, ସେବା ଓ ଆଚରଣ ଯେପରି ଏପରି ହୁଏ ଯେପରିକି ସେମାନେ ତୁମକୁ ଅନ୍ତରର ସହିତ ଭଲପାଆନ୍ତି ଓ ଶ୍ରଦ୍ଧା କରନ୍ତି ।

ପ୍ରଫୁଲ୍ଲ— ସବୁ ସମୟରେ ମନ ଅବସ୍ଥା ମଧ୍ୟରେ ଅବିଚଳିତ ପୂର୍ଣ୍ଣ ଆନନ୍ଦବୋଧ ବଜାୟ ରହେ କିପରିଭାବେ ?

ଶ୍ରୀଶ୍ରୀଠାକୁର— ଅବିଚଳିତ ଉଦ୍ୟମ ଇଷ୍ଟମୁଖୀ ଆବେଗ ଯେତେ ଥାଏ, ସେତେ ଏଇଟା ହୁଏ ।

ପ୍ରଫୁଲ୍ଲ— ପାରିପାର୍ଶ୍ୱିକ ଅବସ୍ଥା ଯେ ମନକୁ ଚଞ୍ଚଳ କରି ପକାଏ ।

ଶ୍ରୀଶ୍ରୀଠାକୁର— ଚଞ୍ଚଳତା ଆସେ ପୁଣି immediately (ତତ୍‌କ୍ଷଣାତ୍) adjust (ନିୟନ୍ତ୍ରଣ) କରିନିଏ ।

ପ୍ରଫୁଲ୍ଲ— ତାହାହେଲେ oscillation (ଦୋଦୁଲ୍ୟମାନତା) ତ ଗଲା ନାହିଁ ।

ଶ୍ରୀଶ୍ରୀଠାକୁର— ମନଟାହିଁ ଯେ oscillation (ଦୋଦୁଲ୍ୟମାନ ରହିବାର ଅବସ୍ଥା) । ମୋର ମନଟା ଆଗେ ନିରବଚ୍ଛିନ୍ନ ଭାବେ ମାତାଲ ହୋଇ ରହୁଥିଲା । ମା'ର ଅସୁସ୍ଥ ହେବାର ଆଗ ପର୍ଯ୍ୟନ୍ତ ଏହିପରି ଥିଲା । ତା'ପରଠାରୁ ମନଟା ଆଘାତପ୍ରବଣ ହୋଇ ଯାଇଛି । ମୋର ଆଉ ଗୋଟାଏ ଧରଣ ଅଛି, କାହା ବିଷୟରେ ଖରାପ କିଛି ବୁଝିଲେ ମଧ୍ୟ, ସ୍ୱୀକାର କରେନା ସ୍ୱୀକାର କରିଲେ ମନେହୁଏ ନିଜେହିଁ ଯେପରି ହାରି ଯାଇଛି, ଅବଶ୍ୟ ତା'ର ନିରାକରଣ ପାଇଁ ତ୍ରୁଟି କରେନା ।

ଜଣେ ମା' ପାରିପାର୍ଶ୍ୱିକର ଦୁର୍ବ୍ୟବହାରରେ କ୍ଷୁବ୍ଧ ହୋଇ

ଆପଣ କହନ୍ତି ସଗୋତ୍ରରେ ବିବାହ ହୁଏନା, କିନ୍ତୁ ପଣ୍ଡିତମାନେ ତ ବିଧାନ ଦିଅନ୍ତି — ଶାଣ୍ଡିଲ୍ୟଗୋତ୍ରର ଝିଅକୁ ଯଦି ଭରଦ୍ୱାଜଗୋତ୍ର ପୋଷ୍ୟପୁତ୍ରୀ ଗ୍ରହଣ କରନ୍ତି, ସେତେବେଳେ ତା'କୁ ଶାଣ୍ଡିଲ୍ୟ ଗୋତ୍ରର ପୁଅ ସଙ୍ଗେ ବିବାହ ଦିଆଯାଏ ।

ଶ୍ରୀଶ୍ରୀଠାକୁର — ଧରନ୍ତୁ, ମୋର ହୁଏତ ପୁଅ ନାହିଁ, ଆପଣ ମୋର ପୁଅର ସ୍ଥଳାଭିଷିକ୍ତ ହୋଇପାରନ୍ତି, କିନ୍ତୁ in flesh and blood (ରକ୍ତ-ମାଂସରେ) ଆପଣ ମୋର ପୁଅ ହେଲେ ନାହିଁ । ଆପଣ ଆପଣଙ୍କ ବାପାଙ୍କରହିଁ ପୁଅ ରହିଲେ । ତାଙ୍କର ଗୋତ୍ର ଓ ରକ୍ତହିଁ ଆପଣଙ୍କଠାରେ ରହିଲା, ତା'ର ପରିବର୍ତ୍ତନ ହେଲା ନାହିଁ । ତେଣୁ legal right (ଆଇନଗତ ଅଧିକାର) ପାଇପାରନ୍ତି, କିନ୍ତୁ biological rights (ଜୈବ ସଂସ୍ଥିତିତା ଅଧିକାର) ପାଇବେ କିପରି ? ସେପରିଭାବେ ଗୋତ୍ରାନ୍ତରିତ କରି ବିବାହ ଚଳେନା, ପଣ୍ଡିତମାନେ ଯା'ହିଁ କୁହନ୍ତୁ ଲୌକିକ ବିଧାନ ଯଦି ସୁବିଧାବାଦର ଖାତିରରେ ବିଜ୍ଞାନକୁ ଉପେକ୍ଷା କରେ, ତା' ସମର୍ଥନଯୋଗ୍ୟ ନୁହେଁ । ଅନ୍ତତଃ ମୋର ମତ ଏହିଭଳି ।

ଶ୍ରୀଶ୍ରୀଠାକୁରଙ୍କ ନିକଟରେ ଅନେକଙ୍କ ସମ୍ବନ୍ଧରେ ନାନାପ୍ରକାର ଅନୁଯୋଗ ଅଭିଯୋଗ କରୁଥିଲେ ।

ଶ୍ରୀଶ୍ରୀଠାକୁର ଧୀରଭାବେ ମନଯୋଗ ସହକାରେ ନୀରବରେ ତା'ର ସବୁକଥା ଶୁଣି ଗମ୍ଭୀର ଭାବରେ କହିଲେ- ତୋର ମନର ନମ୍ରତା କମିଯାଇଛି, ହୀନମନ୍ୟତା ଜାଗିଛି । ଅହଂପ୍ରବଳ ହୋଇଛି, ତେଣୁ ସହିବହି ପାରୁନୁ ଆଉ ସେଥିପାଇଁ ମନ ଓ ଶରୀର ମଧ୍ୟ ତତ୍‌ସଙ୍ଗେ ସଙ୍ଗେ ଖରାପ ହୋଇ ଯାଇଛି । ସହଜରେ ଅନ୍ୟଙ୍କୁ ଭଲ ବୁଝିଲେ ନିଜ ସହିତ ମଧ୍ୟ ଅବିଚାର କରାଯାଏ । ଏଥିରେ ଜୀବନ ଦୁଃଖମୟ ହୋଇଉଠେ । ତୋ ଭଳି ଅନ୍ୟର ମଧ୍ୟ ପ୍ରକୃତିଗତ ଦୁର୍ବଳତା ଅଛି । ଜୀବନରେ ଜ୍ୱାଳା ଅଛି, ତୋ ପରି ଅନ୍ୟ ମଧ୍ୟ ପ୍ରକୃତି, ପ୍ରବୃତ୍ତି ଓ ପରିସ୍ଥିତିର ଚାପରେ ପଡ଼ି ଭଲ କରେ, କଷ୍ଟ ପାଏ ଓ ଦିଏ । ଅନ୍ୟର ଦୋଷ ବେଶୀ ନ ଧରି, ଯଥାସମ୍ଭବ ଉଦାରତାର ସଙ୍ଗେ ଉପେକ୍ଷା କରିବାକୁ ହୁଏ, ଆଉ ନିଜର ଛୋଟ ଛୋଟ ଦୁର୍ବଳତାକୁ ତତ୍‌କ୍ଷଣାତ୍ ବୁଝିପାରି ସୁଧାରିବାକୁ ଅଭ୍ୟସ୍ତ ହେବାକୁ ହୁଏ । ଏଥିରେ ଲାଭ ଅଛି ।

ଟିକିଏ ରହିଯାଇ ହସିଦେଇ କହିଲେ— ଆପେ ଭଲ ତ ଜଗତ ଭଲ । ସୁନ୍ଦର ହୁଅ, ମଧୁର ହୁଅ, ତୁମ ପାଖରେ ସମସ୍ତେ ଶାନ୍ତି ପା'ନ୍ତୁ । ତାହାହେଲେ ସମସ୍ତେ ତୁମକୁ ଧନ୍ୟ ଧନ୍ୟ କରିବେ ।

ସନ୍ଧ୍ୟାବେଳେ ଶ୍ରୀଶ୍ରୀଠାକୁର ଗୋଲ ଚଟ୍ଟରେ କେଷ୍ଟଭାଇଙ୍କୁ କହିଲେ— ପଞ୍ଚବର୍ଷି ଓ ସପ୍ତାର୍ଚ୍ଚି ଦିଆ ହୋଇଛି, ଏଥିରେ ସୂତ୍ରାକାରେ ପ୍ରଧାନ ପାଳନୀୟଗୁଡ଼ିକ ମଣିଷ ମସ୍ତିଷ୍କରେ ରହିବ, ଏହିପରିଭାବେ ଆହୁରି କିଛି ଆର୍ଯ୍ୟସତ୍ୟ ଠିକ୍ କରି ଦେବାକୁ ହେବ ।

ପାରିବାରିକ ଜୀବନର କଥା କହିବାକୁ ଯାଇ ଶ୍ରୀଶ୍ରୀଠାକୁର କହିଲେ— ବଡ଼ବୋଉ ପରି ମଣିଷ ହିଁ ଦେଖେନା, ମୋର ଖୁବ୍ ଶ୍ରଦ୍ଧା ହୁଏ । ରାମକୃଷ୍ଣଦେବଙ୍କର ସ୍ତ୍ରୀ ମା' ଠାକୁରାଣୀ ଯେପରି ଥିଲେ, କେତେକାଂଶରେ ସେହି ଧରଣର । ମୋର ବିବାହ ହୋଇଛି ସେହି ଅଠର ବର୍ଷ ବୟସରେ । ତା'ପରଠାରୁ ମୋର ତା' ସଙ୍ଗେ କୌଣସି ବିଷୟରେ ଅସୁବିଧା ହୋଇ ନାହିଁ ପ୍ରାୟଃ । କାହା କଥା ଶୁଣି ଘର ଅଗଣାରେ ଥିବା ଗବ ଗଛଟା କାଟିଥିଲା, ସେହିଦିନ ମୋର ରାଗ ହୋଇଥିଲା । ତା'ଛଡ଼ା ମୋ ମନରେ କେବେ କଷ୍ଟ ଦେଇ ନାହିଁ । କଂସରାଜା ଖିଆଲି ପରି କେତେ ହୁକୁମ ତା' ଉପରେ ଲଦିଛି, ହସହସ ମୁହଁରେ ସୁଖରେ ସବୁ କରିଛି, ସନ୍ତପ୍ତ ନ ହୋଇ । ମୁଁ ଚାଲିଯିବା ପରେ, ତା'ର ଚଳିବା ମୁଶ୍କିଲ, ତେବେ ବଡ଼ଖୋକା ଏତେ ବିବେଚକ ଯେ, ଏହି ଯାହା ଭରସା ।' କାଜଳ ମଧ୍ୟ ଚମତ୍କାର । ଭଗବାନ କରନ୍ତୁ ଏମାନେ ବଞ୍ଚି ରୁହନ୍ତୁ । ସୁଖରେ ରୁହନ୍ତୁ ।

ହାଉଜରମ୍ୟାନଭାଇ— ପ୍ରଫେଟମାନେ କ'ଣ ବିଭିନ୍ନ ଶ୍ରେଣୀର ଏବଂ ବିଭିନ୍ନ ଉଦ୍ଦେଶ୍ୟ ନେଇ ଆସନ୍ତି ?

ଶ୍ରୀଶ୍ରୀଠାକୁର— Prophets fulfil the need of the age as they think apt (ପ୍ରେରିତପୁରୁଷଗଣ ଯେପରି ସମୀଚୀନ ମନେକରନ୍ତି, ସେହିପରିଭାବେ ଯୁଗର ପ୍ରୟୋଜନ ପୂରଣ କରନ୍ତି) । ଯେପରି ତୁମେ ମୋ ପାଖେ ଦେଓଘରରେ ଅଛ— ଏଠାକାର ଉପଯୋଗୀ କାର୍ଯ୍ୟ ନେଇ ଅଛ, କଲିକତା ଗଲ, କହିଲି ଗୋଟାଏ ଜିପଗାଡ଼ି ନେଇ ଆସ । ଏକ ଏକ ସମୟରେ ଏକ ଏକ କାର୍ଯ୍ୟ କରୁଛ ସବୁହିଁ ମୋରି ପାଇଁ । ପ୍ରଫେଟଗଣ ଈଶ୍ୱରଙ୍କ ପ୍ରେରିତ, commissioned by God (ଈଶ୍ୱରଙ୍କର ଆଦିଷ୍ଟ) । ସେମାନଙ୍କୁ ପଠାନ୍ତି ଯେତେବେଳେ ଯେଉଁଠି ପ୍ରୟୋଜନ ଥାଏ ସେମାନେ କାର୍ଯ୍ୟ କରନ୍ତି universal law (ବିଶ୍ୱଜନୀନ ନୀତି) ସଙ୍ଗେ ଯୋଗ ରଖି ।

ଯେପରି ବୁଦ୍ଧଦେବ ଯେତେବେଳେ ଆସିଥିଲେ, ସେତେବେଳେ ଦେବତାଙ୍କ ପାଖରେ ନୃଶଂସ ଭାବରେ ବଳି ଦିଆଯାଉଥିଲା । ଶୁଣିଛି ମଣିଷ ପର୍ଯ୍ୟନ୍ତ ଚୋରି କରି ନେଇ ବଳି ଦେଉଥିଲେ । ସେ ପ୍ରଥମେ ବୋଲ ଧରନ୍ତି— 'ଜୀବହିଂସା କରନା ।' ପୂର୍ବବର୍ତ୍ତୀଙ୍କ ସହିତ ସଙ୍ଗତି ରଖି ଅହିଂସାକୁ ମୁଖ୍ୟ କରି ବାଣୀ ଓ ନିର୍ଦ୍ଦେଶ ଦେବାକୁ ଲାଗିଲେ । "Now to destroy life" — was prime Dharma with him. (ଜୀବନ ନାଶ କରନା— ଏହାହିଁ ଥିଲା ତାଙ୍କ ପାଇଁ ମୁଖ୍ୟ ଧର୍ମ) ।

ହାଉଜରମ୍ୟାନଭାଇ— ପୂନର୍ଜନ୍ମ ନ ହେବାଟା କ'ଣ ସେ goal (ଉଦ୍ଦେଶ୍ୟ) ବୋଲି ମନେ କରୁଥିଲେ ।

ଶ୍ରୀଶ୍ରୀଠାକୁର— ପୂର୍ବଜନ୍ମ ନ ହେବା ମାନେ to achieve peace and immortality so that man can be fulfilled in God meaningfully (ଶାନ୍ତି ଓ ଅମୃତତ୍ୱ ଲାଭ କରିବା ଯେପରିକି ମଣିଷ ଈଶ୍ୱରଙ୍କଠାରେ ସାର୍ଥକଭାବେ ପରିପୂରିତ ହୋଇପାରେ ।)

ଆଶ୍ରୟକୁ ଯେ ଧପ୍ପା ଦିଏ
ଲୁବ୍ଧ-ଲୋଲୁପ ସ୍ୱାର୍ଥ ଲାଗି'—
ଅନିବିଷ୍ଟ ଏହି ଚଳନହିଁ
ଦୁଃଖ ଯୋଗାଏ ବ୍ୟର୍ଥେ ମାଗି' । ୩ ।
(ଅନୁଶ୍ରୁତି, ୫ମଖଣ୍ଡ, ପ୍ରବୃତ୍ତି)

ଶାନ୍ତି ଓ ଅମୃତର କେନ୍ଦ୍ରକୁ ପୂରଣ କରିବା ଦରକାର । ଶାନ୍ତି ଓ ଅମୃତତ୍ୱ ପାଇଲ, କିନ୍ତୁ ଉପଭୋଗ କରିବାର ଯଦି କିଛି ନଥାଏ, ତେବେ extinct ଓ inert (ନିଃଶେଷ ଓ ନିଥର) ହୋଇଯିବ । କିପରି ଉପଭୋଗ କରିବା ? ସେ ଉପଭୋଗଟା ତାଙ୍କୁ ସାର୍ଥକଭାବେ ପରିପୂରଣ କରିବା ଦରକାର । ତୁମେ ମୋର ଏଠାରେ ବଡ଼ପୁଅ ପାଖରେ ଶାନ୍ତିରେ ଅଛ । କିନ୍ତୁ ତୁମର ଯଦି ଇଷ୍ଟାର୍ଥ ସାର୍ଥକତା ପାଇଁ ତାଙ୍କୁ ପୂରଣ କରି ତା'କୁ ସକ୍ରିୟଭାବେ ଉପଭୋଗ କରିବାର ମନୋଭାବ ନ ଥାଏ, ତେବେ ଧୀରେ ଧୀରେ ଏହି ଶାନ୍ତି sterile (ବନ୍ଧ୍ୟା) ହୋଇଉଠିବ । ଇଷ୍ଟାର୍ଥପୂରଣୀ ଧନ୍ଦା ଥିଲେ ଶାନ୍ତି ଓ ଅମୃତତ୍ୱ ନିଷ୍ଫଳ ହୋଇଯାଏ ନାହିଁ, ସୁଫଳ ପ୍ରସବ କରିଚାଲେ ଅନନ୍ତକାଳ, ଆସକ୍ତି ଓ ବନ୍ଧନକୁ ଏଡ଼ାଇ । ଆତ୍ମସ୍ୱାର୍ଥ ଓ ଆତ୍ମପ୍ରତିଷ୍ଠାର ଖିଆଲ ତ୍ୟାଗ କରି ଇଷ୍ଟାର୍ଥ ପ୍ରତିଷ୍ଠାର୍ଥେ ଚାଲିବାଟାହିଁ ମୁକ୍ତି ଓ ପ୍ରକୃତ ଶାନ୍ତି ।

ହାଉଜରମ୍ୟାନଭାଇ— ଶାନ୍ତି ମଧ୍ୟରେ ଉପଭୋଗ କେଉଁଠି ?

ଶ୍ରୀଶ୍ରୀଠାକୁର— ଶାନ୍ତି ମାନେ ସ୍ଥିରତା, ଅମରତା ମାନେ to be out of death (ମୃତ୍ୟୁକୁ ଅତ୍ରିକମ କରିଯିବା) । କେହି ଯଦି ଏହିସବୁ ନେଇ ରହେ, ଆଉ ସେହି ରହିବାଟା ଯଦି କେନ୍ଦ୍ରକୁ ସାର୍ଥକଭାବେ ପୂରଣ ନ କରେ, ରହିବାଟା ନିଥର ହୋଇଯାଏ । ବୈଷ୍ଣବ ଦର୍ଶନ ତେଣୁ ଏହି ତତ୍ତ୍ୱଟାକୁ ଠିକ୍‌ଭାବରେ ତୋଳି ଧରିଛି । ବୈଷ୍ଣବଗଣ ନିଥର ଶାନ୍ତି ଚାହିଁ ନାହାଁନ୍ତି । ସେମାନେ ଚାଲାଖ ଥିଲେ । ସେମାନେ ଅନନ୍ତକାଳ ଉପଭୋଗ କରିବାକୁ ଚାହିଁଛନ୍ତି ତାଙ୍କୁ, with eternal conscious rememberance (ଶାଶ୍ୱତ ସଚେତନ ସ୍ମୃତି ସହକାରେ) ।

ହାଉଜରମ୍ୟାନଭାଇ— ଶାନ୍ତି ପାଇଁ ଶାନ୍ତ ହେବା କଥାଟା କ'ଣ ?

ଶ୍ରୀଶ୍ରୀଠାକୁର— ତାହା ଶାନ୍ତି ନୁହେଁ । ଜ୍ୱର ଭୋଗ କରିବା ପରେ ଗଭୀର ନିଦ୍ରାଟା ଶାନ୍ତି ନୁହେଁ । ଶାନ୍ତିରେ conscious (ସଚେତନ) ରହିବା ଦରକାର, with a conscious go to serve the Ideal (ଆଦର୍ଶ ସେବାର ସଚେତନ ଚଳନ ନେଇ) । ଯେତେ ସୁନିଷ୍ଠ ହୋଇ, ସକ୍ରିୟ ଭାବରେ ସେତେ ବାହାରର ବାତାବରଣ ସାମ୍ୟହରା କରିପାରିବ କମ୍ । That is the entrance gate of kingdom of peace (ତାହାହିଁ ଶାନ୍ତି ରାଜ୍ୟର ତୋରଣ ଦ୍ୱାର) । ସେଥିପାଇଁ ଖ୍ରୀଏଷ୍ଟ କହିଛନ୍ତି, "Blessed is he who is not repelled by anything in me" (ଯେ ମୋର କୌଣସି କିଛି ଦ୍ୱାରା ପ୍ରତ୍ୟାହତ ହୁଏନା, ସେଇହିଁ ଧନ୍ୟ) । ଏହିପରି ଭକ୍ତର ଜୀବନରେ ସେ ହିଁ ପ୍ରଧାନ ହୋଇଥା'ନ୍ତି । There in no thirst for self but there is desire to have much for him. There is defficulty, but peace (ନିଜ ପାଇଁ କୌଣସି ତୃଷ୍ଣା ନ ଥାଏ । କିନ୍ତୁ ତାଙ୍କ ପାଇଁ ଅନେକ କିଛି ଚାହିଦା ଥାଏ, କଠୋର କ୍ଲେଶ ଥାଏ କିନ୍ତୁ ଶାନ୍ତି ଥାଏ ।)

ହାଉଜରମ୍ୟାନଭାଇ— Peace (ଶାନ୍ତି) ନଥିଲେ ତ ମଣିଷ ଇଷ୍ଟକାର୍ଯ୍ୟ କରି ପାରିବ ନାହିଁ ।

ଶ୍ରୀଶ୍ରୀଠାକୁର— ଅପ୍ରୀତିକର ଚାପରେ ପଡ଼ି ଯଦି କେହି ଇଷ୍ଟକାର୍ଯ୍ୟ ଓ ଇଷ୍ଟଜନକୁ ବିଚ୍ୟୁତ ହୋଇପଡ଼େ, ବୁଝିବାକୁ ହେବ, ତା'ର ସରାର ଗୋଟାଏ portion (ଅଂଶ) ସେତେବେଳେ ମଧ୍ୟ selfcentric (ଆତ୍ମକୈନ୍ଦ୍ରିକ) ହୋଇ ରହିଛି । ସେଇଟା କଟିଗଲେ ମଣିଷ ସବୁ ଅବସ୍ଥା ମଧ୍ୟରେ ବି ସାଧମତ ଇଷ୍ଟକାର୍ଯ୍ୟ କରିଚାଲେ । କେତେବେଳେ ପ୍ରଖର ଗତିରେ, କେତେବେଳେ ଧୀରେ ଧୀରେ । ଇଷ୍ଟକାର୍ଯ୍ୟରେ ଉତ୍ସାହ ଯେତେ ବଢ଼େ, ସ୍ଥିରତା ମଧ୍ୟ ସେତେ ବଢ଼େ । Unbalanced stage (ସାମ୍ୟହରା ଅବସ୍ଥା) ମଧ୍ୟ ସେତେ ହ୍ରାସ ପାଏ । ଏହା ଧୀରେ ଧୀରେ ହୁଏ । କଷ୍ଟ ମଧ୍ୟରେ ନିଷ୍ଠା ଯେତେ ତାଜା ଥାଏ, ସେତେ ମଣିଷ gloomy and alive (ପ୍ରସ୍ଫୁଟିତ ଓ ଉଜ୍ଜୀବିତ) ରହେ ।

ପ୍ରଫୁଲ୍ଲ— ଶାନ୍ତି ପାଇଁ ଶାନ୍ତିର ସନ୍ଧାନ କରିବାକୁ ହୁଏନା ?

ଶ୍ରୀଶ୍ରୀଠାକୁର— ନା । ସକ୍ରିୟ ଇଷ୍ଟାନୁରାଗ ଭିତର ଦେଇ ତାହା ଆପେ ଆପେ ଆସେ ।

ଏହାପରେ ଶ୍ରୀଶ୍ରୀଠାକୁର ବାଣୀ ବେଲେ:—

ଶାନ୍ତି ଯଦି ଆତ୍ମନିବେଦନେ
ଉତ୍‌ଗ୍ରୀବ ହୋଇ ନ ଉଠେ
ସେ ଶାନ୍ତି ମୃତ୍ୟୁରହିଁ ନାମାନ୍ତର ।

ହାଉଜରମ୍ୟାନଭାଇ— Unrepelling attachment (ଅଚ୍ୟୁତ ଅନୁରାଗ) ପ୍ରତ୍ୟେକଙ୍କର ହୋଇପାରେ ?

ଶ୍ରୀଶ୍ରୀଠାକୁର— ମୋର ମନେହୁଏ— It is given to

ଇଷ୍ଟନିଶାର କ୍ଷୀଣସ୍ରୋତବି ତୁ
ବ୍ୟାହତ କରି ପକାଇଲୁ ଯେହିଁ,
ଠିକ୍ ବୁଝିବୁ ତୁ, ଅନ୍ତରେ ତୋର
ବ୍ୟତିକ୍ରମ ଛଡ଼ା ଗତିହିଁ ନାହିଁ । ୪ ।
(ଅନୁଶ୍ରୁତି, ୫ମଖଣ୍ଡ, ପ୍ରବୃତ୍ତି)

every man (ଏହା ପ୍ରତ୍ୟେକଙ୍କ ଦିଆ ହୋଇଛି) । ଇଚ୍ଛା ଥିଲେହିଁ ଫୁଟି ଉଠେ ।

ହାଉଜରମ୍ୟାନଭାଇ— ସମସ୍ତଙ୍କର ଇଚ୍ଛା ହୁଏନା ?

ଶ୍ରୀଶ୍ରୀଠାକୁର— ଏଣୁତେଣୁ ଇଚ୍ଛା କରନ୍ତି, ଆଉ କଷ୍ଟ ପା'ନ୍ତି । କାମ-କ୍ରୋଧାଦି ପ୍ରବୃତ୍ତି ଅବ୍ୟାହତ ରଖି ତାହା ଆୟତ୍ତ କରିବାକୁ ଚାହାଁନ୍ତି, according to the call of complexes (ବୃତ୍ତିର ଆହ୍ୱାନ ଅନୁଯାୟୀ) । ଯାହାକି ଲାଭ କରିବା ଏଇଭାବେ ଲାଭ କରିବା କଦାପି ବି ସମ୍ଭବ ନୁହେଁ । ହୁଏତ ଲୋଭର ଚାଡ଼ନାରେ କୁକୁଡ଼ା କାଟୁଛି ଏବଂ ତାହାକୁ ନାନାଭାବେ ସମର୍ଥନ କରୁଛି । ଭାବର ଘରେ ଚୋରିର କ'ଣ ସୀମା ଅଛି ? ତେବେ unrepelling attachment (ଅଦ୍ଭୁତ ଅନୁରାଗ)ର କଥା ବେଶୀ ଭାବିବାକୁ ନ ଯାଇ ନିରନ୍ତର ପ୍ରେଷ୍ଠଙ୍କୁ ନେଇ actively engaged (ସକ୍ରିୟଭାବେ ବ୍ୟାପୃତ) ଥାଉ ଥାଉ ଯାହା ହେବାର ତାହା ହେଉଥାଏ । ଇଷ୍ଟସ୍ୱାର୍ଥପ୍ରତିଷ୍ଠା ଚାହିଁବା ଏବଂ ତା'ର ଅନ୍ତରାୟ ପ୍ରବୃତ୍ତିକୁ ପ୍ରଶ୍ରୟ ଦେଇ ଚାଲିବା— ଏହି ଦୁଇଟି ଏକସଙ୍ଗେ ଚାଲେ ନାହିଁ ।

କେଷ୍ଟଭାଇ— ଏହାର ଲାଭ କ'ଣ ?

ଶ୍ରୀଶ୍ରୀଠାକୁର— ଏଇ ଟାଣଟା ଜୀବନ ନାଟକ ପରି । ଟିକିଏ ଏପାଖ ସେପାଖ ହୋଇଗଲେ ପ୍ରାଣ ହାହାକାର କରି ଉଠେ ।

କେଷ୍ଟଭାଇ— ବିବେକାନନ୍ଦ ରାମକୃଷ୍ଣଦେବଙ୍କୁ ପାଇଥିଲେ, ସେ ଯେଉଁ ଦର୍ଶନ କହି ଯାଇଛନ୍ତି, ଆଜି ମଧ୍ୟ ତ ମଣିଷ ସେହିସବୁ ତତ୍ତ୍ୱ ଆଲୋଚନାକୁ ମୁଖ୍ୟ କରି ଚାଲିଛି ।

ଶ୍ରୀଶ୍ରୀଠାକୁର— ତତ୍ତ୍ୱ ବାଦ ଦେଇ ପୁଣି କିଛି ହୁଏନା । ମୁଁ ଯେପରି ମୋର ଅଭିଜ୍ଞତା ଓ ଅନୁଭୂତିକୁ ଭିତ୍ତି କରି କେତେ କଥା କହେ । ଅନୁଭୂତି ସମନ୍ୱିତ ବ୍ୟକ୍ତି ଓ ତତ୍ତ୍ୱ ଉଭୟ ଦରକାର ।

କେଷ୍ଟଭାଇ— କାରଣମୁଖୀନତାର ଚରମରେ ତ ରହିବାର ଇଚ୍ଛା ଆସିଯାଏ ।

ଶ୍ରୀଶ୍ରୀଠାକୁର— ଏହା ମଧ୍ୟ ଦେଇ ବି ତାଙ୍କୁ ନେଇ ରହିବାର ଇଚ୍ଛା କାର୍ଯ୍ୟ କରେ । ସମସ୍ତ ଅବାନ୍ତର ବାସନା ଲୋପ ପାଇ ଗୋଟାଏ ଆକୁଳ ଆବେଗ ପ୍ରିୟଙ୍କୁ ନେଇ ତନ୍ମୟ ହୋଇ ଚାଲିବାର । ମୁଁ ଯେପରି ହଠାତ୍ ହଠାତ୍ ଅଜାଣତରେ ମା'ଙ୍କୁ ଡ଼ାକେ । ରହିବାଟାର ସାର୍ଥକତା ପାଇଁ ହିଁ ତାଙ୍କୁ ଦରକାର ।

ରାତିରେ ବ୍ରଜେନଭାଇ (ଚାଟାର୍ଜୀ) ବାହାରକୁ ଯିବା ପାଇଁ ବିଦାୟ ନେବାକୁ ଆସିଛନ୍ତି । ବ୍ରଜେନଭାଇ ପ୍ରଣାମ କରି ଉଠି ଛିଡ଼ା ହେବା ପରେ ଶ୍ରୀଶ୍ରୀଠାକୁର ତାଙ୍କୁ କହିଲେ— ଆପଣମାନେ ରଦ୍ଦିକୀ ନ କରି ପକାଇଲେ ହେବ ନାହିଁ । ସମସ୍ତେ ଇଚ୍ଛୁକ ଅଛନ୍ତି । ପ୍ରତ୍ୟେକେ କିଛିଟା ତ୍ୟାଗ କରିବାକୁ ରାଜୀ । ରବିର ଚିକିତ୍ସା କରିଲେ ଆତ୍ମୀୟସ୍ୱଜନମାନେ ମିଳିତ ହୋଇ । କଲିକତା-ଦେଓଘର ଏକ କରି ପକାଇଥିଲେ ।

ରଦ୍ଦିକୀ କରାଇଲେ କରନ୍ତି । ବରଂ ଖରାପ ହୁଏ କାହାଠାରୁ ଟଙ୍କା ନେଇ କଥା ଖିଲାପ କରିଲେ । ଆମେ ଆଗେ ବାହାରକୁ ଯିବା ସମୟରେ ସାଙ୍ଗର କିଛି ନେଇ ଯାଇ ନଥିଲୁ । କେତେ ବିରାଟ ଦଳ ନେଇ ଚାଲୁଥିଲୁ । ଲୋକଙ୍କ ସଙ୍ଗେ ଭାବ ହୋଇ ଯାଉଥିଲା— ବାଟେ ବାଟେ ସବୁ ଯୋଗାଡ଼ ହୋଇ ଯାଉଥିଲା । ମଣିଷ ଉତ୍ସୁକ ହୋଇ ଉଠୁଥିଲେ । ଛାଡ଼ିବାକୁ ଚାହୁଁ ନଥିଲେ । କେତେ କରୁଥିଲେ, କେତେ ଦେଉଥିଲେ । ଆଜିକାଲି ଜନସାଧାରଣଙ୍କୁ Satsang-minded (ସତ୍‌ସଙ୍ଗ ମନସ୍କ) କରି ତୋଳାହୁଏ ଖୁବ୍ କମ୍ । ମୁଁ ଏକା କରି ନାହିଁ । କିଶୋରୀ ମହାରାଜ ସେମାନେ ମଧ୍ୟ କରିଛନ୍ତି । କେତେ ଜାଗା ସଦଳବଳେ ଘୁରିଛନ୍ତି । ରାଧାରମଣଭାଇ ଆଠ/ଦଶ ଜଣ ନେଇ ଟିଉବୱେଲ କରିବାକୁ ଯାଇଛନ୍ତି । କିଛି ନେବେ ନାହିଁ, ତିନିଟଙ୍କା ଜୋର କରି ଦେଇଛି । ପରେ ତା' ସଙ୍ଗେ ଆଉ ମିଶାଇ ଫେରାଇ ଦେଇଛି, ସେ ଟଙ୍କାରେ ହାତ ଦେଇ ନାହିଁ । ଯେତେବେଳେ କାମ ଶେଷ କରି ଫେରନ୍ତି, ଚାଳିଶ/ପଚାଶ ଜଣ ପୁରୁଷ, ନାରୀ କାନ୍ଦି କାନ୍ଦି ପଛେ ପଛେ କେତେଦୂର ପର୍ଯ୍ୟନ୍ତ ଆସିଛନ୍ତି । ଇଷ୍ଟାର୍ଥେ କରିଲେ, ନେଲେ ଖେଳାଇ ହୋଇ ରହିଛି । ମଣିଷ ଖୁସିରେ ଦିଅନ୍ତି । ଦେଇ ତୃପ୍ତି ପା'ନ୍ତି । ଧନ୍ୟ ବୋଧ କରନ୍ତି । ସମସ୍ତେ କିନ୍ତୁ ଆପଣମାନଙ୍କର ସୁହୃତ୍ । 'ନ ହି କଲ୍ୟାଣକୃତ୍ କଶ୍ଚିତ୍ ଦୁର୍ଗତିଂ ତାତ ! ଗଚ୍ଛତି ।' ଆପଣମାନେ ନେଇ ଜାଣନ୍ତି ନାହିଁ । ମଣିଷ ଦେବାକୁ ଚାହେଁ । ତା'ର କୌଶଳ ହେଉଛି— ''ମୟି ସର୍ବାଣି କର୍ମାଣି ସଂନ୍ୟସ୍ୟାଧ୍ୟାତ୍ମଚେତସା । ନିରାଶୀର୍ନିର୍ମମୋ ଭୂତ୍ୱା ଯୁଧ୍ୟସ୍ୱ ବିଗତଜ୍ୱରଃ ।''

(କ୍ରମଶଃ)

ଅନୁବାଦକ : ଶ୍ରୀଯତୀନ୍ଦ୍ରନାଥ ମହାନ୍ତି

ଅସତ୍-ବୁଦ୍ଧିର ଭଣ୍ଡାମି ନେଇ
ସ୍ୱାର୍ଥସେବାରେ ଚାଲିବୁ ଯେତେ,
ଆସିବ ବିପଦ, ଦରିଦ୍ରତା
ଏପରି କରି ସେପରି ସେତେ । ୧୨ ।

(ଅନୁଶ୍ରୁତି, ୫ମଖଣ୍ଡ, ପ୍ରବୃତ୍ତି)

ପରମପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ସହିତ କଥୋପକଥନ

ଦୀପରକ୍ଷୀ

(ସପ୍ତମ ଖଣ୍ଡ)

ସଂକଳୟିତା : ଶ୍ରୀଦେବୀପ୍ରସାଦ ମୁଖୋପାଧ୍ୟାୟ

(ପୂର୍ବପ୍ରକାଶିତ ଉତ୍ତାରୁ....)

ଆଷାଢ଼-୨, ଗୁରୁବାର, ବଂ୧୩୬୭
(ଇଂତା୧୬.୦୬.୧୯୬୦ରିଖ)

ଆଜି ସକାଳଠାରୁହିଁ ଗୋଟେ ଗୁରୁଗୁଳିଆ ଗରମ ଭାବ । ଟିକେ ସମୟ ହୁଅନ୍ତେ ହିଁ ଆକାଶ ଧୀରେ ଧୀରେ ମେଘାଚ୍ଛନ୍ନ ହୋଇ ଆସିଲା । ଶ୍ରୀଶ୍ରୀଠାକୁର ଦଲାଣର ହଲଘରେ ଆସି ବସିଲେ । ପ୍ରଫୁଲ୍ଲଭାଇ (ଦାସ), ଜ୍ଞାନଭାଇ (ଗୋସ୍ୱାମୀ), କେଷ୍ଟଭାଇ (ଭଟ୍ଟାଚାର୍ଯ୍ୟ), ହରିଭାଇ (ଗୋସ୍ୱାମୀ), ଶୈଳେନଭାଇ (ଭଟ୍ଟାଚାର୍ଯ୍ୟ), ଚନ୍ଦ୍ରକାନ୍ତଭାଇ (ମେଟା), ଚାରୁଭାଇ (କରଣ) ପ୍ରମୁଖ ଭାଇମାନେ ଉପସ୍ଥିତ । ଗ୍ୟାଲାକ୍ସି ସମ୍ବନ୍ଧରେ ଯେଉଁସବୁ ଲେଖା ଦେଇଛନ୍ତି ଶ୍ରୀଶ୍ରୀଠାକୁର, ସେସୁଡ଼ିକୁ ନେଇ ଆଲୋଚନା ଚାଲିଛି ।

ଏକସମୟରେ କେଷ୍ଟଭାଇ କହିଲେ— ଗ୍ୟାଲାକ୍ସି, କସ୍‌ମିକ ରେ ଇତ୍ୟାଦି ସମ୍ବନ୍ଧରେ ଆମମାନଙ୍କର ଗୋଟେ ଧାରଣା ହୋଇ ହିଁ ରହିଛି । ମୋର ମନେହୁଏ, ସେସୁଡ଼ିକର ନୂତନ ନାମକରଣ କରି ଦେଲେ ହୁଅନ୍ତା ।

ଶ୍ରୀଶ୍ରୀଠାକୁର ଉଲ୍ଲସିତ ହୋଇ କହିଲେ— ଖୁବ୍ ଭଲ କଥା । ଏଇ ଦେଖନ୍ତୁ, ଆପଣଙ୍କ ମଥାରେ ଆସିଛି । ଦିଅନ୍ତୁ ଯଦି ପାରନ୍ତି ।

ତା'ପରେ ପୁଣି ସେହି ପ୍ରସଙ୍ଗରେ କଥା ଚାଲିଛି । କଥା ଶୁଣି ଶୁଣି ଶ୍ରୀଶ୍ରୀଠାକୁର କହିଲେ— ମୁଁ ଭାବୁଚି, ୧୦୦୦ ମଣିଷଙ୍କ ନିକଟରୁ ୧୫୦ଟଙ୍କା କରି ନେବି । ନେଇ ସେହି (ଗ୍ୟାଲାକ୍ସି ସମ୍ବନ୍ଧୀୟ ଗବେଷଣା) କାର୍ଯ୍ୟରେ ଲଗାଇବି । (କାଲୋ ଜୋୟାରଦାରଭାଇଙ୍କୁ) ଏଇ, ୭ରୁ ୧୫ ଦିନ ମଧ୍ୟରେ ମୋତେ ୧୦୦୦ ମଣିଷ ଯଦି ଦେଇ ପାରନ୍ତୁ, ଯେଉଁମାନେ ପ୍ରତ୍ୟେକେ ୧୫୦ଟଙ୍କା କରି ଦେବେ । ପାରିବୁ ନା ?

କାଲୋଭାଇ— ଆପଣ କହିଲେ ହୋଇଯିବ ଜାଣେ ।

ଶ୍ରୀଶ୍ରୀଠାକୁର— ମୁଁ କହିବି କ'ଣ ! ମୋର ଇଚ୍ଛା । ମୁଁ କହିବି 'ଦେ', ତୁ କହିବୁ 'ନିଅନ୍ତୁ' ।

ଏହାପରେ ଶ୍ରୀଶ୍ରୀଠାକୁର ପ୍ରେସର କର୍ମାଧ୍ୟକ୍ଷ ଅମୂଲ୍ୟ ଘୋଷଭାଇଙ୍କୁ ଡ଼ାକି ଛୋଟ ନୋଟ୍‌ବୁକ ଭଳି କେତୋଟି ଖାତା ତିଆରି କରି ଦେବାକୁ କହିଲେ । କହିଲେ— ଏହି ଖାତାଗୁଡ଼ିକୁ କର୍ମୀମାନଙ୍କୁ ଦେବାକୁ ହେବ । ପ୍ରତ୍ୟେକେ ୧୫୦ଟି ଲୋକଙ୍କ ନାମ ଯୋଗାଡ଼ କରିବେ, ଯେଉଁମାନେ ୧୫୦ଟଙ୍କା କରି ଦେବେ । ଖୁବ୍ ଶୀଘ୍ରଶୀଘ୍ର ଦରକାର ।

ଅମୂଲ୍ୟଭାଇ ପ୍ରେସକୁ ଚାଲିଗଲେ । ଏହାପରେ ଶ୍ରୀଶ୍ରୀଠାକୁର ଅନେକଗୁଡ଼ିଏ ଛଡ଼ା ଦେଲେ ।

ଆଷାଢ଼-୩, ଶୁକ୍ରବାର, ବଂ୧୩୬୭
(ଇଂତା୧୭.୦୬.୧୯୬୦ରିଖ)

ସକାଳେ ହଲଘରେ ଆସି ଶ୍ରୀଶ୍ରୀଠାକୁର ଗୋଟେ ଛଡ଼ା ଦେଲେ—

ନିଷ୍ଠା ଯେଉଁଠି ଯେପରି ଧରଣର
ଲୋକବି ତୁମେ ସେପରି,
ଚାଲିଚଳନବି ସେଇପରି

କାମରେ ବି ପ୍ରାୟଃହିଁ ସେପରି ।

ତା'ପରେ ଡ଼ାଃ ବନବିହାରୀଭାଇଙ୍କ (ଘୋଷ) ସଙ୍ଗେ କଥା ପ୍ରସଙ୍ଗରେ ଶ୍ରୀଶ୍ରୀଠାକୁର କହିଲେ— ତୁମେ କାୟସ୍ଥ-କ୍ଷତ୍ରିୟ । ତୁମେ ଯଦି ଗୋଟେ ଶୂଦ୍ରର ଝିଅକୁ ବିବାହ କର, ତା'ର ସନ୍ତାନ ତୁମର ସବର୍ଣ୍ଣା-ସନ୍ତାନଠାରୁ inferior (ନିକୃଷ୍ଟ) ହେବ । ଗୋଟେ କିରାତର ଝିଅକୁ ଯଦି ବିବାହ କର, ତା'ର ଗର୍ଭରେ ଯଦି ତୁମର ପୁଅ ହୁଏ, ତା'ର ହୁଏତ କିରାତ ଭଳି attitude (ବ୍ୟବହାର) ହେବ, କିନ୍ତୁ ଯେଉଁଠାରେ କ୍ଷତ୍ରିୟ instinct (ସଂସ୍କାର) ପାଇବ, ସେଠାରେ ଏକଦମ ଝକ୍‌ଝକ୍ କରି ଠେଲି ଉଠିବ ।

ଗତକାଲି ଶ୍ରୀଶ୍ରୀଠାକୁର ୧୫୦ଟଙ୍କା କରି ଦେଇ ପାରନ୍ତି ଏପରି ୧୦୦୦ଲୋକ ଯୋଗାଡ଼ କରିବାକୁ କହିଛନ୍ତି । ତାଙ୍କ ନିର୍ଦ୍ଦେଶରେ କେଇଜଣ କର୍ମୀଙ୍କୁ ଗୋଟେ କରି ଛୋଟ ଖାତା ଦିଆ ହେଉଛି ସେହି ଅର୍ଘ୍ୟପ୍ରଦାନକାରୀମାନଙ୍କ ନାମ ସଂଗ୍ରହ ପାଇଁ । ଶ୍ରୀଶ୍ରୀଠାକୁରଙ୍କ ଆଦେଶରେ ଆସାମର ଦୀନଭାଇଙ୍କୁ (ଶର୍ମା) ଗୋଟେ ଖାତା ଦିଆ ଗଲା । ଦୀନଭାଇ ଖାତାଟି ହାତରେ ନିଅନ୍ତେହିଁ ତାଙ୍କ ଆଡ଼େ ଚାହିଁ ଶ୍ରୀଶ୍ରୀଠାକୁର ହସ ସ୍ୱର କରି କହିଲେ— ଦୀନବନ୍ଧୁ ବୋଲି ଡ଼ାକେ ହେ ତୁମକୁ ।

ଦୀନଭାଇ— ମୋର କୋଷ୍ଠୀର ନାମ ବି ଦୀନବନ୍ଧୁ ।

ଶ୍ରୀଶ୍ରୀଠାକୁର— ଦୀନବନ୍ଧୁହିଁ ରୁହ କିନ୍ତୁ ।

ଦୀନଭାଇ— କ'ଣ କରିବାକୁ ହେବ ଏହି ଖାତା ଦେଇ ?

ଶ୍ରୀଶ୍ରୀଠାକୁର— ଏଇ ଶୁଣ୍ ! ତୋତେ ୧୫୦ଜଣ ଲୋକ ଯୋଗାଡ଼ କରିବାକୁ ହେବ ଯେଉଁମାନେ ପ୍ରତ୍ୟେକେ ୧୫୦ଟଙ୍କା କରି ଦେବେ । ସେହି ଖାତାରେ ସେମାନଙ୍କ ନାମ ସହି କରିବେ । ଆଉ, ସହି କରିବାର ୭ଦିନ ୧୫ଦିନ ମଧ୍ୟରେ ଟଙ୍କା ଏଠାରେ ଆସି ପହଞ୍ଚିବା ଦରକାର । ବ୍ରାହ୍ମଣ ଭଳି କାମ କର । କାହାକୁ ଅସନ୍ତୁଷ୍ଟ କରି ଟଙ୍କା ନିଅନା । ବୈକୁଣ୍ଠ କହୁଛି ଗୋଟେ ହୋଇ ଯାଉଛି । କେବେ ହୋଇଛି, କାଲି ନା ଆଜି ?

ବୈକୁଣ୍ଠଭାଇ (ସିଂ)— କାଲି ।

ଶ୍ରୀଶ୍ରୀଠାକୁର— ଓଃ, ଖୁବ୍ ଭଲ ଦିନରେ ହୋଇଛି ।

ସମୟ ୯ଟା । କେଷ୍ଟଭାଇ (ଭଟ୍ଟାଚାର୍ଯ୍ୟ) ଆସି ବସିଲେ । ଇଦାନୀଂ ପ୍ରଦତ୍ତ ବାଣୀଗୁଡ଼ିକ ସମ୍ବନ୍ଧରେ ଶ୍ରୀଶ୍ରୀଠାକୁର କହିଲେ— ସେଗୁଡ଼ିକ ଦେଖିବେନି ?

କେଷ୍ଟଭାଇ— ଏଇ ଦେଖି ଆସିଲି ।

ଶ୍ରୀଶ୍ରୀଠାକୁର— ତା'ରବି ଆଗର କଥା, ପରିସ୍ରା ପରୀକ୍ଷା କରାଇବେନି ? 'ସୁଗାର' ଅଛି କି ନା ଦେଖନ୍ତୁ ।

କେଷ୍ଟଭାଇ— ହଁ, କରାଇବାକୁ ହେବ ।

ଶ୍ରୀଶ୍ରୀଠାକୁର— ଅଭ୍ରର କାଳେ ଯଥେଷ୍ଟ ଗୁଣ । ଦେଖ୍ ତ ଅଭ୍ରର ଗୁଣଗୁଡ଼ିକ ।

ପଣ୍ଡିତଭାଇ (ଭଟ୍ଟାଚାର୍ଯ୍ୟ) ବହି ଦେଖି ଅଭ୍ରର ଗୁଣାବଳୀ ପଢ଼ି ପଢ଼ି ଶୁଣାଇଲେ ।

ଇତିମଧ୍ୟରେ ଅନିଲଭାଇ (ଗାଙ୍ଗୁଲୀ) ଜଣେ ଭାଇକୁ ନେଇ ଆସି କହିଲେ— ଇଏ ପାବନାର ତାରିଣୀ ବିଦ୍ୟାନିଧିଙ୍କ ପୁଅ ।

ଶ୍ରୀଶ୍ରୀଠାକୁର— ଓ— । ତାରିଣୀ ବିଦ୍ୟାନିଧି ମୋର କର୍ତ୍ତାମା'ଙ୍କ ଭାଇ । ମୋର ଦୁଇ କର୍ତ୍ତା-ମା' ଥିଲେ— ବଡ଼ କର୍ତ୍ତାମା' ଆଉ ଛୋଟ କର୍ତ୍ତାମା' । ସିଏ ସେହି ବଡ଼ କର୍ତ୍ତା-ମା'ଙ୍କ ଭାଇ । ତାଙ୍କୁ ମୁଁ ଦେଖିନି । ସିଏ କାଳେ ଖୁବ୍ ମଧୁର ଲୋକ ଥିଲେ ।

ଉକ୍ତ ଭଦ୍ରଲୋକ— ଆପଣଙ୍କ ମା'ଙ୍କୁ ମୁଁ ବିଦିଙ୍କର ସେଠାରେ ଦେଖିଛି ।

ଶ୍ରୀଶ୍ରୀଠାକୁର— ତା' ତ ଦେଖିବେ ହିଁ । ଆପଣ ଉଠିଛନ୍ତି କୋଉଠି ?

ଭଦ୍ରଲୋକ— ଗ୍ରାଣ୍ଡ ହୋଟେଲରେ ।

ଶ୍ରୀଶ୍ରୀଠାକୁର— ଆପଣ ଗ୍ରାଣ୍ଡ ହୋଟେଲରେ ଉଠିଲେ ? ଅବଶ୍ୟ ଗ୍ରାଣ୍ଡ ହୋଟେଲହିଁ ଭଲ । ଆମେମାନେ ଏଠାରେ ମାଛ-ମାସଂ ଖାଉନା, ଡ଼ାଲି ବା ଗୋଟେ ସିଝା । କିନ୍ତୁ ଲୋଭ ଅଛି ଏକସଙ୍ଗେହିଁ ରହୁ । ଗଛତଳେହିଁ ହୁଏତ ପଡ଼ି ରହିଲେ । ମୋର ଏଠାରେ ରହିବାର ଜାଗା ସେପରି ନାହିଁ । ଅବଶ୍ୟ ମୋର ନିଜର ବ୍ୟବସ୍ଥା ଟିକେ ଭଲ ଏମାନଙ୍କ ଅନୁଗ୍ରହରୁ । ଏବେ ତ invalid (ଅକ୍ଷମ) ହୋଇ ଯାଉଛି । ତା' ନ ହେଲେ ଏପରି ଲାଗନ୍ତାନି । ଆପଣ ଯଦି ଏଠାକୁ ଆସନ୍ତି, କୌଣସି ଘରେ ବି ବ୍ୟବସ୍ଥା କରି ଦିଆଯିବ । ସେହି ଅନିଲର ସେଠାରେହିଁ ହୋଇପାରେ । ଓ ଅନିଲ !

ଅନିଲଭାଇ ଆଗେଇ ଆସିଲେ । ସାମନାରେ ଅନିଲଭାଇଙ୍କ ପୁତ୍ର ଅରୁଣ (ଗାଙ୍ଗୁଲୀ) ଥିଲା । ତା'ଙ୍କୁ କହିଲେ

> ଇଷ୍ଟନିଶାରେ ଶିଷ୍ଟ ହୋଇ
> ଆନୁଗତ୍ୟ-କୃତିର ବେଗେ,
> ବ୍ୟକ୍ତିତ୍ୱଟା ସେପରି ଫୁଟେ
> ସତ୍-ସୁଷମାର ଅନୁରାଗେ । ୪ ।
>
> *(ଅନୁଶ୍ରୁତି, ୫ମଖଣ୍ଡ, ବ୍ୟକ୍ତିତ୍ୱ)*

That which comes into our view (ଯା' ଆମମାନଙ୍କ ଦୃଷ୍ଟି ମଧ୍ୟରେ ଆସେ), ସେଇଟାହିଁ ଜ୍ୟୋତିଃ) ।

ଅରୁଣ — ସୂର୍ଯ୍ୟଙ୍କ ଜ୍ୟୋତିଃ ତ ଅନେକେ ଦେଖନ୍ତି ।

ଶ୍ରୀଶ୍ରୀଠାକୁର — ମୋ ଭିତରେ ଯେଉଁସବୁ ଜିନିଷ impressed (ଅଙ୍କିତ) ଥାଏ, ତାହାହିଁ unflurled (ଅଙ୍କୁରିତ) ହୋଇ ସେହିସବୁ ଆକାରରେ ଦେଖାଦିଏ । ଭିତରେ ଯା' ଅଛି, ତାହାହିଁ co-ordinated (ସୁସଙ୍ଗତ) ହୋଇଉଠେ । ଦର୍ଶନ ମାନେ ଦେଖିବା । ଆମମାନଙ୍କ ଭିତରେ ଯା' ଅଛି, ସେଗୁଡ଼ିକ ଯେତେବେଳେ ସଙ୍ଗତିପୂର୍ଣ୍ଣଭାବେ perceive (ବୋଧ) କରୁ, ତା'କୁ କହନ୍ତି ଦର୍ଶନ ।

ଦୟାଲ ଠାକୁର— ଅରୁଣ ! ତା'ହେଲେ ତାଙ୍କୁ ନେଇ ଯାଅ । ଏବେହିଁ ଘର ଦେଖାଇ ଦିଅ । ତାଙ୍କର ଯେତେବେଳେ ଇଚ୍ଛା ଚାଲି ଆସିବେ । ଯାଆନ୍ତୁ, ଉଠନ୍ତୁ ।

ଅରୁଣ ସେଇ ଭାଇଙ୍କୁ ନେଇ ଉଠିଲା । ଉଠୁ ଉଠୁ ଭଦ୍ରଲୋକ ଜଣକ କହିଲେ— ମୁଁ ହୋଟେଲରେ ଆଜିର ଚାର୍ଜଟା ତ ଦେଇ ଦେଇଛି । ସନ୍ଧ୍ୟାବେଳେ ଆସିବି ।

ଶ୍ରୀଶ୍ରୀଠାକୁର— ଆପଣଙ୍କର ଯେତେବେଳେ ଇଚ୍ଛା ।

ଭଦ୍ରଲୋକ— ମୋତେ ଆପଣ କରି କହିବେନି । ବୟସରେ ତ ଅନେକ ଛୋଟ, ତୁମେ କରି ହିଁ କହିବେ ।

ଏକଥାରେ ଗୁରୁତ୍ୱ ନ ଦେଇ ଶ୍ରୀଶ୍ରୀଠାକୁର କହିଲେ— ଆପଣ ଏଠାରେ ରହି ସେଠାରେ ଖାଇ ପାରନ୍ତି ବା ସେଠାରେ ରହି ବି ସେଠାରେ ଖାଇ ପାରନ୍ତି । ଯେପରି ଆପଣଙ୍କୁ ସୁବିଧା ।

ଏହାପରେ ଅରୁଣ ଭଦ୍ରଲୋକଙ୍କୁ ନେଇ ବାହାରି ଗଲା । ଶ୍ରୀଶ୍ରୀଠାକୁର ଶ୍ୱେତ ଅଭ୍ର ଦେଇ ନାନାପ୍ରକାର ଔଷଧ ତିଆରି କରିବାକୁ କହୁଛନ୍ତି କେଷ୍ଟଭାଇଙ୍କୁ । କଥାପ୍ରସଙ୍ଗରେ କହିଲେ— ହଜ୍‌କିନ୍‌ସ୍ ଡ଼ିଜିଜ୍, କ୍ୟାନସର ସବୁ ରୋଗରେ ଦେବାକୁ ଚାହେଁ । ସେଇଟା ପ୍ରସ୍ତୁତ କରିପାରିଲେ ଶୈଳେନକୁ ଏବେହିଁ ଦେଇଥା'ନ୍ତି ଆଖି ପାଇଁ । (ନଗେନ ସେନଭାଇଙ୍କୁ ଦେଖାଇ) ଆଉ ଦୁର୍ବଳକୁ ଏକଦମ୍ young (ଯୁବକ) କରି ଦିଆଯାଏ । (ଚନ୍ଦ୍ରକାନ୍ତ ମେଟାଭାଇଙ୍କୁ ନିର୍ଦ୍ଦେଶ କରି) ସେମାନଙ୍କର ବି ହୁଏ ଏକଦମ୍ ଠିକ୍ ଠିକ୍ । ମୋତେ ଯଦି ଗୋଟ ଚଷମା କରି ଦେଇ ପାରନ୍ତେ ତା'ହେଲେ ମୁଁ ବି ପଢ଼ି ପଢ଼ି ଠିକ୍ କରି ଦେଇ ପାରନ୍ତି । ଆଉ, ମୋର ଘରଟି ଠିକ୍ କରି ଦିଅନ୍ତୁ କେଷ୍ଟଭାଇ ! ମୁଁ ଚାଲିପାରେନା, କିଛିହିଁ କରିପାରେନା ।

ଏହାପରେ ଶ୍ରୀଶ୍ରୀଠାକୁର ବେଶ କେତୋଟି ଛଡ଼ା କହିଲେ ବିଭିନ୍ନ ବିଷୟ ଉପରେ ।

ଆଜି ଉପରବେଳାଠାରୁହିଁ ଟିପି-ଟିପି ବର୍ଷା ହେଉଛି । ଡେଣ୍ଡୁ, ବାହାରେ ନ ବସି ଶ୍ରୀଶ୍ରୀଠାକୁର ନବନିର୍ମିତ ଆଲୁମିନିୟମ୍ ଘରଟିରେ (ପରେ 'ପାର୍ଲର') ଆସି ବସିଲେ । ଅରୁଣ ଗାଙ୍ଗୁଲୀକୁ ଲକ୍ଷ୍ୟ କରି କହିଲେ— ତୁ ଡୋର ବୟସୀ ୫ଜଣ ପିଲା ଯୋଗାଡ଼ କର, ସେମାନେ ହେବେ ନିଷ୍ଠା-ଆନୁଗତ୍ୟ-କୃତିସମ୍ବେଗବାଲା । କିଏ ହେବ ମ୍ୟାଥମେଟିକ୍ସର କିଏ ବା ଅନ୍ୟ କିଛିର ।

ହରିନନ୍ଦନଭାଇ (ପ୍ରସାଦ) — ବ୍ରହ୍ମ ସମ୍ବନ୍ଧରେ ଆପଣଙ୍କର କୁହା ଅଛି । କିନ୍ତୁ ଅଲଖ ପୁରୁଷ, ଅଗମ ପୁରୁଷ, ଏସବୁ କ'ଣ ।

ଶ୍ରୀଶ୍ରୀଠାକୁର— ଅଲଖ ପୁରୁଷ, ଅଗମ ପୁରୁଷ ଦେଖା ଯାଏନା । ବୋଧ ମଧ୍ୟରେ ଆସେ । ଅଲଖ ହେଲା ଲକ୍ଷ୍ୟ କରାଯାଏନା, ଅଗମ ମାନେ ଯେଉଁଠାକୁ ଯାଇ ହୁଏନା ।

ହରିନନ୍ଦନଭାଇ— ବିଭିନ୍ନ ନାମ କାହିଁକି ହେଲା ?

ଶ୍ରୀଶ୍ରୀଠାକୁର— ଗୋଟେ ଗୋଟେ ସ୍ତର । ସ୍ତରଟାକୁ ମୁଁ indicate (ସୂଚିତ) କରିବି କିପରି ! ଭାଷାରେ ଆଣିବାକୁ ଯାଇ ସେହିଭଳି ନାମ ହୋଇଛି ।

ହରିନନ୍ଦନଭାଇ— ପୁରୁଷ କାହିଁକି ?

ଶ୍ରୀଶ୍ରୀଠାକୁର— He who fulfils the affair (ଯିଏ ବିଷୟସମୂହର ପରିପୂରଣକାରୀ) । ସେମାନେ କଥା ଠିକ୍ କୁହନ୍ତି । ପୀତଧାରା female (ନାରୀ) । ମାୟା-ଟାୟା ତା'କୁହିଁ କୁହନ୍ତି । ପୀତଧାରାହିଁ creative urge (ସୃଜନୀ ସମ୍ବେଗ) । ଆଉ, ଶ୍ୱେତଧାରା male (ପୁରୁଷ) । Finer to grosser, grosser to more grosser (ସୂକ୍ଷ୍ମରୁ ସ୍ଥୂଳ, ସ୍ଥୂଳରୁ ସ୍ଥୂଳତର), ସେସବୁ ଦେଖିହିଁ ତ ମୁଁ ପ୍ରୋଟନ୍ ଇତ୍ୟାଦିର କଥା କହିଲି ।

ଏହାପରେ ଜ୍ୟୋତିଃଦର୍ଶନ ନେଇ କଥା ଉଠିଲା । ସେହି ପ୍ରସଙ୍ଗରେ ଶ୍ରୀଶ୍ରୀଠାକୁର କହିଲେ— That which comes into our view (ଯା' ଆମମାନଙ୍କ ଦୃଷ୍ଟି ମଧ୍ୟରେ ଆସେ), ସେଇଟାହିଁ

> ନିଷ୍ଠା ଅଟଳ, ଫୁଟନ୍ତ ଯେଉଁଠି
> ଯେଉଁପରି ସନ୍ଦୀପନାରେ-
> ତା'ହିଁ ତ ତାହାର ବ୍ୟକ୍ତିତ୍ୱଟାର
> ନିୟନ୍ତା ହୁଏ ସ୍ୱତଃ-ଦୀପନାରେ । ୩ ।
>
> *(ଅନୁଶ୍ରୁତି, ୫ମଖଣ୍ଡ, ବ୍ୟକ୍ତିତ୍ୱ)*

ଶ୍ରୀଶ୍ରୀଠାକୁର — He who fulfils the affair (ଯିଏ ବିଷୟସମୂହର ପରିପୂରଣକାରୀ) । ସେମାନେ କଥା ଠିକ୍ କୁହନ୍ତି । ପୀତଧାରା female (ନାରୀ) । ମାୟା-ଟାୟା ତା'କୁହିଁ କୁହନ୍ତି । ପୀତଧାରାହିଁ creative urge (ସୃଜନୀ ସମ୍ବେଗ) । ଆଉ, ଶ୍ୱେତଧାରା male (ପୁରୁଷ) । Finer to grosser, grosser to more grosser (ସୂକ୍ଷ୍ମରୁ ସ୍ଥୂଳ, ସ୍ଥୂଳରୁ ସ୍ଥୂଳତର), ସେସବୁ ଦେଖିହିଁ ତ ମୁଁ ପ୍ରୋଟନ୍ ଇତ୍ୟାଦିର କଥା କହିଲି ।

ଜ୍ୟୋତିଃ) ।

ଅରୁଣ— ସୂର୍ଯ୍ୟଙ୍କ ଜ୍ୟୋତିଃ ତ ଅନେକେ ଦେଖନ୍ତି ।

ଶ୍ରୀଶ୍ରୀଠାକୁର— ମୋ ଭିତରେ ଯେଉଁସବୁ ଜିନିଷ impressed (ଅଙ୍କିତ) ଥାଏ, ତାହାହିଁ unflurled (ଅଙ୍କୁରିତ) ହୋଇ ସେହିସବୁ ଆକାରରେ ଦେଖାଦିଏ । ଭିତରେ ଯା' ଅଛି, ତାହାହିଁ co-ordinated (ସୁସଙ୍ଗତ) ହୋଇଉଠେ । ଦର୍ଶନ ମାନେ ଦେଖିବା । ଆମମାନଙ୍କ ଭିତରେ ଯା' ଅଛି, ସେଗୁଡ଼ିକ ଯେତେବେଳେ ସଙ୍ଗତିପୂର୍ଣ୍ଣଭାବେ perceive (ବୋଧ) କରୁ, ତା'କୁ କହନ୍ତି ଦର୍ଶନ ।

ଅରୁଣ— କସ୍‌ମିକ-ରେ ସମ୍ବନ୍ଧରେ ଆପଣଙ୍କ କଥାର support (ସମର୍ଥନ)ରେ ଏନସାଇକ୍ଲୋପିଡ଼ିୟାରେ ଅନେକ କଥା ପାଇଲି ।

ଶ୍ରୀଶ୍ରୀଠାକୁର— ସେଗୁଡ଼ିକୁ ଯଦି pile up (ଜଡ଼) କରିପାରୁ ତେବେ ତ ହୁଏ ! ଏହି ଯେ ଗ୍ୟାଲାକ୍ସିର କସ୍‌ମିକ-ରେ ଯଦି ସବୁ ବାହାରି ଆସନ୍ତା ତା'ହେଲେ ଦୁନିଆର ସବୁହିଁ ପ୍ଲାବିତ ହୋଇ ଯାଆନ୍ତା, ଆଖି ମେଲାଇବାକୁ ଆଉ ସମୟ ପାଆନ୍ତା ନାହିଁ ।

ଅରୁଣ— ଗ୍ୟାଲାକ୍ସିର ଆକାର ସେମାନେ କହନ୍ତି disc (ଥାଳୀ) ଭଳି ।

ଶ୍ରୀଶ୍ରୀଠାକୁର— ସେଇ ଯେ କହନ୍ତି 'ବ୍ରହ୍ମଯୋନି ନମୋସ୍ତୁତେ' । ମୋର ମନେହୁଏ, ସେଇଟା ଦେଖିବାକୁ ଯୋନି ଭଳି ।

ଆସାମର ରବି ରାୟଭାଇଙ୍କ ଭାଇ ରାମାନନ୍ଦ ସାମନାରେ ଆସି ଠିଆ ହୋଇଛି । ତା'କୁ କହିଲେ ଶ୍ରୀଶ୍ରୀଠାକୁର— ଗୋଟେ କବିରାଜ ଯଦି ଯୋଗାଡ଼ କରି ପାରନ୍ତୁ, ଖୁବ୍ ଭଲ ହୁଅନ୍ତା । ଏଠାରେହିଁ ରହିବ, ଔଷଧ-ଆଦି ତିଆରି କରିବ ।

ରାତି ୮ଟା ବାଜେ । ରେବତୀ (ବିଶ୍ୱାସ) ଓ ତା'ର ଭାବୀ ବ୍ରହ୍ମ ସମ୍ବନ୍ଧରେ ଆପଣଙ୍କର କୁହା ଅଛି । କିନ୍ତୁ ଅଲଖ ପୁରୁଷ, ଅଗମ ପୁରୁଷ, ଏସବୁ କ'ଣ ।

ଶ୍ରୀଶ୍ରୀଠାକୁର — ଅଲଖ ପୁରୁଷ, ଅଗମ ପୁରୁଷ ଦେଖା ଯାଏନା । ବୋଧ ମଧ୍ୟରେ ଆସେ । ଅଲଖ ହେଲା ଲକ୍ଷ୍ୟ କରାଯାଏନା, ଅଗମ ମାନେ ଯେଉଁଠାକୁ ଯାଇ ହୁଏନା ।

ସ୍ତ୍ରୀ ଆସି ପ୍ରଣାମ କରିଲେ । ଆଜି ସେମାନଙ୍କର ବିବାହ । ସେମାନଙ୍କୁ ଦେଖିହିଁ ଶ୍ରୀଶ୍ରୀଠାକୁର କହିଲେ— ସେଇ ଫାଙ୍କରୁହିଁ ପ୍ରଣାମ କର୍ । ଏଠାରେ ରହି ବଢ଼ବୋଉର ସେଠାକୁ ଯା' ।

ସେମାନେ ପ୍ରଣାମ କରି ଶ୍ରୀଶ୍ରୀବଡ଼ମା'ଙ୍କ ଘର ଆଡ଼େ ଗଲେ । ରେବତୀର ମା' ସାମନାରେ ଠିଆ ହୋଇଛନ୍ତି । ତାଙ୍କୁ କହିଲେ ପ୍ରଭୁ— ଯା', ପୁଅ ପାଖକୁ ଯା' ।

ମା'— ପୁଅର ବିବାହ ସମୟରେ କାଳେ ପାଖରେ ରହିବା କଥା ନୁହେଁ ।

ଶ୍ରୀଶ୍ରୀଠାକୁର— ତା'ହେଲେ ଆଉ କ'ଣ କରିବୁ ! ଏପଟେ ବସି ରହ ଗୋଟେ ଜାଗାରେ ।

ମା'— ଆଚ୍ଛା, ମା' ଦେଖିବା କଥା ନୁହେଁ କାହିଁକି ? ଶୁଭକାମରେ ମା'ର ରହିବା ତ ଭଲ ।

ଶ୍ରୀଶ୍ରୀଠାକୁର— ସ୍ତ୍ରୀ ତ ! ମା' ଯଦି ପାଖରେ ରହେ, ତା'ହେଲେ ସ୍ତ୍ରୀ ସଙ୍ଗେ ପୁଅର ଆଣ୍ଟ ହୁଏନା, ମା' ପ୍ରତି ଲକ୍ଷ୍ୟ ରହିଥାଏ ।

ମା'— ମୁଁ ଭାବୁଥିଲି ବୋଧେ ପୁଅକୁ ଲାଜ ଲାଗେ । ଆଚ୍ଛା, ତା'ହେଲେ ଯିବିନି ।

ଏହାପରେ ଶ୍ରୀଶ୍ରୀଠାକୁର ପରପର ଅନେକଗୁଡ଼ିଏ ଛଡ଼ା କହିଲେ । *(କ୍ରମଶଃ)*

ଅନୁବାଦକ : ଡ଼ଃ. ନିରଞ୍ଜନ ମିଶ୍ର

ଆଚାର୍ଯ୍ୟ-ଅଧ୍ୟାପକ-ଗୁରୁଙ୍କ ପ୍ରତି
ନିଷ୍ଠା ଯେପରି ଅଟୁଟ ହୁଏ-
ଉନ୍ନତିବି ସେହିଭଳିହିଁ,
ବ୍ୟକ୍ତିତ୍ୱର ବି ହୁଏ ଉଦୟ । ୧୫ ।
(ଅନୁଶ୍ରୁତି, ୫ମଖଣ୍ଡ, ବ୍ୟକ୍ତିତ୍ୱ)

ସାଧନାର ପଥରେ

କାମଧନ୍ଧା ବାଦ ଦେଇ କେବଳ ନାମଧ୍ୟାନରେ ପୂର୍ଣ୍ଣ ବିକାଶ ହୁଏ କି ନା ?

॥ ଧ୍ୟାନ ସମୟରେ ମନ ବିକ୍ଷିପ୍ତ ହେଲେ କ'ଣ କରିବ ?

ଜଣେ ପଚାରିଲେ— ଧ୍ୟାନ ସମୟରେ ଯଦି ମନ ବିକ୍ଷିପ୍ତ ହୁଏ ତା'ହେଲେ କ'ଣ କରାଯିବ ?

ଶ୍ରୀଶ୍ରୀଠାକୁର— ଦେଖିବାକୁ ହେବ ଅନୁରାଗ ଯେପରି ବଢ଼େ । ତପାତପି କରିବାର ରୁହେଁ । ତେବେ ବିକ୍ଷେପ ଦିଗରେ ଖିଆଲ ନ ଦେଇ ଜପଧ୍ୟାନ କରି ଯିବାକୁ ହୁଏ ।

ପ୍ରଶ୍ନ— ଅନୁରାଗ କିପରି ବଢ଼େ ?

ଶ୍ରୀଶ୍ରୀଠାକୁର— ଭାବିବାକୁ ହୁଏ ଯେପରି ମୁଁ ମୋର lover (ପ୍ରେମିକ)ର ଚିନ୍ତା କରୁଛି । ସହଜ ଧ୍ୟାନ ମାନେ ଗୋଟେ କଥାରେ lover (ପ୍ରେମିକ)ର ଚିନ୍ତା ଯେପରି ଯେପରି କରେ, ସେପରି କରିବା ।*(ଆଲୋଚନା-ପ୍ରସଙ୍ଗ/୧୫ଶଖଣ୍ଡ, ତା୨୫.୦୩.୧୯୪୯ରିଖ)*

॥ ନାମଧ୍ୟାନରେ ପ୍ରଚଣ୍ଡ ଶକ୍ତିର ବିକାଶ ହୁଏ ॥

ଜଣେ କଥାପ୍ରସଙ୍ଗରେ ପଚାରିଲେ— ନାମଧ୍ୟାନ କରିଲେ କାଳେ ଭିତରର ଶକ୍ତିର ଜାଗରଣ ହୁଏ । ଭିତରର ଶକ୍ତିର ଜାଗରଣ ହେଲେ ବାହାରେ ତ ତା'ର ଗୋଟେ ପ୍ରକାଶ ହେବ ? କିନ୍ତୁ ଅନେକ ନାମଧ୍ୟାନପରାୟଣ ଲୋକଙ୍କ ଜୀବନରେ ତ ବିଶେଷ କୌଣସି କର୍ମଶକ୍ତି ଦେଖାଯାଏନା ?

ଶ୍ରୀଶ୍ରୀଠାକୁର— ଶ୍ରଦ୍ଧୋକ୍ଷିତ ନିଷ୍ଠା ନେଇ ନାମଧ୍ୟାନ କରିଲେ ଗୋଟେ tremendous unlocking of energy (ପ୍ରଚଣ୍ଡ-ଶକ୍ତିର ବିକାଶ) ହୁଏ । ତା'ର ପ୍ରେରଣାରେ ମଣିଷର କର୍ମଶକ୍ତିବି ସମ୍ବେଗବାନ ହୋଇଉଠିବାର କଥା । ସେ ଚଞ୍ଚଳ ଓ ଛନଛନ ହୋଇଉଠେ । ଉଦାହରେ ଟକ୍‌ଟକ୍ କରେ । କାମ ନ କରି ହିଁ ତା'କୁ ଭଲ ଲାଗେନା । ମୋର ନିଜର ଅଭିଜ୍ଞତାରେ ମୁଁ ତା ଏହିଭଳି ହିଁ ଦେଖିଛି । ପୁଣି ଶତ କାର୍ଯ୍ୟ କରିବି କ୍ଲାନ୍ତିବୋଧ କମ୍‌ହିଁ ହୁଏ । ଯେତେ କଠିନ କାମ ହୁଏ, ସେତେ ସ୍ଫୂର୍ତ୍ତି ବଢ଼ିଯାଏ । ନିଶ୍ଚିତ କରିବି ଏହିଭଳି ଗୋଟେ ଭାବ । ପୁଣି ବୁଦ୍ଧି ହୁଏ ଶୀଘ୍ର ଶୀଘ୍ର କରିବା, ନିର୍ଭୁଲଭାବେ କରିବା ଓ successful (କୃତକାର୍ଯ୍ୟ) ହେବା । ଯେପରି ଗୋଟେ ଆମୋଦର ଖେଳ । ପିଲାପିଲିମାନେ ଯେପରି ଖେଳନ୍ତି । ଖେଳର ପରିଶ୍ରମକୁ କ'ଣ ପରିଶ୍ରମ ବୋଲି ମନେହୁଏ ? ସେହି ପରଶ୍ରମ ନ କରିପାରିଲେ ବରଂ କଷ୍ଟ ବୋଧ ହୁଏ । ତେଣୁ ନାମଧ୍ୟାନ କରିଲେ ତଦନୁପାତିକ କର୍ମ ଆସେହିଁ । ଅବଶ୍ୟ କର୍ମର ନାନା ରକମାରୀ ଅଛି । ପ୍ରକୃତି-ଅନୁଯାୟୀ କର୍ମର ଅଭିବ୍ୟକ୍ତି ହୁଏ । ଜଣେ ହୁଏତ ଗବେଷଣା କରେ, ସେ ବି କର୍ମ । ପୁଣି, ଜଣେ ହୁଏତ ଆର୍ତ୍ତର ସେବା କରେ, ସେ ବି କର୍ମ । ପୁଣି କେହି ହୁଏତ ଯାଜନ କରେ, ସେ ବି କର୍ମ । କିନ୍ତୁ ଅନ୍ୟ କୌଣସି କର୍ମ କରେନା, ଅଥଚ ଖୁବ୍ ନାମଧ୍ୟାନ କରେ, ଏହିଭଳି ଶୁଣିଲେ ମନେହୁଏ, ନାମଧ୍ୟାନହିଁ ଠିକ୍‌ଭାବେ କରେ କି ନା ସନ୍ଦେହ । ତେବେ, ମଝିରେ ମଝିରେ ଏକ-ଏକ ସମୟ ଆସେ ଯେତେବେଳେ ନାମଧ୍ୟାନରେ ଡୁବି ରହିବାକୁ ଇଚ୍ଛା ହୁଏ । ସେହି ଅନ୍ତର୍ମୁଖୀଭାବ କିନ୍ତୁ ଯଥାସମୟରେ ସମୁଚ୍ଚତର କର୍ମଶକ୍ତି ଭିତର ଦେଇ ହିଁ ଆତ୍ମପ୍ରକାଶ କରେ ।

(ଆଲୋଚନା-ପ୍ରସଙ୍ଗ, ୫ମଖଣ୍ଡ/ତା୦୫.୧୦.୧୯୪୩ରିଖ)

॥ କାମଧନ୍ଧା ବାଦ ଦେଇ କେବଳ ନାମଧ୍ୟାନରେ ପୂର୍ଣ୍ଣ ବିକାଶ ହୁଏ କି ନା ?

ଜଣେ ପଚାରିଲେ— କାମଧନ୍ଧା ବାଦ ଦେଇ କେହି ଯଦି କେବଳ ନାମଧ୍ୟାନ ନେଇ ରହେ, ସେଥିରେ କ'ଣ ତା'ର ପୂର୍ଣ୍ଣ ବିକାଶ ହୁଏନା ?

ଶ୍ରୀଶ୍ରୀଠାକୁର— ପ୍ରଧାନ କଥା ହେଲା ନାମୀଙ୍କ ପ୍ରତି ଭକ୍ତୀ ଆନତି ଓ ଅନୁରାଗ । ସେହି ଆନତି ଓ ଅନୁରାଗ ଥିଲେ ତାଙ୍କ ପ୍ରୀତି-କଥା ଓ ପ୍ରୀତି-କର୍ମ ପ୍ରତି ବି ଝୁଙ୍କ ଗଜାଏ । ନିଜର ସବୁ ଶକ୍ତି ଦେଇ ହିଁ ତାଙ୍କୁ ତୁଷ୍ଟ, ପୁଷ୍ଟ କରିବାର ବୁଦ୍ଧି ହୁଏ — ଚଳନ, ଚରିତ୍ର ଚଁଦଗୁଡ କରି ତୋଳିବାକୁ ଇଚ୍ଛା ହୁଏ— ଯେଉଁଥିରେ ସିଏ ନନ୍ଦିତ ହୁଅନ୍ତି । ଆହୁରି ମନେହୁଏ, ସମସ୍ତଙ୍କୁହିଁ ଚଁଭାବଭାବିତ କରି ତୋଳି, ତଦାକାରାକାରିତ କରି ତୋଳିବାକୁ— ପ୍ରତ୍ୟେକଙ୍କୁ ତା'ର ବୈଶିଷ୍ଟ୍ୟ ଅନୁଯାୟୀ । ତେଣୁ ନାମଧ୍ୟାନ ଠିକ୍ ଠିକ୍ ହେଲେ ସେହି ନାମଧ୍ୟାନହିଁ କରିବା-କହିବା ଦିଗକୁ ଠେଲି ଦିଏ ମଣିଷକୁ । ପୁଣି କରିବା-କହିବା ବାଦ ଦେଇ ନାମଧ୍ୟାନ ବି ଠିକ୍‌ଭାବେ ହୁଏ କି ନା ସେ ବିଷୟରେ ମୋର ସନ୍ଦେହ ଅଛି । କେବଳ ଯଦି

ଖିଆଯାଏ — ଆଉ ହଜିବା ଯଦି ଏକଦମ୍ ନ ହୁଏ, ତା'ହେଲେ ଯେପରି ବଦହଜମ ହୁଏ — ଖାଇବାର ସ୍ପୃହା ରହେନା, କେବଳ sensory engorgement (ବୋଧମୁଖୀ ଭରଣ) ଯଦି ହୁଏ, ଆଉ motor outlet (କର୍ମପ୍ରବାହୀ ନିଃସରଣ) ଯଦି ନ ରହେ, ତା'ହେଲେ ସେଥିରେ ବି ମନୋରାଜ୍ୟରେ ସେପରି ଗୋଟେ ଅସ୍ୱାସ୍ଥ୍ୟକର ପରିସ୍ଥିତିର ଉଦ୍ଭବ ହେବା ଅସମ୍ଭବ ନୁହେଁ । ସେଥିରେ ମଣିଷ unbalanced (ସାମ୍ୟହରା) ହୋଇପଡ଼େ । ମୋର ସତ୍ତାର ସବୁକିଛି ଭିତରେ ତାଙ୍କୁ ଯଦି ଅନୁପ୍ରବିଷ୍ଟ କରିତୋଳିବାକୁ ଚାହେଁ, ତେବେ ମୋର ସବୁକିଛିହିଁ ସକ୍ରିୟଭାବେ ତାଙ୍କ ସେବାରେ ଲଗାଇବା ଦରକାର । ଯେଉଁ ଦିଗଟା ଅସଂଲଗ୍ନ ରହିବ, ସେ ଦିଗଟାରେ ଅଭାବ ରହିଯିବ । ଆମମାନଙ୍କ ମଧ୍ୟରେ କେତେଗୁଡ଼ିଏ ବିକୃତ ଓ ଏକପାଖିଆ ଧାରଣାର ଉଦ୍ଭବ ହୋଇଛି । ସ୍ତ୍ରୀ-ପିଲାଙ୍କୁ ଭଲପାଇବାକୁ ଯାଇ ଆମେମାନେ କିନ୍ତୁ କଦାପିବି ଏକଥା ଭାବୁନା ଯେ କେବଳ ସେମାନଙ୍କ କଥା ଭାବିବୁ, ସେମାନଙ୍କ ପାଇଁ ବାସ୍ତବରେ କିଛି କରିବୁନି । ସେମାନଙ୍କ ବେଳକୁ ସେଇଟା ଯଦି ପ୍ରଯୋଜ୍ୟ ନ ହୁଏ, ଭଗବାନଙ୍କୁ ତଥା ଇଷ୍ଟଙ୍କୁ ଭଲପାଇବା ବେଳକୁ ସେଇଟା ପ୍ରଯୋଜ୍ୟ ହେବ କାହିଁକି ? ଭଲପାଇବା ପାଇଁ ମଣିଷର ଜରଣୀୟର ଅନ୍ତ ନାହିଁ । ଯେତେ କରାଯାଏ, ସେତେ ଦେଖାଯାଏ ଆହୁରି ବହୁତ କିଛି କରିବାର ଅଛି । ଆଉ, ଭଗବାନଙ୍କୁ ଭଲପାଇଲେ ତାଙ୍କ ଖାତିରରେ ପ୍ରତ୍ୟେକଟି ସତ୍ତାକୁ ଭଲପାଇବାକୁ ହୁଏ, ପ୍ରତ୍ୟେକର ସୁଖ-ସ୍ୱାଚ୍ଛନ୍ଦ୍ୟ ଓ ସାର୍ଥକତା ପାଇଁ ପ୍ରାଣପାତ ପରିଶ୍ରମ କରିବାକୁ ହୁଏ । କେହି ଯଦି ବାପା-ମା'ଙ୍କୁ ଭଲପାଏ, ତା'ହେଲେ କ'ଣ ସେ କେବେ ବି ଭାଇ-ଭଉଣୀମାନଙ୍କ ସମ୍ବନ୍ଧରେ ଉଦାସୀନ ରହିପାରେ ? ଭକ୍ତର ଜରଣୀୟର କ'ଣ କୌଣସି ଲେଖାଜୋଖା ଅଛି ? ଏହି କର୍ମ କିନ୍ତୁ ତା'ର ସେବାଯଜ୍ଞ, ପୂଜାପରିକ୍ରମା, ସାଧନଭଜନର ଅବିଚ୍ଛେଦ୍ୟ ଅଙ୍ଗ । ନାମଧ୍ୟାନ ଓ କର୍ମ ତା'ର ଓତଃପ୍ରୋତଭାବେ ଜଡ଼ିତ । ଆଉ, ସବୁକିଛି ହିଁ ତା'ର ଇଷ୍ଟଙ୍କ ପାଇଁ । ପରିବେଶର ସେବା ଯେତେହିଁ ମହତ କାର୍ଯ୍ୟ ହେଉ — ତା' ଯଦି ଇଷ୍ଟାର୍ଥେ ନ ହୁଏ, ତା' ଗୋଟେ unsolved complex (ଅସମାହିତ ଗ୍ରନ୍ଥି) ଭଳି ରହିଯାଇପାରେ ଏବଂ ସେଥିରେ ବି ମଣିଷର ଅକଲ୍ୟାଣ ହୋଇପାରେ ।

ଭକ୍ତ ବ୍ୟକ୍ତି — ଏହି କଥାଟା ବୁଝି ପାରିଲି ନାହିଁ ।

ଶ୍ରୀଶ୍ରୀଠାକୁର — ମଣିଷର ଏପରି ଯଦି କୌଣସି ବି ଇଚ୍ଛା ଥାଏ ଯା' ଇଷ୍ଟଙ୍କ ସଙ୍ଗେ ଅନନ୍ୱିତ, ତେବେ ସେହି ଇଚ୍ଛାର ପ୍ରରୋଚନାରେ ସେ ଇଷ୍ଟଙ୍କ ପରିପଛୀ ଚଳନରେ ବି ଚାଲିପାରେ । ଗୋଟକଥାରେ, ଇଷ୍ଟ ଯେପରି ତା'ର master (ପ୍ରଭୁ), ସେହି ଇଚ୍ଛା ବି ସେପରି ତା'ର master (ପ୍ରଭୁ) ହୋଇ ରହେ । ଦୁଇ master (ପ୍ରଭୁ)ଙ୍କୁ serve (ସେବା) କରିବାକୁ ଯାଇ, ତା' ଭିତରେ ଗୋଟେ bifurcation (ଦ୍ୱିଭାଗ) ଆସିଯାଏ । ଜୀବନର କୌଣସି ଭୋଗରେ ଇଷ୍ଟଙ୍କ ଆଧିପତ୍ୟ ନ ରହିଲେ, ସଦିଚ୍ଛା ଥିବା ସତ୍ତ୍ୱେବି ସେହି ଫାଟ ଭିତର ଦେଇ ପ୍ରବୃତ୍ତିପରାୟଣତାହିଁ ପ୍ରାଧାନ୍ୟ ଲାଭ କରିପାରେ । ଭଲ କାମ କରି କରି ବି ସେ କେତେବେଳେ ପ୍ରବୃତ୍ତି କବଳରେ ପଡ଼ିଯାଏ, ତା' ହୁଏତ ଠାଉରହିଁ ପାଏନା । ଆଉ, ପ୍ରବୃତ୍ତିପରାୟଣ କର୍ମ କଦାପି ବି ମଣିଷକୁ ଇଷ୍ଟାର୍ଥପରାୟଣ ତଥା ସତ୍ତାପରାୟଣ କରି ତୋଳିବାକୁ ସାହାଯ୍ୟ କରେନା — ତା' କି ନିଜକୁ, କି ପରକୁ । ତେଣୁ, ସବୁ ଆୟୋଜନ ସତ୍ତ୍ୱେବି ଶେଷ ପର୍ଯ୍ୟନ୍ତ ସ୍ଥାୟୀ ସୁଫଳ କମ୍‌ହିଁ ହୁଏ ।

(ଆଲୋଚନା-ପ୍ରସଙ୍ଗ, ୫ମଖଣ୍ଡ/ଚା୨୭.୦୩.୧୯୪୩ରିଖ)

॥ ଝିଅମାନେ ବେଶୀ ନାମଧ୍ୟାନ କରିଲେ କ'ଣ ହୁଏ ?

ଶ୍ରୀଶ୍ରୀଠାକୁର ପ୍ରସଙ୍ଗତଃ କହିଲେ — ଝିଅମାନେ ନାମଟାମ ବେଶୀ କରିଲେ, ସେମାନଙ୍କର ଚେହେରାରେ ଗୋଟ ଅପୂର୍ବ ଲାଳିତ୍ୟ ଫୁଟି ଉଠେ । ସେ ଲାଳିତ୍ୟ ଦେଖି କିନ୍ତୁ କାମଭାବ ଜାଗେନା, ଶ୍ରଦ୍ଧା ହୁଏ ।

(ଆଲୋଚନା-ପ୍ରସଙ୍ଗ, ୧୬ଶଖଣ୍ଡ/ଚା୦୩.୦୪.୧୯୪୯ରିଖ)

॥ ନାମଧ୍ୟାନରେ ବସିବା ପାଇଁ ଅଲଗା ଆସନ ରହିବା ଭଲ ॥

ଜଣେ ପଚାରିଲେ — ନାମଧ୍ୟାନ ପାଇଁ ପ୍ରତ୍ୟେକର ଅଲଗା ଆସନ ରହିବା ଭଲ ?

ଶ୍ରୀଶ୍ରୀଠାକୁର — ହଁ । ବିଛଣା ପର୍ଯ୍ୟନ୍ତ charged (ଭାବଭୂତ) ହୋଇଥାଏ ।

ଅନ୍ୟ ଜଣେ କହିଲେ — ପ୍ରତ୍ୟେକର aura (ସୂକ୍ଷ୍ମପ୍ରଭା) ଥାଏ ଶୁଣିଛି ।

ପ୍ରଥମ ବ୍ୟକ୍ତି — ଆମେମାନେ ଦେଖିପାରୁନା ?

ଶ୍ରୀଶ୍ରୀଠାକୁର — ଆଖିଫାଖିଗୁଡ଼ିକ ଖୁବ୍ keen ଓ sensitive (ତୀବ୍ର ଓ ସାଡ଼ାପ୍ରବଣ) କରି ତୋଳିବାକୁ ହୁଏ, ସେତେବେଳେ ଦେଖାଯାଏ । .... ସକାଳେ ନାମଧ୍ୟାନ କରି ସବୁଜ ଦିଗନ୍ତ ଦିଗରେ ଚାହିଁଲେ ଆଖିର ଦୀପ୍ତି ବଢ଼ିଯାଏ ।

(ଆଲୋଚନା-ପ୍ରସଙ୍ଗ, ୧୬ଶଖଣ୍ଡ/ଚା୨୯.୦୩.୧୯୪୯ରିଖ)

କର୍ମାଦର୍ପଣ

ଇଷ୍ଟଙ୍କ ଖୁସିଟାହିଁ ଲକ୍ଷ୍ୟ ହେଉ ଆମର

॥ ମଣିଷ ଉପରେ ପ୍ରକୃତରେ ପ୍ରଭାବ ହୁଏ କାହା ଭିତର ଦେଇ ?

ଚଳନ-ଚରିତ୍ର ଯେତେ ଇଷ୍ଟକେନ୍ଦ୍ରିକ ଓ ସଙ୍ଗତିଶୀଳ ହୁଏ ଓ ବିହିତ ସରଞ୍ଜାମ, ଉପକରଣ ଓ ପ୍ରସ୍ତୁତି ସହ ବାସ୍ତବ ସେବା ଯେତେ ଗଭୀର ଓ ବ୍ୟାପକ ହୁଏ, ସେତେହିଁ ମଣିଷ ଉପରେ ପ୍ରଭାବ ହୁଏ । ଦୁଇଟି ଜିନିଷ ଦରକାର — ଗୋଟେ ହେଉଛି ମଣିଷର ପ୍ରୟୋଜନ-ପୂରଣର କ୍ଷମତା, ଆଉ ଗୋଟେ ହେଉଛି ତା'କୁ ଇଷ୍ଟପ୍ରାଣ କରି ତୋଳିବା — ଯେପରି ପରିବେଶର ସେବା ଭିତର ଦେଇ ସେ ଇଷ୍ଟାର୍ଥ ପୂରଣରେ ଉଦ୍ଦାମ ହୋଇଉଠେ । ମଣିଷକୁ କେବଳ ବଞ୍ଚାବଢ଼ାର ଯୋଗାଣ ବେଳେ ହେବ ନାହିଁ, ସେ ଯେପରି ସଙ୍କୀର୍ଣ୍ଣ ସ୍ୱାର୍ଥପରତାରୁ ମୁକ୍ତ ହୋଇଉଠେ, ତା'ର ବ୍ୟବସ୍ଥା କରିବାକୁ ହେବ । ମଣିଷକୁ ନାନାଭାବେ ସେବା ଦେବା ପାଇଁ ସେହିଭଳି individuo-environmental adjustment, organisarion ଓ equipment (ବ୍ୟଷ୍ଟି ଓ ପରିବେଶର ନିୟନ୍ତ୍ରଣ, ସଂଗଠନ ଓ ପ୍ରସ୍ତୁତି) ସୃଷ୍ଟି କରିବା ଦରକାର । କେବଳ ଏକକ ଇଷ୍ଟ-ପଥରେ ଚାଲିଲେ ଓ ସେବା ଦେଲେ ହେବ ନାହିଁ, ପରିବେଶକୁବି ସେହି ପଥର ପଥିକ କରି ତୋଳିବାକୁ ହେବ । ଯିଏ ଯେତେ ବୃହତ୍-ପରିବେଶକୁ ଏହିଭାବେ ଗଢ଼ିତୋଳିପାରେ, ତା'ର ପ୍ରଭାବ ବି ହୁଏ ସେତେ ବିରାଟ ।

ଆଉ, ସେବା ଦେବାକୁ ଗଲେ fine perception (ସୂକ୍ଷ୍ମବୋଧ) ଦରକାର । କା'ର ବ୍ୟଥା କେଉଁଠି, ବେଦନା କେଉଁଠି, କଷ୍ଟର ମୂଳ କାରଣଟା କ'ଣ, ଚାହିଦା କ'ଣ, ତା' ଯଥାଯଥଭାବେ ଅନୁଭବ କରିବା ଦରକାର ଏବଂ ଅନୁଭବ କରି, ଯା'କୁ ଯେପରି ପ୍ରୟୋଜନ, ତା'କୁ ସେପରି ସେବା ଦେବା ଦରକାର, ଯେପରି ସେ ଜୀବନରେ ଉନ୍ନତି କରିପାରେ ଓ ଦଶଜଣଙ୍କୁ ଉନ୍ନତ କରି ତାଳିପାରେ । ଏହି ଦରଦୀ ସେବା-ସହାନୁଭୂତି ଯା' ନିକଟରୁ ପାଏ, ମଣିଷ ସାଧାରଣତଃ ତା'କୁ ଭୁଲି ପାରେନା । ଆପଣମାନେ ପ୍ରତ୍ୟେକେ ଇଷ୍ଟନିଷ୍ଠାରେ ଅଟୁଟ ହୋଇ ମଣିଷ ନିକଟରେ ସେମାନଙ୍କର ମା', ବାପା, ଭାଇ, ବନ୍ଧୁ ଭଳି ହୋଇ ଠିଆ ହୁଅନ୍ତୁ । ଆପଣମାନେ ପ୍ରତ୍ୟେକର ନିଜର ହୋଇଉଠନ୍ତୁ, ପ୍ରତ୍ୟେକେ ଆପଣମାନଙ୍କର ନିଜର ହୁଅନ୍ତୁ । ସେବାର ଜୁଆରେ ବଳ ବଢ଼ିଯାଉ । ପ୍ରଭାବ ହେବା ମାନେ ମୁଁ ବୁଝେ ଏହା । ପ୍ରଭାବର ଅର୍ଥ ପ୍ରକୃଷ୍ଟଭାବେ ହେବା । ନହେଲେ ମଣିଷକୁ ବାଗେଇ ସ୍ୱାର୍ଥସାଧନ କରି ପରେ ସେମାନଙ୍କ ଆଡ଼କୁ ଫେରି ନ ଚାହିଁବା କିନ୍ତୁ ପ୍ରଭାବ ହେବା ନୁହେଁ ।

(ଆଲୋଚନା-ପ୍ରସଙ୍ଗ, ୫ମଖଣ୍ଡ/ଚା୧୫.୦୭.୧୯୪୪ରିଖ)

॥ କାହାକୁ ଦୋଷୀ ମନେହୁଏ କାହିଁକି ? କ'ଣ କରିବ ?

ମଣିଷ ମଧ୍ୟରେ ଯେଉଁ ଜିନିଷଟା ଆମମାନଙ୍କର ପସନ୍ଦ ଓ ଚାହିଦା ସଙ୍ଗେ ଖାପ ଖାଏନା, ସେଇଟାକୁହିଁ ଆମେମାନେ ଦୋଷ ମନେକରୁ । କିନ୍ତୁ ଆମମାନଙ୍କର ପସନ୍ଦ ଓ ଚାହିଦା ମଧ୍ୟରେ କୌଣସି ଭୁଲ୍ ଅଛି କି ନା, ଅସମୀଚୀନତା ଅଛି କି ନା — ସେଇଟା ଭାବି ଦେଖୁନା । ଏହି ଧରଣର ବୁଦ୍ଧି ଭଲ ନୁହେଁ । ତା'ଛଡ଼ା, ମଣିଷର ବାସ୍ତବରେ ଦୋଷ ବି ଅଛି । ତା' ଯଦି ସହାନୁଭୂତିର ସହିତ ହଜମ କରି adjust (ନିୟନ୍ତ୍ରଣ) କରିବାକୁ ଚେଷ୍ଟା ନ କରେ, କୌଣସିମତେହିଁ integration (ସଂହତି) ଆସେନା । ଦୋଷ ପାଇଁ ମଣିଷକୁ ଯଦି ବାଦ ଦେବାକୁ ହୁଏ, ତା'ହେଲେ ତିଷ୍ଠେ କିଏ? ନିର୍ଦ୍ଦୋଷ ମଣିଷଟା କିଏ ? ଆମମାନଙ୍କର ଉଦ୍ଦେଶ୍ୟ ତ ଭଲ ହେବା, ଭଲ କରିବା ଓ ଭଲ ପାଇବା — ନା ଆଉ କିଛି ? ରାଗ ବା ଆକ୍ରୋଶ ବଶରେ ମଣିଷଟାକୁହିଁ ଯଦି ଆଘାତ ଦିଏ, ସେଥିରେ ମୋର ଲାଭଟା କ'ଣ ? ତା'କୁ ଶୁଧାରି ନେଇ ପାରିଲେ ସେ ହୁଏତ ଦିନେ ମୋର କେତେବଡ଼ ସମ୍ପଦ ହୋଇଉଠିପାରେ । ମୂଳ କଥା, principleରେ responsive untottering adherence ଓ fixity of purpose (ଆଦର୍ଶଙ୍କଠାରେ ସାଡ଼ାଶୀଳ ଅଟୁଟ ନିଷ୍ଠା ଓ ଉଦ୍ଦେଶ୍ୟ-ସମ୍ବନ୍ଧରେ ସ୍ଥିରତା) । ତା'ଛଡ଼ା ବଡ଼ କାମ ହୁଏନା । ସେହିଠାରେ ଠିକ୍ ଥିଲେ, ସବୁ ଠିକ୍ କରି ନିଆଯାଏ । ସବୁ ତ ଆଦର୍ଶାନୁରୂପ ହୋଇ ନାହିଁ, କରି

ନେବାକୁ ହେବ । ସେଇଟାହିଁ ତପସ୍ୟା ।....

ମଣିଷ ପେଟରୁ ବାହାରି ତ ଶିଖେନା । ଠିକେ, ତା'ପରେ ଶିଖେ । ପୁଣି ଠିକେ, ପୁଣି ଶିଖେ । ଏହିଭାବେ ଆଗାଏ । କେହି ରାତାରାତି ବିଜ୍ଞ ହୋଇ ପାରିଲାନି ବୋଲି ଅନୁଯୋଗ କରିବା ଚଳେନା । ଧୈର୍ଯ୍ୟସହକାରେ ସହ୍ୟ ଓ ସାହାଯ୍ୟ କରିବାକୁ ହୁଏ — ପ୍ରତ୍ୟେକେ ଯେପରି ପ୍ରକୃତିଗତ ବୈଶିଷ୍ଟ୍ୟ-ଅନୁଯାୟୀ ତା'ର ନିଜସ୍ୱ ରକମରେ ଧୀରେ ଧୀରେ ବଢ଼ି ଉଠିପାରନ୍ତି । କାହାରିବି ଭଲ କରିବା ସ୍ୱାର୍ଥପର ଜଳଦିବାଭିର କାମ ନୁହେଁ, ମଧ୍ୟସ୍ଥି ବଳାଇର କାମ ନୁହେଁ । ଏପରି ହୋଇଉଠ, ଯେପରି ମଣିଷ ତୁମମାନଙ୍କୁ ଭଲ ପାଇ ସୁଖୀ ହୁଏ, ପରିଶୁଦ୍ଧ ହୋଇଉଠେ । ଭଲ ନ ପାଇପାରିଲେ ନିଜକୁ ଅପରାଧୀ ମନେହୁଏ । ମଣିଷକୁ ବି ଯେତେ ପାର ସମୀଚୀନଭାବେ appreciation ଦିଅ (ଗୁଣଗ୍ରହଣ କର) । ସେଥିରେ ସମସ୍ତଙ୍କର ହିଁ ଭଲ ହେବ ।

(ଆଲୋଚନା-ପ୍ରସଙ୍ଗ, ୭ମଖଣ୍ଡ/ତା୧୯.୦୩.୧୯୪୬ରିଖ)

॥ ବ୍ୟକ୍ତିମାନଙ୍କୁ ଗଢ଼ି ତୋଳିବା ଦିଗରେ ନଜର ଦିଅ ॥

ଆଗେ ତ individual (ବ୍ୟଷ୍ଟି), ସେମାନଙ୍କୁ ଦେଇ ତ social (ସାମାଜିକ) ଯା' କିଛି । ତେଣୁ ବ୍ୟକ୍ତିମାନଙ୍କୁ ଗଢ଼ି ତୋଳିବା ଦିଗରେ ନଜର ଦିଅ । ମୁଁ କହେ, ଯେଉଁ ଯେଉଁ group (ଦଳ)ର ଲୋକହିଁ ହୁଅନ୍ତୁ ନା କାହିଁକି, କାହାକୁହିଁ ତୁମମାନଙ୍କର fulfilling push (ପରିପୂରଣୀ ପ୍ରଣୋଦନା) ଦେବାରୁ ବାଦ ଦେବେନି ଅର୍ଥାତ୍ ଯାଜନ ସମସ୍ତଙ୍କ ନିକଟରେ କରିବେ — ଯିଏ ଯା' ନେଇହିଁ ଥାଉ । ଯଦି ତୁମେମାନେ କୋଉଠି ବି କୌଣସି କାମରେ ଅନ୍ୟ ସଙ୍ଗେ Co-operate (ସହଯୋଗିତା) କର, ଦେଖ, କୌଣସିକ୍ରମେହିଁ ଯେପରି ତୁମମାନଙ୍କର ଭିତ୍ତିରୁ ବିଚ୍ୟୁତ ନ ହୁଅ । ବରଂ ତୁମମାନଙ୍କର ପରିପୂରଣୀ ପ୍ରତିଭା ସେଠାରେ ଏପରିଭାବେ ଆତ୍ମପ୍ରକାଶ କରୁ, ଯା' ଫଳରେ ସଂଶ୍ଳିଷ୍ଟ ପ୍ରତିପ୍ରତ୍ୟେକେ ଉଦ୍‌ଭାସିତ ଓ ଉଦ୍‌ବେଳିତ ହୋଇ ପରମ କୃତଜ୍ଞ ହୃଦୟରେ ତୁମମାନଙ୍କର ଭିତ୍ତିରେ ଠିଆ ହୋଇ ନିଜକୁ ଲାଭବାନ ମନେକରନ୍ତି । ତୁମେମାନେ ପାରନା ଏପରି କାମ ନାହିଁ । କରନା, ତେଣୁ ମନେହୁଏ ପାରନା । ତୁମେମାନେ ଇଚ୍ଛା କରିଲେହିଁ perfect (ପୂର୍ଣ୍ଣ) ହୋଇ ପାର । Glorious success is waiting for you (ଗୌରବଜନକ ସାଫଲ୍ୟ ତୁମମାନଙ୍କ ପାଇଁ ଅପେକ୍ଷା କରୁଛି) । ଯଦି ବିହିତଭାବେ କର, ପାରିବ । ଏବେ ଦରକାର କେବଳ ଯଦି-ଟିକିକର ନିରସନ । ..... ଯଦି ତୁମେମାନେ ଠିକ୍‌ଭାବେ ଚାଲିବା ଆରମ୍ଭ କର, ଗୋଟେ ପାଦ ଚାଲିଲେ ପଚିଶ ପାଦ ଚାଲିବାର ଫଳ ପାଇବ, କିନ୍ତୁ ଅନ୍ୟ ପକ୍ଷେ ପଚାଶ ପାଦ ଚାଲିଲେବି ପଚିଶ ପାଦ ଚାଲିବାର ଫଳ ପାଇବା ସୁଦୁଷ୍କର । କାରଣ, ଯେଉଁ ପଥରେ ତୁମମାନଙ୍କର ଚାଲିବା, ସେ ପଥ ଇଷ୍ଟ, କୃଷ୍ଟି, ଧର୍ମ, ଶାସ୍ତ୍ର ଓ ବିଜ୍ଞାନ ଅନୁମୋଦିତ ଚିରନ୍ତନ ରାଜପଥ । ତେଣୁ ଗୀତାରେ ଅଛି — ସ୍ୱଳ୍ପମପ୍ୟସ୍ୟ ଧର୍ମସ୍ୟ ତ୍ରାୟତେ ମହତୋ ଭୟାତ୍ । (ଟିକେ ରହି ଅପୂର୍ବ ଆଖିର ଚାହାଣି ନେଇ କହିଲେ) — .... ଏପରି ଢ଼େଉ ତୋଳ ଯା'ର ଠେଲା ସୁମେରୁଠାରୁ କୁମେରୁ ପର୍ଯ୍ୟନ୍ତ ଟେର ପାଏ ।

(ଆଲୋଚନା-ପ୍ରସଙ୍ଗ, ୬ଷ୍ଠ ଖଣ୍ଡ/ତା୦୩.୧୨.୪୪ରିଖ)

॥ ଇଷ୍ଟଙ୍କ ଖୁସିଟାହିଁ ଲକ୍ଷ୍ୟ ହେଉ ଆମର ॥

ମଣିଷ ଏଠାକୁ ଆସେ ମୋତେ ଭଲପାଇବାକୁ, କିନ୍ତୁ ପରେ ମୋର ଭଲପାଇବା ପାଇବାଟା ସେମାନଙ୍କର ମୁଖ୍ୟ ହୋଇଉଠେ । ତା'ର ମାନେ, ମୋର ଖୁସିଟା ସେମାନଙ୍କର ଲକ୍ଷ୍ୟ ନୁହେଁ — ଲକ୍ଷ୍ୟ ନିଜର ଖୁସି । ଆଉ ଜଣକର ଖୁସିକୁ ପ୍ରାଧାନ୍ୟ ଦେଇ ଚାଲିବା ପାଇଁ ଅନେକ କ୍ଷମତା ଦରକାର । ନିଷ୍କାମ କର୍ମ କହିଲେ ମୁଁ ବୁଝେ — ନିଜର କାମନାକୁ ପ୍ରଶ୍ରୟ ନ ଦେଇ ଇଷ୍ଟଙ୍କ କାମନାକୁ ପ୍ରାଧାନ୍ୟ ଦେଇ ଚାଲିବା; ସେ ଯେଉଁଥିରେ ଖୁସି ହୁଅନ୍ତି ତା'ହିଁ କରି ଚାଲିବା ତା' ଯେତେହିଁ କଠିନ ହେଉ । ମଣିଷ ଅନେକଦୂର ଆବିଲ୍ୟମୁକ୍ତ ନ ହେଲେ ଏହା ପାରେନା । ଅନେକ ଯୁକ୍ତିର ଅବତାରଣା କରି ନିଜର ଖୁସି ଓ ତୃପ୍ତିକୁହିଁ ଅନୁସରଣ କରି ଚାଲିବାକୁ ଚାହେ । ଇଷ୍ଟଙ୍କ ତୃପ୍ତି ଦିଗରେ ଚାହିଁ ଯିଏ ନିଜର ଭଲମନ୍ଦ ପରିକଳ୍ପନା ବା ଖିଆଲ ବିସର୍ଜନ ଦେଇ ନ ପାରେ, ତା'ର କିନ୍ତୁ ପ୍ରକୃତ ଉନ୍ନତି ହୁଏନା । ଜଣକୁ ସାରା ଦୁନିଆ ଯଦି ବାହାବା ବି ଦିଏ, ଅଥଚ ସେ ଯଦି ଇଷ୍ଟଙ୍କ ସନ୍ତୋଷବିଧାନ କରି ନପାରେ, ତା'ହେଲେ କିନ୍ତୁ ତା'ର ଜୀବନ ବ୍ୟର୍ଥ । ଜୀବନର ସାର୍ଥକତା ଭଲପାଇବାରେ — ପ୍ରେମରେ । ଚୈତନ୍ୟ ଚରିତାମୃତରେ ଅଛି —

ଆତ୍ମେନ୍ଦ୍ରିୟ ପ୍ରୀତି ଇଚ୍ଛା ତାରେ କହେ କାମ ।
କୃଷ୍ଣେନ୍ଦ୍ରିୟ ପ୍ରୀତି ଇଚ୍ଛା ଧରେ ପ୍ରେମ ନାମ ॥

(ଆଲୋଚନା-ପ୍ରସଙ୍ଗ, ୬ଷ୍ଠ ଖଣ୍ଡ/ତା୦୪.୧୨.୪୪ରିଖ)

ମାତୃ ଜୀବନ

ବିବାହ ବ୍ୟାପାରରେ ମୁଖ୍ୟ ଜୀବବିଜ୍ଞାନସମ୍ମତ ଯୋଗ୍ୟତା

॥ ଗର୍ଭଧାରଣର ଯୋଗ୍ୟା ହୋଇଉଠ ତୁମେ କେତେବେଳେ ?

ତୁମେ ଯେପର୍ଯ୍ୟନ୍ତ
ବୈଶିଷ୍ଟ୍ୟପାଳୀ-ଆପୂରୟମାଣ-ଇଷ୍ଟାନୁଗ
ଆତ୍ମବିନାୟନାରେ
ତୁମର ସ୍ୱାମୀ ଓ ସ୍ୱାମୀ-ପରିବାରର
ସୁନିଷ୍ଠ ପରିଚର୍ଯ୍ୟାରେ
ଆତ୍ମବିନାୟିତ କରି
ବାକ୍ୟରେ, ବ୍ୟବହାରରେ
ସୁବ୍ୟବସ୍ଥ ସେବାନିରତ ଅନୁଧାୟିତା ନେଇ
ସକ୍ରିୟ ତତ୍‌ପରତାରେ
ନିଜକୁ ତଦର୍ଥେ ଅନ୍ୱିତ କରି
ସେଇ ସ୍ୱାର୍ଥରେ ସୁସଙ୍ଗତି ଲାଭ କରି ନ ଉଠୁଛ —
ପ୍ରତ୍ୟାଶାକ୍ଷୁବ୍ଧ-ମାନ-ଅଭିମାନ-ଅବଶୋଷ-ବର୍ଜ୍ଜିତ ହୋଇ,
ସ୍ୱାମୀଙ୍କ ଅନୁରଞ୍ଜନୀ
ଅନୁଗତିସମ୍ପନ୍ନା ହୋଇ,
ତୁମର ବାକ୍ୟ, ବ୍ୟବହାର,
ଆଚରଣର ଭିତର ଦେଇ
ତାଙ୍କୁ,
ତାଙ୍କ ପରିବାର ଓ ପରିବେଶର ଯା'କିଛିକୁ
ନନ୍ଦିତ ଉପଚୟରେ
ଉଦ୍‌ବର୍ଦ୍ଧିତ କରି ତୋଳି ନ ପାରୁଛ,
ଆଉ, ସେଇ ସ୍ୱଭାବ ତୁମଠାରେ
ସେଇ ସ୍ୱାମୀ-କୁଳର ବୈଶିଷ୍ଟ୍ୟାନୁଗ ଉତ୍‌କ୍ରମଣାରେ
ଉଦ୍‌ବର୍ତ୍ତିତ ହୋଇ ନ ଉଠୁଛି
ସାଂସାରିକ ବିହିତ ବିନ୍ୟାସର ଭିତର ଦେଇ
ହୃଦୟଢ଼ଳା ଅନ୍ତରାସ ନେଇ
ସୁବ୍ୟବସ୍ଥ ଉପଚୟୀ ବର୍ଦ୍ଧନାରେ
ବୀପନମୁଖର ହୋଇ —
ଆତ୍ମପ୍ରସାଦୀ ତର୍ପଣାର ତୃପଣ-ଅଭିସାରେ, —
ବୁଝିରଖ —
ତୁମର ସେତେବେଳେ ବି ଗର୍ଭ ଧାରଣ କରିବାର
ସୌଷ୍ଠବମଣ୍ଡିତ ସମୟ ହୋଇଉଠିନି,
ତୁମେ
ସୁସନ୍ତାନର ଜନନୀ ହୋଇ ପାରିବନି —
ଶୀଳ-ସନ୍ଦୀପ୍ତ ଜୈବୀ-ସଂସ୍ଥିତିର
ବୈଶିଷ୍ଟ୍ୟରେ ବିଶେଷିତ କରି —
ସ୍ୱଭାବକୁ ପରିମାର୍ଜ୍ଜିତ କରି
ଆଚାରରେ, ବ୍ୟବହାରରେ, ବାକ୍ୟରେ,
ଆତ୍ମ-ବିନାୟନୀ ତାତ୍ପର୍ଯ୍ୟରେ,
ଶୀଳ-ଅନୁଶାସନରେ;
ତେଣୁ, ସୁତପା ହୋଇଉଠ,
ସ୍ୱାମିତପା ହୋଇଉଠ,
ସୁନିବଦ୍ଧ ହୋଇଉଠ,
କୃତାର୍ଥ ହୋଇଉଠ,
ସାର୍ଥକ ହୋଇଉଠ,
ତୁମର ଆବବ-କାଉବା, ଚାଲିଚଳନ,
କଥାବାର୍ତ୍ତା, ଆଚାର-ବ୍ୟବହାର,
ଆହାର-ବିହାର, ଆକାଂକ୍ଷା-ଅବଦାନ —
ସବୁହିଁ ଯେପରି ସ୍ୱାମୀ-ଅନୁଗତିକୁ
ସୁରଞ୍ଜିତ କରି ତୋଳେ,
ହୃଦ୍ୟ ଅନୁତର୍ଯ୍ୟାରେ
ସ୍ୱାମୀଙ୍କ ପରିବାରରେ ସମ୍ରାଜ୍ଞୀ ହୋଇଉଠ,
ଆଉ, ଏହି ହୋଇଉଠିବାର
ଆଚରଣ-ଅନୁଶାୟୀ ହୋଇ
ସନ୍ତାନର ପ୍ରସୂତି ହୋଇଉଠ ତୁମେ,
ସ୍ୱାମୀ ଓ ସ୍ୱାମୀ-ପରିବାର
ତୁମର ଜୀବନ ଯେତେହିଁ
ସଙ୍ଗତି ଲାଭ କରି ଉଠିବ —
ଆତ୍ମବିନାୟନୀ ତଦନୁତର୍ଯ୍ୟାରେ
ତ୍ୟାଗରେ, ଭୋଗରେ, ଐଶ୍ୱର୍ଯ୍ୟରେ,
ଆପଦରେ, ବିପଦରେ
ସବୁ ଯା'କିଛିର ଭିତର ଦେଇ

ସୁବ୍ୟବସ୍ଥ ବିନାୟନରେ
ଜଟିଳ ଯା'କିଛିକୁ ଶୁଭଦ କରି,
ତୁମର ସ୍ୱଭାବର
ଏହି ଶ୍ରଦ୍ଧାଭିତ୍ତି ଅନୁଗତି
ଭାବଘନ-ପର୍ଜନ୍ୟ ପରିସ୍ରବା-ତପସ୍ୟାର ଭିତର ଦେଇ
ସେଇ କୁଳମର୍ଯ୍ୟାଦାର ବୈଶିଷ୍ଟ୍ୟ-ବିଶେଷକୁ
ଧାରଣ-ପାଳନ
ଓ ପୋଷଣ-ଉପଯୋଗୀ କରି ତୋଳିବା ସେତେହିଁ,
ସେଇ ଆକୃତିର ଭିତର ଦେଇ
ତୁମର ଜୋବିନ୍ୟାସ ତଦନୁଗହିଁ ହୋଇଉଠିବ,
ତୁମେ ନିଜେ ସୁଖୀ ହେବ,
ସୁସନ୍ତାନର ଜନନୀ ହୋଇଉଠିବ,
ନହେଲେ, ବିକାର ବିକୃତିର ହିଁ ସ୍ରଷ୍ଟା,
ଛନ୍ନତାରହିଁ ପ୍ରସୂତି;
ତେଣୁ କହେ, ସଂସାରହିଁ ଯଦି କରିବାକୁ ଚାହଁ,
ଜନନୀ ଯଦି ହେବାକୁ ଚାହଁ,
ସ୍ୱାଧୀ ହୁଅ, ସତୀ ହୁଅ,
ଶୁଭ-ପ୍ରସୂତି ହୋଇଉଠ;
ଈଶ୍ୱରହିଁ ସତ୍ୟ,
ଈଶ୍ୱରହିଁ ଶିବ,
ଈଶ୍ୱରହିଁ ସୁନ୍ଦର,
ଶୁଭ ଯା', ଜୀବନୀୟ ଯା',
ସମ୍ବର୍ଦ୍ଧନୀ ଯା'—
ତା' ସେଇ ଐଶୀ-ସମ୍ପଦ୍ । ୧୩୮ ।

॥ କେଉଁପରି ନାରୀ-ଚରିତ୍ର ଅନାସୃଷ୍ଟିକୁ ଆମନ୍ତ୍ରଣ କରେ ?

ସ୍ୱାମୀଙ୍କ ପ୍ରତି ଅଶ୍ରଦ୍ଧା,
ଅନନୁଚର୍ଯ୍ୟା, ଅବଜ୍ଞା ବା ଉପେକ୍ଷା,
ଗୁରୁଜନ ବା ସ୍ନେହାସ୍ପଦ ଯେଉଁମାନେ
ସେମାନଙ୍କ ପ୍ରତି କ୍ରୁର ଦୃଷ୍ଟି,
ପ୍ରଲୋଭନ-ପ୍ରବଳ ସ୍ୱାର୍ଥ-ସନ୍ଧିକ୍ଷୁ ଭୋଗଲିପ୍ସା,
ନିନ୍ଦୁକ ପ୍ରକୃତି
ନିନ୍ଦାର୍ହ ଯା'
ତା'କୁ ନିରୋଧ ନ କରିବା,
ଏବଂ ପ୍ରଶଂସାର୍ହ ଯା'
ତା'କୁ ଉତ୍ସାହାନ୍ୱିତ ନ କରିବା,
ଘରର କଥା ବାହାରେ ଖେଳାଇ ଦେବା,
ଅପ୍ରିୟବାଦିତା,
ଅନ୍ୟକୁ ଦୋଷାରୋପ କରି
ଆତ୍ମସମର୍ଥନସ୍ପୃହା ଇତ୍ୟାଦି
ଅନାସୃଷ୍ଟିରହିଁ ପ୍ରିୟ ଆମନ୍ତ୍ରକ—
ତା' ନିଜରହିଁ ହେଉ
ବା ସନ୍ତାନ-ସନ୍ତତିଙ୍କରହିଁ ହେଉ । ୮୯ ।

(ଦେବୀ-ସୂକ୍ତ)

॥ ସ୍ୱାମୀ-ସ୍ତ୍ରୀର ଭଲପାଇବା କେତେବେଳେ ଆହୁରି ଗଭୀର ହୁଏ ?

ଉଭୟେ ଯଦି ଜଣେ ଇଷ୍ଟଙ୍କୁ ଭଲପାଆନ୍ତି, ତେବେ ସେହି ଇଷ୍ଟପ୍ରୀତିହିଁ ସେମାନଙ୍କ ପାରସ୍ପରିକ ଭଲପାଇବାକୁ ଆହୁରି ଗଭୀର ଓ ଦୃଢ଼ସମ୍ବନ୍ଧ କରିତୋଳେ । ମଝିରେ ଇଷ୍ଟ ନ ରହିଲେ ଗୋଟେ gap (ଫାଙ୍କ) ଥାଏ, କାରଣ mutual becomingର (ପାରସ୍ପରିକ ବିବର୍ଦ୍ଧନର) ପଥରେ କୌଣସି inspiring agent (ପ୍ରେରଣାସନ୍ଦୀପୀ ଶକ୍ତି) ନଥାଏ । ଆଉ ଯେଉଁ ଭଲପାଇବା ମଣିଷର becoming (ବିବର୍ଦ୍ଧନ)କୁ କ୍ରମାଗତ accelerate (ତ୍ୱରାନ୍ୱିତ/ବର୍ଦ୍ଧିତ) ନ କରେ, ତା' ଦିନକୁ ଦିନ stale (ବାସି/ଗତାନୁଗତିକ) ହୋଇଯାଏ ।

(ଆଲୋଚନା-ପ୍ରସଙ୍ଗ, ୧୦ମଖଣ୍ଡ, ତା୨୨.୦୧.୧୯୪୮ରିଖ)

॥ ବିବାହ ବ୍ୟାପାରରେ ମୁଖ୍ୟ ଜୀବବିଜ୍ଞାନସମ୍ମତ ଯୋଗ୍ୟତା ॥

ବିପ୍ର, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର ସମସ୍ତଙ୍କର ହିଁ ଲକ୍ଷ୍ୟ ହେଲା ବ୍ରାହ୍ମଣତ୍ୱ ଲାଭ । ଆଉ, ପ୍ରତ୍ୟେକେହିଁ ତା' ଲାଭ କରିପାରନ୍ତି । ଶୂଦ୍ର ଯଦି ବ୍ରାହ୍ମଣତ୍ୱ ଲାଭ କରେ, ତା'ହେଲେ ସେ ବିପ୍ରର ବି ଗୁରୁ ହୋଇପାରେ, କିନ୍ତୁ ତା'ର ଝିଅକୁ ବିବାହ କରିପାରିବନି । ବିବାହ ବ୍ୟାପାରଟା କେବଳ ସାଧନା ଓ ଚରିତ୍ରର ଭିତ୍ତି ଉପରେ ଛିଡ଼ା ହୋଇ ହୋଇପାରେନା । ତା' ପାଇଁ ସେଥିସହିତ ଲାଗେ biological competency (ଜୀବବିଜ୍ଞାନ ସମ୍ମତ ଯୋଗ୍ୟତା) ।

(ଆଲୋଚନା-ପ୍ରସଙ୍ଗ, ୯ମଖଣ୍ଡ, ତା୧୧.୦୯.୧୯୪୭ରିଖ)

ଶିକ୍ଷା-ପ୍ରସଙ୍ଗେ

ଶିକ୍ଷା ବ୍ୟବସ୍ଥାରେ ଧର୍ମର ସ୍ଥାନ

॥ ଶିକ୍ଷାର ମୂଳକଥା ॥

ପ୍ରଶ୍ନ— ଶିକ୍ଷାର ମୂଳ ବ୍ୟାପାରଟା କ'ଣ ?

ଶ୍ରୀଶ୍ରୀଠାକୁର— ଶିକ୍ଷାର ପ୍ରଥମେହିଁ ହେଲା ଶିକ୍ଷା କ'ଣ ? ଯା'କିଛିହିଁ କରେ ତା'ର ପ୍ରଥମ ଭିତ୍ତି ହିଁ ହେଲା ଗୁରୁବରଣ । ଗୁରୁ ହେବା ଦରକାର ଆଚାର୍ଯ୍ୟ । ନିଜ ପିଲା ପ୍ରତି ଯେପରି ନିଶା ହୁଏ, ସେପରି ହେବା ଦରକାର ଛାତ୍ରମାନଙ୍କ ପ୍ରତି ଶିକ୍ଷକର । ଛାତ୍ର ଯେତେ ସଶ୍ରଦ୍ଧ ହୋଇଉଠେ ସେତେ ଜ୍ଞାନଲାଭ କରେ । 'ଶ୍ରଦ୍ଧାବାନ୍ ଲଭତେ ଜ୍ଞାନମ୍' । ଛାତ୍ର ଠିକ୍ ପାଇବନି ସେ ବାପାଙ୍କ ନିକଟରେ ନାହିଁ । ଭଲପାଇବାହିଁ ସୁକେନ୍ଦ୍ରିକ କରି ତୋଳେ । ଛାତ୍ର ଯେତେ ସକ୍ରିୟଭାବେ ସୁକେନ୍ଦ୍ରିକ ହୁଏ, ସେତେ ଜ୍ଞାନର ଅଧିକାରୀ ହୁଏ । ଏଥିରୁ ଯାହା ଆହରଣ କରେ ତା' meaningful (ସାର୍ଥକତାପୂର୍ଣ୍ଣ) ହୁଏ । ଭଲପାଇବାହିଁ ମଣିଷର ଯେତେ ବୃତ୍ତି ଅଛି ତା' ମଧ୍ୟରେ ଗୋଟେ ସୁସଙ୍ଗତି ନେଇ ଆସେ ।

ଭଲପାଇବା ଯେତେବେଳେ ଉପସ୍ଥିତ ହୁଏ, ତା'କୁ ପରିପୂରଣ କରିବା ଦରକାର ସମସ୍ତ ପ୍ରବୃତ୍ତି ଦେଇ । ଆଉ, ଏହି ପରିପୂରଣ ଯେଉଁଥିରେ ନ ହୁଏ, ସେଥିରେ ଆମମାନଙ୍କର interest (ଉତ୍ସାହ) ରହେନା । ଷଡ଼ରିପୁର ଯେଉଁଟା ଭଲପାଇବାର ପରିପୂରଣରେ ଅନ୍ତରାୟ ହୁଏ, ସେଇଟାକୁ ସେତେବେଳେ ହିଁ ନିୟନ୍ତ୍ରଣ କରିପାରେ । ଏହା ହେଲା ଯାଇ ତା'ହିଁ, ଯା' ଦେଇ ଆମେମାନେ ଜ୍ଞାନ ପାଇପାରୁ, ସୁନିଷ୍ଠ ହୋଇପାରୁ, ସୁକେନ୍ଦ୍ରିକ ହୋଇପାରୁ, ସମ୍ବର୍ଦ୍ଧିତ ହୋଇପାରୁ । ଆମମାନଙ୍କର ବଞ୍ଚିବାଟା ବି ବଞ୍ଚେଇ ରଖିପାରେ ତାଙ୍କ ପାଇଁ ।

ଶିକ୍ଷାର ମୂଳ ହିଁ ହେଲା ବାପା-ମା' । ଯେପରି ମା' ବାପାଙ୍କୁ ଶ୍ରଦ୍ଧା କରିବା ଶିଖାଏ, ଦେବା ଶିଖାଏ, ସେପରି ବାପା ମା'ଙ୍କୁ ଶ୍ରଦ୍ଧା କରିବା ଶିଖାଏ, ଦେବା ଶିଖାଏ, କୁଳମର୍ଯ୍ୟାଦାର ବିଷୟରେ ଗଳ୍ପ କରେ, ତା' ସଙ୍ଗେ ଜଡ଼ିତ ଇତିହାସ ଶିଖାଏ । ପିଲା ସେତେବେଳେ ଭାବେ, ମୁଁ ସେପରି ହେବି ଯେପରି ବାପା-ମା'ଙ୍କ ମୁଖ ଉଜ୍ଜ୍ୱଳ ହୋଇଉଠେ ।

ଗୁରୁ ହେଲେ ସିଏ ଯା'ଙ୍କୁ ଦେଇ ମା', ବାପା ଓ ସବୁକିଛିର ପରିପୂରଣ ପାଏ, ସେଥିପାଇଁ ସବୁକିଛି ଇଷ୍ଟାନୁଗ ହୋଇପଡ଼େ । ସ୍କୁଲ, କଲେଜଗୁଡ଼ିକ ବ୍ୟର୍ଥ ହୋଇ ଯାଇଛି, ଏଇଟା ନାହିଁ ବୋଲି ।

ଗୁରୁକରଣ ମାନେ ଏହା— ବାପା-ମା'ଙ୍କ ନିକଟରୁ ଆଚାର୍ଯ୍ୟଙ୍କ କଥା ଶୁଣେ, ଭାବେ କିପରିଭାବେ ତାଙ୍କୁ ସେବା ଦେବି, ପ୍ରୀତି ଉତ୍ପାଦନ କରିବି ।

ପ୍ରଶ୍ନ— ଶିକ୍ଷାର ରୂପ କିପରି ହେବ ?

ଶ୍ରୀଶ୍ରୀଠାକୁର— ଶିକ୍ଷାର ରୂପ ହେବା ଦରକାର— ଯା' କିଛି ଶିଖି ସଙ୍ଗତ ହେବା ଦରକାର ବଞ୍ଚାବଢ଼ାର ଅଭିଯାନରେ । ନଚେତ୍ ତା'ର ଦାମ ନାହିଁ ।

(ଆଲୋଚନା-ପ୍ରସଙ୍ଗ, ୨୧ଶଖଣ୍ଡ, ତା୦୭.୧୨.୧୯୫୨ରିଖ)

॥ ରାଜନୀତି ଶିକ୍ଷା ॥

ପ୍ରଶ୍ନ— ଛାତ୍ରମାନେ ଯଦି ରାଜନୀତିରେ ଯୋଗଦାନ କରିବାକୁ ଚାହାଁନ୍ତି, ତା' ସେ କେତେଟିକେ କିପରିଭାବେ କରିବେ ?

ଶ୍ରୀଶ୍ରୀଠାକୁର— politics (ରାଜନୀତି)ର ମେରୁଦଣ୍ଡହିଁ ହେଲା ଯାଜ୍ଞ ସତ୍ତାପୋଷଣୀ, ସତ୍ତା-ଆପୂରଣୀ ନୀତି । ଯା'ହିଁ କରନ୍ତୁ, ଅସ୍ତିତ୍ୱ ପକ୍ଷେ ସହାୟକ ଯା' ତା'ହିଁ କରିବେ ସେମାନଙ୍କ ପରିବେଶକୁ ନେଇ ଦକ୍ଷ-କୁଶଳ ତତ୍‌ପରତାର ସଙ୍ଗେ ।

(ଆଲୋଚନା-ପ୍ରସଙ୍ଗ, ୨୧ଶଖଣ୍ଡ, ତା୧୧.୧୨.୧୯୫୨ରିଖ)

॥ ବର୍ତ୍ତମାନ ଶିକ୍ଷା-ବ୍ୟବସ୍ଥା ଓ ମାନବ-ନିର୍ମାଣ ॥

ପ୍ରଶ୍ନ— ବର୍ତ୍ତମାନ ଯେଉଁ ଶିକ୍ଷାବ୍ୟବସ୍ଥା ଚାଲିଛି ସେଥିରେ କ'ଣ ସମାଜର ପ୍ରକୃତ କଲ୍ୟାଣ ହେବ ? ମଣିଷ ତିଆରି ହେବ କ'ଣ ଏଥିରେ ?

ଶ୍ରୀଶ୍ରୀଠାକୁର— ଆମମାନଙ୍କର ଶିକ୍ଷାବ୍ୟବସ୍ଥା ଏପରି ହୋଇଛି ଯେ ଆମୁନିୟମନୀ ଶିକ୍ଷା କିଛିହିଁ ହୁଏନା । ତେଣୁ, ଏହି ଶିକ୍ଷାରେ ନେତା ତିଆରି ହୁଅନ୍ତିନି । ତଥାକଥିତ ନେତା ଯେଉଁମାନେ, ସେମାନେ ପୁଣି ଅତ୍ୟନ୍ତ ବିଶୃଙ୍ଖଳମର ଉଚ୍ଛୃଙ୍ଖଳ ।

(ଆଲୋଚନା-ପ୍ରସଙ୍ଗ, ୨୨ଶଖଣ୍ଡ, ତା୧୩.୦୨.୧୯୫୩ରିଖ)

॥ ଶିକ୍ଷା ଓ ଧର୍ମ ॥

ପ୍ରଶ୍ନ— ଅନେକେ ଧର୍ମକୁ ଶିକ୍ଷାର ଅଙ୍ଗ କରିବାର କଥା କହନ୍ତି, କିନ୍ତୁ ତା'ର ରୂପ କିପରି ହେବ ? ଆମମାନଙ୍କ ମଧ୍ୟରେ

ତ ନାନା ବୈଚିତ୍ର୍ୟ ?

ଶ୍ରୀଶ୍ରୀଠାକୁର— ଧର୍ମ ସମସ୍ତଙ୍କରହିଁ ଏକ । ଧର୍ମ ବାଦ ଦେଇ କିଛି ହୋଇପାରେନା । ବଣ୍ଟାବଢ଼ାର ନୀତି ଯା' ତା'ହିଁ ଧର୍ମ । ପଞ୍ଚବର୍ତ୍ତିନ ପାଞ୍ଚଟି ଜିନିଷ ଯଦି ପାଳନ କରିତାଲେ, ତା'ହେଲେ ହିଁ ଜୀବନ ପୂର୍ଣ୍ଣ ହୋଇଉଠିପାରେ ।

ପ୍ରଶ୍ନ— ଅନେକେ ହିଁ ତ ମାନିବେନି ।

ଶ୍ରୀଶ୍ରୀଠାକୁର— ନ ମାନିଲେ ବଞ୍ଚିତ ହେବେ ।

(ଆଲୋଚନା-ପ୍ରସଙ୍ଗ, ୨୧ଶଖଣ୍ଡ, ତା୨୪.୧୨.୧୯୫୨ରିଖ)

॥ ଶିକ୍ଷା ବ୍ୟବସ୍ଥାରେ ଧର୍ମର ସ୍ଥାନ ॥

ପ୍ରଶ୍ନ— ଆମେମାନେ ସ୍ୱାଧୀନ ହୋଇଛେ । କିନ୍ତୁ ଆମମାନଙ୍କର ଶିକ୍ଷାବ୍ୟବସ୍ଥାରେ, ବିଶ୍ୱବିଦ୍ୟାଳୟରେ ଧର୍ମର କୌଣସି ସ୍ଥାନ ନାହିଁ ।

ଶ୍ରୀଶ୍ରୀଠାକୁର— ବିଶ୍ୱବିଦ୍ୟାଳୟ ହୋଇନି, ଏବେବି ହୋଇ ଅଛି କୁଲି ତିଆରିର କାରଖାନା । ଯେଉଁମାନେ ମନୀଷୀ ହୋଇଛନ୍ତି, ତା' ବିଶ୍ୱବିଦ୍ୟାଳୟର ଶିକ୍ଷାର ଦୌଲତରେ ହୋଇ ନାହାଁନ୍ତି, ଭିତରର ପ୍ରେରଣାରେ ହୋଇଛନ୍ତି । ଠିକ-ଠିକ ବିଶ୍ୱବିଦ୍ୟାଳୟ ପୁଣି କରିବା ଦରକାର ।

(ଆଲୋଚନା-ପ୍ରସଙ୍ଗ, ୨୧ଶଖଣ୍ଡ, ତା୩୧.୧୨.୧୯୫୨ରିଖ)

॥ ସଭାସଙ୍ଗତ ଶିକ୍ଷା ॥

ପ୍ରଶ୍ନ— ଆମମାନଙ୍କର ପରବର୍ତ୍ତୀ ବଂଶଧରମାନଙ୍କର ସ୍କୁଲକଲେଜର ଶିକ୍ଷା ଅସମ୍ପୂର୍ଣ୍ଣ ଓ ଦୂଷିତ । ଆମେମାନେ କ'ଣ କରିବୁ ?

ଶ୍ରୀଶ୍ରୀଠାକୁର— ଯା'ହିଁ ଶିଖେ, ତା' ସଙ୍ଗେ ସଭାର ସଙ୍ଗତି ନ ରହିଲେ ସମ୍ପୂର୍ଣ୍ଣ ଜ୍ଞାନ ହୁଏନା । ସଭାର ବିରୋଧୀ ଯା', ତା' ପୁଣି ନ ଜାଣିଲେ ବି ସଭାବିରୋଧୀକୁ ଜାଣିବା ହୁଏନା । ସୁତରାଂ ସବୁଟାକୁ ନେଇ ମିଳାଇ ସଭାସଙ୍ଗତ କରି ଶିଖିବାକୁ ହେବ ।

(ଆଲୋଚନା-ପ୍ରସଙ୍ଗ, ୨୨ଶଖଣ୍ଡ, ତା୧୪.୦୪.୧୯୫୩ରିଖ)

॥ ଘରୁଆ ଶିକ୍ଷା ॥

ପ୍ରଶ୍ନ— ଆଜିକାଲି ଆମମାନଙ୍କର ଦୃଷ୍ଟିଟାହିଁ shallow (ଉପରସା) ହୋଇ ଯାଉଛି ।

ଶ୍ରୀଶ୍ରୀଠାକୁର— ଆମମାନଙ୍କର education (ଶିକ୍ଷା)ଟାହିଁ ଅନ୍ୟପ୍ରକାର ହୋଇ ଯାଇଛି । Education (ଶିକ୍ଷା) ଯଦି ଠିକ୍ ହୁଏ, ତେବେ ତା' ଗୋଟେ atmosphere (ବାୟୁମଣ୍ଡଳ) ସୃଷ୍ଟି କରେ । ଆଜିକାଲିକାର university education (ବିଶ୍ୱବିଦ୍ୟାଳୟଗତ ଶିକ୍ଷା)ହିଁ ପିଲାମାନଙ୍କୁ ଛୋଟା କରିଦିଏ ।

ପ୍ରଶ୍ନ— Education (ଶିକ୍ଷା) ଆପଣ କିପରି ଚାହାଁନ୍ତି ?

ଶ୍ରୀଶ୍ରୀଠାକୁର— Education (ଶିକ୍ଷା) ଯେତେ homely (ଘରୁଆ) ହୁଏ, ସେତେହିଁ ଭଲ ।

(ଆଲୋଚନା-ପ୍ରସଙ୍ଗ, ୨୨ଶଖଣ୍ଡ, ତା୨୨.୦୬.୧୯୫୩ରିଖ)

॥ ଆବୃତ୍ତି ॥

ପ୍ରଶ୍ନ— କ୍ଲାସରେ ଗୋଟେ ଗୋଟେ ପିଲା ଏପରିବି ଥାଆନ୍ତି ଯେ, କୌଣସି ବିଷୟ ସେମାନଙ୍କୁ ହଜାର ବୁଝାଇଲେବି ବୁଝନ୍ତିନି । ଏ ସମ୍ବନ୍ଧରେ କ'ଣ କରାଯିବ ?

ଶ୍ରୀଶ୍ରୀଠାକୁର— ପିଲାକୁ ବୁଝାଇବା ଆଗରୁ ପିଲାକୁ ବୁଝିବା ଦରକାର ।

ପ୍ରଶ୍ନ— ''ଆବୃତ୍ତିଃ ସର୍ବଶାସ୍ତ୍ରାନାଂ ବୋଧାଦପି ଗରୀୟସୀ'', କଥାର ମାନେ କ'ଣ ?

ଶ୍ରୀଶ୍ରୀଠାକୁର— ଆବୃତ୍ତି ମାନେ ସମ୍ୟକ୍‌ଭାବେ ଲାଗି ରହିବା । ଆଉ ଗୋଟେ ମାନେ ସେହି ବିଷୟ ବାରମ୍ବାର ଭାବିବା ଓ ବାସ୍ତବରେ କରିବା । ସେଥିରେ ମନ ଲାଗି ରହିବା ଦରକାର, ସେଇଟା cramming (ନ ବୁଝି ମୁଖସ୍ଥ କରିବା) ନୁହେଁ । ହେଉ ହେଉ ହୋଇଯାଏ, ଲେଖୁ ଲେଖୁ ଲେଖିଯାଏ । ସର୍ବଦା ଲାଗି ରହିବାର ବୋଧଠାରୁ ବଡ଼ ହୁଆଯାଏ । ସେଇଟା ସଭାରେ ଗୁଛି ହୋଇଯାଏ ।

ପ୍ରଶ୍ନ— ବର୍ତ୍ତମାନ ଶିକ୍ଷା-ମନୋବିଜ୍ଞାନ ଅନୁଯାୟୀ ପିଲାମାନଙ୍କୁ କ୍ରମାଗତ ସେମାନଙ୍କ ବୃତ୍ତିମାଫିକ ଚାଲିବାକୁ ଦେଲେ କ'ଣ ଭଲ ହୁଏ ?

ଶ୍ରୀଶ୍ରୀଠାକୁର— ବୃତ୍ତିଗୁଡ଼ିକ କଟାକଟା, meaningful adjustment (ସାର୍ଥକ ବିନ୍ୟାସ) ନାହିଁ । ତେଣୁ, ଶିକ୍ଷକଙ୍କ ପ୍ରତି ଅନୁରାଗ ହେବା ଦରକାର । ଶିକ୍ଷକଙ୍କୁ ଦେଖିଲେହିଁ ସେ ଯେପରି ଗଳି ଯାଏ । ତା' ଛଡ଼ା କେବଳ ପ୍ରଶ୍ରୟ ବେଳେହିଁ ହେବ ନାହିଁ । ''ଶ୍ରଦ୍ଧାବାନ୍ ଲଭତେ ଜ୍ଞାନମ୍ । ଶ୍ରଦ୍ଧାମୟୋଽୟଂ ପୁରୁଷୋ, ଯୋ ଯଚ୍ଛ୍ରଦ୍ଧଃ ସ ଏବ ସଃ ।'' ଛାତ୍ରର ଯେଉଁ interest (ଅନ୍ତରାସ), ତା'ର ସେ sense of beauty (ସୌନ୍ଦର୍ଯ୍ୟବୋଧ), ସେଇଟା ଉସ୍‌କାଇ ଦେବାକୁ ହୁଏ । ସେତେବେଳେ ଶିକ୍ଷକଙ୍କ ଉପରେ ଓ ଶିକ୍ଷା ଉପରେ ଆହୁରିବି ଝୁଙ୍କ୍ ପଡ଼ିବ ।

(ଆଲୋଚନା-ପ୍ରସଙ୍ଗ, ୨୨ଶଖଣ୍ଡ, ତା୩.୦୬.୧୯୫୩ରିଖ)

ବୈବାହିକ ଜୀବନ

ସ୍ୱଗୋତ୍ରୀୟ ବିବାହରେ ସୁଜାତକର ସମ୍ଭାବନା ସୁଦୂରପରାହତ

॥ ସମୀଚୀନ ବିବାହରେ ହିଁ ଶିକ୍ଷାର ସାର୍ଥକତା ॥

ସମୀଚୀନ ବିବାହ ଭିତର ଦେଇ
ସୁଷ୍ଠୁ ସନ୍ତାନର ଆମଦାନୀ କର,
ତେବେ ତ ଶିକ୍ଷା । ୧ ।

॥ ସ୍ୱଗୋତ୍ରୀୟ ବିବାହରେ ସୁଜାତକର ସମ୍ଭାବନା ସୁଦୂରପରାହତ ॥

ବିପ୍ର ବା ବିପ୍ରବର୍ଗରହିଁ ହେଉ,
କ୍ଷତ୍ରିୟ ବା କ୍ଷତ୍ରିୟବର୍ଗରହିଁ ହେଉ,
ବୈଶ୍ୟ ବା ବୈଶ୍ୟବର୍ଗରହିଁ ହେଉ,
ବା ଯେ କେହି ହିଁ ହେଉ,
କା'ର ବି ନିଜର ବର୍ଣ୍ଣ ବା ବର୍ଗ ଭିତରେ
ସଗୋତ୍ର-ବିବାହ ହେବା ଠିକ୍ ନୁହେଁ,
କାରଣ, ସେଥିରେ
ସମଜାତୀୟ ରକ୍ତର ସଂମିଶ୍ରଣରେ
ସୁଜାତକ ସମ୍ଭବ ହେବା
ସୁକଠିନହିଁ ହୋଇଥାଏ;
ଜାତକର୍ମରେ ପରିପୋଷକ ନୂତନ ରକ୍ତର
ସଂମିଶ୍ରଣହିଁ ଶ୍ରେୟ । ୧୨ ।

॥ ପୁରୁଷ ନାରୀକର୍ତ୍ତୃକ ଯେପରି ପ୍ରେରଣା-ଦୀପ୍ତ, ସନ୍ତାନବି ସେପରି ପ୍ରକୃତି-ସମ୍ପନ୍ନ ॥

ନାରୀ ପୁରୁଷକୁ ଯେଉଁଭାବେ
ପ୍ରେରଣାପ୍ରଦୀପ୍ତ ଓ ଅନୁରଞ୍ଜିତ କରି
କୌଳିକ ସଂସ୍କୃତି ଓ ବ୍ୟକ୍ତିଗତ ପ୍ରକୃତିର
ଅନୁପୋଷଣୀ ଉଦ୍ଦୀପନାରେ,—
ସନ୍ତାନବି ତତ୍‌ପ୍ରକୃତିସମ୍ପନ୍ନ ହୋଇଥାଏ ପ୍ରାୟଶଃ,
କାରଣ, କାମାନୁପ୍ରେରଣାରୁହିଁ
ପୁରୁଷର ପୁଂବୀଜ
ସକ୍ରିୟ ପ୍ରଭାବାନ୍ୱିତ ହୋଇଥାଏ । ୯ ।

॥ ସୁପ୍ରଜନନରେ ବିବାହ ଓ ସତୀତ୍ୱ ॥

ସୁଜନନହିଁ ଯଦି ପ୍ରତ୍ୟାଶା କର—
ବିବାହକୁ
ବୈଶିଷ୍ଟ୍ୟପାଳୀ ସୁସଂସ୍କୃତ କରି ତୋଳ,
ସତୀତ୍ୱକୁ ସ୍ୱର୍ଗୀୟ-ମର୍ଯ୍ୟାଦାସମ୍ପନ୍ନ କରି ତୋଳ—
ପୂଜାର୍ହ କର ତା'କୁ । ୨ ।

॥ ସନ୍ତାନଠାରେ ପିତା ଓ ମାତାଙ୍କ ଅବଦାନ ॥

ଶ୍ରେୟନିଷ୍ଠ ପିତାଙ୍କ ଅବଦାନ—
ସୁଷ୍ଠୁ ବୋଧତାନ୍ତ୍ରିକ ସ୍ୱଭାବ
ଅର୍ଥାତ୍, ସତ୍ତାନୁସ୍ୟୂତ ସ୍ୱତଃସିଦ୍ଧ ଭାବ,
ସ୍ୱାମିକେନ୍ଦ୍ରିକ ଜନନୀର ଅବଦାନ—
ତଦନୁଗ ପ୍ରକୃତି;
ବ୍ୟତ୍ୟୟରେ ବିପର୍ଯ୍ୟହିଁ ହୋଇଥାଏ ପ୍ରାୟଶଃ । ୩ ।

॥ ଚାରିତ୍ରିକ ଲେଖାହିଁ କୁଳକୃଷ୍ଟିର ବିକୃତି ଓ ସାମଞ୍ଜସ୍ୟ ସୂଚିତ କରେ ॥

କୁଳକୃଷ୍ଟିରେ
ବିପର୍ଯ୍ୟୟ, ବିକୃତି
ବା ସୁଷ୍ଠୁ ସାମଞ୍ଜସ୍ୟ
କୋଉଠି କେତେଦୂର
ତା'ର ନିଦର୍ଶନ ହେଉଛି—
ଚାରିତ୍ରିକ ଲେଖା ଭିତରେ
କା'ର କେତେଦୂର
ନମନୀୟତା ବା ଅନମନୀୟତା,
ସୁଷ୍ଠୁ ସାମଞ୍ଜସ୍ୟ ବା ଅସାମଞ୍ଜସ୍ୟ ବିଦ୍ୟମାନ । ୧୦ ।

(ବିବାହ-ବିଧାୟନା)

ଧୃତି-ବିଧାୟନା

ପ୍ରେରିତଙ୍କୁ ସ୍ୱୀକାର ନ କରି "ଈଶ୍ୱରଙ୍କୁ ସ୍ୱୀକାର କରେ" କଥା ଅର୍ଥହୀନ

॥ ଜୀବନ-ଚଳନାର ଦୋଷତ୍ରୁଟିକୁ
ଆଶ୍ରୟ କରି ନେଇ ଚାଲୁଥିଲେ ॥

ଜୀବନ-ଚଳନାରେ
ଯେଉଁମାନେ ନିଜର ଦୋଷତ୍ରୁଟି,
ଭୁଲଭ୍ରାନ୍ତି
ବୋଉଠି କିପରି କରି ଚାଲିଲେ କ'ଣ ହୁଏ,
ଇତ୍ୟାଦି ବୁଝି,
ଇଷ୍ଟାନୁଗ ଆତ୍ମନିୟମନରେ ତା'ର ନିରାକରଣ କରି
ଶୁଭ-ସମ୍ବେଗକୁ ବୋଧଦୀପ୍ତ
କରି ଚାଲି ପାରେନା—
ସୁସଙ୍ଗତ ଅନୁନୟନରେ
ନିଜକୁ ବିନାୟିତ କରି—
ପୁଣି, ସେଇ ଦୋଷତ୍ରୁଟି-ଭୁଲଭ୍ରାନ୍ତିଗୁଡ଼ିକୁ
ଏକଦମ ନିରାକୃତ ନ କରି
ସେଥିରେହିଁ ନିଜ-ଚଳନ-ସମ୍ବେଗକୁ
ସଙ୍କୀର୍ଣ୍ଣ କରି ରଖିବାକୁ ଚାହାଁନ୍ତି ଯେଉଁମାନେ,
ସେମାନେ ନିଜର ପରିଣତି ଓ ପରିମାଣକୁ
ଏହିଭଳି ସଙ୍କୀର୍ଣ୍ଣ ଚଳନ ମଧ୍ୟରେ
ନିବଦ୍ଧ କରି
ତଦନୁଗ ବ୍ୟକ୍ତିତ୍ୱରେହିଁ
ନିଜକୁ ବିନାୟିତ କରିତୋଳେ,
ତେଣୁ, ଫଳ ବି ତଦନୁରୂପହିଁ ପାଏ;
ସୁକେନ୍ଦ୍ରିକ, ବିନାୟିତ
ସାର୍ଥକ ସଙ୍ଗତିଶୀଳ ବ୍ୟାପ୍ତ ଚଳନରେ
ନିଜର ବ୍ୟକ୍ତିତ୍ୱକୁ
ସେମାନେ ଯଥାବିନ୍ୟାସୀ କରି
ବିସ୍ତାରଶୀଳ କରି ତୋଳିପାରେନା;
ସେମାନଙ୍କ ସଂଘାତରେ
ଅନ୍ୟର ଯେଉଁ ପ୍ରତିକ୍ରିୟା
ସେମାନଙ୍କ ନିକଟରେ ତୃପ୍ତିପ୍ରଦ ହୁଏନା,
ସେଇଗୁଡ଼ିକୁହିଁ ସେମାନେ ତା'ର
ଦୋଷତ୍ରୁଟି ବୋଲି ମନେକରନ୍ତି,
ଏବଂ ତା'କୁ ଦୋଷାରୋପବି କରିଥା'ନ୍ତି
ସେପରି କରି—
ନିଜକୁ ସଂଶୋଧିତ ନ କରି;
ତେଣୁ, ସେମାନଙ୍କର ବର୍ଦ୍ଧନା ବା ବ୍ୟକ୍ତିତ୍ୱ
ସଂକ୍ଷୁବ୍ଧ ଅନ୍ତର ନେଇ
ସେତେବେଳଠାରୁହିଁ
ନିରୟ ଉପଭୋଗ କରି ଚାଲିବାକୁ ଆରମ୍ଭ କରେ;
ତେଣୁ, ସୁକେନ୍ଦ୍ରିକ ହୁଅ,
ଆତ୍ମନିୟମନ-ତତ୍ପର ହୋଇ
ଅନ୍ୱିତ ସାର୍ଥକ ସଙ୍ଗତିଶୀଳ ଅନୁନୟନରେ
ନିଜକୁ ବିନାୟିତ କରି
ଶ୍ରେୟାର୍ଥ-ଉପଚୟୀ ସୁସଂସ୍କୃତି ନେଇ ଚାଲ,
ବ୍ୟକ୍ତିତ୍ୱକୁ ପ୍ରସାରିତ କରି ତୋଳ
ଏପରି କରି,
ସ୍ୱସ୍ତି ତୁମର
ସମ୍ବର୍ଦ୍ଧିତ ହୋଇ
ବିସ୍ତାର ଲାଭ କରି ଚାଲୁଥିବ—
ପ୍ରସ୍ୱସ୍ତିର ପରମ ନନ୍ଦନାରେ । ୨୨ ।

॥ ଶ୍ରେୟତପାଃ ନ ହୋଇ
ଲକ୍ଷେ ଶ୍ରେୟସଙ୍ଗ ନିରର୍ଥକ ॥

ତୁମେ ଲକ୍ଷେ ପୂରୟମାଣ ମହାନ
ବା ସତ୍-ଜନଙ୍କ ସଙ୍ଗ କର ନା କାହିଁକି,
ତାଙ୍କ ସଂଶ୍ରୟରେ ଆଜୀବନହିଁ କଟାଅ ନା କାହିଁକି,
ତୁମେ ଯେପର୍ଯ୍ୟନ୍ତ
ତଦନୁବର୍ତ୍ତିତାର ସହିତ
ତଦର୍ଥପରାୟଣ ନ ହୋଇଉଠିଛ,—
ତୁମର ଯେକୌଣସି ପ୍ରତ୍ୟାଶାପୀଡ଼ିତ ହୀନମନ୍ୟତାକୁ
ବିଦାୟ ଦେଇ,
ଅଚ୍ୟୁତ ଅନୁରାଗ-ଉଦ୍ଦୀପୀ ଚଳନାରେ,
ତାଙ୍କରିହିଁ ପରିଚର୍ଯ୍ୟା-ପ୍ରବୁଦ୍ଧ
କ୍ଲେଶ-ସୁଖ-ପ୍ରିୟତାର ଆଲିଙ୍ଗନରେ

ନିଜକୁ ତଦନୁକୂଳେ ନିୟନ୍ତ୍ରଣ କରି,—
ତୁମର କିଛିହିଁ ହେବ ନାହିଁ ସେଥିରେ,
ବିବର୍ତ୍ତନୀ ବିବର୍ଦ୍ଧନ ଖୋରାକହିଁ ପାଇବନି,
ପୋଷଣ-ପ୍ରଦୀପ୍ତ ହୋଇଉଠିବନି ତା';
ସିନ୍ଧୁକୂଳେ ଯେତେ ହିଁ ରୁହ—
ଜଳାଭାବ ମେଣ୍ଟିବନି ତୁମର,
ଶୁଭ-ତପାହିଁ ଯଦି ହେବାକୁ ଚାହଁ,
ତୁମର ପ୍ରତ୍ୟାଶାପୀଡ଼ିତ ହୀନମନ୍ୟତାକୁ ବିଦାୟ ଦେଇ
ଶ୍ରେୟାର୍ଥୀ ସ୍ମିତ-କ୍ଲେଶ-ସୁଖ-ପ୍ରିୟତାକୁ
ଆଲିଙ୍ଗନ କରି
ସକ୍ରିୟ ଅନୁରାଗ-ଉଦ୍ଦୀପ୍ତ କରି ଚାଲ,
ସାର୍ଥକ ହେବ । ୩୩୭ ।

॥ ପ୍ରେରିତଙ୍କୁ ସ୍ୱୀକାର ନ କରି "ଈଶ୍ୱରଙ୍କୁ
ସ୍ୱୀକାର କରେ" କଥା ଅର୍ଥହୀନ ॥

ଯେଉଁମାନେ କୁହନ୍ତି "ଈଶ୍ୱରଙ୍କୁ ସ୍ୱୀକାର କରେ"
ଅଥଚ ତାଙ୍କର ବାର୍ତ୍ତିକ ଗୁରୁ-ପୁରୁଷୋତ୍ତମଙ୍କୁ
ଅନୁସରଣ କରେନା,
ବାସ୍ତବତାରେ ଈଶ୍ୱରଙ୍କୁ ସ୍ୱୀକାର କରନ୍ତିନି ସେମାନେ,
କାରଣ, ତଦ୍‌ବାର୍ତ୍ତିକ ପୂରୟମାଣ ଯୁଗପୁରୁଷୋତ୍ତମହିଁ
ଈଶ୍ୱରଙ୍କ ଜୀବନ୍ତ ବେଦୀ;
ପୁଣି, ଯେତେବେଳେହିଁ ତାଙ୍କର ଆବିର୍ଭାବ ହୁଏ,
ସିଏହିଁ ସେତେବେଳେ ବିଶ୍ୱଗୁରୁ— ଏକକହିଁ—
ଅଦ୍ୱିତୀୟ— ଅତୁଲ୍ୟ । ୩୩୪ ।

॥ ଧର୍ମାନୁଗ କୃଷ୍ଟିଚର୍ଯ୍ୟାରେ ଅବଜ୍ଞାଶୀଳ
ଯେଉଁମାନେ, ସେମାନେ ସ୍ୱଭାବତଃ ହିଁ
ଆତ୍ମ ଓ ଗଣ-ଘାତୀ ॥

ଇଷ୍ଟାର୍ଥ-ଅନୁପ୍ରେରଣାରେ ଗଣ-ସଂରକ୍ଷଣ,
ନିଜେ ଧର୍ମାଚାରୀ ହୋଇ ଲୋକକୁ ଧର୍ମଚାରୀ-କରଣ,
ଧର୍ମାନୁଗ କୃଷ୍ଟିଚର୍ଯ୍ୟା ଓ ଯୋଗ୍ୟତାର୍ଜ୍ଜନ,
ଅପରକୁବି
କୃଷ୍ଟିଚର୍ଯ୍ୟା ଓ ଧର୍ମାନୁଗ ଯୋଗ୍ୟତା-ଆହରଣରେ
ଉଦ୍‌ବୁଦ୍ଧ-କରଣ,
ଯେ ହିଁ ହୁଅନ୍ତୁ ନା କାହିଁକି,
ଯଥାସାଧ୍ୟ ଏହି ଆଚରଣରେ,
ଯେଉଁମାନେ ଔଦାସୀନ୍ୟ ବା ଅବଜ୍ଞା ପ୍ରଦର୍ଶନ କରନ୍ତି—
ସେମାନେ ଆତ୍ମଘାତୀ ଓ ଗଣଘାତୀ;
ଅଧର୍ମହିଁ ଯେ ସେମାନଙ୍କର ଏକମାତ୍ର ନିୟନ୍ତା
ଏଇଟା କିନ୍ତୁ ନିଃସନ୍ଦେହର । ୩୩୩ ।

॥ ଧର୍ମର ଛଦ୍ମବେଶରେ ଶାତନ-ଧର୍ମର
ଅନୁଚର୍ଯ୍ୟା କରିବାକୁ ଯାଅନା ॥

ଧର୍ମର ଛଦ୍ମବେଶରେ ଶାତନ-ଧର୍ମର
ଅନୁଚର୍ଯ୍ୟା କରିବାକୁ ଯାଅନା,
ଯେଉଁଥିରେ ବିକେନ୍ଦ୍ରିକ ହୋଇଉଠ,
ଅବିବେକୀ ସଂସ୍କାରାବଦ୍ଧ ହୋଇଉଠ,
ସଂହତିଚ୍ୟୁତ ହୋଇଉଠ,
ଅନୁକମ୍ପାହରା ହୋଇଉଠ,
ଜୀବନଜ୍ୟୋତିଃ ସୌରତ-ସନ୍ଦୀପନାରେ
ବୀତରାଗ ହୋଇଉଠେ,
ପ୍ରୀତି, ବୀର୍ଯ୍ୟ, ବିକ୍ରମ ପରାଙ୍ମୁଖ ହୋଇ
ତୁମଠାରୁ ବିଦାୟ ଗ୍ରହଣ କରେ,—
ସେଇ ଜାତୀୟ ଧର୍ମବ୍ରତ ଉଚ୍ଛନ୍ନରେ ଯିବାରହିଁ ପନ୍ଥା,
ଏହିଭଳି କିଛି କରିବାକୁ ଯାଅନା
ଯେଉଁଥିରେ ବୀର୍ଯ୍ୟହୀନତା ବା କୁଜନନରେ
ଆତ୍ମାହୂତି ଦେବାକୁ ହୁଏ,
ପୌରୁଷତ୍ୱ ଯେତେ ଶ୍ଳଥ ହୋଇଯାଏ—
କ୍ଲୀବତାବି ସେତେ ଜନ ଓ ଜାତିକୁ ଆଗୋଳି ଧରେ,
ମନେରଖ—
ଧର୍ମର ଅବିରୁଦ୍ଧ ଯେଉଁ କାମ
ସେଇ କାମରେହିଁ ଈଶ୍ୱରଜ୍ୟୋତିଃ ନିହିତ,
ତେଣୁ, ଧର୍ମ-ସାମ୍ରାଜ୍ୟରେ କୌମାର୍ଯ୍ୟର ପ୍ରତିଷ୍ଠା
ଅପରିହାର୍ଯ୍ୟହିଁ ନୁହେଁ,
ବରଂ ସତ୍ତାପୋଷଣୀ ଧର୍ମ-ସଂରକ୍ଷୀ
ବୈଧୀ କାମ-ନିୟନ୍ତ୍ରଣର ପ୍ରତିଷ୍ଠାହିଁ ଅଛି ସେଥିରେ—
ବିଶେଷ କ୍ଷେତ୍ର ବ୍ୟତିରେକେ । ୩୩୫ ।

(ଧୃତି-ବିଧାୟନା, ୧ମଖଣ୍ଡ)

ପରମପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ମତ ଓ ମନ୍ତବ୍ୟ
ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦାଙ୍କ ପ୍ରତି

ଦିନେ ଠାକୁରଙ୍କ ପାର୍ଲରରେ ବସିଥାଏ । ଅନେକେହିଁ ଥା'ନ୍ତି । ବଡ଼ଦା ଆସିଲେ । ଠାକୁରଙ୍କ ସହିତ କ'ଣ ଗୋଟାଏ କଥା କହିଲେ, ଚାଲିଗଲେ । ଠାକୁର ବଡ଼ଦାଙ୍କ ଯିବା ବାଟକୁ ଜିଜ୍ଞାସ୍ତ ଚାହିଁ ରହିଲେ । ତା'ପରେ କୃଷ୍ଣଦାଙ୍କ ଆଡ଼କୁ ବୁଲି କହିଲେ,— "ବଡ଼ପୁଅ ଯେତେବେଳେ ଆସେ, ସେତେବେଳେ ଆପଣମାନଙ୍କର କିଛୁ ଉଚିତ୍, ଉଠି ଠିଆହୋଇ ତା'କୁ ସମ୍ବର୍ଦ୍ଧନା ଜଣାଇବା ।"

ଆଉ ଗୋଟିଏ ଦିନ କାଜଲଦାଙ୍କୁ କହିଲେ— 'କାହିଁ, ବଡ଼ପୁଅକୁ ତ ଆଜି ପ୍ରଣାମ କରିଲୁନି ? ଠାକୁର ଯେ ସେଦିନ ବେଶ୍ କ୍ଷୁଣ୍ଣ ହୋଇଛନ୍ତି, ତା' ତାଙ୍କର କହିବା ଧରଣରୁ ହିଁ ଧରା ପଡ଼ିଲା । କାଜଲଦା ସବିନୟ କହିଲେ— "ବଡ଼ଦା ଏଠାରେ ନାହାଁନ୍ତି, କଲିକତା ଯାଇଛନ୍ତି ।" ଠାକୁର କହିଲେ— "ସେଥିରେ କ'ଣ ଅଛି ? ତା'ର ଆସନ ତ ରହିଛି, ବିଛଣା ତ ରହିଛି, ସେଠାରେ ତ ପ୍ରଣାମ କରିପାରିଥା'ନ୍ତୁ ।" *('ଆଲୋଚନା', ୧୩୬୮, (ଚଂ), ପୃ.-୪୮)*

ଶ୍ରୀଯୁକ୍ତ ସିଦ୍ଧେଶ୍ୱର ଭଟ୍ଟାଚାର୍ଯ୍ୟ (କାଶୀ ହିନ୍ଦୁ ବିଶ୍ୱବିଦ୍ୟାଳୟର ସଂସ୍କୃତ ଅଧ୍ୟାପକ) ମହାଶୟ ଶ୍ରୀଶ୍ରୀଠାକୁରଙ୍କ ଦର୍ଶନରେ ଆସିଥିଲେ । ସେ ଶ୍ରୀଶ୍ରୀଠାକୁରଙ୍କୁ ପଚାରିଲେ ତାଙ୍କ ତିରୋଧାନ ପରେ ସଂଘର ଭାର କା' ଉପରେ ଦେଇ ଯିବେ । ଶ୍ରୀଶ୍ରୀଠାକୁର ସେଦିନ କହିଥିଲେ, "ମୋର ବଡ଼ପୁଅ ଉପରେ ହିଁ ସବୁ ଭାର ରହିବ । ଶାସ୍ତ୍ରରେ କୁଆଡ଼େ ଅଛି, ବଡ଼ ପୁଅଉହିଁ ବୃଦ୍ଧାନ୍ତରେ ଅଧିକାର ଅଛି । ମୁଁ ତା'କୁହିଁ ସବୁ ଦେଇଯିବି ।"

('ଆଲୋଚନା', ମାର୍ଗଶୀର, ୧୩୭୮, ପୃ.-୪)

ଲଂ-୨୫-୧୦-୫୪ ତାରିଖ

ବଡ଼ାଲ-ବଙ୍ଗଳାର ବାରଣ୍ଡାରେ ଠାକୁର ଦିନେ ହଠାତ୍ ଖୁବ୍ ଅସୁସ୍ଥ ବୋଧ କରନ୍ତି । ସେତେବେଳେ ତାଙ୍କ ନିକଟରେ ବଡ଼ଦା, କେଷ୍ଟଭାଇ ଏବଂ ମୁଁ (ଶ୍ରୀ ଚୁନିଲାଲ ରାୟଚୌଧୁରୀ) ଠିଆ ହୋଇଥାଉ । ଠାକୁର ତତ୍‌କ୍ଷଣାତ୍ ମୋ ଆଡ଼କୁ ଚାହିଁ କହିଲେ, "ଏଇ ଦେଖ୍ ! ମୋର ଯଦି କିଛି ହୋଇଯାଏ, ତେବେ ବଡ଼ପୁଅ ରହିଲା, ତା'କୁ ମଥାରେ ନେଇ ତୁମେ ସବୁ ଚାଲିବ !"

କେଷ୍ଟଭାଇ ଯେତେବେଳେ ସତ୍‌ସଙ୍ଗର କାର୍ଯ୍ୟକର୍ମର ଦାୟିତ୍ୱଭାର ନେଇ ଅଛନ୍ତି ସେହି ସମୟରେ ସତ୍‌ସଙ୍ଗର ରେଜିଷ୍ଟାର୍-ବହିର ମେମ୍ବରମାନଙ୍କର ମିଆଦ କାଳ ଶେଷ ହୋଇଗଲା । ଠାକୁରଙ୍କ ପାଖକୁ ଗଲି ନିର୍ବାଚନର କଥା ଜାଣିବାକୁ, କିଏ ଦାୟିତ୍ୱଭାର ନେବେ,— କ'ଣ ଠାକୁରଙ୍କର ଅଭିପ୍ରାୟ ।

ଠାକୁର କହିଲେ— "ବଡ଼ପୁଅହିଁ ସବୁ ଦେଖାଶୁଣା କରିବ, ବଡ଼ପୁଅ ହିଁ ସବୁ ପରିଚାଳନା କରିବ । ସେ ତୁମ୍ଭମାନଙ୍କ କମିଟି ଭିତରେ ରହି ହିଁ ହେଉ, ବା ବାହାରେ ରହି ହିଁ ହେଉ ।"

ଅର୍ଥାତ୍, ସବୁ ବିଷୟ ପାଇଁହିଁ ବଡ଼ପୁଅ ।

— କମିଟିଣା ହେଉଛି, କା' ନାଁରେ ହେବ ?

— ଠାକୁର କହିଲେ— "ବଡ଼ପୁଅ ନାଁରେ ।"

— ଗାଡ଼ି କା' ନାମରେ କିଣାହେବ ?

— "ବଡ଼ପୁଅ ନାଁରେ ।"

— ପାଞ୍ଚା କିଏ ଦେବେ ?

— "ବଡ଼ପୁଅ ।"

— ଦଣ୍ଡ କିଏ ଦେବେ ?

— "ବଡ଼ପୁଅ ।"

('ଆଲୋଚନା', ମାର୍ଗଶୀର, ୧୩୭୮, ପୃ.-୪୮)

ଲଂ ୦୯।୧୦।୬୮, ବୁଧବାର,

ଶ୍ରୀଶ୍ରୀଠାକୁର ଛୋଟ ଘରଟି ଭିତରେ ବସିଛନ୍ତି, ତ୍ରୈଲୋକ୍ୟଭାଇ (ଚକ୍ରବର୍ତ୍ତୀ)ଙ୍କୁ ତାଙ୍କ ପାଖକୁ ଡାକିଲେ ।

ଶ୍ରୀଶ୍ରୀଠାକୁର— ତ୍ରୈଲୋକ୍ୟଦା ! ଏବେ ଆଉ ହିମାଳୟପୁର ଗଲେ ଭଲ ହୁଅନ୍ତା ନି ?

ତ୍ରୈଲୋକ୍ୟଭାଇ— ଯେତେଥର ତ ଆପଣ ହିମାଳୟପୁର ଯିବା କଥା କହିଛନ୍ତି; କିନ୍ତୁ ପାକିସ୍ଥାନର ପରିବେଶ ଓ ପରିସ୍ଥିତି ଯେତେଦିନ ପର୍ଯ୍ୟନ୍ତ ପରିବର୍ତ୍ତନ ନ ହେଉଛି, ସେତେଦିନ ପର୍ଯ୍ୟନ୍ତ ତା'ର କୌଣସି ଆଶା ନାହିଁ ।

ଶ୍ରୀଶ୍ରୀଠାକୁର— ଶୁଣନ୍ତୁ, ତ୍ରୈଲୋକ୍ୟଦା ! ହିମାଳୟପୁର ମୂଳ ଆଶ୍ରମର ସଂସ୍ଥା "ଦେଓଘର" ହେବ । ଆଉ, ତା'ର ପ୍ରକୃତ କର୍ମ 'ସତ୍‌ସଙ୍ଗ' ଦ୍ୱାରା ଚାଳିତ ହେବ । ଆଉ, ଅନ୍ୟ ଯେଉଁକୌଣସି ସ୍ଥାନରେ ବି ଋତ୍ୱିକ୍‌ମାନଙ୍କର ଅଫିସ ମନୋନୀତ କରନ୍ତୁ ନା କାହିଁକି, ତାହା କିନ୍ତୁ ସ୍ଥାୟୀ ହେବନି । ଋତ୍ୱିକ୍‌ମାନେ ଯଦି ପରସ୍ପର ମିଳିତ ଭାବରେ କାର୍ଯ୍ୟ କରନ୍ତି, ତେବେହିଁ ସେଥିରେ ସେମାନଙ୍କର ଲାଭ ହେବ । ଆଉ ଯଦି ଋତ୍ୱିକ୍‌ମାନେ ଧନଗର୍ବରେ ଗର୍ବିତ ହୋଇ ପରସ୍ପରର ବିରୁଦ୍ଧରେ ମାମଲା-ମୋକଦ୍ଦମା କରନ୍ତି, ତେବେ ଭୟଙ୍କର ହିଁ କ୍ଷତି । ମୁଁ ଅନେକ ଚିନ୍ତା ପରେ ସତ୍‌ସଙ୍ଗର ଚାଳକ ହିସାବରେ ବଡ଼ଖୋକାକୁ ଭାର ଦେଲି । (ପରମପୂଜ୍ୟପାଦ ବଡ଼ଦାଙ୍କୁ) ଶ୍ରୀଶ୍ରୀଠାକୁର ବଡ଼ପୁଅ (ବଡ଼ଖୋକା) ବୋଲି ଡାକନ୍ତି ।) ଅନ୍ୟ କୌଣସି ବ୍ୟକ୍ତି ଉପରେ ଏ ଭାର ଦିଆ ଯାଇପାରେନା । ବର୍ତ୍ତମାନ ପରମପିତାଙ୍କ ଇଚ୍ଛା ଅନୁଯାୟୀ ସେ ଚାଲିଲେହିଁ କାମ



ହେବ ।'' *('ଆଲୋଚନା', ମାର୍ଗଶୀର, ୧୩୬୮, ପୃ.-୫୯)*

''ବଡ଼ପୁଅର ଦେହ ଭଲ ନାହିଁ । ତା'ର ବୁଦ୍ଧି ଅଛି, ବରବ ବି ଅଛି, ପୁଣି କର୍ମଶକ୍ତି ବି କମ୍ ନୁହେଁ । ତେବେ ବଡ଼ବୋଉ ଭଳି ଟିକିଏ ରାଖଭାରୀ । ଲୋକେ ପ୍ରଥମେ ଠଉରେଇ ପାରନ୍ତିନି; ଯେତେ ମିଶନ୍ତି ସେତେ ଦେଖନ୍ତି ଅନ୍ତରରେ ମଧୁଭରା । ତା'ର ଦେହଟା ପାଇଁ ବଡ଼ ଚିନ୍ତା ହୁଏ ।''

('ଆଲୋଚନା-ପ୍ରସଙ୍ଗ', ୩ୟଖଣ୍ଡ, ଲଂ°୦୭।୦୧।୪୨)

କଥାପ୍ରସଙ୍ଗରେ ଶ୍ରୀଶ୍ରୀଠାକୁର ହସ ହସ ମୁହଁରେ କହିଲେ— ବଡ଼ପୁଅ ଗୋଟାଏ shelter of people (ଲୋକଙ୍କର ଆଶ୍ରୟସ୍ଥଳ) ହୋଇ ଠିଆ ହୋଇଛି, ମୁଁ ବଡ଼ ଖୁସି ।

('ଆଲୋଚନା-ପ୍ରସଙ୍ଗ, ୧୨ଶଖଣ୍ଡ, ଲଂ-୨୪।୦୭।୪୮)

''ବଡ଼ପୁଅର ଏସବୁ ବ୍ୟାପାରରେ (ପଶୁପକ୍ଷୀଙ୍କର ଭାଷା ଶିକ୍ଷା) ଖୁବ୍ interest (ଆଗ୍ରହ) ଓ observation (ପର୍ଯ୍ୟବେକ୍ଷଣ) ଅଛି । ଗୋରୁ, କୁକୁର, ବିରାଡ଼ି, ପକ୍ଷୀ, ସାପ, ବେଙ୍ଗ, ବାଘ ପ୍ରଭୃତି ସବୁ ଜନ୍ତୁଙ୍କର ଆଚାର-ଆଚରଣ, କାଇଦା-କରଣ ସମ୍ବନ୍ଧରେ ବି ଅନେକ କଥା ଜାଣେ । ଆଉ ସେ ଫାଙ୍କା କଥା ନୁହେଁ, ବାସ୍ତବତା ସହିତ ସେସବୁର ଖୁବ୍ ମେଳ ଅଛି । ପୁଣି, କେଉଁ ଲୋକଟାର ଚାଲି-ଚଳଣ, ରକମ ଓ ପ୍ରକୃତି କି ଭଳି, ସେ ସମ୍ବନ୍ଧରେ ବି ତା'ର ଖୁବ୍ ସୁନିର୍ଦ୍ଦିଷ୍ଟ ଧାରଣା ଅଛି ।''

('ଆଲୋଚନା-ପ୍ରସଙ୍ଗ', ୨ୟଖଣ୍ଡ, ଲଂ-୨୨।୧୨।୪୧)

ପହିଲା ବୈଶାଖ, ୧୩୫୦ ସାଲ ନବବର୍ଷ

ଭୋରୁ ସ୍ନାନ ସାରି ଶ୍ରୀଶ୍ରୀଠାକୁରଙ୍କ ଚମ୍ବୁ ସାମ୍ନାକୁ ଗଲି । ଶ୍ରୀଶ୍ରୀଠାକୁର ଶୋଇଥିଲେ, ଉଠି ବସିଲେ । କହିଲେ— ବଡ଼ପୁଅ, ମୁଁ ଯେପରି ଭାବରେ ଯା' କିଛି କରେ, ଠିକ୍ ସେପରି ଭାବରେ ହିଁ ସବୁ କରେ । ମଝିରେ ମଝିରେ ମନେହୁଏ ସେ ଯେଉଁ ବାପ, ମୁଁହିଁ ଯେଉଁ ପୁଅ ।'' *('ଦୀନପଞ୍ଜୀ',ଶ୍ରୀକୃଷ୍ଣପ୍ରସନ୍ନ ଭଟ୍ଟାଚାର୍ଯ୍ୟ, ଚତୁର୍ଥାଚାର୍ଯ୍ୟ)*

ବଡ଼ ପୁଅର ଯେ ଏତେଟା କ୍ଷମତା ଅଛି ତା' ମୋର ଜଣା ନ ଥିଲା । ପରିସ୍ଥିତିକୁ ଆୟତ୍ତରେ ଆଣିବା ଲାଗି ସେ ଯେପରି ବୁଦ୍ଧିମତ୍ତା, ସାହସ ଓ କୌଶଳ ସହିତ ଅଗ୍ରସର ହେଉଛି, ସେଥିରେ ଅଦୂର ଭବିଷ୍ୟତରେ ସୁଫଳ ଫଳିବା ଅସମ୍ଭବ ନୁହେଁ ।

('ଆଲୋଚନା-ପ୍ରସଙ୍ଗ', ୫ମ ଖଣ୍ଡ, ଲଂ-୦୭।୦୫।୪୩)

ଶ୍ରୀଯୁକ୍ତ ଏନ୍.ସି. ଚାଟାର୍ଜୀ ସପରିବାର ଖୁବ୍ ଶୀଘ୍ର ଦେଓଘର ଆସି କିଛିଦିନ ଶ୍ରୀଶ୍ରୀଠାକୁରଙ୍କ ସାନ୍ନିଧ୍ୟରେ ରହିବେ, ଏଇ ମର୍ମରେ ଶ୍ରୀଶ୍ରୀଠାକୁରଙ୍କ ପାଖକୁ ସୁଶୀଳଭାଇ (ବୋଷ) ଚିଠି ଦେଇଛନ୍ତି । ଶ୍ରୀଶ୍ରୀଠାକୁର ଚିଠିଟା ଦେଖି ପ୍ରଫୁଲ୍ଲଭାଇଙ୍କୁ (ଦାସ) କହିଲେ—

''ଶୀଘ୍ର ଯାଇ ବଡ଼ପୁଅକୁ ଚିଠିଟା ଦେଖାଇ ଆଣ । ତା' କାନରେ ସମ୍ବାଦଟା ଗଲେ, ଯାହା ଯାହା ବ୍ୟବସ୍ଥା କରିବାର ସେହିଁ କରି ପାରିବ । ଏଭଳି ଦାୟିତ୍ୱଶୀଳ ଲୋକ ଆଉ ଦ୍ୱିତୀୟଟି ଦେଖେନା । *('ଆଲୋଚନା-ପ୍ରସଙ୍ଗ', ୧୧ଶଖଣ୍ଡ, ଲଂ-୨୪।୦୨।୪୮)*

ବଡ଼ପୁଅ ସାମ୍ନାକୁ ଆଗାଏନା; କିନ୍ତୁ ପଛକୁ ସବୁ ଦିଗକୁ ଲକ୍ଷ୍ୟ ରଖି ଯେତେବେଳେ ଯେଉଁଠି ଯାହାକୁ ଦେଇ ଯାହା କରିବାର ସୁଷ୍ଠୁ ଭାବରେ କରାଇ ନିଏ । ପୁଅର କ୍ଷମତା ଅଛି !''

('ଆଲୋଚନା-ପ୍ରସଙ୍ଗ', ୬ଷ୍ଠଖଣ୍ଡ, ଲଂ-୧୮।୧୦।୪୫)

ସମ୍ପ୍ରତି ଫିଲାନଥ୍ରପୀ ଅଫିସ ପରିଚାଳନାର ଦାୟିତ୍ୱ ପଡ଼ିଛି ବଡ଼ବାଙ୍କ ଉପରେ । କି ଭାବେ କ'ଣ କରୁଛନ୍ତି, ସେ ସମ୍ବନ୍ଧରେ ସେ ମୋଟାମୋଟି କହିଲେ ।

ଶ୍ରୀଶ୍ରୀଠାକୁର ସବୁ ଶୁଣି ଖୁବ୍ ପ୍ରୀତ ହେଲେ । ହସି ହସି କହିଲେ— ଗୋଟାଏ ଠେଲାରେ ସବୁ ଠିକ୍ ହୋଇଯିବ ।

('ଆଲୋଚନା-ପ୍ରସଙ୍ଗ', ୧୦ମଖଣ୍ଡ, ଲଂ-୦୮।୦୧।୪୮)

ଆଜି ଦ୍ୱିପ୍ରହରେ ଅତ୍ୟଧିକ ଗରମ ଯୋଗୁ ଶ୍ରୀଶ୍ରୀଠାକୁରଙ୍କର ନିଦ ଭଲ ହୋଇନି । ସେହି ପ୍ରସଙ୍ଗରେ ଶ୍ରୀଶ୍ରୀଠାକୁର କହିଲେ, ଇଲେକ୍‌ଟ୍ରିକ୍ ଫ୍ୟାନ୍‌ର ପବନ ଅପେକ୍ଷା ବଡ଼ ତାଳପତ୍ର ପଙ୍ଖାର ପବନ ବରଂ ଭଲ । ଶୁଣିଲି ବଡ଼ପୁଅ କାହାକୁ ଆଣିବାକୁ ଦେଇଛି । ବୁଝିସୁଝି କରିବାର ବୁଦ୍ଧି ତା'ର ଖୁବ୍ ଅଛି । ଅନୁରାଗ ଥିଲେ ହିଁ ଅନୁସନ୍ଧିତ୍ସୁ ସେବାବୁଦ୍ଧି ଗଜାଏ ।

('ଆଲୋଚନା-ପ୍ରସଙ୍ଗ', ୧୧ଶଖଣ୍ଡ, ଲଂ-୦୭।୦୫।୪୮)

ଲୋକର ଜୀବନରେ stay (ସ୍ଥିତିଭୂମି) ଦରକାର, ଯା' ଉପରେ ସେ ନିର୍ଭର କରେ, ଯେ ବହେ, ରଖେ, ପାଳେ, ତା'ର ସବୁ ଦେଇ; ଯେମିତି ମୁଁ ଅଛି, ତୁମ୍ଭେମାନେ ଅଛ । ତୁମ୍ଭମାନଙ୍କର କଷ୍ଟହେବା କଠିନ, ଯେତେଦିନ ମୁଁ ରହିଛି । ପୁଣି, ବଡ଼ପୁଅ ଯେପରି ଅଛି, ଯେଉଁଭଳି ଅଛି ତା'କୁ ଦେଖୁଛି, ମୁଁ ଚାଲିଯିବା ପରେ ସେ ଥିଲେ, କିମ୍ବା ପରେ ତା' ଭଳି ଆଉ କେହି ଯଦି ହୋଇ ଉଠନ୍ତି, ତୁମ୍ଭେମାନେ କଷ୍ଟପାଇବନି ବୋଲି ଭରସା ହୁଏ ।''

('ଆଲୋଚନା-ପ୍ରସଙ୍ଗ', ୧୪ଶଖଣ୍ଡ, ଲଂ-୧୯।୦୮।୪୮)

''ବଡ଼ପୁଅର ଶୁଣେ ଖୁବ୍ ଲୋକପାଳୀ ସ୍ୱଭାବ । ନିଜଘରେ ଖାଇବାକୁ ଥାଉ କି ନ ଥାଉ, ତା' ନିକଟ ପରିବେଶରେ ଯେ ସବୁ ଲୋକ ଥା'ନ୍ତି ସେମାନଙ୍କୁ କାହାକୁ କଷ୍ଟ ପାଇବାକୁ ଦେବନି । ଆଗେ ସେମାନଙ୍କର ବ୍ୟବସ୍ଥା କରିବ, ତା'ପରେ ନିଜ ସଂସାରର । ପିଲାପିଲିମାନେ ବି ବେଶ କଷ୍ଟସହିଷ୍ଣୁ, କୌଣସି ବାହାନା ନାହିଁ ।''

('ଆଲୋଚନା-ପ୍ରସଙ୍ଗ', ୩ୟଖଣ୍ଡ, ଲଂ-୦୭।୦୭।୪୨)

ଆର୍ଯ୍ୟକୃଷ୍ଟି

ମାନବିକତାର ମାନଦଣ୍ଡ

॥ ତୁମର ସଂସ୍କୃତି, ପରିଣତି ଓ ପ୍ରକୃତି ନିର୍ଭର କରେ କାହା ଉପରେ ?

ଐଶୀ-ପ୍ରଭାବ
ତୁମେ ଯେଉଁ ବୃତ୍ତି ଦ୍ୱାରାହିଁ
ବିଶେଷିତ କରି ଚାଲିବ,—
ତୁମର ସଂସ୍କୃତିବି ହେବ
ସେହିପରି,
ପ୍ରକୃତିବି ହୋଇଉଠିବ ସେପରି,
ତୁମେ ହେବ ବି ତା'ହିଁ,
ପରିଣତିବି ହେବ ସେହିପରି । ୬ ।

॥ ଛନ୍ନଛଡ଼ା ସଂଯୋଗରେ ବିପର୍ଯ୍ୟସ୍ତ ନ ହେଲେ ବୈଶିଷ୍ଟ୍ୟ ଦିନେ ନା ଦିନେ ଫୁଟି ଉଠେହିଁ ॥

ବୈଶିଷ୍ଟ୍ୟ ଯଦି ପୂତଧାରାରେ ଚାଲେ,
ବିକୃତି-ବିକ୍ଷୁବ୍ଧ ନ ହୁଏ,
ଅସୌଷ୍ଠବ-ସଂଯୋଗରେ ବିଡ଼ମ୍ବିତ ନ ହୁଏ,
ବିକ୍ଷିପ୍ତ ବିନ୍ୟାସରେ ଛନ୍ନଛଡ଼ା ସଂଯୋଗରେ
ନିଜକୁ ଗଢ଼ି
ଏକପ୍ରକାରିଆ କରି ନ ତୋଳେ,
ତେବେ ସେ ଯେଉଁ ଅବସ୍ଥାରେହିଁ ପଡ଼ୁ ନା କାହିଁକି,
ଯଦି ବଜାୟ ରହେ,
ସେ ପରିସ୍ଥିତି ହୋଇଉଠେ କି ଉଠେହିଁ—
ସ୍ଫୋଟନ-ବିଭାବରେ । ୭ ।

॥ ପ୍ରେରିତପୁରୁଷଙ୍କ ବାଣୀର ପରିଚୟ ॥

ବ୍ୟଷ୍ଟିବୈଶିଷ୍ଟ୍ୟକୁ ଅବଜ୍ଞା କରି
ବା ବ୍ୟତ୍ୟୟୀ-ଆଚାର-ସଂବିଦ୍ଧ କରି
ଯେଉଁ ନୀତି ବା ଅନୁଶାସନର ଅବତାରଣା
ତା' କିନ୍ତୁ କୌଣସି ପ୍ରେରିତପୁରୁଷଙ୍କ
ସୁବୀକ୍ଷଣୀ ସିଦ୍ଧନୀତି ବା ଅନୁଶାସନ ନୁହେଁ,
ଗୋଟେକଥାରେ,
ପ୍ରେରିତପୁରୁଷଙ୍କ କଥାହିଁ ନୁହେଁ ତା',
ଏପରିକି,
ତା' ମନୀଷୀ-ବାଦବି ନୁହେଁ;
ସେପରି ପ୍ରକୃତିର ଅସ୍ତିବୃଦ୍ଧିକୁ
ଅବବଳିତ ବା ବିଡ଼ମ୍ବିତ କରି
ଯେଉଁ ନୀତି ବା ଅନୁଶାସନର ଅବତାରଣା
ତା'ବି କିନ୍ତୁ କୌଣସି ପ୍ରେରିତପୁରୁଷଙ୍କ
ବିଧିବୀକ୍ଷଣୀ ନୀତି ବା ଅନୁଶାସନ ନୁହେଁ;
ପୁଣି,
ଶ୍ରେୟକେନ୍ଦ୍ରିକ ରାଗବ୍ୟୋତନାକୁ ଉପେକ୍ଷା କରି
ବା ଆଚାର୍ଯ୍ୟ-ଅନୁରାଗକୁ ଉପେକ୍ଷା କରି
ବା ସାତ୍ତ୍ୱିକ ଧୃତିକୁ ବା ଧର୍ମକୁ
ଉପେକ୍ଷା କରି
ସଙ୍ଗତିହରା ବାତୁଳ ବିପର୍ଯ୍ୟୟୀ
ନୀତି ବା ଉପଦେଶ—
ତା'ବି କିନ୍ତୁ କୌଣସି ପ୍ରେରିତପୁରୁଷୋତ୍ତମଙ୍କ
ଅନୁବେଦୀ ବାଣୀ ନୁହେଁ । ୧୧ ।

॥ ବୈଷମ୍ୟ-ଅପନୋଦନର ବନାମେ ବୈଶିଷ୍ଟ୍ୟକୁ ବ୍ୟର୍ଥ ହେବାକୁ ଦିଅନା ॥

ବୈଶିଷ୍ଟ୍ୟପାଳୀ ଆପୂରୟମାଣ ଆଦର୍ଶରେ
ସୁଦୃଢ଼ ହୋଇଉଠ,
ଅଚ୍ୟୁତ ସୁକେନ୍ଦ୍ରିକ ଆତ୍ମନିୟନ୍ତ୍ରଣ-ତତ୍ପର
ହୋଇ ଚାଲ,
ସଙ୍ଗତିହରା ବୈଷମ୍ୟ—
ଅର୍ଥାତ୍ ଯା' ମଣିଷକୁ
ଘୃଣା କରିବାକୁ ଅଭ୍ୟସ୍ତ କରିତୋଳେ,
ଅଶ୍ରଦ୍ଧା ସୃଷ୍ଟି କରେ,
ଅସ୍ନେହ-ତତ୍ପର କରିତୋଳେ,—
ତା'କୁ ପ୍ରଶ୍ରୟ ଦିଅନା;

ପୁଣି, ବେଶ କରି ନଜର ରଖ —
ବୈଶିଷ୍ଟ୍ୟବି ଯେପରି ବ୍ୟାହତ ନ ହୁଏ, —
ଯା' ମଣିଷର ବର୍ଣ୍ଣ, କୁଳ,
ପ୍ରକୃତି-ସଞ୍ଜାତ ଶୁଭ-ସଂସ୍କାର
ଓ ବିଶେଷତ୍ୱକୁ
ବିଶେଷ ଧାରାରେ ଉଭିନ କରିତୋଳେ —
ଶ୍ରଦ୍ଧାରେ, ଜ୍ଞାନରେ, ବାକ୍ୟରେ, ବ୍ୟବହାରରେ, ଅନୁଚର୍ଯ୍ୟାରେ;
ଅସଙ୍ଗତ-ବୈଷମ୍ୟ-ଅପନୋଦନ ବନାମେ
ବୈଶିଷ୍ଟ୍ୟକୁ ବ୍ୟର୍ଥ ହେବାକୁ ଦିଅନା
କୌଣସିମତେହିଁ । ୮ ।

॥ ମାନବିକତାର ମାନଦଣ୍ଡ ॥

ମାନବିକତାର ମାନଦଣ୍ଡହିଁ ହେଉଛି
ଆଭିଜାତ୍ୟବୋଧ ଓ ବୈଶିଷ୍ଟ୍ୟାନୁପ୍ରାଣତା । ୨ ।

॥ କୌଣସି ବୈଶିଷ୍ଟ୍ୟକୁ ଅବହେଳା କରିଲେହିଁ ଅବଜ୍ଞାର ପାତ୍ର ହୋଇଉଠିବ ॥

କୌଣସି ବୈଶିଷ୍ଟ୍ୟକୁହିଁ
ଅବହେଳା କରନା,
ପ୍ରତ୍ୟେକର ହିଁ ବିଶେଷତ୍ୱର
ଅଭିନନ୍ଦନୀ ଆପ୍ୟାୟନା ନେଇ ଚାଲୁଥାଅ —
ଆଦର୍ଶ, ଧର୍ମ, କୃଷ୍ଟିର ସାର୍ଥକ ସଙ୍ଗତିର
ଗୋଟେକଥାରେ ସଚ୍ଚାପୋଷଣୀ ଯା'
ତା'ର ବ୍ୟତିକ୍ରମ ଓ ବିପର୍ଯ୍ୟୟ ନେଇ ଆସେ
ଏହିଭଳି ଯା'କିଛି ଛଡ଼ା,
ସେଇ ବିପର୍ଯ୍ୟୟୀ ଯା'
ତା'କୁ ନିରୋଧ କରିବାକୁ ହେଲେ
ନିରୋଧୀ ଅନୁଚଳନ ନେଇ
ହୃଦ୍ୟ ଅନୁକମ୍ପାଶୀଳ ହୋଇ ରୁହ —
ଆତ୍ମମର୍ଯ୍ୟାଦା,
ବଂଶ-ମର୍ଯ୍ୟାଦା,
ଓ ତପୋମର୍ଯ୍ୟାଦାର
ପୁରଶ୍ଚରଣୀ ଅନୁଦୀପନା ନେଇ;
ସ୍ମରଣ ରଖ —
କା'ରିବି ବୈଶିଷ୍ଟ୍ୟ ପ୍ରତି ଅବଜ୍ଞା
ବା ଅବହେଳା
ତୁମକୁବି ଅବଜ୍ଞାର ପାତ୍ର
କରିତୋଳିବ । ୯ ।

॥ ବୈଶିଷ୍ଟ୍ୟକୁ ଲୋପ କରି ଔଦାର୍ଯ୍ୟକୁ ପ୍ରଶ୍ରୟ ଦେଇ ସବୁ ହରାଅନା ॥

ବୈଶିଷ୍ଟ୍ୟକୁ ଲୋପ କରି
ଲୁବ୍ଧ-କୁଳଟା-ଔଦାର୍ଯ୍ୟକୁ
ପ୍ରଶ୍ରୟ ଦେବାକୁ ଯାଅନା;
ଯେଉଁଥିରେ ତୁମର ଆଭିଜାତ୍ୟ-ଉତ୍କର୍ଷ-ବିଶେଷତ୍ୱ
ଗୋଟେ ବିଶାଳ ପତନର
ଶିକାର ହୋଇଉଠେ, —
ସେଥିରେ ତୁମର ଭଲ ନାହିଁଟି,
କାରଣ, ତା' ତୁମର ବୈଶିଷ୍ଟ୍ୟକୁ
ପାତିତ୍ୟର ଅଙ୍କରେ ଆହୁତି ଦେବ,
ଆଉ, ଯା'ର ଲୋଭରେ ଲୋପାଟ ଦେଉଛ
ତା'କୁ ବି ବିମର୍ଦ୍ଦିତ କରିତୋଳିବ;
ଯା'ର ଯେପରି ଆଭିଜାତ୍ୟ,
ତା'ହିଁ ତା'ର ଭଲ,
ପ୍ରତ୍ୟେକର ଆଭିଜାତ୍ୟକୁ
ସମୀଚୀନ ସମ୍ମାନରେ
ଅଭିନନ୍ଦିତ କରିତୋଳ । ୧୦ ।

॥ ଆଭିଜାତ୍ୟାନୁଗ ବୈଶିଷ୍ଟ୍ୟରେ ଯେଉଁମାନେ ଆଘାତ ଦିଅନ୍ତି ସେମାନେ ଜାତିର ଶତ୍ରୁ ॥

ଆଭିଜାତ୍ୟାନୁଗ ବୈଶିଷ୍ଟ୍ୟରେ
ଯେଉଁମାନେ ଆଘାତ ଦିଅନ୍ତି —
ଆଦର୍ଶ, ଧର୍ମ ଓ କୃଷ୍ଟିର ଅନୁଚର୍ଯ୍ୟାକୁ
ଅଗ୍ରାହ୍ୟ କରି, —
ସେମାନେ ନିଜର ଶତ୍ରୁ ତ ଅଟନ୍ତିହିଁ,
ତା' ଛଡ଼ା, ଜାତିରବି ଘୃଣ୍ୟ ଶତ୍ରୁ । ୫ ।

(ଆର୍ଯ୍ୟକୃଷ୍ଟି)

ସେବା-ବିଧାୟନା

ଗୁରୁଭ୍ରାତାର ପରିବାର ଓ ସଂଘ-ପରିବାର ପ୍ରତି କରଣୀୟ

ତୁମର ଆଦର୍ଶ-ଅନ୍ୱିତ ହୋଇ
ଯେଉଁମାନେ ସଙ୍ଘଭୁକ୍ତ ବା ପରିବାରଭୁକ୍ତ
ସେମାନଙ୍କ ପ୍ରତି ସକ୍ରିୟ ଦରଦୀ ହୋଇ
ଆପ୍ୟାୟନୀ ଅନୁକମ୍ପା ନେଇ
ଯେଉଁଭଳି ଆଚାର-ବ୍ୟବହାର କରିବାକୁ ହୁଏ —
ପରସ୍ପର ପରସ୍ପର ପ୍ରତି
ସେପରି କର;
ମନେରଖ —
ତୁମର ପରିବାରର ପ୍ରତ୍ୟେକଟି ଲୋକର
ସଚ୍ଚାପୋଷଣୀ ପ୍ରୟୋଜନ ଓ ପରିଚର୍ଯ୍ୟାରୁ
ସେଇ ପରିବାର ପାଇଁ
ଦୈନନ୍ଦିନ ସାଧମତ
ଯେଉଁଠାରେ ଯେପରି କରିବା ଉଚିତ,
ତା' ନ କରିବାହିଁ
ତୁମପକ୍ଷେ ଯେପରି ଅଶୋଭନ ଓ ଅଶ୍ରେୟ,
ଅସ୍ତିବୃଦ୍ଧିର ବ୍ୟତିକ୍ରମ-ଜନକ ଅପରାଧ,
ସେପରି ସଙ୍ଘ-ପରିବାର ପକ୍ଷେବି କିନ୍ତୁ ତାହାହିଁ,
ପରସ୍ପର ପରସ୍ପର ପ୍ରତି ତା' ନ କରିବାହିଁ
ଅସ୍ତିବୃଦ୍ଧିର ବ୍ୟତିକ୍ରମୀ ଅପରାଧ;
ତେଣୁ, ସାଧ ଓ ସଙ୍ଗତିମତ
ଯେଉଁଠାରେ ଯେପରି କରିବା ଉଚିତ,
ଆପଦରେ, ବିପଦରେ, ସୁଖରେ, ଦୁଃଖରେ —
ତା' କରିବାକୁ ଏତେତେକେବି
ସଙ୍କୁଚିତ ହୋଇ ଚାଲନା;
ଆଉ, ବିହିତଭାବେ ଏହା କରି
ଯା' ଉଦ୍‌ବୁଦ୍ଧ ରହେ ତୁମର
ତା'ହିଁ ତୁମର ଆପଦ-ରକ୍ଷଣୀ ପୁଞ୍ଜି;
କିନ୍ତୁ ଯେଉଁମାନେ ତୁମର ଆଦର୍ଶରେ ଶ୍ରଦ୍ଧାବାନ୍
ବା ଜିଜ୍ଞାସୁ ହୋଇ
ତୁମମାନଙ୍କ ନିକଟରେ ଉପସ୍ଥିତ ହୁଅନ୍ତି
ବା କୌଣସିପ୍ରକାରେ ତୁମମାନଙ୍କ ସଙ୍ଗେ
ଯେଉଁମାନଙ୍କର ସାକ୍ଷାତ୍‌କାର ହୁଏ,
ସେମାନଙ୍କ ପ୍ରତି ଲୌକିକତାପୂର୍ଣ୍ଣ
ବିନୀତ ସୌଜନ୍ୟର ସହିତ
ଭଦ୍ରତା-ବ୍ୟଞ୍ଜକ ଅନୁବେଦନା ନେଇ
ବିହିତ ଅନୁଚର୍ଯ୍ୟା ଆପ୍ୟାୟନାରେ
ଯେଉଁଠାରେ ଯେପରି କରଣୀୟ ତା' କରିବ;
ତା' ଫଳରେ, ତୁମର ସ୍ୱୀୟ ପରିବାର
ବା ସଙ୍ଘ-ପରିବାରର
ପାରିବେଶିକ ସଦନୁଚର୍ଯ୍ୟା ସେବାନନ୍ଦନାରେ
ସହଜରେ ଅନୁକମ୍ପାଶୀଳ ହୋଇଉଠିବେ ସେମାନେ
ତୁମମାନଙ୍କ ପ୍ରତି;
ତୁମମାନଙ୍କ ମଧ୍ୟରୁ
ଯେ କେହି ହିଁ ଏହିଭଳି କରୁ ନା କାହିଁକି
ତଜ୍ଜନିତ ପ୍ରସାଦ-ପ୍ରଦୀପନା
ବିଛାଡ଼ି ହୋଇପଡ଼ିବ ସମସ୍ତଙ୍କ ଉପରେ
ଅଳ୍ପ ବିସ୍ତରରେ,
ଏହି ଆଦାନ-ପ୍ରଦାନର ଭିତର ଦେଇ
ତୁମର ବର୍ଦ୍ଧନାବି ଗଜେଇ ଉଠିବ —
ସ୍ୱତଃ-ସନ୍ଦୀପନାରେ,
ତୁମମାନଙ୍କର ଦୈନନ୍ଦିନ ଜୀବନ-ଚଳନା
ଅନେକଦୂର ଶୁଭ-ମଣ୍ଡିତ ହୋଇଉଠିବ;
ଅନୁଚର୍ଯ୍ୟାପରାୟଣ ସମର୍ଥନ,
ସମ୍ବେଦନା, ସାହାଯ୍ୟ
ସ୍ୱତଃ-ନନ୍ଦନାରେ
ତୁମମାନଙ୍କୁ ଅଳ୍ପ-ବିସ୍ତର
ଆଲିଙ୍ଗନ କରିବ ହିଁ କରିବ;
ଏହିଭଳି ସହଜ ଓ ସ୍ୱାଭାବିକ ଚଳନାରୁ
ତୁମେମାନେ କଦାପିବି
ବିଚ୍ୟୁତ ହୋଇଉଠନା;
ଈଶ୍ୱର କରୁଣାମୟ,
ଈଶ୍ୱର କୃପାପରବଶ,
କରଣ-ଆରତିର ଭିତର ଦେଇହିଁ
ସିଏ ଅନ୍ତରର ଶ୍ରଦ୍ଧୋଷିତ ସ୍ନେହଳ-ମନ୍ଦିରରେ
ସ୍ନେହଳ ଚକ୍ଷୁ ନେଇ
ଜାଗ୍ରତ ହୋଇଉଠନ୍ତି,
ଈଶ୍ୱର କୃତାର୍ଥତାର ପରମ-ନନ୍ଦନା । ୨୮୦ ।

(ସେବା-ବିଧାୟନା)

ଦିବ୍ୟ ଅନୁଭୂତି

କଳ୍ପତରୁ

♦ ଶ୍ରୀସମୀର ପର୍ବତ

୨୫-ମଇ ୧୯୬୨ ସାଲର ଏକ ମନୋରମ ସକାଳେ ମୋର ଦୀକ୍ଷା ହୁଏ ସ୍ୱର୍ଗୀୟ ଯାମିନୀକାନ୍ତ ରାୟଚୌଧୁରୀଭାଇଙ୍କ ମାଧ୍ୟମରେ । ସେହିଦିନ ମୋର ଦୁଇ ବଡ଼ଭାଇ, ଦୁଇ ଭାଇ ଓ ଦୁଇ ଭଉଣୀଙ୍କର ଦୀକ୍ଷା ହୁଏ । ଏହାର ପ୍ରାୟଃ ୫/୬ବର୍ଷ ଆଗରୁ ମୋର ବାପା ଓ ମା' ଶ୍ରୀଶ୍ରୀଠାକୁରଙ୍କ ସତ୍‌ମନ୍ତ୍ରରେ ଦୀକ୍ଷା ଗ୍ରହଣ କରନ୍ତି ।

ମୋର ବାପାଙ୍କର (ଅମୂଲ୍ୟଭୂଷଣ ପର୍ବତ) ଦୀକ୍ଷା ଗ୍ରହଣ ପ୍ରସଙ୍ଗରେ ଏକ ବିଶେଷ ଘଟଣାର କଥା ଉଲ୍ଲେଖ କରୁଛି । ବାପା ଶ୍ରୀଶ୍ରୀରାମକୃଷ୍ଣଦେବଙ୍କ ଭକ୍ତ ଥିଲେ । ତା' ଆଗରୁ ବାପା ଆହୁରି ବି ଦୁଇ ଜାଗାରେ ଦୀକ୍ଷା ଗ୍ରହଣ କରିଥିଲେ । ପ୍ରଥମେ ଆମମାନଙ୍କର କୁଳଗୁରୁଙ୍କ ନିକଟରୁ, ପରେ ଆଦ୍ୟାପୀଠର ଶ୍ରୀଶ୍ରୀଅନ୍ନଦା ଠାକୁରଙ୍କ ନିକଟରୁ । ତା'ପରେ ବେଲୁଡ଼ ମଠକୁ ଯାଇ ଶ୍ରୀଶ୍ରୀରାମକୃଷ୍ଣଦେବଙ୍କ ଦୀକ୍ଷା ଗ୍ରହଣ କରନ୍ତି ।

ସେଠାରେ ଦୀକ୍ଷା ନେବା ପରଠାରୁ ହିଁ ବାପା ନିୟମିତଭାବେ ପ୍ରତି ଶନିବାର ରାତିରେ ବେଲୁଡ଼ ମଠକୁ ଯାଉଥିଲେ ଏବଂ ରବିବାର ଶ୍ରୀଶ୍ରୀରାମକୃଷ୍ଣ କଥାମୃତ ପାଠ ଶୁଣି ଘରକୁ ଆସୁଥିଲେ । ଦିନେ କଥାମୃତ ପାଠ ହେଉଛି — ଶ୍ରୀଶ୍ରୀରାମକୃଷ୍ଣଦେବ କହୁଛନ୍ତି — "ଆଉ ଥରେ ଆସିବାକୁ ହେବ । ତେଣୁ ପାର୍ଷଦମାନଙ୍କୁ ସବୁ ଜ୍ଞାନ ଦେଉ ନାହିଁ । (ସହାସ୍ୟେ ତୁମମାନଙ୍କୁ ଯଦି ସବୁ ଜ୍ଞାନ ଦେଇ ଦିଏ ତା'ହେଲେ ତୁମେମାନେ ଆଉ ସହଜରେ ମୋ ନିକଟକୁ ଆସିବ କାହିଁକି ?" *(ଶ୍ରୀଶ୍ରୀରାମକୃଷ୍ଣ କଥାମୃତ, ୧୪୧୪ ସାଲର ପୁନର୍ମୁଦ୍ରଣ, ୩୫୨ପୃଷ୍ଠା)*

ଏହି ବିଶେଷ କଥାଟି ବାପାଙ୍କ ମନରେ ଗଭୀର ଦାଗ କାଟିଲା । ଭାବିଲେ — ତେବେ ତ ସିଏ ଏହି ଧରାଧାମର କୋଉଠି ଆସିଛନ୍ତି ! ତାଙ୍କୁ ଖୋଜି ଦେଖିବାକୁ ହେବ । ଯା' ଭାବିଲେ ତା'ହିଁ କରିଲେ । ସେହି ଦିନହିଁ ସେଠାରୁ ଘରକୁ ନ ଫେରି ବାହାରି ପଡ଼ିଲେ ତାଙ୍କୁ ଖୋଜିବାକୁ କାହାକୁ ବି କିଛି ନ କହି । ଦୀର୍ଘ ଛଅ ମାସ ବାପାଙ୍କର କୌଣସି ସନ୍ଧାନ ମିଳିଲାନି । ତାଙ୍କର ଈଶ୍ୱରପିପାସୁ ମନ ଭାରତର ବିଭିନ୍ନ ତୀର୍ଥକ୍ଷେତ୍ର, ବିଭିନ୍ନ ସାଧୁ-ସନ୍ତମାନଙ୍କ ମଧ୍ୟରେ ଖୋଜି ବୁଲିଛନ୍ତି ଜୀବନ୍ତ ଶ୍ରୀଶ୍ରୀରାମକୃଷ୍ଣଦେବଙ୍କୁ । ସେହି ସମୟରେ ସିଏ ଅତି ଦୁର୍ଗମ ତୀର୍ଥକ୍ଷେତ୍ର କେଦାରନାଥ-ବଦ୍ରୀନାଥ ପର୍ଯ୍ୟନ୍ତ ଯାଇଥିଲେ । କିନ୍ତୁ କୋଉଠିବି ତାଙ୍କ ମନର ଠାକୁରଙ୍କୁ ଖୋଜି ପାଇଲେନି । ଅବଶେଷରେ ହତାଶାଗ୍ରସ୍ତ ମନରେ ଫେରିବା ପଥରେ ବେଓଘରେ ପହଞ୍ଚିଲେ । ଶୁଣିଛନ୍ତି ଏଠାରେ ସାଧକ ଶ୍ରୀଶ୍ରୀବାଳାନନ୍ଦ ବ୍ରହ୍ମଚାରୀଙ୍କ ସାଧନପୀଠ ଏବଂ ବହୁ ସାଧୁ-ସନ୍ନ୍ୟାସୀଙ୍କର ବାସ ।

ସିଏ ବାବାଧାମର ଏକ ଧର୍ମଶାଳାରେ ଆଶ୍ରୟ ଗ୍ରହଣ କରନ୍ତି । କିନ୍ତୁ ଚାରିଆଡ଼ ବୁଲି ମଧ୍ୟ ପାଇଲେନି ତାଙ୍କ ସନ୍ଧାନ । ବାବା ସେତେବେଳ ପର୍ଯ୍ୟନ୍ତ ସତ୍‌ସଙ୍ଗ ଆଶ୍ରମ ବା ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ କଥା ଶୁଣି ନାହାଁନ୍ତି ।

ଏଠାରେ ବି ବିଫଳ ହୋଇ ଠିକ୍ କରିଲେ ଘରକୁ ଫେରି ଯିବେ । ସଂସାରର କଥା, ପିଲାପିଲିମାନଙ୍କ କଥା ମନେ ପଡ଼ିବାରୁ ମନ ଖୁବ୍ ଖରାପ ହୋଇଗଲା । ଭାବୁଛନ୍ତି 'ଏହି ଜୀବନରେ ଆଉ ଜୀବନ୍ତ ଶ୍ରୀଶ୍ରୀରାମକୃଷ୍ଣଦେବଙ୍କ ଦର୍ଶନ ହେଲା ନାହିଁ । ମୁଁ ସତରେ ଅଭାଗା ।'— କାନ୍ଦୁଛନ୍ତି ଆଉ ଛଟପଟ ହେଉଛନ୍ତି । ବାପାଙ୍କର ଏହି ଦଶା ବାବାଧାମର ଜନୈକ ପଣ୍ଡା ଲକ୍ଷ୍ୟ କରି ତାଙ୍କ ନିକଟକୁ ଆସି କହିଲେ— ବାବୁ ଆପଣ ଏପରି ହେଉଛନ୍ତି କାହିଁକି ? ଶୋଉ ନାହାଁନ୍ତି କାହିଁକି ?

ବାପା ସେତେବେଳେ ତାଙ୍କ ମନର ସବୁ କଥା ପଣ୍ଡାମହାଶୟଙ୍କୁ ଖୋଲି କହିଲେ— "ମୁଁ ଜୀବନ୍ତ ଭଗବାନ ଖୋଜିବାକୁ ବାହାରିଥିଲି, ବିଭିନ୍ନ ଜାଗା ବୁଲି ମଧ୍ୟ ତାଙ୍କୁ ପାଇଲିନି । ମୁଁ ବଡ଼ ଅଭାଗା ।"

ବାପାଙ୍କ କଥା ଶୁଣି ପଣ୍ଡାମହାଶୟ କହିଲେ, ବାବୁ ଆପଣ ଏଠାରେ ସତ୍‌ସଙ୍ଗ ଆଶ୍ରମକୁ ଯାଇଥିଲେ ? ସେଠାରେ ଜଣେ ବଙ୍ଗାଳୀଠାକୁର ରୁହନ୍ତି, ତାଙ୍କର ଭକ୍ତମାନେ ତାଙ୍କୁ କହିଥାଆନ୍ତି ସିଏହିଁ ହେଉଛନ୍ତି ଭଗବାନ । ସିଏହିଁ କାଳେ ପୂର୍ବଜନ୍ମଗୁଡ଼ିକରେ ଶ୍ରୀକୃଷ୍ଣ, ଶ୍ରୀଚୈତନ୍ୟଦେବ, ଶ୍ରୀଶ୍ରୀରାମକୃଷ୍ଣଦେବ ଥିଲେ । ଶୁଣି ବାବା ଆଗ୍ରହାନ୍ୱିତ ହୋଇ କହିଲେ, ସେଠାକୁ କିପରିଭାବେ ଯିବାକୁ ହେବ ? ପଣ୍ଡାମହାଶୟଙ୍କଠାରୁ ସତ୍‌ସଙ୍ଗ ଆଶ୍ରମକୁ ଆସିବାର ରାସ୍ତା ଜାଣି ନେଇ ଭୋର ହୁଅନ୍ତେ ନ ହୁଅନ୍ତେହିଁ ବାବା ଆଶ୍ରମ

ଅଭିମୁଖେ ଯାତ୍ରା କରିଲେ । କିଛିକ୍ଷଣ ମଧ୍ୟରେହିଁ ସତ୍‌ସଙ୍ଗନଗରର ତୋରଣରେ ପ୍ରବେଶ କରିଲେ ଓ ରୋହିଣୀ ରୋଡ଼ ଧରି ଠାକୁରବଙ୍ଗଳା ଅଭିମୁଖେ ଚାଲିବାକୁ ଲାଗିଲେ । ସଦ୍ୟ ମାତ୍ର ଭୋର ହୋଇଛି । ବାପା ଠାକୁରବଙ୍ଗଳାର ଗେଟରେ ପ୍ରବେଶ କରିଲେ । ଦେଖିଲେ— ଶ୍ରୀଶ୍ରୀଠାକୁର ପାର୍ଲରର ଶ୍ୱେତ-ଶୁଭ୍ର ବିଛଣାରେ ବସିଛନ୍ତି । ପାର୍ଲରର ବଡ଼ ବଡ଼ ଝରକାର କିଛି ଦୂରରୁ ହିଁ ବାପାଙ୍କୁ ଦେଖି ଶ୍ରୀଶ୍ରୀଠାକୁର ଉଲ୍ଲସିତ ହୋଇ କହିଉଠିଲେ— କି ରେ ଆସିଛୁ ? ବାପା ହତବକିତ ହୋଇ ବିସ୍ଫାରିତ ନେତ୍ରରେ ଶ୍ରୀଶ୍ରୀଠାକୁରଙ୍କ ସମ୍ମୁଖକୁ ଆସି ପାର୍ଲରର ଝରକା ଧରି ନିର୍ବାକଭାବେ ଠିଆ ହୋଇପଡ଼ିଲେ । ମନେ ମନେ ଭାବୁଛନ୍ତି,— ଯେପରି କେତେ ଦିନର ଚିହ୍ନା ନିଜର ଲୋକ । କି ପ୍ରାଣକଢ଼ା ସ୍ୱର୍ଣ୍ଣକାନ୍ତି ଦିବ୍ୟଦେହ । ଆଜାନୁଲମ୍ବିତ ବାହୁ, ସମ୍ପୂର୍ଣ୍ଣ ଦେହରୁ ଯେପରି ଦିବ୍ୟଜ୍ୟୋତିଃ ବାହାରୁଛି, ଆଖି ଦୁଇଟି କି ଉଜ୍ଜ୍ୱଳ! ଭାବୁଛନ୍ତି, ମୁଁ ତ ଏତେଦିନ ଧରି ଯା'ଙ୍କୁ ହିଁ ଖୋଜୁଛି । ପାଇଛି ମୋର ମନର ମଣିଷ । ମୋର ଆରାଧ୍ୟ ଦେବତାଙ୍କୁ । ମୁଖରେ କୌଣସି ବାକ୍ୟ ସ୍ଫୁରୁ ନାହିଁ, ଅପଲକରେ ଛଳଛଳ ନେତ୍ରରେ ତାଙ୍କ ଆଡ଼କୁ ଚାହିଁ ରହିଛନ୍ତି ।

ଶ୍ରୀଶ୍ରୀଠାକୁର ପାଖରେ ବସିଥିବା ଜନୈକ ଭକ୍ତଙ୍କୁ (ଅଜିତ ଗାଙ୍ଗୁଲୀଭାଇ) କିଛି କୁହନ୍ତେହିଁ ସିଏ ବାପାଙ୍କୁ ସାଙ୍ଗରେ ନେଇ ମନୋମୋହିନୀଧାମ ଗେଷ୍ଟ-ହାଉସ ଆଡ଼କୁ ନେଇ ଗଲେ । ଗେଟରୁ ବାହାରି ହିଁ ସିଏ ବାପାଙ୍କୁ କିଛି ଖାଇବା ହୋଇଛି କି ନା ପଚାରିବାରୁ ବାପା 'ନା' କହିଲେ । ସେ ଗୋଟେ ଚା' ଦୋକାନରେ ବସେଇ ଚା'-ଚପ, ମୁଢ଼ି ଓ ମିଠା ଖୁଆଇଲେ । ମନୋମୋହିନୀଧାମର ଗୋଟେ ଘରକୁ ନେଇ ଯାଇ ସ୍ନାନ କରିବାର ଜାଗା ଓ ଆନନ୍ଦବଜାରରେ ପ୍ରସାଦ ନେବାର ଜାଗା ଦେଖାଇ ଦେଇ କହିଲେ— ଆପଣ ସ୍ନାନ-ଖାଇବା ସାରି ବିଶ୍ରାମ କରନ୍ତୁ, ମୁଁ ଉପରବେଳା ଆସି ଆପଣଙ୍କୁ ଶ୍ରୀଶ୍ରୀଠାକୁରଙ୍କ ନିକଟକୁ ନେଇ ଯିବି । ବାପା କଥାନୁସାରେ ସ୍ନାନ-ଖାଇବା ସାରି ଶୋଇପଡ଼ିଲେ ।

ବାପାଙ୍କ ମୁଖରୁ ଶୁଣିଥିଲି, ଏହି ଦୀର୍ଘ ଛ'ମାସ ମଧ୍ୟରେ ସିଏ ପ୍ରଥମ ପେଟ ପୂରା ଖାଇଲେ ଓ ନିଶ୍ଚିନ୍ତରେ ଶୋଇଲେ ।

ଉପରବେଳା ଅଜିତ ଗାଙ୍ଗୁଲୀଭାଇ ବାପାଙ୍କ ନିକଟକୁ ଆସି ସମସ୍ତ କଥା ଶୁଣି ଶ୍ରୀଶ୍ରୀଠାକୁରଙ୍କ ନିକଟକୁ ନେଇଗଲେ । ବାପା ଶ୍ରୀଶ୍ରୀଠାକୁରଙ୍କୁ ପ୍ରଣାମ କରି ତାଙ୍କ ନିକଟରେ ବସିଲେ । ଅଜିତଭାଇ ବାପାଙ୍କର ଏତେଦିନର ଘଟଣା ଶ୍ରୀଶ୍ରୀଠାକୁରଙ୍କୁ କହିଲେ । ଶ୍ରୀଶ୍ରୀଠାକୁର ସ୍ମିତହାସ୍ୟରେ ବାପାଙ୍କ ଆଡ଼କୁ ଚାହିଁଛନ୍ତି । ବାପା ଦୀକ୍ଷା ନେବାର ଇଚ୍ଛା ପ୍ରକାଶ କରିବାରୁ ଶ୍ରୀଶ୍ରୀଠାକୁର କହିଲେ— 'ତୁମେ କାଲିହିଁ ଘରକୁ ଚାଲିଯିବ । ଘରର ଲୋକ ସବୁ ତୁମ ପାଇଁ ଚିନ୍ତାରେ ଅଛନ୍ତି ।' ତତ୍‌କାଳୀନ କଳିକତାସ୍ଥିତ ସତ୍‌ସଙ୍ଗ କାର୍ଯ୍ୟାଳୟକୁ ଯାଇ ସେଠାକାର ଜନୈକ ଋତ୍ୱିକ୍‌କୁ (ନାମ କହି ଦେଇଥିଲେ) ଘରକୁ ନେଇ ଯାଇ ସସ୍ତ୍ରୀକ ଦୀକ୍ଷା ନେବାର ନିର୍ଦ୍ଦେଶ ଦେଲେ ।

ବାପା ଘରକୁ ଫେରି ଆସିଲେ । ଅନେକ ଦିନ ପରେ ବାପାଙ୍କୁ ଫେରି ପାଇ ଆମମାନଙ୍କ ମନ ଆନନ୍ଦରେ ଉତ୍‌ଫୁଲ୍ଲ ହୋଇଉଠିଲା । ବାପା ଆମମାନଙ୍କୁ ସମସ୍ତଙ୍କୁ ଡ଼ାକି ତାଙ୍କର ଏତେଦିନର ବାହାରେ ରହିବାର କଥା, ଶ୍ରୀଶ୍ରୀଠାକୁରଙ୍କ କଥା, ସେଠାକାର ଲୋକଙ୍କ ଆତିଥେୟତାର କଥା ବିସ୍ତାରିତ କହିଲେ ।

ପରଦିନ ସକାଳେ ବାପା କଳିକତାସ୍ଥିତ ସତ୍‌ସଙ୍ଗ କେନ୍ଦ୍ରକୁ ଯାଇ ଶ୍ରୀଶ୍ରୀଠାକୁର କହିଦେଇଥିବା ଋତ୍ୱିକ୍‌କୁ ଘରକୁ ନେଇ ଆସିଲେ ଏବଂ ମା'ଙ୍କ ସାଙ୍ଗରେ ଶ୍ରୀଶ୍ରୀଠାକୁରଙ୍କ ସତ୍‌ମନ୍ତ୍ରରେ ଦୀକ୍ଷା ଗ୍ରହଣ କରିଲେ । ସେହି ଦିନଠାରୁହିଁ ବାପା-ମା' ନିରାମିଷାଶୀ ହେଲେ ଏବଂ ନିଷ୍ଠା ସହ ଦୁଇବେଳା ପ୍ରାର୍ଥନାଦି, ନାମଧ୍ୟାନ ଇତ୍ୟାଦି କରୁଥିଲେ ।

ଶ୍ରୀଶ୍ରୀଠାକୁରଙ୍କ ଅପାର କରୁଣାରୁ ଯା' ପାଇବାର କଥାହିଁ ନୁହେଁ, ବାପା ତାଙ୍କର ପୂର୍ବର ଚାକିରୀ ଫେରି ପାଇଲେ । ଆମମାନଙ୍କ ସଂସାରରେ ପୁଣି ସୁଖ-ଶାନ୍ତି ଓ ଆନନ୍ଦ ଫେରି ଆସିଲା ।

ଏହାର ପ୍ରାୟଃ ପାଞ୍ଚ-ଛଅ ବର୍ଷ ପରେ ୨୨-ମଇ ୧୯୬୨ ମସିହାର ସୁପ୍ରଭାତରେ ଆମେମାନେ ସବୁ ଭାଇଭଉଣୀ ଦୀକ୍ଷାଗ୍ରହଣ କରୁ । ସେହି ବର୍ଷହିଁ ୮-ସେପ୍ଟେମ୍ବର ଶନିବାର ଶ୍ରୀଶ୍ରୀଠାକୁରଙ୍କ ୭୫ତମ ଜନ୍ମତିଥି (ଡାଳନବମୀ)ରେ ବାପା ଆମମାନଙ୍କୁ ସମସ୍ତଙ୍କୁ ନେଇ ୭-ସେପ୍ଟେମ୍ବରରେ ପୁଣ୍ୟଧାମ ଦେଓଘର ଆସନ୍ତି ଏବଂ ସନ୍ଧ୍ୟା ହେବା ପୂର୍ବ ମୁହୂର୍ତ୍ତରେ ଆମେମାନେ ଶ୍ରୀଶ୍ରୀଠାକୁରଙ୍କୁ ଦର୍ଶନ କରୁ ।

ଶ୍ରୀଶ୍ରୀଠାକୁର ପାର୍ଲରର ବାରଣ୍ଡାରେ ଶ୍ୱେତଶୁଭ୍ର ବିଛଣାରେ ଉତ୍ତରମୁଖୀ ହୋଇ ବସି ସ୍ମିତହାସ୍ୟରେ ଗଡ଼ଗଡ଼ାରେ ତମାଖୁ ସେବନ କରୁଥିଲେ । ଆମେମାନେ ସମସ୍ତେ ଶ୍ରୀଶ୍ରୀଠାକୁରଙ୍କୁ ପ୍ରଣାମ କରିଲୁ । ବାପା କହିଲେ— ସମସ୍ତଙ୍କୁ ନେଇ ଆସିଲି । ଶ୍ରୀଶ୍ରୀଠାକୁର ସ୍ମିତହାସ୍ୟରେ କହିଲେ— ଖୁବ୍ ଭଲ । ମୁଁ ବାପାଙ୍କ ସଙ୍ଗେ ପଛ ଆଡ଼କୁ ଯାଇ ବସିଲି । ଅପଲକନେତ୍ରରେ ତାଙ୍କ ଆଡ଼କୁ ଚାହିଁ ରହିଛି । କି ନୟନାଭିରାମ ଆଜାନୁଲମ୍ବିତ ବାହୁ, ସଦ୍ୟହାସ୍ୟମୟ ସ୍ୱର୍ଣ୍ଣକାନ୍ତି ଚେହେରା ! ହାତ ଓ ପାଦର ଆଙ୍ଗୁଠି ଯେପରି ପ୍ରସ୍ଫୁଟିତ

ପନ୍ଥ । ସନ୍ଧ୍ୟା ହୁଅନ୍ତେହିଁ ଶ୍ରୀଶ୍ରୀଠାକୁର ହାତଜୋଡ଼ି କରି କପାଳରେ ହାତ ଛୁଆଁଇ ପ୍ରଣାମ ଆରମ୍ଭ କରିଲେ । ସମ୍ମୁଖରେ ଉପବିଷ୍ଟ ସମସ୍ତେ ଏକହିଁ ଭଙ୍ଗିମାରେ ପ୍ରଣାମ କରୁଛନ୍ତି । ପ୍ରାୟଃ ଦଶ-ପନ୍ଦର ମିନିଟ୍ ପରେ ପ୍ରଣାମ ଶେଷ ହେବାରୁ ସମ୍ମୁଖର ସମସ୍ତେ ଶ୍ରୀଶ୍ରୀଠାକୁରଙ୍କୁ ଆଖୁମାଡ଼ି ପ୍ରଣାମ କରି ବାହାରକୁ ବାହାରି ଆସିଲେ । ଆମେମାନେ ବି ପ୍ରଣାମ କରି ବାହାରି ଆସିଲୁ ।

ବାପା କହିଲେ— ଚାଲ ଶ୍ରୀଶ୍ରୀବଡ଼ଦାଙ୍କୁ ପ୍ରଣାମ କରି ଆସିବା । ଷୋଡ଼ଶୀଭବନରେ ପ୍ରବେଶ କରିଲୁ । ଷୋଡ଼ଶୀଭବନରେ ପ୍ରବେଶ କରନ୍ତେହିଁ ନଜର ପଡ଼ିଲା ଏକ ଦିବ୍ୟକାନ୍ତି ପୁରୁଷ ଶ୍ୱେତଶ୍ମଶ୍ରୁ ବିଛଣାରେ ବସିଛନ୍ତି । ଇଏହିଁ ଶ୍ରୀଶ୍ରୀବଡ଼ଦା । ବାପାଙ୍କ ସଙ୍ଗେ ସଙ୍ଗେ ମୁଁ ବି ପ୍ରଣାମ କରିଲି । ବାପା କହିଲେ— ବଡ଼ଦା ପୁଅକୁ ସାଙ୍ଗରେ ନେଇ ଆସିଛି, କ୍ଲାସ ଏଇଟିରେ ପଢ଼େ । ଶ୍ରୀଶ୍ରୀବଡ଼ଦା 'ଖୁବ୍ ଭଲ' କହି ମୋ ଆଡ଼େ ସ୍ନେହଳ ଦୃଷ୍ଟିରେ ଚାହିଁଲେ । ଦୁଇ ନୟନ ଭରି ଦର୍ଶନ କରିଲି ଆଉ ଜଣେ ମହାପୁରୁଷଙ୍କୁ ।

ତିନି-ଚାରି ଦିନ ପରେ ଶ୍ରୀଶ୍ରୀଠାକୁରଙ୍କ ନିକଟରୁ ଅନୁମତି ନେଇ ଆମେମାନେ ଘରକୁ ଫେରି ଆସିଲୁ ଏକ ସ୍ୱର୍ଗୀୟ ଆନନ୍ଦ ନେଇ ।

ଏହାପରେ ପ୍ରତି ବର୍ଷହିଁ ପ୍ରାୟଃ ତିନି-ଚାରି ଥର ବାପାଙ୍କ ସାଙ୍ଗରେ ଠାକୁରବାଡ଼ି ଆସିବାର ସୁଯୋଗ ହୋଇଛି । ଶ୍ରୀଶ୍ରୀଠାକୁରଙ୍କ ନିକଟରେ ବସି ରହୁଥିଲି, ଶୁଣୁଥିଲି କେତେ ଲୋକଙ୍କର କେତେ ପ୍ରଶ୍ନ, ସମସ୍ୟା, ରୋଗବ୍ୟାଧିର ସମାଧାନୀ ଉତ୍ତର ଶ୍ରୀଶ୍ରୀଠାକୁର ସହଜ-ସରଳ ଭାବେ ଦେଇ ଚାଲିଛନ୍ତି, ପ୍ରତ୍ୟେକେ ଖୁସି ମନରେ ଶ୍ରୀଶ୍ରୀଠାକୁରଙ୍କୁ ପ୍ରଣାମ କରି ଚାଲି ଯାଉଛନ୍ତି । ଏ ମଧ୍ୟରେ ଅନେକ କାମର କଥା ବି ହେଉଛି । ଜଣେ କାଠମିସ୍ତ୍ରୀ ଆସି କହିଲେ— ଚେୟାରଟା ତିଆରି ହୋଇ ଯାଇଛି । ଶ୍ରୀଶ୍ରୀଠାକୁର ମୁଣ୍ଡ ହଲାଇଲେ । ଆଉ ଜଣେ କର୍ମୀ ଆସି କହିଲେ— ଆଜି ଅମୁକ ଜାଗାରେ ଛାତ ଢ଼ଳେଇ ହେବ । ପୁଣି କିଏ ଆସି କହିଲେ— ଅମୁକ ଗାଡ଼ିଟା ଠିକ୍ କରିବାକୁ ହେବ ଇତ୍ୟାଦି ଇତ୍ୟାଦି । ମୁଁ ବସି ବସି ଭାବୁଥିଲି, ଇସ୍ ମୁଁ ଯଦି ବଡ଼ ହୋଇଥା'ନ୍ତି— ତେବେ ମୁଁ ବି ତାଙ୍କ ସେବା କାର୍ଯ୍ୟରେ ଲାଗି ପାରୁଥା'ନ୍ତି । ତାଙ୍କ ସଙ୍ଗେ କଥାବାର୍ତ୍ତା କରି ପାରୁଥା'ନ୍ତି । ତାଙ୍କ ନିକଟରେ ରହି ପାରୁଥା'ନ୍ତି । ସିଏ ଅନ୍ତର୍ଯ୍ୟାମୀ, ମୋର ଏହି ଶିଶୁମନର ଆକାଂକ୍ଷା ଅବଶ୍ୟହିଁ ସିଏ ପୂରଣ କରିଛନ୍ତି । ସେ ପ୍ରସଙ୍ଗକୁ ପରେ ଆସୁଛି ।

ଥରେ ପୂଜା ସମୟରେ ସମସ୍ତିପୁର ପ୍ୟାସେଞ୍ଜରରେ ଦେଓଘର ଆସୁଛି । ପ୍ରଚଣ୍ଡ ଭୀଡ଼, ଟ୍ରେନରେ ବିନ୍ଦୁମାତ୍ର ଜାଗା ନାହିଁ । ଦମଦମଠାରୁ ହିଁ ଠିଆ ହୋଇ ଆସୁଛି । ଗାଡ଼ି ଆସାନସୋଲ ଷ୍ଟେସନ ପାର ହେବାର ବେଶ୍ କିଛିକ୍ଷଣ ପରେ ପ୍ରାୟଃ ମଧୁପୁର ପାଖାପାଖି ହଠାତ୍ ଉପରର ବାଙ୍କରୁ ଗୋଟେ ଟିଶର ବାକ୍ସ ମୋ ମୁଣ୍ଡ ଉପରେ ପଡ଼ିଲା । କପାଳର ବେଶ୍ କିଛିଅଂଶ କଟି ଯାଇ ଦରଦର କରି ରକ୍ତ ବାହାରିବାକୁ ଲାଗିଲା । ସାମନାରେ ବସିଥିବା କିଛି ହିନ୍ଦୀଭାଷୀ ଯାତ୍ରୀ ସେମାନଙ୍କ ଖୈନୀର କୋଟାରୁ ଚୂନ ବାହାର କରି କପାଳରେ ଦେବାକୁ ଯାଉଛନ୍ତି ଏପରି ସମୟରେ ଜଣେ ଶଙ୍କର ବାମ ବିକ୍ରେତା ଖାମି ପଡ଼ି ସେମାନଙ୍କୁ ଦୂରେଇ ଦେଇ ଶଙ୍କର ବାମ ମଲମ ମୋ କପାଳରେ ଲଗେଇ ଚାପି ଧରିଲା । ଆଶ୍ଚର୍ଯ୍ୟଭାବେ ଶ୍ରୀଶ୍ରୀଠାକୁରଙ୍କ ଦୟାରୁ ସଙ୍ଗେ ସଙ୍ଗେ ରକ୍ତ ବାହାରିବା ବନ୍ଦ ହୋଇଗଲା ।

ଯଥାସମୟରେ ଟ୍ରେନ ଜସିଡ଼ି ଷ୍ଟେସନରେ ପହଞ୍ଚିଲା । ବୈଦ୍ୟନାଥଧାମର ଟ୍ରେନରେ ଚଢ଼ି ଦେଓଘରେ ପହଞ୍ଚି ରିକ୍ସା କରି ଆଶ୍ରମର ଗେଟରେ ପହଞ୍ଚିଲି ।

ବାପା ଗେଟରେ ଖବର ନେଇ ଜାଣିଲେ ଶ୍ରୀଶ୍ରୀଠାକୁର ନିରାଲା ନିବେଶରେ ବସିଛନ୍ତି । ଶୁଣି ବାପା କହିଲେ— ଚାଲ ଆଗେ ଶ୍ରୀଶ୍ରୀଠାକୁର-ପ୍ରଣାମ କରି ଆସିବା । ନିରାଲା ନିବେଶରେ ଦ୍ୱାର ସାମନାରେ ଠିଆ ହୁଅନ୍ତେହିଁ ଶ୍ରୀଶ୍ରୀଠାକୁରଙ୍କ ପ୍ରେମଘନ ସ୍ନେହଳଦୃଷ୍ଟି ମୋ ଆଡ଼େ ପଡ଼ିଲା । ମୋର ଦେହ-ମନ ଏକ ଅନାବିଳ ଆନନ୍ଦରେ ଭରି ଉଠିଲା । ସମସ୍ତ ବ୍ୟଥା ବେଦନା କ୍ଳାନ୍ତି ଯେପରି କର୍ପୂର ଭଳି ଉଡ଼ିଗଲା । ବାପାଙ୍କୁ ଶ୍ରୀଶ୍ରୀଠାକୁର ପଚାରିଲେ— "ଝା'ର କପାଳରେ କ'ଣ ହୋଇଛି ?" ବାପା ଟ୍ରେନର ଘଟଣା କୁହନ୍ତେହିଁ ଶ୍ରୀଶ୍ରୀଠାକୁର ବ୍ୟସ୍ତ ହୋଇ କହିଲେ— "ଯା' ଯା' ହାସପାତାଳକୁ ନେଇ ଯା' ।" ବାପା ମୋତେ ନେଇ ହାସପାତାଳକୁ ଆସିଲେ ।

ଶ୍ରୀଶ୍ରୀଠାକୁର ପଠେଇଛନ୍ତି ଶୁଣି ଜନୈକ ଡ଼ାକ୍ତରବାବୁ ମୋତେ ଯତ୍ନ କରି ଡ୍ରେସିଂ କରି ଦେଲେ, ପ୍ରୟୋଜନୀୟ ଔଷଧପତ୍ର ଦେଲେ ।

ଆମେମାନେ ପୁଣି ଶ୍ରୀଶ୍ରୀଠାକୁରଙ୍କୁ ପ୍ରଣାମ କରି ମନୋମୋହିନୀଧାମ ଗେଷ୍ଟହାଉସକୁ ଗଲୁ । ତିନିଚାରିଦିନ ପରେ ପୁଣି ଫେରି ଆସିବା । ଆସିବା ସମୟରେ ମନ ଖରାପ ହୋଇ ଯାଉଥିଲା, କିନ୍ତୁ ଯା' ଦେଖିଲି, ଯା' ଶୁଣିଲି, ଯା' ପାଇଲି, ସେ ଯେ ଅମୂଲ୍ୟ ଧନ । ମନ ଏକ ନିର୍ମଳ ଆନନ୍ଦରେ କିଛିଦିନ ଭରପୁର ହୋଇ ରହୁଥିଲା ।

ମୋର ଜୀବନର ଶେଷ ଠାକୁର-ଦର୍ଶନ । ତାଙ୍କ

ମହାପ୍ରୟାଣର ଠିକ୍ ଦୁଇମାସ ଆଗରୁ । ସିଏ ସେତେବେଳେ ପାର୍ଲରର ଭିତର ଘରେ ରହୁଥିଲେ । ଦର୍ଶନ-ପ୍ରଣାମ ବନ୍ଦ । ଦର୍ଶନ ନ କରି ଫେରି ଯିବି, ମନ କୌଣସିମତେହିଁ ସାଡ଼ା ଦିଏନା । ଥରେ ମାତ୍ର ଦର୍ଶନର ବ୍ୟାକୁଳ ଆକାଂକ୍ଷା ବି ମଞ୍ଜୁର କରିଲେ ସିଏ । ଜନୈକ ବିଶିଷ୍ଟ ଭକ୍ତଙ୍କ ସହାୟତାରେ ସେହି ଘରକୁ ଯାଇ ଦର୍ଶନ-ପ୍ରଣାମ କରି ଭରପୁର ଆନନ୍ଦିତ ମନରେ ଘରକୁ ଫେରି ଆସିଲି । ହାୟ, ସେତେବେଳେ କ'ଣ ଜାଣିଥିଲି ଏଇଟାହିଁ ମୋର ଜୀବନରେ ଶେଷ ଠାକୁର-ଦର୍ଶନ ।

୧୯୬୯ ସାଲର ୨୬-ଜାନୁଆରୀ ଶେଷ ରାତ୍ରିରେ ଶ୍ରୀଶ୍ରୀଠାକୁର ଅମୃତଲୋକକୁ ଯାତ୍ରା କରନ୍ତି । ୨୭-ଜାନୁଆରୀ ସକାଳେହିଁ ଆମେମାନେ ଏହି ଦୁଃସଂବାଦ ପାଇଗଲୁ । ଘରେ କନ୍ଦାକଟାର ରୋଲ ପଡ଼ିଗଲା । ବାପା ଠାକୁରବାଡ଼ି ଯିବା ପାଇଁ ପ୍ରସ୍ତୁତ ହେଲେ । ମୁଁ କହିଲି ମୁଁ ବି ଯିବି । ବାପା ଓ ମୁଁ ତତ୍‌କ୍ଷଣାତ୍ ବାହାରି ଶେଷ ରାତ୍ରିରେ ଠାକୁରବାଡ଼ିରେ ପହଞ୍ଚି ସମାଧିକ୍ଷେତ୍ରରେ ଯାଇ ଦେଖୁ ସବୁ ଶେଷ । ଶ୍ରୀଶ୍ରୀବଡ଼ଦା ଆଉ ସମସ୍ତେହିଁ ଘରକୁ ଚାଲି ଯାଇଛନ୍ତି । ଅସଂଖ୍ୟ ଭକ୍ତାନୁରାଗୀ ଆସୁଛନ୍ତି । ସମସ୍ତେ ସମାଧିକ୍ଷେତ୍ରରେ ବ୍ୟଥାହତଚିତ୍ତରେ ପ୍ରଣାମ କରୁଛନ୍ତି । ସମାଧିଗେଟରେ ଟୁକୁଡ଼ା ଟୁକୁଡ଼ା ଚନ୍ଦନ କାଠ ବିକ୍ରୀ ହେଉଛି । ସମସ୍ତେ କିଣି ସମାଧିକ୍ଷେତ୍ରରେ ଦେଉଛନ୍ତି । ବାପା ଏବଂ ମୁଁ ବି ଦେଲୁ । ଏତେ କରି ସମାଧିକ୍ଷେତ୍ରରୁ ନିଆଁ ସେତେବେଳେ ବି ଜଳୁଛି ।

ଭୋର ହୁଅନ୍ତେହିଁ ପ୍ରାର୍ଥନାକୁ ଗଲି । ଶ୍ରୀଶ୍ରୀଠାକୁରଙ୍କ ଶୂନ୍ୟ ଆସନ ସାମନାରେ ବସିଲି । କିଛିକ୍ଷଣ ମଧ୍ୟରେହିଁ ଶୋକସନ୍ତପ୍ତ ହୃଦୟ ନେଇ ଶ୍ରୀଶ୍ରୀବଡ଼ଦା ଆସନ ଗ୍ରହଣ କରନ୍ତେହିଁ ପୂଜନୀୟ ଛୋଟଦା ଓ ଅନ୍ୟାନ୍ୟ ସମସ୍ତେ ଆସନରେ ବସିଲେ । ପ୍ରାର୍ଥନା ଶେଷ ହୁଅନ୍ତେହିଁ ଶ୍ରୀଶ୍ରୀବଡ଼ଦା କହିଲେ— 'ଜୟ ରାଧେ ରାଧେ' ଗାଇବାକୁ । ସେଦିନ 'ଜୟ ରାଧେ ରାଧେ' କୀର୍ତ୍ତନଟା ଦେଇ ପ୍ରାର୍ଥନା ଶେଷ ହେଲା ।

ଏହାପରେ ବହୁ ବର୍ଷ କଟିଗଲା, ଶିକ୍ଷାଜୀବନ ଶେଷ କରି ମାଷ୍ଟରୀ ଚାକିରୀ କରିଲି ଦୁଇବର୍ଷ । ତା'ପରେ ବାଙ୍କୁଡ଼ା ଜିଲ୍ଲାରେ କଂସାବତୀ ପ୍ରୋଜେକ୍ଟ କଣ୍ଟ୍ରାକ୍ଟୁ ଆରମ୍ଭ କରିଲି । ନିୟମ ଅନୁସାରେ ବର୍ଷକୁ ଦୁଇଥର ଠାକୁରବାଡ଼ି ଆସୁଥିଲି ।

୧୯୮୦ ସାଲରେ ବାଙ୍କୁଡ଼ାରେ ସତ୍‌ସଙ୍ଗ ସ୍ୱସ୍ତିଶିବିର ତିଆରି କାର୍ଯ୍ୟ ଆରମ୍ଭ ହେଲା । ୧୯୮୧ ସାଲର ଜାନୁଆରୀ ମାସରେ ଶାନ୍ତିରଞ୍ଜନ କରଭାଇ ସ୍ୱସ୍ତିଶିବିରର ଭାରପ୍ରାପ୍ତ କର୍ମୀ ହୋଇ ଆସିଲେ । ସେହି ସମୟରେ ସିଏବି ବାଙ୍କୁଡ଼ା ଓ ପୁରୁଲିୟା ଜିଲ୍ଲାରେ ପବ୍ଲିକ୍ ହେଲଥ୍ କଣ୍ଟ୍ରାକ୍ଟୁ କରୁଥିଲେ ।

ଗନ୍ଧେଶ୍ୱରୀ ନଦୀ ତୀରରେ କେଶିୟାକୋଳ ଗ୍ରାମରେ ୨୨ବିଘା ଜାଗା ଜଙ୍ଗଲ ବହୁ ଫଳ ଗଛ ସହ ସ୍ୱସ୍ତିଶିବିର । ଅନେକଦିନ ପୂର୍ବେ ଜାଗା କିଣା ହେଲେ ବି ପ୍ରାଚୀର ସେତେବେଳ ପର୍ଯ୍ୟନ୍ତ ବି ଦିଆ ହୋଇ ନାହିଁ । ରକ୍ଷଣାବେକ୍ଷଣ ଅଭାବରେ ବଗିଚାର ଗଛପତ୍ର ନଷ୍ଟ ହୋଇଯାଉଛି ଦେଖି ଶ୍ରୀଶ୍ରୀପିତୃଦେବ (ଶ୍ରୀଶ୍ରୀବଡ଼ଦା) କୃଷ୍ଣନଗର ସ୍ୱସ୍ତିବାହିନୀର କିଛି ପିଲାଙ୍କୁ ପଠେଇ ସେହି ଜାଗା ରକ୍ଷା କରିବାର ଦାୟିତ୍ୱ ଦେଲେ ଏବଂ ଯେତେଶୀଘ୍ର ସମ୍ଭବ ଜାଗାଟାକୁ ପ୍ରାଚୀର ଦେଇ ଘେରା ଦେବାକୁ ନିର୍ଦ୍ଦେଶ ଦେଲେ ।

ମୁଁ ବି ଶାନ୍ତିଭାଇଙ୍କ ସଙ୍ଗେ ସକ୍ରିୟଭାବେ ଉକ୍ତ କାର୍ଯ୍ୟରେ ଲାଗି ପଡ଼ିଲି । ଶ୍ରୀଶ୍ରୀଠାକୁରଙ୍କ ଦୟାରୁ ଓ ଶ୍ରୀଶ୍ରୀପିତୃଦେବଙ୍କ ଆଶୀର୍ବାଦରୁ ଅତି ଶୀଘ୍ରହିଁ ସେହି ବିଶାଳ ଜାଗା ପ୍ରାଚୀର ଦେଇ ଘେରା ହୋଇଗଲା ପରେ ଶ୍ରୀଶ୍ରୀପିତୃଦେବ ସେଠାରେ ଶ୍ରୀମନ୍ଦିର ତିଆରି କରିବାର ଆଶୀର୍ବାଦ କରିଲେ ଏବଂ ପୂଜ୍ୟପାଦ ବାବା କହିଲେ— ତୁମେମାନେ ସେହି ସଙ୍ଗେ ସଙ୍ଗେ ଆଚାର୍ଯ୍ୟଭବନର କାର୍ଯ୍ୟ ବି ଆରମ୍ଭ କରି ଦିଅ ।

ନୂତନ ଉଦ୍ୟମରେ ମୁଁ ଓ ଶାନ୍ତିଭାଇ ନିଜ ନିଜ ବ୍ୟବସାୟର ଫାଙ୍କେ ଫାଙ୍କେ ଶିବିରର କାର୍ଯ୍ୟ ଆରମ୍ଭ କରି ଦେଲୁ । ଆଚାର୍ଯ୍ୟଭବନର କାର୍ଯ୍ୟ ବି ଦ୍ରୁତ ଗତିରେ ଚାଲିଲା ।

୧୯୮୪ ସାଲର ପୂଜା ସମୟ, ଶ୍ରୀଶ୍ରୀପିତୃଦେବ ଜାମାଇବହ ଶ୍ରୀମନ୍ଦିରରେ ଅବସ୍ଥାନ କରୁଛନ୍ତି । ଆମେମାନେ କେଇଜଣ ଶ୍ରୀଶ୍ରୀପିତୃଦେବଙ୍କୁ ଦର୍ଶନ ଓ ପ୍ରଣାମ କରିବା ପାଇଁ ଗଲୁ । ସିଏ ଆମମାନଙ୍କୁ ଦେଖି ଭୀଷଣ ଖୁସି ହେଲେ । କୁଶଳାଦି ପରେ କାମର ଖବର ନେଲେ । ଜନୈକ କର୍ମୀଙ୍କୁ ଡ଼ାକି ଆମମାନଙ୍କର ରହିବାର ଓ ଖାଇବାର ବ୍ୟବସ୍ଥା କରି ଦେବାକୁ କହିଲେ ।

ଜାମାଇବହ ମନ୍ଦିରର ନାଟମଣ୍ଡପରେ ବସି ଶ୍ରୀଶ୍ରୀପିତୃଦେବ ଆଗାମୀ ୧୯୮୭ ସାଲର ଭାଦ୍ର ମାସର ତାଳନବମୀ ତିଥିରେ ଶ୍ରୀଶ୍ରୀଠାକୁରଙ୍କ ଜନ୍ମ ଶତବର୍ଷ ସାଡ଼ମ୍ବରେ ପାଳିତ ହେବାର କଥା ଘୋଷଣା କରିଲେ ଏବଂ ଜନ୍ମଶତବର୍ଷର ବିଶାଳ ଲୋକ ସମାଗମର କଥା ଚିନ୍ତା କରି ସତ୍‌ସଙ୍ଗ ନଗରର ଗେଟରୁ ଷୋଡ଼ଶୀଭବନ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ, ନୂତନ ଗେଷ୍ଟ ହାଉସ, ଫିଲାନ୍‌ଥ୍ରପି ଅଫିସର ତ୍ରିତଳ ନିର୍ମାଣ କରି ବିଶାଳ ଉତ୍ତିକ୍-ସମ୍ମେଳନର ହଲ (Hall) ନିର୍ମାଣ ଇତ୍ୟାଦି ଅନେକ କାର୍ଯ୍ୟର ପରିକଳ୍ପନା ନିଆ ଗଲା ।

ସମସ୍ତ କାମଗୁଡ଼ିକ ୧୯୮୭ ସାଲ ମଧ୍ୟରେ ହିଁ ଶେଷ

କରିବାକୁ ହେବ । ଏହା ସଙ୍ଗେ ସଙ୍ଗେ ଭାରତବର୍ଷର ଯେଉଁଠି ସେଠି ନିର୍ମିୟମାଣ ଶ୍ରୀମନ୍ଦିର ହେଉଛି ତା' ବି ଶେଷ କରିବାକୁ ହେବ । ପ୍ରତ୍ୟେକ ସତ୍‌ସଙ୍ଗୀ ଘରେ ସୁନ୍ଦର କରି ଠାକୁରଘର ଓ ଆସନ ତିଆରି କରିବାକୁ ହେବ । ଏହା ପରଦିନ ୬-ଅକ୍ଟୋବରର ସୁପ୍ରଭାତରେ ସିଏ ଦୟା କରି ମୋତେ ସହପ୍ରତିରତ୍ନିକ୍‌ର ପବିତ୍ର ପାଞ୍ଜା ଦେଲେ ।

ଫେରି ଆସି ଭରପୁର ହୃଦୟ ଦେଇ ଆନନ୍ଦଚିତ୍ତରେ ନୂତନ ଉଦ୍ୟମରେ ଶିବିରର କାର୍ଯ୍ୟ ଆରମ୍ଭ କରି ଦେଲି । କାମ କରିବା ସମୟରେ ବହୁକ୍ଷେତ୍ରରେ ଶ୍ରୀଶ୍ରୀଠାକୁରଙ୍କ ଦୟା ଅନୁଭବ କରିଛି । ସିଏ ଯେପରି ଅଲକ୍ଷ୍ୟରେ ରହି ଆମମାନଙ୍କୁ କାର୍ଯ୍ୟର ଯୋଗାଣ ଦେଇ ଚାଲିଛନ୍ତି । ଦ୍ରୁତଗତିରେ କାର୍ଯ୍ୟ ଆଗୋଉଛି, କିନ୍ତୁ କିପରିଭାବେ ହେଉଛି ତା' ଆମମାନଙ୍କ ଚିନ୍ତାର ବାହାରେ ଥିଲା । ଡ଼ିସେମ୍ବର ମାସର ଏକ ଶୁଭ ସନ୍ଧ୍ୟାରେ ମୋର ଓ ଶାନ୍ତିଭାଇଙ୍କ ନିକଟକୁ ଶ୍ରୀଶ୍ରୀପିତୃଦେବଙ୍କର ଏକ ବିଶେଷ ସନ୍ଦେଶ ଆସିଲା ଯେ ଆମେମାନେ ଯଦି ଦେଓଘର ଆସି ଶ୍ରୀଶ୍ରୀଠାକୁରଙ୍କ ଜନ୍ମଶତବର୍ଷର ଏହି ବିଶାଳ କର୍ମକାଣ୍ଡରେ ଯୋଗଦାନ କରୁ ତେବେ ସିଏ ଖୁବ୍ ଖୁସି ହେବେ । ଆମେମାନେ ସାରା ରାତି ଚିନ୍ତା ଓ ଆଲୋଚନା କରି ସିଦ୍ଧାନ୍ତ ନେଲୁ ଶିବିରର କାର୍ଯ୍ୟ, ନିଜର ବ୍ୟବସାୟ କାର୍ଯ୍ୟ ଯା'ହିଁ କରୁନା କାହିଁକି, ସବୁ ହିଁ ତ ତାଙ୍କୁ ଖୁସି କରିବା ପାଇଁ; ତା'ହେଲେ ଆମେମାନେ ଗଲେ ସିଏ ଖୁସି ହେବେ, ଏହାଠାରୁ ଚରମ ପାଇବା ଆଉ କ'ଣ ଅଛି ?

ସାତଦିନ ମଧ୍ୟରେହିଁ ନିଜର ବ୍ୟବସାୟ-ବାଣିଜ୍ୟ, ଘରଦ୍ୱାର ଛାଡ଼ି ତାଙ୍କ ସାନ୍ନିଧ୍ୟକୁ ଚାଲି ଆସିଲି । ସେହି ଦିନଟା ଥିଲା ୧୯୮୪ ସାଲର ୧୮-ଡ଼ିସେମ୍ବର ।

୧୯-ଡ଼ିସେମ୍ବର ସକାଳେ ଶ୍ରୀଶ୍ରୀପିତୃଦେବ ଶ୍ରଦ୍ଧେୟ ଅନ୍ନଦାପ୍ରସାଦ ମାଜୀଭାଇଙ୍କୁ ଡ଼ାକି ଆମ ଦୁଇଜଣଙ୍କୁ କନଷ୍ଟ୍ରକ୍‌ସନ କାର୍ଯ୍ୟରେ ନିଯୁକ୍ତ କରିବାକୁ କହିଲେ ।

ତାଙ୍କ ବାସଭବନ ସଂଲଗ୍ନ ଗୋଟେ ନୂତନ ଘର ତିଆରି ହେଉଥିଲା— ମାଜୀଭାଇ ସେଠାକୁ ନେଇ ଯାଇ ସେହି ଘରର ସମସ୍ତ ପରିକଳ୍ପନା ମୋତେ ବୁଝାଇ ଦେଇ କାର୍ଯ୍ୟ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଲେ । ମୁଁ ମନେ ମନେ ଏତେ ଆନନ୍ଦିତ ହେଲି, ଯେତେବେଳେ ଶୁଣିଲି ସେହି ବାସଗୃହ ଶ୍ରୀଶ୍ରୀପିତୃଦେବଙ୍କ ପାଇଁ ତିଆରି ହେଉଛି । ନୂତନ ଉଦ୍ୟମରେ ଉତ୍ସାହିତ ହୋଇ ଆନନ୍ଦଚିତ୍ତରେ କାର୍ଯ୍ୟ ଦେଖିବାକୁ ଲାଗିଲି ।

ମନେ ପଡ଼ିଗଲା ଶ୍ରୀଶ୍ରୀଠାକୁରଙ୍କ ସାମନାରେ ବସି ବାଲ୍ୟକାଳର ବାସନାର କଥା— ଯଦି ମୁଁ ବଡ଼ ହୋଇଥା'ନ୍ତି ତେବେ ତାଙ୍କ କାର୍ଯ୍ୟ କରିବାର ସୁଯୋଗ ପାଇଥା'ନ୍ତି, ତାଙ୍କ ସେବା କାର୍ଯ୍ୟରେ ଲାଗି ପାରିଥା'ନ୍ତି ।

ଧନ୍ୟ ମୁଁ । ସିଏ ମୋର ପ୍ରାର୍ଥନା ମଞ୍ଜୁର କରିଛନ୍ତି । ସିଏ ଅନ୍ତର୍ଯ୍ୟାମୀ, ଭକ୍ତବାଞ୍ଛାପୂରଣକାରୀ, କଳ୍ପତରୁ । ତାଙ୍କ ଉତ୍ତରସୂରୀ ଶ୍ରୀଶ୍ରୀପିତୃଦେବଙ୍କ ମାଧ୍ୟମରେ ମୋତେ ତାଙ୍କ ସେବାର ସୁଯୋଗ କରି ଦେଲେ ।

ମନେ ପଡ଼ିଲା ଶ୍ରୀଶ୍ରୀଠାକୁରଙ୍କର ବାଣୀ— "ବଡ଼ଖୋକା ଯା' କହିବ ଶୁଣିବୁ, ମୁଁ ହିଁ ବଡ଼ଖୋକା । ବଡ଼ଖୋକା ସଙ୍ଗେ ରହିବା ମାନେ ମୋ ସଙ୍ଗେ ରହିବା ।" *(ଆଲୋଚନା, ମାର୍ଗଶୀର, ୧୩୭୮, ପୃ.:୪୭)*

(ସାତ୍ୱତ କଥା, ପୃ.:୨୦୨-୨୦୪)

ଶ୍ରୀଶ୍ରୀବଡ଼ଦାଙ୍କ ୧୧୪ତମ ଜନ୍ମ ମହୋତ୍ସବ ଏବଂ ୩୩୮ତମ ସତ୍‌ସଙ୍ଗ ଋତ୍ୱିକ୍-ସମ୍ମେଳନ

୧୬ ଓ ୧୭ ପୌଷ, ୩୧-ଡ଼ିସେମ୍ବର, ୨୦୨୪, ପହିଲା ଜାନୁଆରୀ ୨୦୨୫, ମଙ୍ଗଳବାର ଓ ବୁଧବାର

(କେନ୍ଦ୍ରୀୟଭାବେ ପାଳନୀୟ)

ମାଣିକପୁରରେ ଶ୍ରୀଶ୍ରୀଠାକୁରଙ୍କ ବନଭୋଜନ ମହୋତ୍ସବ

୨୫ ପୌଷ, (୯-ଜାନୁଆରୀ, ୨୦୨୫), ଗୁରୁବାର

(କେନ୍ଦ୍ରୀୟ ଉଦ୍‌ଯାପନ ତଥା ସ୍ଥାନୀୟଭାବେ ପାଳନୀୟ)

ଶ୍ରୀଶ୍ରୀଠାକୁରଙ୍କ ୫୭ତମ ମହାପ୍ରୟାଣ ତିଥି (ହବିଷ୍ୟକୃତ୍ୟ)

ମାଘ ଶୁକ୍ଳା ନବମୀ, ୬-ଫେବୃଆରୀ, ୨୦୨୫, ଗୁରୁବାର

ତିରୋଧାନ ଦିବସ : ୧୨ମାଘ, ୨୬-ଜାନୁଆରୀ, ୨୦୨୫, ରବିବାର

ଶ୍ରୀଶ୍ରୀବଡ଼ଦା ସ୍ମରଣେ....

ନୈବେଦ୍ୟ

♦ ପ୍ରୀତିପ୍ରସନ୍ନ ଭଟ୍ଟାଚାର୍ଯ୍ୟ

ପରମପ୍ରେମମୟ ଶ୍ରୀଶ୍ରୀଠାକୁରଙ୍କ ଶ୍ରେଷ୍ଠ ଆତ୍ମଜ ପରମପୂଜ୍ୟପାଦ ବଡ଼ଦା । ଆର୍ଯ୍ୟ ସମାଜ ବିଧାନରେ ଅଛି, ଜ୍ୟେଷ୍ଠ ଭ୍ରାତା ପିତାଙ୍କରହିଁ ପ୍ରତିଭୂ । ଶ୍ରୀଶ୍ରୀଠାକୁରଙ୍କ ପିତୃତ୍ୱର ଛାୟାରେ ବିଧୃତ ସତ୍‌ସଙ୍ଗ ସମାଜର ଘରେ ଘରେ ପିତାଙ୍କର ହିଁ ପ୍ରତିଭୂର ଆସନ ଅଳଙ୍କୃତ କରି ବନ୍ଦିତ ହୋଇଉଠିଥିଲେ ପରମପୂଜ୍ୟପାଦ ବଡ଼ଦା; ଆଜିବି ପୂଜିତ ହୋଇ ଚାଲିଛନ୍ତି, ଚାଲିବେ ଯୁଗ ଯୁଗ ଧରି ।

ଶ୍ରୀଶ୍ରୀଠାକୁରଙ୍କ ପାଦପୀଠତଳେ ଜନ୍ମସୂତ୍ରରେ ପ୍ରଥମ ଆଖି ମେଲାଇ ଯେଉଁମାନଙ୍କୁ ଦେଖିଛି, ଜାଣିବା ଆଗରୁହିଁ ଯେଉଁମାନଙ୍କୁ ଚିହ୍ନିଛି, ପୂଜ୍ୟପାଦ ବଡ଼ଦା ସେମାନଙ୍କ ମଧ୍ୟରୁ ଅନ୍ୟତମ । ଯେତେ ବଡ଼ ହୋଇ ଉଠିଛି, ଦୃଷ୍ଟିଶକ୍ତି ଯେତେ ଖୋଲିଛି, ବୋଧ-ଶକ୍ତି ଯେତେ ବଢ଼ିଛି, ମୋ ଜୀବନରେ ତାଙ୍କ ପରିଚିତି ତାଙ୍କ ଉପସ୍ଥିତି ସେତେ ବ୍ୟାପୃତ ହୋଇ ଉଠିଛି । ଦେଖିଛି ଘରେ ଘରେ ଜନେ ଜନେ ପ୍ରତ୍ୟକ୍ଷେ-ପରୋକ୍ଷେ ତାଙ୍କର ଅଚ୍ଛେଦ୍ୟ ଯୋଗସୂତ୍ର । ଦେଖିଛି, ବାଳକ-ବାଳିକା ଯୁବକ-ଯୁବତୀ ବୃଦ୍ଧ-ବୃଦ୍ଧା ପ୍ରତି ପ୍ରତ୍ୟେକଙ୍କୁ ଶ୍ରୀଶ୍ରୀଠାକୁରଙ୍କ ଆଦର୍ଶର ଅନୁକୂଳରେ ଅନୁପ୍ରାଣିତ କରି ତୋଳିବାର ତାଙ୍କର ଅଦମ୍ୟ ଅକ୍ଳାନ୍ତ ପ୍ରଚେଷ୍ଟା । ପିତାଙ୍କର ପବିତ୍ର କର୍ତ୍ତବ୍ୟ ମଥାରେ ତୋଳି ନେଇ ପ୍ରତି ପ୍ରତ୍ୟେକଙ୍କୁ ଶାସନେ-ପାଳନେ-ପୋଷଣେ ସଂରକ୍ଷିତ କରି ଜୀବନବୃଦ୍ଧିର ପଥରେ ଉଜ୍ଜ୍ୱଳ କରି ତୋଳିବାର ନିରଳସ ପ୍ରଚେଷ୍ଟା ତାଙ୍କୁ ଦେବଦୁର୍ଲଭ ବ୍ୟକ୍ତିତ୍ୱର ମହିମାରେ ମହିମାନ୍ୱିତ କରି ତୋଳିଥିଲା । ଧାରଣ-ପାଳନ-ସମ୍ବେଗସିଦ୍ଧ ବ୍ୟକ୍ତିତ୍ୱର ସହଜାତ ଅନୁଶୀଳନ ତାଙ୍କ ବ୍ୟକ୍ତିତ୍ୱକୁ ଏପରି ବିସ୍ମୃତ, ଏପରି ଉତ୍ତୁଙ୍ଗ କରି ତୋଳିଥିଲା ଯେ ତାଙ୍କୁ ଘେରି ପରିବେଶର ସମସ୍ତେହିଁ ମୁଗ୍ଧ ବିସ୍ମୟରେ ସମ୍ମୋହିତ ହୋଇ ରହୁଥିଲେ ସାରାକ୍ଷଣ । ସୂର୍ଯ୍ୟଙ୍କ ଆଲୋକରେ ସବୁକିଛିହିଁ ପ୍ରାଣ-ସ୍ପନ୍ଦନରେ ବିକଶିତ ହୋଇଉଠେ, କିନ୍ତୁ କାଞ୍ଚନଜଙ୍ଘାର ଉତ୍ତୁଙ୍ଗ ଶିଖରରେ ସୂର୍ଯ୍ୟଙ୍କ ଆଲୋକ ପ୍ରତିଫଳିତ ହୋଇ ଯେଉଁ ଅନନ୍ୟ ସୌନ୍ଦର୍ଯ୍ୟରେ ବିଚ୍ଛୁରିତ ହୋଇଉଠେ ତା'ର ଅଭିନବ ଚମକ ମଣିଷକୁ ମନ୍ତ୍ରମୁଗ୍ଧ କରି ରଖିଛି ଯୁଗ ଯୁଗ ଧରି । ଶ୍ରୀଶ୍ରୀଠାକୁରଙ୍କ ଦିବ୍ୟ ଆଲୋକର ସ୍ପର୍ଶରେ ସବୁକିଛିହିଁ ସୁନ୍ଦର ହୋଇଉଠେ, କିନ୍ତୁ ପୂଜ୍ୟପାଦ ବଡ଼ଦାଙ୍କ ବ୍ୟକ୍ତିତ୍ୱକୁ ଯେଉଁ ଅପୂର୍ବ ବର୍ଣ୍ଣାଳୀରେ ରଞ୍ଜିତ କରି ତୋଳିଥିଲା ତା'ର ତୁଳନା କୋଉଠି ! ତାଙ୍କ ବ୍ୟକ୍ତିତ୍ୱର ସେହି ଅନୈସର୍ଗିକ ବର୍ଣ୍ଣାଳୀର ଆକର୍ଷଣରେହିଁ ଅଗଣିତ ମଣିଷ ତାଙ୍କୁ ଘେରି କଳଗୁଞ୍ଜନରେ ମୁଖରିତ ହୋଇ ଉଠିଥିଲେ ମଧୁ ପିୟାସୀ ଭ୍ରମର ଭଳି ।

ଶ୍ରୀଶ୍ରୀଠାକୁରଙ୍କ ନିରନ୍ତର ସେବା ମଧ୍ୟ ଦେଇ ଶ୍ରୀଶ୍ରୀଠାକୁରଙ୍କ ଏକାନ୍ତ ଭରସାର ସ୍ଥଳ ହୋଇ ଉଠିଥିଲେ ପରମପୂଜ୍ୟପାଦ ବଡ଼ଦା । ଶ୍ରୀଶ୍ରୀଠାକୁରଙ୍କ ମୁଖପାତ୍ର ହୋଇ ଆଶ୍ରମର ପ୍ରତି ପ୍ରତ୍ୟେକର ସୁଖ ଦୁଃଖ ଆନନ୍ଦ ଉତ୍ସବର ସବୁ ଦାୟିତ୍ୱ ସିଏ ସାନନ୍ଦରେ ମଥାରେ ତୋଳି ନେଇଥିଲେ । ଏହି ସୂତ୍ରରେହିଁ ସର୍ବ ବିଷୟରେ ତାଙ୍କର ଆଗ୍ରହ ବି ଥିଲା ଅପରିସୀମ । ଆଶ୍ରମର ପୁଅଝିଅମାନଙ୍କର ପଢ଼ାଶୁଣା ଖେଳାବୁଲା ଶରୀର ସ୍ୱାସ୍ଥ୍ୟ ଚାରିତ୍ର୍ୟ — ସବୁ ଦିଗରେହିଁ ଥିଲା ତାଙ୍କର ଦାୟିତ୍ୱପୂର୍ଣ୍ଣ ସାଗ୍ରହ ସଜାଗ ଦୃଷ୍ଟି । ସକଳଙ୍କ ସୌଭାଗ୍ୟରେ ଆନନ୍ଦିତ ହୋଇଉଠିବା, ଦୁର୍ଭାଗ୍ୟକୁ ସୁନିୟନ୍ତ୍ରଣରେ ନିୟନ୍ତ୍ରିତ କରି ତୋଳିବା, ସମର୍ଥକୁ ସମ୍ବର୍ଦ୍ଧିତ କରି ତୋଳିବା, ଅସହାୟକୁ ଉତ୍ସାହରେ ଉଦ୍ଦୀପିତ କରି ରଖିବା... ଏହି ସବୁହିଁ ହୋଇଉଠିଥିଲା ତାଙ୍କର ଦିବ୍ୟ ଜୀବନର ନିତ୍ୟ ବ୍ରତ । ସକଳଙ୍କର ହିଁ ଆନନ୍ଦର ସମ୍ବାଦ, ତ୍ରାଣର ଆବେଦନ ନିବେଦନର ନିଶ୍ଚିନ୍ତ ଆଶ୍ରୟସ୍ଥଳ ହୋଇ ଉଠିଥିଲେ ପରମପୂଜ୍ୟପାଦ ବଡ଼ଦା ।

ମୋ ଭଳି ନଗଣ୍ୟ ଅକ୍ଷମ ଏହି ବ୍ୟକ୍ତିତ୍ୱ ନେଇ ବିରାଟ ସେହି ବ୍ୟକ୍ତିତ୍ୱର ପର୍ଯ୍ୟାଲୋଚନା କରିବା ଧୃଷ୍ଟତା ମାତ୍ର । ତାଙ୍କୁ ଦେଖି ଦୁଇ ଆଖିରେ ଚମକର ଯେଉଁ ଘୋର ଲାଗିଥିଲା ସେହି ବିସ୍ମୟ ପ୍ରକାଶର ଭାଷା ବି ମୋର ନାହିଁ । କେବଳ ମୁଗ୍ଧତାର ଗୋଟେ ମଧୁର ଆବେଶ ମୋର ସ୍ତବ୍ଧ ମନର ଅନ୍ଧକାରରେ ସୁଖସ୍ମୃତିର ଅନାବିଳ ଆନନ୍ଦର ଆଲୋକ ଖେଳେଇ ଚାଲିଛି ନିରନ୍ତର । ଆଜି ତାଙ୍କ ଜନ୍ମଶତବାର୍ଷିକୀର ଏହି ଶୁଭଲଗ୍ନରେ ତାଙ୍କ ପଦପ୍ରାନ୍ତରେ ଅର୍ଘ୍ୟ ନିବେଦନର କୌଣସିବି ସମ୍ବଳହିଁ ମୋର ନାହିଁ, ତେବେ ବି ଗୀତାର ବାଣୀ ମୋତେ ଉତ୍ସାହିତ କରି ତୋଳିଛି —

ପତ୍ରଂ ପୁଷ୍ପଂ ଫଳଂ ତୋୟଂ ଯୋ ମେ ଭକ୍ତ୍ୟା ପ୍ରଯଚ୍ଛତି ।
ତଦହଂ ଭକ୍ତ୍ୟୁପହୃତମଶ୍ନାମି ପ୍ରୟତାତ୍ମନଃ ॥

ଶୁଦ୍ଧ ଚିତ୍ତ ଭକ୍ତର ନିବେଦିତ ଭକ୍ତି ଉପହାର ଫୁଲ ପତ୍ର ଫଳ ଜଳ ସବୁହିଁ ମୁଁ ଗ୍ରହଣ କରେ । ପୂଜ୍ୟପାଦ ବଡ଼ଦାଙ୍କୁ ଘେରି ମୋର ସ୍ମୃତିର ଉଦ୍ୟାନରେ ରକମାରୀ କେତେ ଫୁଲ ଫୁଟି ରହିଛି, ସେଥିରୁ ହିଁ କେତୋଟି ଚୟନ କରି ମୋର ଅନ୍ତରର ଭକ୍ତିରସରେ ସିଞ୍ଚିତ କରି ମୋର ଅର୍ଘ୍ୟାଞ୍ଜଳିର ଏହି ନୈବେଦ୍ୟ ତାଙ୍କରିହିଁ ଶ୍ରୀଚରଣରେ ନିବେଦନ କରିଲି— ତାଙ୍କ ଜନ୍ମଶତବାର୍ଷିକୀର ପୁଣ୍ୟ

ଲଗ୍ନରେ ।

ଅଳ୍ପବୟସୀ ବାଳକ ସେତେବେଳେ ମୁଁ । ସେଥର ବିଜୟା ଦଶମୀର ସନ୍ଧ୍ୟାରେ ଶ୍ରୀଶ୍ରୀଠାକୁର-ପ୍ରଣାମ କରିବାକୁ ଗଲି ବାପାଙ୍କ ସାଙ୍ଗରେ । ସେହି ସମୟରେ ବିଜୟା ଦଶମୀର ସନ୍ଧ୍ୟାରେ ଆଶ୍ରମ ପ୍ରାଙ୍ଗଣ ବର୍ତ୍ତମାନ ଭଳି ଏପରି ଜନାରଣ୍ୟ ହୋଇ ଉଠୁ ନଥିଲା । ଭୀଡ଼ର ସେପରି କୌଣସି ବି ଚାପ ନଥିଲା । ପ୍ରଣାମ ସାରି ବାହାରି ଆସି ବାପାଙ୍କ ସଙ୍ଗେ ହିଁ ଘରର ଆଡ଼େ ଚାଲିଛି, ଅଶ୍ୱତ୍ଥତଳେ ପୂଜ୍ୟପାଦ ବଡ଼ଦାଙ୍କ ସଙ୍ଗେ ଦେଖା ହୁଏ । ଦେଖା ହୁଅନ୍ତେହିଁ ବଡ଼ଦା ହସହସ ମୁହଁରେ ଆଗେଇ ଆସିଲେ ବାପାଙ୍କୁ ପ୍ରଣାମ କରିବାକୁ । ବାପା ବି ହସହସ ମୁହଁରେ ବଡ଼ଦାଙ୍କ ପ୍ରଣାମର ଉପକ୍ରମକୁ ପ୍ରତିହତ କରି ନିଜେ ଝୁଙ୍କି ପଡ଼ିଲେ ବଡ଼ଦାଙ୍କୁ ପ୍ରଣାମ କରିବା ଉଦ୍ଦେଶ୍ୟରେ । ବଡ଼ଦା ବି ସଚକିତ ହୋଇ ବାପାଙ୍କ ପ୍ରଣାମର ଏହି ଉପକ୍ରମକୁ ପ୍ରତିରୋଧ କରିବାକୁ ସଚେଷ୍ଟ ହୋଇଉଠିଲେ । ଅଦ୍ଭୁତ ଦୃଶ୍ୟ, ଦୁଇଜଣହିଁ ଦୁଇଜଣଙ୍କୁ ପ୍ରଣାମ କରିବେ । କେହି କାହାରିବି ପ୍ରଣାମ ନେବେ ନାହିଁ । ଶେଷ ପର୍ଯ୍ୟନ୍ତ ପ୍ରଣାମର ପ୍ରଚେଷ୍ଟାର ଅଭିନବ ଏହି ଦ୍ୱୈରଥର ପରିସମାପ୍ତି ହେଲା ଆଗ୍ରାସୀ ଆଲିଙ୍ଗନର ଦୀର୍ଘସ୍ଥାୟୀ ମିଳନ ଉଲ୍ଲାସରେ । ଅନୈସର୍ଗିକ ଏ ଦୃଶ୍ୟର ସାକ୍ଷୀ ହୋଇ ରହିଲି ସ୍ତବ୍ଧ ମୁଗ୍ଧ ବାଳକ ମୁଁ, ଆଉ ସେହି ଅଶ୍ରୁଳ୍ପ ଗଛଟା । ଆଉ କେହି ଥିଲେ କି ନା ମନେ ନାହିଁ । ମୋର ସେଇ ବାଳକ ବୟସରେ ଅପାର ମୁଗ୍ଧତାର ଆବେଶରେ ଆଚ୍ଛନ୍ନ ମୁଁ ସ୍ତବ୍ଧ ହୋଇ ଠିଆ ହୋଇ ରହିଲି ଏକ ପାଖରେ । ମନର ଅଭିଭୂତ ଏହି ଭାବ ପ୍ରକାଶର କୌଣସି ବି ଭାଷା ସେତେବେଳେ ମୋର ନଥିଲା । ଆଜି ଏହି ପରିଣତ ବୟସରେ ବାଳକ ବୟସର ମୁଗ୍ଧତାର ସେହି ସୁଖ-ସ୍ମୃତିକୁ ଭାଷାରେ ପ୍ରକାଶ କରିବାକୁ ଯାଇ କେବଳହିଁ ମନେ ହେଉଛି କ'ଣ ସ୍ୱର୍ଗକୁ ଯାଉ, ନା ସ୍ୱର୍ଗକୁହିଁ ଓହ୍ଲାଇ ନେଇ ଆସୁ ଆମମାନଙ୍କର ମାଟିର ଏହି ପୃଥିବୀରେହିଁ !

୪୦ ନଂ ବଦ୍ରୀଦାସ ଟେମ୍ପଲ ଷ୍ଟ୍ରୀଟରେ ପରମପୂଜ୍ୟପାଦ ବଡ଼ଦାଙ୍କ ଘରେ ପୂଜ୍ୟପାଦ ଦାଦାଙ୍କ ମହୀୟସୀ ମା'ଙ୍କ ତତ୍ତ୍ୱାବଧାନରେ, ସସ୍ନେହ ସଂରକ୍ଷଣରେ ଆମମାନଙ୍କର ତିନି ଭାଇଙ୍କର କଲିକତାର ଛାତ୍ରଜୀବନ କଟିଛି । ଘରର ଦାଦା ବିଦି ଭାଇ ଭଉଣୀମାନଙ୍କର ସମସ୍ତଙ୍କର ହିଁ ଅକୁଣ୍ଠ ଆମନ୍ତ୍ରଣୀ ସହମର୍ମିତାରେ । ସସ୍ନେହ ଉଦାରତାରେ ଘରଠାରୁ ଦୂରରେ ରହିବି ନିଜକୁ କଦାପି ବି ପ୍ରବାସୀ ବୋଲି ମନେ ହୋଇନି ମୁହୂର୍ତ୍ତକ ପାଇଁ ବି । ନିଜର ଘର ଆଉ ସେଇ ଘର, ଦୁଇଟାହିଁ ଏକହିଁ ଘର ହୋଇଉଠିଥିଲା । ଘରର ସମସ୍ତଙ୍କୁ ନିଜର କରି ନେବାର ସହଜାତ ଐଶୀ ଏହି ମାନସିକତା— ଏହାର ତୁଳନା ମିଳିବା କଷ୍ଟ ।

ବଡ଼ଦା ସେତେବେଳେ ମଝିରେ ମଝିରେ ଆସୁଥିଲେ କଲିକତା, ଦୁଇଚାରିଦିନ ରହି ପୁଣି ଫେରି ଯାଉଥିଲେ ଦେଓଘର । ସେହି ଦୁଇଚାରିଦିନ ବଡ଼ଦାଙ୍କ ଉପସ୍ଥିତିରେ ଘରେ ଅଭୂତପୂର୍ବ ଆନନ୍ଦର ଗୋଟେ ସାଡ଼ା ଜାଗି ଉଠୁଥିଲା । ସମସ୍ତଙ୍କୁ ନେଇ ଚିଡ଼ିୟାଖାନାକୁ ଯିବା, ହାଟବଜାରରେ ଯାଇ କିଣାକିଣି କରିବା, ହସ-ଥଟ୍ଟାରେ ପରିବେଶଟାକୁ ଏକଦମ ମତେଇ ତୋଳୁଥିଲେ । ତାଙ୍କ ଜୀବନର ଦୁରନ୍ତ ଗତିର କଳରୋଳ ଖେଳେଇ ପଡୁଥିଲା ଆମମାନଙ୍କ ପ୍ରତ୍ୟେକଙ୍କ ଜୀବନର ରନ୍ଧ୍ରେ ରନ୍ଧ୍ରେ । ପ୍ରତିପ୍ରତ୍ୟେକଙ୍କ ସଙ୍ଗେ ବ୍ୟକ୍ତିଗତ ନିବିଡ଼ ସମ୍ପର୍କ ସର୍ବଜନୀନତାରେ ଉଭିନ୍ନ ହୋଇ ଘରଟାକୁ ଉତ୍ସବମୁଖରିତ କରି ତୋଳୁଥିଲା ।

ପ୍ରତ୍ୟେକର ଦାୟଦାୟିତ୍ୱ ଅକୁଣ୍ଠଭାବେ ନିଜ କାନ୍ଧରେ ତୋଳି ନେବାକୁ ଆଗ୍ରହୀ ଏପରି ବ୍ୟକ୍ତିତ୍ୱ ବଡ଼ ଦୁର୍ଲଭ । କେହି ଯେପରି ତାଙ୍କର ପର ନ ଥିଲା, ସମସ୍ତେହିଁ ଥିଲେ ତାଙ୍କ ନିକଟରେ ତାଙ୍କର ଏକାନ୍ତ ନିଜର ଲୋକ । ହସ ଆନନ୍ଦର ସେହି ଉଲ୍ଲାସ ମଧ୍ୟରେହିଁ ମୋତେ ଦିନେ କହିଲେ, "ପଢ଼ାପଢ଼ି କିନ୍ତୁ ମନ ଦେଇ କରିବୁ, ପରୀକ୍ଷାରେ ଭଲ ଫଳ କରିବାହିଁ ଦରକାର । କେବେବି ଯଦି କୌଣସି କିଛିର ପ୍ରୟୋଜନ ମନେ କରିବୁ, ପ୍ରାଇଭେଟ ଟିଉଟର ପାଖେ ପଢ଼ିବା ଯଦି ଦରକାର ହୁଏ ମୋତ ଜଣାଇବାକୁ କୌଣସିବି ପ୍ରକାର ଦ୍ୱିଧା କରିବୁ ନାହିଁ, ଚଟ୍ କରି ଗୋଟେ ଚିଠି ଲେଖି ଦେବୁ । ତୋର ବାପାଙ୍କୁ କିନ୍ତୁ କିଛି ଜଣାଇବୁନି, ସିଏ ଶ୍ରୀଶ୍ରୀଠାକୁରଙ୍କର ନାନା କାର୍ଯ୍ୟରେ ସର୍ବଦା ବ୍ୟସ୍ତ ରୁହନ୍ତି ତ !"

ସସ୍ନେହ ଉଦାରତାର ଏହି ସ୍ପର୍ଶରେ କଥାଟା ମନରେ ସେତେବେଳେ ଦାଗ କାଟିଥିଲା, ଆଜି ପ୍ରାଣରେ ସାଡ଼ା ଜଗେଇ ଚାଲିଛି, ଉଦାର ସ୍ନେହର ଅଭିନବ ଏହି ଅଭିବ୍ୟକ୍ତି ଆଉ କ'ଣ କୋଉଠି ବି ଆଖିରେ ପଡ଼ିଛି !

ଦିନେ କଲେଜକୁ ଯିବା ସମୟରେ ବଡ଼ଦାଙ୍କୁ ଜଣାଇବାକୁ ଗଲି ଯେ ମୁଁ ଯାଉଛି । ବଡ଼ଦା ହସହସ ମୁହଁରେ ମୁଣ୍ଡ ହଲାଇ ସମ୍ମତି ଜଣାଇଲେ । ହଠାତ୍ ଲକ୍ଷ୍ୟ ପଡ଼ି ଯିବାରୁ ପଚାରିଲେ, "ତୋର ରିସ୍କ୍ ୱାଚ ନାହିଁ ?"

ଘଡ଼ି ମୋର ନ ଥିଲା ଆଉ ଘଡ଼ି ପିନ୍ଧିବାର ଅଭ୍ୟାସ ବି ନଥିଲା ମୋର । ଉତ୍ତରରେ ଜଣାଇଲି ମୋର ଘଡ଼ିର କୌଣସି ପ୍ରୟୋଜନ ହୁଏନା, ପରୀକ୍ଷା ସମୟରେ ଭାଇମାନଙ୍କର କାହାର ଗୋଟେ ନେଇ ଯାଏ । ଉତ୍ତରଟା ଶୁଣି ବଡ଼ଦା କୌଣସି ବି ଉଚ୍ଚବାଚ୍ୟ କରିଲେ ନାହିଁ । ପରଦିନ କଲେଜକୁ ଯିବା ଆଗରୁ ବଡ଼ଦା କହିଲେ, "ପ୍ରଥମ କ୍ଲାସଟା ବାଦ ଦେଲେ କ'ଣ ଅସୁବିଧା ହେବ ! ଯଦି ନ ହୁଏ ତା'ହେଲେ ଟିକେ ପରେ ଯିବୁ, ମୁଁ ବୁଲି ଆସେ ।"

ବଡ଼ଦା ବାହାରି ଗଲେ । ମୁଁ କିଛି ବୁଝି ନ ପାରି ହତବୁଦ୍ଧି ପ୍ରତୀକ୍ଷାରେ ବସି ରହିଲି । କିଛିକ୍ଷଣ ପରେହିଁ ଫେରି ଆସି

କହିଲେ— ହାତଟା ଦେଖି ! ହାତଟା ବଢ଼େଇବାରୁ ମୋର ହାତରେ ସଦ୍ୟ କିଣି ଆଣିଥିବା ଘଡ଼ିଟି ପିନ୍ଧାଇ ଦେଇ ହସମୁଖରେ କହିଲେ, ଏଥର କଲେଜ ଯା', ଘଡ଼ିଟା ସବୁ ସମୟରେ ହାତରେ ପିନ୍ଧି ରଖିବୁ ।

କଲେଜ ଯାଇ ମୁଷ୍ଟିଲରେ ପଢ଼ିଲି । ଘଡ଼ିଟା ଥିଲା ଦାମୀ । ବନ୍ଧୁବାନ୍ଧବମାନେ ସେଇ ବୟସରେ ମୋ ହାତରେ ସେହି ଦାମୀ ଘଡ଼ି ଦେଖି ପ୍ରଶ୍ନ ଆରମ୍ଭ କରି ଦେଲେ— ଏତେ ଦାମୀ ଘଡ଼ି କୋଉଠୁ ପାଇଲୁ, ଏ ଘଡ଼ି ତ ଲୋକେ ବିବାହ ସମୟରେ ପିନ୍ଧନ୍ତି ! ମୁଁ କହିଲି ଘଡ଼ିଟା ମୋତେ ମୋର ବଡ଼ଦା ଦେଇଛନ୍ତି ।

ଧର୍ମତଳା ଷ୍ଟ୍ରୀଟ୍‌ରେ 'କମଳାଳୟ ଷ୍ଟୋର୍ସ'ଟା ସେତେବେଳେ ବେଶ ନାମୀ ଦାମୀ ଦୋକାନ ଥିଲା । ଦିନେ ସନ୍ଧ୍ୟାବେଳେ ବଡ଼ଦା ଘରର ସବୁ ପିଲାମାନଙ୍କୁ ନେଇ ସେହି ଦୋକାନକୁ ଗଲେ । ସମସ୍ତଙ୍କ ପାଇଁ କିଣାକିଣି କରିଲେ । ମୋ ପାଇଁ କିଣିଲେ ଦୁଇଟା ଟ୍ରାଉଜରସ ଦୁଇଟା ଟି ଶାର୍ଟ । ଟ୍ରାଉଜର ପିନ୍ଧିବାରେ ଅଭ୍ୟସ୍ତ ନଥିଲି ମୁଁ । ଧୋତି ପିନ୍ଧି କଲେଜ ଯାଉଥିଲି । ବଡ଼ଦା କହିଲେ, ଟ୍ରାଉଜର ପିନ୍ଧି କଲେଜ ଯିବୁ, ପ୍ରାକ୍ଟିକାଲ କ୍ଲାସ କରିବାକୁ ସୁବିଧା ହେବ ।

ନିୟମିତ ଦାଢ଼ି କାଟିବାର ଅଭ୍ୟାସ ମୋର ନଥିଲା, ନିଜେ ନିଜେ ବି କାଟି ପାରୁନଥିଲି । ଦାଢ଼ି ବଡ଼ ହୋଇଗଲେ ମଝିରେ ମଝିରେ ସେଲୁନ ଯାଇ କାଟି ଆସୁଥିଲି । ଫଳରେ ଗାଲରେ ଖୋଞ୍ଚା ଖୋଞ୍ଚା ଦାଢ଼ି ରହୁଥିଲା ପ୍ରାୟଃ ସବୁ ସମୟରେହିଁ । ଲକ୍ଷ୍ୟରେ ପଡ଼ି ଯିବାରୁ ବଡ଼ଦା କହିଲେ, 'ଯା' ଦାଢ଼ି କାଟି ଆସ, ଦାଢ଼ି କାଟି କଲେଜ ଯିବୁ ।' ଲୁଙ୍ଗି ଗଞ୍ଜି ପିନ୍ଧିଥିଲି, ତା' ଉପରେ ଗୋଟେ ଶାର୍ଟ ଚାପି ମୁଁ ବାହାରିଲି ଦାଢ଼ି କାଟିବାକୁ । ଗେଟ ଦେଇ ବାହାରନ୍ତେ ହିଁ ଉପରର ଚାରିତଳାର ଛାତରୁ ଘରର ପୁଅଝିଅମାନଙ୍କ ମଧ୍ୟରୁ କିଏ ଜଣେ ଡ଼ାକ ଦେଇ କହିଲା, ପିଢୁନଦା, ବାପା ଆପଣଙ୍କୁ ଠିଆ ହେବାକୁ କହିଲେ । କାହିଁକି, କିଛି ନ ବୁଝି ହିଁ ଆଦେଶ ପାଳନ ପାଇଁ ମୁଁ ଠିଆ ହୋଇ ରହିଲି ଗେଟ ବାହାରେ ପଥ ଧାରରେ । ହଠାତ୍ ଦେଖେ ବଡ଼ଦା ଏକା ଓହ୍ଲାଇ ଆସିଲେ । ଆସିହିଁ କହିଲେ, "ଗାଡ଼ିରେ ଉଠ ।" ବିନା ପ୍ରଶ୍ନରେ ଉଠି ବସିଲି ବଡ଼ଦାଙ୍କ ପାଖରେ, ବଡ଼ଦା ଗାଡ଼ି ଚଲେଇ ନେଇ ଚାଲିଲେ । ବିଡ଼ନ ଷ୍ଟ୍ରୀଟରେ ଗୁରୁଭାଇ ମଦନଭାଇଙ୍କ ସେଲୁନ ଥିଲା, ସେହି ସେଲୁନ ସାମନାରେ ଗାଡ଼ି ଠିଆ କରାଇ ବଡ଼ଦା କହିଲେ, "ଯା', ଭିତରକୁ ଯାଇ ଦାଢ଼ି କାଟ, ମୁଁ ଯେ ଏଠାରେ ଅଛି କାହାକୁ ଜଣାଇବୁ ନାହିଁ ।"

ବୁଝିଲି ବଡ଼ଦା ଆସିଛନ୍ତି ଜାଣିଲେ ଅବାଞ୍ଛିତ ଗୋଟେ ସୋରଗୋଳ ଆରମ୍ଭ ହୋଇଯିବ । ମୁଁ ଯାଇ ଦାଢ଼ି କାଟିବାକୁ ବସିଲି ମନରେ ଗୋଟେ ଦୁଶ୍ଚିନ୍ତା ନେଇ । ଆମେମାନେ ଯେଉଁ ସେଲୁନରେ ଦାଢ଼ି କାଟୁ ସେ ସେଲୁନରେ କାଟିବାକୁ ନିଅନ୍ତି ଦୁଇ ଅଣା । ମୋ ପକେଟରେ ଦୁଇ ଅଣାହିଁ ମାତ୍ର ଥିଲା । ଏହି ସେଲୁନଟା ଟିକେ ଦାମୀ, ପଇସା ଦେବା ସମୟରେ କ'ଣ କରିବି ! ଦାଢ଼ି କଟା ଶେଷ ହୁଅନ୍ତେ ହିଁ ଦେଖେ ବଡ଼ଦା ପାଖରେ ଆସି ଠିଆ ହୋଇଛନ୍ତି । ଟେବୁଲରେ ଗୋଟେ ଅଧୁଲି ରଖି ମୋର ହାତ ଧରି ଟାଣି ନେଇ ଚାଲିଲେ, କହିଲେ ଶୀଘ୍ରଶୀଘ୍ର ଚାଲ । ଦୋକାନର କର୍ମଚାରୀମାନଙ୍କ ବିମୂଢ଼ ଭାବଟା କାଟି ଉଠିବା ଆଗରୁହିଁ ଆମେମାନେ ବାହାରି ଆସିଲୁ ।

ସବୁ ଦିଗରେ ଏପରି ସଜାଗ ସତର୍କ ଦୃଷ୍ଟି— ଭାବିଲେ ବିସ୍ମୟ ବୋଧ ହୁଏ । ତୁଚ୍ଛାତିତୁଚ୍ଛ କୌଣସି ବି କିଛିହିଁ ଯେପରି ତାଙ୍କ ନଜରର ଆଢ଼ୁଆଳରେ ରହୁନଥିଲା ।

ଘରକୁ ଆସି ବଡ଼ଦା କହିଲେ, "କଲେଜକୁ ଯିବା ଆଗରୁ ପୋଷାକ ପରିଚ୍ଛଦ ପିନ୍ଧି ମୋତେ ଦେଖାଇ ଯିବୁ ।" ଅନଭ୍ୟସ୍ତ ଟ୍ରାଉଜର-ସାର୍ଟ ପିନ୍ଧି ହାତରେ ଘଡ଼ି ପିନ୍ଧି ସଦ୍ୟ ଦାଢ଼ିକଟା ଗାଲ ନେଇ କଲେଜକୁ ଯିବା ଆଗରୁ ବଡ଼ଦାଙ୍କ ସାମନାରେ ଯାଇ ଠିଆ ହେଲି । ଓଠରେ ସ୍ନିଗ୍ଧ ହସ, ଆଖିରେ ହସର ଝଲକ ଦେଇ ବଡ଼ଦା କିଛିକ୍ଷଣ ଚାହିଁ ରହିଲେ ମୋ ଆଡ଼େ । ହଠାତ୍ ପଚାରିଲେ, "ତୁମ କଲେଜରେ ଝିଅମାନେ ପଢ଼ୁନ୍ତିନି ?"

ମୁଁ ପଢୁଥିଲି ଷ୍ଟିସ୍ ବର୍ଚ୍ଚ କଲେଜରେ, କୋ-ଏଜୁକେଶନ କଲେଜ । ମଥା ହଲାଇ ସମ୍ମତି ଜଣାଇଲି । ମୋତେ ସଲଜ୍ଜ ସଚକିତ କରି ବଡ଼ଦା ହଠାତ୍ କହି ଉଠିଲେ, "ଏହିଭଳି ଧୋପଦୁରନ୍ତ ପୋଷାକ ପିନ୍ଧି ଝକଝକ ହୋଇ ସବୁ ସମୟରେ କଲେଜ ଯିବୁ, ଯେପରି କଲେଜର ଝିଅମାନେ ତୋ ଆଡ଼ୁ ଛଡ଼ା ଅନ୍ୟ କାହାରି ଆଡ଼େ ଆଉ ଚାହିଁ ନ ପାରନ୍ତି । ତୁ କିନ୍ତୁ କାହାରି ଆଡ଼େ ଚାହିଁବୁନି ।" ବଡ଼ଦାଙ୍କ ସସ୍ନେହ ହସର ପ୍ରତ୍ୟୁତ୍ତରରେ ସଲଜ୍ଜ ଟିକେ ହସି ଦେଇ ମୁଁ କଲେଜ ପଥରେ ପାଦ ବଢ଼ାଇଲି । ଆଜି ମନେହୁଏ ଏତେ ବଡ଼ ବ୍ୟକ୍ତିତ୍ୱ, ଅଥଚ କେତେ ସହଜ ସ୍ୱଚ୍ଛନ୍ଦତାରେ ପିଲାପିଲିମାନଙ୍କ ସଙ୍ଗେ ଏପରି ଅନାବିଳ ଆନନ୍ଦରେ ନିଜକୁ ମିଶାଇ ଦେଇ ପାରୁଥିଲେ । ବ୍ୟକ୍ତିତ୍ୱର ସ୍ୱତଃସ୍ଫୂର୍ତ୍ତ ଏହି ସର୍ବଜନୀନତାହିଁ ତାଙ୍କୁ ଏପରି ଆକର୍ଷଣୀୟଭାବେ ସର୍ବଜନସମାଦୃତ କରି ତୋଳିଥିଲା ।

ଶୁକଚର ଗଙ୍ଗା ଧାରରେ ଗୋଟ ବଗିଚାଘରେ ପରମପୂଜ୍ୟପାଦ ବଡ଼ଦାଙ୍କୁ କିଛିଦିନ ରହିବାକୁ ହୋଇଥିଲା । ଛୁଟି ଦିନରେ ସଦ୍ୟ ସକାଳେ ହିଁ ଆମେମାନେ ସମସ୍ତେ ଯାଇ ହାଜର ହେଉଥିଲୁ ସେହି ଘରେ । ସାରାଦିନ ବଡ଼ଦାଙ୍କ ସାନିଧ୍ୟରେ ଅଭୂତପୂର୍ବ ଆନନ୍ଦର ଗୋଟେ ଉଚ୍ଛଳତା ମଧ୍ୟରେ କଟେଇ ରାତିରେ ଫେରି ଆସୁଥିଲୁ ମନରେ ଅଧୀର ଗୋଟେ ପ୍ରତୀକ୍ଷା ନେଇ— ପୁଣି କେବେ ଫେରି ଆସିବ ରବିବାର ।

ଦୋତାଲା ଏହି ଘରଟିର ଉପର ଗୋଟେ ଘରେ ବଡ଼ଦା

ରହୁଥିଲେ । ଘରର ବାହାରେ ଦକ୍ଷିଣରେ ପଶ୍ଚିମରେ ଥିଲା ଟଣା ବାରଣ୍ଡା । ବାରଣ୍ଡାକୁ ଆସିଲେ ହିଁ ଦେଖା ଯାଉଥିଲା ଖରସ୍ରୋତା ବିସ୍ତୀର୍ଣ୍ଣ ଗଙ୍ଗା ବହି ଚାଲିଛି ଉତ୍ତରରୁ ଦକ୍ଷିଣକୁ ଘରଟିର ବନ୍ଧା ଘାଟ ଛୁଇଁ; ବନ୍ଧା ସିଡ଼ିଗୁଡ଼ିକ ଓହ୍ଲାଇ ଯାଇଛି ନଦୀର ମଧ୍ୟ ପର୍ଯ୍ୟନ୍ତ । ଉନ୍ମୁକ୍ତ ଆକାଶ ତଳେ ପ୍ରବାହିତ ନଦୀର ବାଧାବନ୍ଧନହୀନ ଏହି ପ୍ରବାହ ଆଡ଼େ ଚାହିଁ ବଡ଼ଦା ପଶ୍ଚିମର ସେହି ବାରଣ୍ଡାରେ ବସି ରହୁଥିଲେ ସକାଳେ । ବିଶ୍ୱ ପ୍ରକୃତିର ଉଦାର ଉନ୍ମୁକ୍ତ ଏହି ଆନନ୍ଦଧାରା ସହିତ ସିଏ ଯେପରି ଏକାତ୍ମ ହୋଇ ଉଠୁଥିଲେ । ଆମେମାନେ ସମସ୍ତେ ବଡ଼ଦାଙ୍କୁ ଘେରି ବସୁଥିଲୁ । ହସ-ଥଟ୍ଟାରେ ଗଳ୍ପ-ଗୁଜବରେ ଆମମାନଙ୍କର ଛୁଟି ଦିନର ସକାଳଟାକୁ ସ୍ୱପ୍ନ ଜଳ୍ପନା କରି ଚୋଳୁଥିଲେ ବଡ଼ଦା । ତାଙ୍କ ବ୍ୟକ୍ତିତ୍ୱର ଛତ୍ରଛାୟାରେ ଆମମାନଙ୍କର ଚାରୁଣ୍ୟର ଅଦମ୍ୟ ଉଚ୍ଛ୍ୱାସ ଶୃଙ୍ଖଳାର ମାତ୍ରା ଖେଳାଇ ପାରୁ ନଥିଲା କେବେବି । ସୁଶୃଙ୍ଖଳ ଅନାବିଳ ଆନନ୍ଦର ସ୍ରୋତରେ ଆମମାନଙ୍କର ଛୁଟି ଦିନର ସକାଳଟା ଭାସି ଚାଲୁଥିଲା ଗଙ୍ଗା ବୁକୁରେ ଭାସି ଚାଲୁଥିବା ହାଲ୍‌କା ପାଲ ବନ୍ଧା ନୌକା ଭଳି । କେତେବେଳେ ଯେ ସକାଳ ଗଡ଼ି ଦିପହର ସ୍ନାନର ସମୟ ଆସି ଯାଉଥିଲା, ଟେର ହିଁ ପାଉନଥିଲୁ ।

ସ୍ନାନ ସମୟ ହେଲେ ହିଁ ଆମେ ପିଲାମାନେ ସମସ୍ତେ ଏକସଙ୍ଗେ ଗଙ୍ଗାରେ ଓହ୍ଲାଇ ପଡୁଥିଲୁ । ଆମମାନଙ୍କ ମଧ୍ୟରୁ ଯେଉଁମାନେ ପହଁରା ଜାଣିଥିଲେ ସେମାନେ ଗଭୀର ପାଣିରେ ଭାସି ଚାଲୁଥିଲେ, ଯେଉଁମାନେ ଜାଣି ନଥିଲେ ସେମାନେ ସିଡ଼ିରେ ଠିଆ ହୋଇ ସ୍ନାନ କରୁଥିଲେ, ଆଉ ଯେଉଁମାନେ ଅଳ୍ପ ଜାଣିଥିଲେ ସେମାନେ ଅଳ୍ପ ପାଣିରେହିଁ ଡ଼ବଡ଼ବ କରି ବୁଲୁଥିଲେ । ଆମମାନଙ୍କର ସମବେତ ସ୍ନାନର ଏହି ଆନନ୍ଦ-ଉଚ୍ଛ୍ୱାସ ଉପରର ବାରଣ୍ଡାରେ ଠିଆ ହୋଇ ବଡ଼ଦାବି ଉପଭୋଗ କରୁଥିଲେ ।

ରୁଗ୍‌ଣ ନ ଥିଲି, କିନ୍ତୁ ସ୍ୱାଭାବିକ ରକମର ରୋଗିଣା ଥିଲି ମୁଁ ସେହି ବୟସରେହିଁ । ସମସ୍ତେହିଁ ହସ-ଥଟ୍ଟା କରୁଥିଲେ ଦୃଷ୍ଟକଟୁ ମୋର ସେହି କୃଶତା ନେଇ । ଏହି ହସ-ଥଟ୍ଟା-ଉପହାସରେ ମୁଁ ଅଭ୍ୟସ୍ତ ହୋଇଉଠିଥିଲି; ତେଣୁ ମନେ କରୁନଥିଲି କିଛିହିଁ । କିନ୍ତୁ ଉପର ବାରଣ୍ଡାରେ ଠିଆ ହୋଇ ସବୁ କିଛି ଦେଖି ଅତି ବୁଦ୍ଧ ଏହି ବ୍ୟାପାରତାହିଁ ଯେ ବଡ଼ଦାଙ୍କ ମନରେ ଦାଗ କାଟିଛି ସେଇଟା ମୁଁ ବୁଝି ପାରିନି ।

ସ୍ନାନ ଶେଷ ହୋଇଗଲେ ସମସ୍ତେ ଏକସଙ୍ଗେ ବଡ଼ଦାଙ୍କ ଉପସ୍ଥିତିରେ ହସ-ଗଳ୍ପ ମଧ୍ୟ ଦେଇ ହିଁ ଖାଇବା-ପିଇବା ଶେଷ କରିଲୁ । ବିଶ୍ରାମର ସମୟରେ ବଡ଼ଦା ମୋତେ ସାଙ୍ଗରେ ନେଇ ଚାଲିଲେ ତାଙ୍କ ଶୋଇବା ଘରକୁ । ଏବେବି ମନେପଡ଼େ, ଘରେ ଆଉ କେହି ନାହାଁନ୍ତି । ବଡ଼ଦା ବିଛଣା ଉପରେ ତକିଆରେ ମଥା ଦେଇ ଚିତ୍ ହୋଇ ଶୋଇ ମୋତେ ପାଦ ଦୁଇଟା ଚିପି ଦେବାକୁ କହିଲେ । ତାଙ୍କ ଚରଣ-କମଳ ମୋର କୋଳ ଉପରକୁ ନେଇ ଚିପୁ ଚପୁ ଲକ୍ଷ୍ୟ କରିଲି ବଡ଼ଦା ମୋ ଆଡ଼କୁ ସସ୍ନେହ ସ୍ମିତମୁଖରେ ଚାହିଁ ରହିଛନ୍ତି, କିନ୍ତୁ ଆଖିର ଦୃଷ୍ଟିରେ ସମବେଦନାର ବିଷଣ୍ଣ ଗଭୀରତା ।

ହଠାତ୍ ପଚାରିଲେ, "ତୁ ରୋଗିଣା ବୋଲି ସେମାନେ ସମସ୍ତେ ତୋ ପଛରେ ଲାଗନ୍ତି, ତୋର ମନ ଖରାପ ହୁଏନା ?"

ଉତ୍ତରରେ ମୁଁ କହିଲି, ନା ବଡ଼ଦା, ମୋର କିଛିହିଁ ମନେ ହୁଏନା ।

ପଚାରିଲେ, "ତୁ କ'ଣ ଶରୀରରେ କୌଣସିବି ଦୁର୍ବଳତା ବୋଧ କରୁ ?"

ମୁଁ କହିଲି, କାହିଁ, ସେପରି କିଛି ତ ମନେହୁଏନା ।

ସ୍ନାନ ସମୟରେ ଉପର ବାରଣ୍ଡାରେ ଠିଆ ହୋଇ ବଡ଼ଦା ମୋର ପହଁରାକଟା ଦେଖୁଥିଲେ । ପଚାରିଲେ, "ପହଁରି ପାର କରିପାରିବୁ ଗଙ୍ଗା ?"

ମୁଁ କହିଲି, କେବେ ବି ପାର ତ ହୋଇନି, ତେବେ ମନେହୁଏ ପାର କରିପାରିବି ।

ଟିକେ ସମୟ ଚୁପଚାପ କଟିଲା । ବଡ଼ଦା ଗୋଟେ ଦୀର୍ଘ ନିଃଶ୍ୱାସ ଛାଡ଼ି କହିଲେ, "ସେମାନେ ସମସ୍ତେ ତୋର ରୋଗିଣା ଶରୀର ନେଇ ଆଜି ଉପହାସ କରିଛନ୍ତି, ଦିନେ ଦେଖିବେ ତୋର ଶରୀର ସେମାନଙ୍କ ସମସ୍ତଙ୍କଠାରୁ ଭଲ ହୋଇଯିବ, ସେତେବେଳେ ସେମାନେହିଁ ତୋ ଆଡ଼େ ଚାହିଁ ରହିବେ ।"

ସମସ୍ତଙ୍କଠାରୁ ଭଲ ହୋଇଥିଲା କି ନା କହି ପାରିବିନି, ତେବେ ପରେ ମୋର ଶରୀର ପ୍ରକୃତରେହିଁ ଅନେକ ଭଲ ହୋଇ ଯାଇଥିଲା, ଅନ୍ତତଃ ଉପହାସ କରିବା ଭଳି ରୋଗିଣା ଆଉ ମୁଁ ନଥିଲି ।

ଘଟଣାଟା ସାମାନ୍ୟ, କିନ୍ତୁ ସାମାନ୍ୟ ଏହି ଘଟଣାର ଅନ୍ତରାଳରେ ଅସାମାନ୍ୟ ଯେଉଁ ଭାବର ଖେଳଟା ହୋଇଗଲା, ସେହି ଭାବଟାହିଁ ମୋର ମନଟାକୁ ଦୋଳେଇ ଦେଇ ଗଲା । ମୋ ଭଳି ନଗଣ୍ୟ ତରୁଣର ମନରେ ବ୍ୟଥା ଲାଗିପାରେ, ଏହି ଚିନ୍ତାଟା ବଡ଼ଦାଙ୍କୁ ଏପରିଭାବେ ବ୍ୟଥିତ କରି ତୋଳିଥିଲା ! କଥାଟା ଆଜିବି ଯେତେବେଳେ ମନେପଡ଼େ, ମନ ସ୍ୱର୍ଗୀୟ ଗୋଟେ ଭାବାବେଗରେ ଉଦ୍‌ବେଳ ହୋଇଉଠେ ।

ବଡ଼ଦାଙ୍କ ରସବୋଧ ଥିଲା ଅତୁଳନୀୟ । ଠାକୁରବାଡ଼ିରେ ଚାଳଘରଟାରେ ବଡ଼ଦା ସେତେବେଳେ ବସୁଥିଲେ । ସେଦିନ ସନ୍ଧ୍ୟାରେ ବଡ଼ଦାଙ୍କ ଚାରିପାଖରେ ଆମେମାନେ ସମସ୍ତେ ବସିଛୁ । ଗେରୁଆଧାରୀ ଜଣେ ସନ୍ନ୍ୟାସୀ ଆସି ହାଜିର ହେଲେ, ଶୁଣିଲି ବଡ଼ଦାଙ୍କୁ ସିଏ କୀର୍ତ୍ତନ ଗାଇ ଶୁଣାଇବେ । ବଡ଼ଦାଙ୍କ ସମ୍ମତି ନେଇ ସନ୍ନ୍ୟାସୀ କୀର୍ତ୍ତନ ଆରମ୍ଭ କରିଲେ । କିନ୍ତୁ ଏ କି ଅଦ୍ଭୁତ କୀର୍ତ୍ତନ !

ସୁକଣ୍ଠ ନୁହଁନ୍ତି ସନ୍ନ୍ୟାସୀ, ସ୍ୱରରେ ସାଧା ଗଳା ବି ନୁହେଁ ତାଙ୍କର । ସ୍ୱରର ଦୈନ୍ୟ ଅଙ୍ଗଭଙ୍ଗୀ ଦେଇ ଢ଼ାଙ୍କି ରଖିବାର ଉତ୍କଟ ପ୍ରଚେଷ୍ଟା । ସନ୍ନ୍ୟାସୀ ସୁଦର୍ଶନବି ନୁହଁନ୍ତି । ସେହି ରୂପରେ ଉତ୍କଟ, ସେଇ ଅଙ୍ଗଭଙ୍ଗୀ ନେଇ ବେସୁରା ଗଳାର ସେଇ ଅଦ୍ଭୁତ କୀର୍ତ୍ତନ ଗୋଟେ ବିସଦୃଶ ଘଟଣା ହୋଇଉଠିଲା । ସବୁ ମିଳାଇ ଅଦମ୍ୟ ହସର ଗୋଟେ ଦମକ ମୋର ମନରେ ଫୁଲି ଫୁଲି ଉଠିବାକୁ ଲାଗିଲା । ସେଇ ବୟସରେ ହସ ଆସିଲେ ଚାପି ପାରୁନଥିଲି, କିନ୍ତୁ ଏହି ସାନ୍ଧ୍ୟ ସଭାରେ ବଡ଼ଦାଙ୍କ ସାମନାରେ ବସି ହସିବାଟା ଅଶୋଭନ । କୌଣସି ବି ରକମରେ ଉଚ୍ଛ୍ୱସିତ ହସଟାକୁ ଚାପି ରଖିବାର ବ୍ୟର୍ଥ ଚେଷ୍ଟା କରି ଚାଲିଛି । ଉଚ୍ଛ୍ୱସିତ ହସର ସେଇ ଆବେଗ କ'ଣ ଚାପି ରଖି ହୁଏ ! ହସରେ ଫାଟି ନ ପଡ଼ିଲେ ବି ଆଖି ମୁଖ ସର୍ବାଙ୍ଗ ଦେଇ ହସର ଝିଲିକ ଠିକ୍‌ରେ ବାହାରିବାକୁ ଲାଗିଲା । ମୋ ପାଖରେହିଁ ବସିଥିଲା ମୋର ବନ୍ଧୁ ବୋଦୁଲ । ସେ ମୋ ସହିତ ବି ଏକମତ । ହସ ଚାପି ନ ପାରି ମୋର ପିଠି ଉପରେ ମୁଖଟା ଗୁଞ୍ଜି ଦେଇ ନିଃଶବ୍ଦ ହସର ଦମକ କମ୍ପି କମ୍ପି ଉଠିବାକୁ ଲାଗିଲା । ହସ ରୋଗଟା ବଡ଼ ଛୁଆଁ । ମୋର ଚାପା ହସ ସଙ୍ଗେ ତା'ର ଚାପା ହସ ଯୁକ୍ତ ହୋଇ ଦୁଇଜଣଙ୍କ ସଂଯମର ବନ୍ଧ ଭାଙ୍ଗିଗଲା । ଘରର ବାହାରେ ହିଁ ସଜନା ଗଛ ତଳେ ଗୋଟେ ବେଦୀ ଥିଲା । ଆମେ ଦୁଇଜଣ କିଛି କଥା ନ କହି ବଡ଼ଦାଙ୍କ ନିକଟରୁ ଉଠି ଏକ ଦୌଡ଼ରେ ସେହି ବେଦୀ ଉପରେ ଆସି ହସି ହସି ଗଡ଼ିଲୁ, କଥା କହିବାର କୌଣସିବି ଉପାୟ ସେତେବେଳେ ନଥିଲା ଆମମାନଙ୍କର । ଠିକ୍ ପଛେ ପଛେହିଁ ସେବାଦି ଆସି ହାଜର ହେଲା । କହିଲା, ବଡ଼ଦା ତୁମମାନଙ୍କୁ ଏବେହିଁ ଡ଼ାକୁଛନ୍ତି । ବନ୍ଧଭଙ୍ଗା ହସର ଦମକ ନେଇ କୌଣସି ପ୍ରକାରେ ସେବାଦିବିକୁ କହିଲି, ଆପଣ ଯାଇ କୁହନ୍ତୁ ଆମେମାନେ ଟିକେ ପରେହିଁ ଯାଉଛୁ ।

ସେବାଦିବି ଗଲା ଆଉ ଫେରି ଆସିଲା । ଆସି କହିଲା, ତୁମମାନଙ୍କୁ ଏବେହିଁ ଡ଼ାକୁଛନ୍ତି, ଯେଉଁ ଅବସ୍ଥାରେ ଅଛ ସେହି ଅବସ୍ଥାରେହିଁ ଯିବାକୁ କହିଲେ ।

ନିରୁପାୟ ଆମେମାନେ ମୁଖରେ ହସ ବୁଜୁରେ ସଂକୋଚ ନେଇ ଫେରି ଆସିଲୁ । କିନ୍ତୁ ବଡ଼ଦାଙ୍କ ମୁଖର ଭାବ ଦେଖି ଗର୍ହିତ କିଛି କରି ପକାଇବାର ଆଶଙ୍କା କଟିଗଲା । ଦେଖିଲି ବଡ଼ଦାଙ୍କ ଓଠର କୋଣରେ ପ୍ରଶ୍ରୟର ହସ, ଆଖିରେ କୌତୁକର ଝଲକ । କହିଲେ, "ହସ ଲାଗୁଛି, ତ ବାହାରେ ଯାଇ ହସୁଛୁ କାହିଁକି, ଏଠାରେ ତା' ସାମନାରେ ବସି ହସ । ସେଇଟା କରି ଯାଉଛି କାହିଁକି ସେତେବେଳେଠାରୁ ।"

ଏହି କଥା କାନରେ ବାଜନ୍ତେ ଏଥର କେବଳ ଆମେ ଦୁଇଜଣ ନୁହେଁ, ଘରର ଆଉ ସମସ୍ତେ ବି ହସରେ ଫାଟି ପଡ଼ିଲେ । କିନ୍ତୁ ସବୁ ବାଧା-ବିଘ୍ନ ଉପେକ୍ଷା କରି ସନ୍ନ୍ୟାସୀଙ୍କ କୀର୍ତ୍ତନ ଚାଲିବାକୁ ଲାଗିଲା, ପ୍ରକୃତରେହିଁ ସିଦ୍ଧିଲାଭ କରିଥିଲେ ସିଏ ।

ପଢ଼ାପଢ଼ିର ସୁବାଦେ ମୋତେ କିଛିଦିନ ପାଇଁ ଇଂଲଣ୍ଡବାସୀ ହେବାକୁ ହୋଇଥିଲା । ସେ ଅନେକ ଦିନ ଆଗର କଥା । ଆଜି ବି ମନେପଡ଼େ, ପରୀକ୍ଷାରେ ପାସ୍ କରିବା ପରେ ପାସ୍‌ର ଖବର ଜଣେଇ ଗୋଟେ ଚିଠି ଦେଇଥିଲି ପରମପୂଜ୍ୟପାଦ ବଡ଼ଦାଙ୍କୁ । ବଡ଼ଦା ସେହି ଚିଠିର ଉତ୍ତର ଦେଇଥିଲେ । ତାଙ୍କ ଶ୍ରୀହସ୍ତ ଲିଖିତ ଏହି ଚିଠିଟା ମୋର ଜୀବନର ଏକ ଅମୂଲ୍ୟ ସମ୍ପଦ ହୋଇ ରହିଛି । ପରୀକ୍ଷାର ସାର୍ଟିଫିକେଟ କୋଉଠି ଅଛି ଖିଆଲ ନାହିଁ, କିନ୍ତୁ ଏହି ଚିଠିଟା ମୁଁ ସଯତ୍ନରେ ରକ୍ଷା କରି ଚାଲିଛି । ଇଂଲଣ୍ଡ ପ୍ରବାସର ଦିନଗୁଡ଼ିକରେ ମୋର ପରମତମ ପ୍ରାପ୍ତି ଯେପରି ଏହି ଚିଠିଟିହିଁ । ଚିଠିଟି ମଝିରେ ମଝିରେ ହିଁ ମୁଁ ପଢ଼େ, ଏହି ଚିଠିଟି ମଧ୍ୟ ଦେଇ ହିଁ ବଡ଼ଦାଙ୍କ ସାନ୍ନିଧ୍ୟ-ସୁଖର ଅନାବିଳ ଆନନ୍ଦ ଆଜିବି ମୁଁ ଉପଭୋଗ କରି ଚାଲିଛି । ଚିଠିର ଛତ୍ରେ ଛତ୍ରେ ତାଙ୍କର ଅପାର ସ୍ନେହର ଯେଉଁ ଅମିୟ ସ୍ପର୍ଶ ଖେଳେଇ ରହିଛି ସେହି ସ୍ପର୍ଶ ଆଜିବି ମୋତେ ସଞ୍ଜୀବିତ କରି ରଖିଛି ଜୀବନର ଚଳା ପଥରେ । ମୋର ଜୀବନରେ ଏହା ଏକ ପୁଣ୍ୟ ଆଶୀର୍ବାଦ । ଏହି ଆଶୀର୍ବାଦ ଏତେଦିନ ମୁଁ କୃପଣର ଧନ ଭଳି ଏକାନ୍ତ ବ୍ୟକ୍ତିଗତ କରି ରଖି ଦେଇଥିଲି । ଆଜି ତାଙ୍କ ଜନ୍ମଶତବାର୍ଷିକୀର ଏହି ପୁଣ୍ୟଲଗ୍ନରେ ମୋର ଏହି ନୈବେଦ୍ୟର ସହିତ ନିବେଦନ କରି ଚିଠିଟି ସର୍ବଜନୀନ କରି ତୋଳିଲି ।

ଚିଠି

'ରା'

ସତ୍‌ସଙ୍ଗ
ବେଓଘର-ଏସ.ପି.
୬.୧୦.୭୬

ପରମ କଲ୍ୟାଣୀୟ—

ସ୍ନେହର "ପିଚୁନ"— "ରୀ-ବିଜୟା ଉପଲକ୍ଷେ ପରମଦୟାଳ ଶ୍ରୀଶ୍ରୀଠାକୁରଙ୍କ ଅମିୟ ଆଶୀର୍ବାଦ ଜାଣିବ— କୁଚୁନ-ମାଚୁନଙ୍କୁ ବି ଜଣାଇବ । ଏହି ସଙ୍ଗେ ଜଣାଏ ମୋର ଆନ୍ତରିକ ପ୍ରୀତି ଓ ଭଲପାଇବା !

ଅନେକଦିନ ହୋଇଗଲା ତୁମର ଚିଠିଟି ପାଇଛି — ଚିଠିଟି ପଢ଼ି ଏତେ ଭଲ ଲାଗିଛି ଯେ ଭାଷାରେ ବ୍ୟକ୍ତ କରିହୁଏନା । ଏପରି ସରଳ ସୁନ୍ଦର ମନୋଭାବର ଅଭିବ୍ୟକ୍ତି-ଯୁକ୍ତ ଚିଠି କେବେ ପାଇଛି କି ନା ସନ୍ଦେହ ! ମୋର ଭାବ ବି ନାହିଁ— ଭାଷା ବି ନାହିଁ— ତେଣୁ ତୁମକୁ ଲେଖି ଜଣାଇ ପାରିବିନି— ବୁଝାଇ ପାରିବିନି ।

ଶ୍ରୀଶ୍ରୀଠାକୁରଙ୍କୁ ବହୁତଥର ତୁମର ପିତାଠାକୁରଙ୍କୁ କହିବାର ଶୁଣିଛି— "ଆପଣଙ୍କ ପିଲାମାନେ ତ ମୋର ହିଁ କାମ କରିବେ ।"

ଏଥିରେ ତୁମର ପିତୃଦେବ ସମ୍ପୂର୍ଣ୍ଣ ସମ୍ମତି ପ୍ରକାଶ କରିଛନ୍ତି । ଏହା ଶୁଣିଛି କିନ୍ତୁ ତୁମମାନଙ୍କ ଜନ୍ମର ବହୁ ଆଗରୁ ଶେଷ ପର୍ଯ୍ୟନ୍ତ ! ତେଣୁ ମୋର ଦୃଢ଼ ଧାରଣା— ଚିରଦିନ ହିଁ ଅଛି ଯେ ତୁମେମାନେ ଯେଉଁ କାମ ହାତକୁ ନେବ— ସେଥିରେହିଁ ସଫଳକାମ ହେବ ! ତୁମେ ଯେ ପରାଖାରେ କୃତକାର୍ଯ୍ୟ ହୋଇଛ— ଏହା ମୋର ସେହି ଧାରଣାର ହିଁ ବାସ୍ତବ ରୂପ ! ଖୁବ୍ ଖୁସି ହୋଇଛି !

ଭାରତର ପ୍ରାୟଃ ସବୁ ରାଜ୍ୟରେହିଁ ଏଥର ଭୀଷଣ ବନ୍ୟା ହେବା ସତ୍ତ୍ୱେବି ପୂଜା କନ୍‌ଫରେନ୍ସରେ ବହୁ ଲୋକ ସମାଗମ ହୋଇଛି— ଆଜି ଶେଷ ଦିନ । ପ୍ୟାଣ୍ଡେଲରେ— ପ୍ରାଙ୍ଗଣରେ ଲୋକ ଜାଗା ହୁଅନ୍ତିନି ! କେତେ କଷ୍ଟ— କେତେ ଅସୁବିଧା— ତଥାପି ସମସ୍ତଙ୍କ ମୁଖରେ ଆନନ୍ଦ ବିରାଜ କରିଛି— ସମସ୍ତେହିଁ ଶାନ୍ତିରେ ବିଚରଣ କରୁଛନ୍ତି— ସମସ୍ତଙ୍କ ସଙ୍ଗେହିଁ ସମସ୍ତେ ହୃଦ୍ୟ ଆଳାପ ଆଲୋଚନାରେ ମୁଖର ! ସବୁହିଁ ତାଙ୍କ ଦୟା !

ମୋର ଶରୀର ବେଶ ଖରାପ ! ତେବେ ତାଙ୍କ ଦୟାରୁ କୌଣସି କାର୍ଯ୍ୟ ଅଟକି ନାହିଁ ! ଏ ମଧ୍ୟରେ କଲ୍ୟାଣୀର ମା'ର ବାମ ହାତର କହୁଣୀ ଆଘାତ ଲାଗି ହାଡ଼ ଭାଙ୍ଗି ଯାଇଛି— ପ୍ଲାସ୍ତର କରା ଯାଇଛି ।

ଗତ ୧୬-୯ରେ ସତ୍‌ସଙ୍ଗ ହାସପାତାଳରେ ଡ଼ାଃ. ସୁରରାୟ ସୁଟୁକକୁ caesarean କରି ଗୋଟେ ସୁନ୍ଦର ଝିଅ ପ୍ରସବ କରାଇଛନ୍ତି । ୨୫-୯ ତା'କୁ ଘରକୁ ଆଣିଛି ! ସୁଟୁକ ତା' ଝିଅ ସହ ଟିକେ ଭଲ ଆଡ଼କୁ ଯାଉଛି । ସାମାନ୍ୟ ଜ୍ୱର ଚାଲିଛି ।

ସାବଧାନରେ ରହିବ ! ଶରୀର ପ୍ରତି ବିଶେଷ ନଜର ରଖ— ରୋଗବୈରାଗ ନହୁଏ ଯେପରି ! ଶୀଘ୍ରଶୀଘ୍ର ପଢ଼ା ଶେଷ କରି ଦେଶକୁ ଫେରି ଆସିପାରିଲେ ଖୁବ୍ ଆନନ୍ଦ ପାଇବି— ସମସ୍ତେ ପାଇବେ !

ମୋର ଆନ୍ତରିକ ପ୍ରୀତି ଭଲପାଇବା ନେବ— କୁହୁନ-ମାନ୍ଧୁନଙ୍କୁ ଦେବ । ଆଉ କ'ଣ ?

ପରମପିତାଙ୍କ ରାତୁଲ ଚରଣରେ ଏକାନ୍ତ ପ୍ରାର୍ଥନା— ଇଷ୍ଟସ୍ୱାର୍ଥ ପ୍ରତିଷ୍ଠାହିଁ ତୁମ ଜୀବନର ମୁଖ୍ୟ ଉଦ୍ଦେଶ୍ୟ ହେଉ— ନିଃସ୍ୱାର୍ଥ ଲୋକହିତକାମୀ ହୁଅ— ସମସ୍ତଙ୍କୁ ସୁଖୀ କର— ସୁଖ ତୁମର ଅନୁଗାମୀ ହେଉ— ନୀରୋଗ-ଶାନ୍ତିପୂର୍ଣ୍ଣ ଦୀର୍ଘ ଜୀବନର ଅଧିକାରୀ ହୁଅ ।

ପରମପିତା ସର୍ବାଙ୍ଗୀନ ମଙ୍ଗଳ କରନ୍ତୁ ।

ଇତି
ଆଃ ତୁମର
ଅକିଞ୍ଚନ
ବଡ଼ଦା

ଅସମ୍ଭବ ଗୁଣଗ୍ରାହୀ ଥିଲେ ପରମପୂଜ୍ୟପାଦ ବଡ଼ଦା । ତାଙ୍କ ଗୁଣଗ୍ରାହିତାର ତୁଳନା ମିଳିବା କଷ୍ଟ । କେବଳ ଗୁଣଗ୍ରାହୀ କହିଲେ ଅଳ୍ପହିଁ କୁହା ହେବ, ଗୁଣର ସ୍ରଷ୍ଟା ବି ଥିଲେ ସିଏ । ମୋ ଭଳି ନିର୍ଗୁଣ ମଧ୍ୟରେ ବି ଗୁଣ ସଞ୍ଚାରର ସେ କି ନିରଳସ ପ୍ରଚେଷ୍ଟା ଥିଲା ତାଙ୍କର ! ମୋର କଞ୍ଚା ବୟସର ଆଡ଼ୁସାଡ଼ୁ ଲେଖା ବି ଏକାନ୍ତ ମନୋଯୋଗ ଦେଇ ସିଏ ଶୁଣୁଥିଲେ ଆଉ ନିତ୍ୟ ନୂତନ ଲେଖା ପାଇଁ ଉତ୍ସାହିତ କରି ଚାଲୁଥିଲେ ନିରଳସ ଭାବେ ।

ଆହୁରିବି ମନେପଡ଼େ, ଶୀତର ଏକ ସକାଳେ ଚାଳଘରର ପୂର୍ବ ବାରଣ୍ଡାରେ ଖରାରେ ବସି ମୋର କୋଉ ଗୋଟେ ଲେଖା ମନୋଯୋଗ ଦେଇ ଶୁଣିଲେ । ଶୁଣିବା ଶେଷ ହୋଇଯିବା ପରେ ସସ୍ନେହ ସ୍ମିତ ହସ ଖେଳାଇ ମୋତେ ଅଭିନନ୍ଦିତ କରି ପାଖରେ ଯେଉଁମାନେ ବସିଥିଲେ ସେମାନଙ୍କ ଆଡ଼େ ଚାହିଁ ମୋତେ ଉଦ୍ଦେଶ୍ୟ କରି କହିଲେ, ''ସେ ଯଦି ଟିକେ ମନସ୍ଥିର କରି ବସି ପାରନ୍ତା, ତା'କୁ ଦେଇ କବୀର ସାହେବଙ୍କ ବାଣୀଗୁଡ଼ିକର ବଙ୍ଗଳା ଅନୁବାଦ କରେଇ ନେଇ ପାରନ୍ତି ।''

ଭରା ଯୌବନର ଜୁଆରର ଉଚ୍ଛ୍ୱାସରେ ଅସ୍ଥିର ଚଞ୍ଚଳ ଶରୀରମନ ସେତେବେଳେ ମୋର । ସୁସ୍ଥିର ହେବ କିପରି ଭାବେ ! ତାଙ୍କ ଇଚ୍ଛା ଅପୂର୍ଣ୍ଣ ହିଁ ରହିଗଲା । କିନ୍ତୁ ମହତଙ୍କ ମଙ୍ଗଳ ଇଚ୍ଛା ବୋଧହୁଏ କେବେବି ବିଫଳ ହୁଏନା, ହୁଏତ ଟିକେ ଡ଼େରି ହୋଇଯାଏ । ଦୀର୍ଘଦିନ ପରେ କବୀର ସାହେବଙ୍କ ବାଣୀର ସେହି ଅନୁବାଦ ମୁଁ କରି ଦେଲି । 'କବୀର ବାଣୀ' ଶିରୋନାମାରେ ବହିଟି ପ୍ରକାଶିତ ବି ହେଲା, କିନ୍ତୁ ଖୁବ୍ ବେଶୀ ଡ଼େରି ହୋଇଗଲା । ବଡ଼ଦା ସେତେବେଳେ ଅସୁସ୍ଥ ହୋଇ ପଡ଼ିଛନ୍ତି । କଥାବାର୍ତ୍ତା ଆଉ ବିଶେଷ କିଛି କରନ୍ତିନି । ବଡ଼ଦାଙ୍କ ଘରକୁ ଯାଇ ବଡ଼ଦାଙ୍କ ହାତରେ ବହିଟା ଦେଇ ପ୍ରଣାମ କରି ଉଠି ଠିଆ ହେଲି । ବଡ଼ଦା ବହିଟା ହାତରେ ନେଇ ପୃଷ୍ଠାଗୁଡ଼ିକ ଓଲଟପାଲଟ କରି ଦେଖିଲେ ଟିକେ; କିନ୍ତୁ ଆନନ୍ଦ ଉପଭୋଗ କରିବାର, ଆନନ୍ଦର ଅଭିବ୍ୟକ୍ତି ଦେବାର ଶାରୀରିକ କ୍ଷମତା ସେତେବେଳେ ତାଙ୍କର ଆଉ ନଥିଲା । ଆଉ କିଛିଦିନ ପୂର୍ବରୁ ହୋଇଥିଲେ ବଡ଼ଦା ଆନନ୍ଦରେ କିପରି ଉଚ୍ଛ୍ୱସିତ ହୋଇ ଉଠିଥା'ନ୍ତେ, ତାଙ୍କର ସପ୍ରସନ୍ନ ଦୃଷ୍ଟି-ସୁଧାରେ ମୋତେ କିପରି ସିଞ୍ଚିତ କରି ତୋଳିଥା'ନ୍ତେ, କଳ୍ପନାରେ ସେହି ଛବି ଆଙ୍କୁ ଆଙ୍କୁ ଛଳଛଳ ଆଖିରେ ମୁଁ ବାହାରି ଆସିଲି ଘର ମଧ୍ୟରୁ । ଭାବି ଭାବି ଘରକୁ ଫେରି ଆସିଲି— ଏପରି ବିଷାଦମଣ୍ଡିତ ସଫଳତା ମୋ ଜୀବନରେ ଆଗେ ଆଉ କେବେବି କ'ଣ ଆସିଛି ! ବରାବରହିଁ ଲକ୍ଷଭ୍ରଷ୍ଟ ମୁଁ । ହତାଶାର ଦୀର୍ଘଶ୍ୱାସ ମଧ୍ୟରେ ବି ଏହି ଟିକକ ଯା' ସାନ୍ତ୍ୱନା ଥିଲା ମୋର ଯେ, ତାଙ୍କ ଇଚ୍ଛା ପୂରଣର ପ୍ରଚେଷ୍ଟାର ସ୍ୱାକ୍ଷର ଶେଷ ପର୍ଯ୍ୟନ୍ତ ତାଙ୍କ ହାତରେ ମୁଁ ତୋଳି ଦେଇ ପାରିଥିଲି ।

କାଳ ବଡ଼ ଅମୋଘ । କାଳର ପ୍ରବାହ କୌଣସିକିଛିକୁ ସ୍ଥିର ରହିବାକୁ ଦିଏନା । ଆଜି ଯା' ଅଛି କାଲି ତା' ଆଉ ରହିବନି, ସରି ସରି ଯିବ । ଆଜି ଯା' ଜ୍ୱଳନ୍ତ ସତ୍ୟ, କାଲି ଏହି ପ୍ରବାହରେ କୁଆଡ଼େ ସେ ଭାସି ଚାଲିଯିବ । ମଣିଷ ଏହି ମରଦେହ ନେଇ ଅମର ହୋଇପାରେନା, ସମୟ ହେଲେ ତା'କୁ ଚାଲି ଯିବାକୁ ହେବ ହିଁ, ନିୟତିର ଏହି ତ ବିଧାନ । କିନ୍ତୁ ଚାଲି ଗଲେ ବି ରହିଯାଏ ତା'ର ଜୀବନର ଅନୁସୃତ କର୍ମଯୋଗ । ଏହି କର୍ମଯୋଗହିଁ କ୍ଷଣିକର ମଣିଷକୁ ଚିରଦିନର କରିତୋଳେ, ଏହି କର୍ମଯୋଗ ମଧ୍ୟ ଦେଇ ହିଁ ମଣିଷ ଲାଭ କରେ କାଂକ୍ଷିତ ସେହି ଅମରତ୍ୱ । ଶ୍ରୀଶ୍ରୀଠାକୁର-ପ୍ରବର୍ତ୍ତିତ କର୍ମଯୋଗର ଏହି ଆଦର୍ଶ ଶାଶ୍ୱତ ସନାତନ ଚିରନ୍ତନ । ପରମପୂଜ୍ୟପାଦ ବଡ଼ଦା ପରମପ୍ରେମମୟ ଶ୍ରୀଶ୍ରୀଠାକୁରଙ୍କର ଏହି ଆଦର୍ଶକୁ ଜନମାନସରେ ଖେଳେଇ ଦେବାର, ଜନମାନସକୁ ସେହି ଆଦର୍ଶର ପଥର ପଥିକ କରି ତୋଳିବାର ପୁଣ୍ୟ ବ୍ରତରେ ଉଦ୍‌ବୁଦ୍ଧ ହୋଇ କର୍ମଯୋଗର ଯେଉଁ ଯଜ୍ଞବେଦୀରେ ଆତ୍ମବଳିଦାନ କରିଥିଲେ, ଶାଶ୍ୱତ ସନାତନ ଚିରନ୍ତନ ସେହି ଯଜ୍ଞର ହୋମାନଳହିଁ ତାଙ୍କୁ ଚିରଦିନ ଭାସ୍ୱର କରି ରଖିବ ଦେବତ୍ୱର ଦୀପ୍ତିରେ ଜନମାନସରେ, ଅମରତ୍ୱର ମହିମାରେ ବିଭୂଷିତ କରି ତୋଳିବ ଯୁଗାନ୍ତରର ପଥରେ— ଏଇଟା ଜ୍ୱଳନ୍ତ ସତ୍ୟ । କିନ୍ତୁ ତା'ଠାରୁ ବି ବଡ଼ ସତ୍ୟ ତାଙ୍କ ନିକଟବର୍ତ୍ତୀ ହୋଇପାରିବାର ସୌଭାଗ୍ୟରେ ଯେଉଁମାନେ ଧନ୍ୟ ହୋଇଥିଲେ ସେମାନଙ୍କ ନିକଟରେ ସିଏ ତ କେବଳ ମାତ୍ର ଦେବତାହିଁ ନୁହଁନ୍ତି, ସେମାନଙ୍କ ଆତ୍ମାର ପରମ ଆତ୍ମୀୟବି ତ ସିଏହିଁ । ସେମାନଙ୍କ ମନମନ୍ଦିରରେ ତାଙ୍କର ମୂର୍ତ୍ତି ଯେ ପ୍ରତିଷ୍ଠିତ ହୋଇ ରହିଛି । ବିଚ୍ଛେଦର ବିରହ ବେଦନାରେ, ମିଳନର ଆକୁଳତାର ଶ୍ରୁତିତାରେ, ସ୍ମୃତିର ସୁରଭିର ଆରତିରେ ନିତ୍ୟ ପୂଜିତ ହୋଇ ସେଠାରେ ସିଏ ସଦା ଜାଗ୍ରତ । ସେଠାରେ ସିଏ ହସନ୍ତି, କଥା କହନ୍ତି, ଶାସନ ବି କରନ୍ତି ।

ତାଙ୍କ ବ୍ୟକ୍ତିତ୍ୱର ଇନ୍ଦ୍ରଧନୁଛଟା ମୋ ଆଖିରେ ଯେପରି ରଙ୍ଗ ଖେଳେଇଥିଲା ସେଦିନ, ମୋର ମନର ଆଖିରେ ସେପରିହିଁ ବର୍ଣ୍ଣାଳୀର ରଙ୍ଗ ଖେଳେଇ ଚାଲିଛି ଆଜିବି, କାଳର ପ୍ରବାହ ତା'ର ଉଚ୍ଛଳତାକୁ ଏତେଟିକେ ବି ମଳିନ କରି ତୋଳି ପାରେନି; ତାଙ୍କ ଦୈବବାଣୀ ଆଜିବି ମୋର ମନରେ ଗୁଞ୍ଜରିତ ହୋଇ ଚାଲିଛି ସେପରି କରି ହିଁ— ''ଇଷ୍ଟସ୍ୱାର୍ଥ-ପ୍ରତିଷ୍ଠାହିଁ ତୁମ ଜୀବନର ମୁଖ୍ୟ ଉଦ୍ଦେଶ୍ୟ ହେଉ— ନିଃସ୍ୱାର୍ଥ ଲୋକହିତକାମୀ ହୁଅ— ସମସ୍ତଙ୍କୁ ସୁଖୀ କର— ସୁଖ ତୁମର ଅନୁଗାମୀ ହେଉ- ନୀରୋଗ ଶାନ୍ତିପୂର୍ଣ୍ଣ ଜୀବନର ଅଧିକାରୀ ହୁଅ ! ପରମପିତା ତୁମର ସର୍ବାଙ୍ଗୀନ ମଙ୍ଗଳ କରନ୍ତୁ !''

ଠାକୁରବାଡ଼ିର ନାଟମଣ୍ଡପରେ ଯେଉଁଠାରେ ସିଏ ବସୁଥିଲେ, ରହି ରହି ମନେହୁଏ ଆଜିବି ସିଏ ସେପରି କରିହିଁ ସେଠାରେ ବସି ରହିଛନ୍ତି, ଶୁଚିଶୁଭ୍ର ସେହି ଶଯ୍ୟାରେ ହାସ୍ୟୋଜ୍ଜ୍ୱଳ ସେହି ମୁଖ ନେଇ ଜନଗଣ ପରିବୃତ ହୋଇ । ପାଖକୁ ଗଲେ ହିଁ ଯେପରି ସେହି ଆମନ୍ତ୍ରଣୀ ଆହ୍ୱାନ ଭାସି ଆସିବ— ଆସିନ୍ତୁ ! ଆ' ବସ ।

ବାହାର ଜଗତରେ ସମୟର ସ୍ରୋତ ବହି ଚାଲିଛି ତା'ର ନିର୍ଦ୍ଦିଷ୍ଟ ଗତିରେ, କିନ୍ତୁ ମନ ଜଗତରେ ସମୟ ଯେପରି ତା'ର ପ୍ରବାହ ହରେଇ ଏକହିଁ ଜାଗାରେ ସ୍ଥିର ହୋଇ ଠିଆହୋଇ ରହିଛି । ମନ ଜଗତରେ ମନ ହିଁ ଯେପରି ସେହି ସ୍ରୋତର ନିୟନ୍ତା । ଅନ୍ତରର ଭକ୍ତି-ଉତ୍ସାରିତ ଭଲପାଇବାହିଁ ମୃତ୍ୟୁଞ୍ଜୟୀ ସେହି ଶକ୍ତି, ଯା' ସାମନାରେ କାଳର ଅମୋଘ ଏହି ପ୍ରବାହକୁବି ମଥା ନତ କରି ସ୍ତବ୍ଧ କରି ଠିଆହୋଇ ରହିବାକୁ ହୁଏ; କ୍ଷଣିକର ଯା'— ତା' ହୋଇଉଠେ ଚରିଦିନର, ନଶ୍ୱର ହୋଇଉଠେ ଅବିନଶ୍ୱର ।

ମୋର ଜୀବନରେ ବି ବଡ଼ଦା ଥିଲେ, ବଡ଼ଦା ଅଛନ୍ତି, ରହିବେ ବି ଚିରଦିନ ତାଙ୍କ ଇଷ୍ଟୋଜ୍ଜ୍ୱଳ ଜୀବନର ଭାସ୍ୱର ଦୀପ୍ତିରେ ଦେଦୀପ୍ୟମାନ ହୋଇ । ମୋର ଜୀବନର ବିଷଣ୍ଣ ଅନ୍ଧକାରକୁ ଆଲୋକରେ ପୁଲକେ ପୂର୍ଣ୍ଣ କରି ତୋଳିବାର ଅଙ୍ଗୀକାର ନେଇ, ଦିନଗତ ପାପକ୍ଷୟର ସ୍ତିମିତ ସ୍ରୋତର ଧାରାରେ ଇଷ୍ଟାନୁରାଗରଞ୍ଜିତ କର୍ମୋଦ୍ଦୀପନୀ ପ୍ଲାବନର ତୁଙ୍ଗ ଓହ୍ଲାଇ ଜୀବନକୁ ଚଳଚଞ୍ଚଳ କଳମୁଖରତାରେ ଉଦ୍ଦାମ କରି ତୋଳିବାର— ଉନ୍ନତ ହୋଇ ଚାଲିବାର ପଥେ ପଥେ ବରାଭୟ ଖେଳାଉ ।

(ଇହ ପ୍ରଣାମ, ପୃ.:୬୦-୮୦)

ଶୋକ ସମ୍ବାଦ

ସତ୍‌ସଙ୍ଗର ସହ-ସଭାପତିଙ୍କ ଜୀବନାବସାନ

ଗତ ୨-ନଭେମ୍ବର ୨୦୨୪, ସତ୍‌ସଙ୍ଗର ସହ-ସଭାପତି ଡ଼ଃ. ସୁଭାଷ ଚନ୍ଦ୍ର ବନ୍ଦ୍ୟୋପାଧ୍ୟାୟ ୮୮ବର୍ଷ ବୟସରେ ହାଓଡ଼ା ଜିଲ୍ଲାର ଶିବପୁରସ୍ଥ ବାସଭବନରେ ପରଲୋକ ଗମନ କରନ୍ତି । କଲିକତା ବିଶ୍ୱବିଦ୍ୟାଳୟର ବଙ୍ଗଳା ବିଭାଗର ଅଧ୍ୟାପକ ଡ଼ଃ. ବନ୍ଦ୍ୟୋପାଧ୍ୟାୟ ୮୦ର ଦଶକରେ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଭାଗବତ ଆଦର୍ଶରେ ଅନୁପ୍ରାଣିତ ହୋଇ ଦୀକ୍ଷା ଗ୍ରହଣ କରନ୍ତି ଏବଂ କ୍ରମେ ସତ୍‌ସଙ୍ଗର ନାନା କର୍ମକାଣ୍ଡ ସହିତ ଯୁକ୍ତ ହୁଅନ୍ତି । ତା୩୦.୧୧.୧୯୮୬ରିଖରେ ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦା ତାଙ୍କୁ ସହ-ପ୍ରତି-ଋତ୍ୱିକ୍‌ର ପୂତ ପାଖା ପ୍ରଦାନ କରନ୍ତି । ଶ୍ରୀଶ୍ରୀଠାକୁରଙ୍କ କର୍ମୀ ହିସାବରେ ନିଷ୍ଠାର ସହିତ ସେ ଦାୟିତ୍ୱ ପାଳନ କରନ୍ତି । ଲୋକସଂସ୍କୃତି ନେଇ ଗବେଷଣାରେ ସେ ପି.ଏଚ.ଡ଼ି. ଡ଼ିଗ୍ରୀ ପ୍ରାପ୍ତ ହୁଅନ୍ତି । ସେ ପ୍ରେମଚାନ୍ଦ ରାୟଚାନ୍ଦ ବୃତ୍ତି, ସାର ଆଶୁତୋଷ ସ୍ୱର୍ଣ୍ଣପଦକ, ଦୀନେଶଚନ୍ଦ୍ର ସେନ ସ୍ମାରକ ପୁରସ୍କାର ଲାଭ କରନ୍ତି । ଦୀର୍ଘକାଳ ଧରି ସେ କଲିକତା ବିଶ୍ୱବିଦ୍ୟାଳୟର କଳା ଓ ବାଣିଜ୍ୟ ବିଭାଗର ସଚିବ ଥିଲେ ।

ଦିବ୍ୟଲୀଳା

ଇଷ୍ଟାର୍ଥେ ଜୀବନ
କରି ଚାଲିଲେ ସମର୍ପିତ ।
ଝରେ ଇଷ୍ଟକୃପା
ସମସ୍ୟା ସ୍ୱତଃ ସମାହିତ ॥

♦ ଡ଼କ୍ଟର ନିରଞ୍ଜନ ମିଶ୍ର

ଦୀକ୍ଷିତ ସତ୍‌ସଙ୍ଗୀମାନଙ୍କ ମନରେ ପ୍ରାୟତଃ ପ୍ରଶ୍ନ ଉଠେ ଏବଂ ତଦନୁସାରେ ପରିସ୍ଥିତି ମଧ୍ୟ ସୃଷ୍ଟି ହୁଏ — ସଂସାର-କାର୍ଯ୍ୟ ନା ଇଷ୍ଟକାର୍ଯ୍ୟ ? କେଉଁଟା କରିବି ଆଗେ ? ତଥାକଥିତ ବୈଷୟିକ ବସ୍ତୁବାଦୀ ବ୍ୟକ୍ତି କୁହନ୍ତି — ଆଗେ ସଂସାର-ପରିବାର ତା'ପରେ ଧର୍ମଟର୍ମ ଯାହାକିଛି । ଏକାନ୍ତ ଭକ୍ତ ସ୍ୱଭାବର ବ୍ୟକ୍ତିମାନେ କହିଥାଆନ୍ତି ଆଗେ ପ୍ରଭୁଙ୍କ କାମ ତା'ପରେ ସଂସାର-ପରିବାରର କାମ କଲେ କେତେ ନ କଲେ କେତେ । ଆଉ ଏକ ପକ୍ଷ ମଧ୍ୟବର୍ତ୍ତୀ ପନ୍ଥା ଅବଲମ୍ବନ କରି କୁହନ୍ତି — ସଂସାର କାମ ବି ହେବ ଠାକୁରଙ୍କ କାମ ବି ହେବ । ତେବେ ଯେଉଁଟା ଅତି ଦରକାର, ନିହାତି ପ୍ରୟୋଜନ, ଏହି ସମୟରେ ତତ୍‌କ୍ଷଣାତ୍ କରିବା ଉଚିତ୍ ତାହାକୁ ପ୍ରାଧାନ୍ୟ ଦେବା ଠିକ୍ ହେବ । ସଂସାରକର୍ମ କରିସାରିଲା ପରେ ଠାକୁରଙ୍କ କାମ କରିବାରେ କୌଣସି ଅସୁବିଧା ତ ନାହିଁ । ପୁରା ସଂସାର ତ ଠାକୁରଙ୍କର । ଏଥିରେ ଆଗ-ପଛ, ପଛ-ଆଗର କୌଣସି ମାନେ ନାହିଁ !

ଏ ପରିପ୍ରେକ୍ଷୀରେ ନିମ୍ନୋକ୍ତ ଘଟଣାଟି ଉପସ୍ଥାପିତ । ଜଗତ୍‌ମୋହନ ଚକ୍ରବର୍ତ୍ତୀ ଛାତ୍ରବସ୍ଥାରେ ଶ୍ରୀଶ୍ରୀଠାକୁରଙ୍କ ନାମ ଶୁଣିଥିଲେ । ସେହି ସମୟରୁ ତାଙ୍କର ଠାକୁରଙ୍କୁ ସ୍ୱଚକ୍ଷୁରେ ଦେଖିବାର ଇଚ୍ଛା ଜନ୍ମ ନିଏ । ଠାକୁର କଲିକତା ମଝିରେ ମଝିରେ ଆସନ୍ତି ।

ଠାକୁରଙ୍କର ଆସିବା ପଥକୁ ଚାହିଁ ସେ ଠାକୁରଙ୍କ ରହଣି ସ୍ଥାନକୁ ଯାଆନ୍ତି । କିନ୍ତୁ ଠାକୁରଙ୍କ ଦର୍ଶନ ହୁଏ ନାହିଁ । କେତେଥର ଗଲା ପରେ ଦିନେ ଠାକୁରଙ୍କ ଦର୍ଶନ ମିଳେ ତାଙ୍କ ସୌଭାଗ୍ୟବଶତଃ । ଶ୍ରୀଶ୍ରୀଠାକୁରଙ୍କର ଦିବ୍ୟ ରୂପ ଏତେ ଅପରୂପ ଯେ ଦର୍ଶନ ମାତ୍ରେ ମଣିଷ ମନରେ ଯେଉଁ ଚମତ୍କାରିତାର ସୃଷ୍ଟି ହୁଏ ତାହା ଭାଷାରେ ବର୍ଣ୍ଣନା କରିବା ଅସମ୍ଭବ । ଅନେକ ସୁନ୍ଦର ଆକର୍ଷଣୀୟ ବପୁଧାରୀ ମଣିଷ ଅଛନ୍ତି ଏ ଦୁନିଆରେ । କିନ୍ତୁ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଶ୍ରୀକଳେବର ଏତେ ମନଲୋଭା, ଏତେ ଆକର୍ଷଣୀୟ, ଏତେ ସୁନ୍ଦର — ଦୁନିଆର ଯେତେ ବିଶେଷଣ ଅଛି ଦେଇ ତା' ବର୍ଣ୍ଣନା କଲେ ବି କୋଟିଏ ଭାଗରୁ ଭାଗେ ବି ବର୍ଣ୍ଣନା ହୋଇପାରିବ କି ନାହିଁ ସନ୍ଦେହ । ଯିଏ ଦର୍ଶନ କରିଛି ସେ ମର୍ମେ ମର୍ମେ ଅନୁଭବ କରିଛି ତାହା । ଏହା ଅନୁପମ, ଅପରୂପ, ଅତୁଳନୀୟ ।

ଜଗତ୍‌ମୋହନଙ୍କର ଇଚ୍ଛା ହେଲା, ଠାକୁରଙ୍କର ପଦଧୂଳି ନେବା ପାଇଁ । କିନ୍ତୁ ଯେତେ ଥର ଚେଷ୍ଟା କଲେ ତାହା ପାଇପାରିଲେ ନାହିଁ । ଠାକୁର ଗାଡ଼ିରୁ ଓହ୍ଲାନ୍ତେ ବା କୌଣସିଠାରେ ଉପସ୍ଥିତ ହୁଅନ୍ତେ ଶହ ଶହ ହଜାର ହଜାର ଲୋକ କେଉଁଆଡୁ ମାଡ଼ି ଆସନ୍ତି । ଜନସମୁଦ୍ର ମଧ୍ୟରେ ମୋତି ଖୋଜିଲା ପରି ସେ ଚରଣଧୂଳି କଣାଏ ପାଇପାରନ୍ତି ନାହିଁ । ଲୋକଭିଡ଼ରେ ହୁଏତ ପଡ଼ିଯାଇ ପାରନ୍ତି ।

ତିନି ତିନି ଥର ଚେଷ୍ଟା କଲେ । କିନ୍ତୁ ପାଇପାରିଲେ ନାହିଁ । ତାଙ୍କର ମନ କଥା ଜାଣି କେହି ଜଣେ କହିଲେ — କଲିକତାରେ ତାଙ୍କ ସାମିପ୍ୟ ପାଇବା କଷ୍ଟକର । ତୁମେ ତାଙ୍କ ଆଶ୍ରମ ହିମାୟିତପୁରକୁ ଯାଅନା କାହିଁକି ? ସେଠାରେ ତାଙ୍କୁ ଦିନମାନ ଠାକୁରବାଡ଼ିରେହିଁ ଅବସ୍ଥାନ କରିବାର ଦେଖିପାରିବ ।

କଥାଟା ତାଙ୍କ ମନକୁ ପାଇଲା । କିନ୍ତୁ କାର୍ଯ୍ୟକ୍ରମ ମଧ୍ୟରେ ସମୟ ବାହାର କରିପାରୁ ନାହାଁନ୍ତି । ମନରେ ଏକ ତୀବ୍ର ଆକର୍ଷଣ ଅନୁଭବ କରୁଛନ୍ତି । ସପନେ, ଜାଗରଣେ, ଭାବନେ ଏକମାତ୍ର ଚିନ୍ତା, ଏକମାତ୍ର କଥା — ପାବନା-ହିମାୟିତପୁର ।

ଏ ମଧ୍ୟରେ ଛ'-ସାତମାସ ଅତିବାହିତ ହୋଇଗଲା । ଶେଷକୁ ଦିନେ ଚଞ୍ଚଳ ମନକୁ କ୍ଷଣିକ ପାଇଁ ସ୍ଥିର କରି ଦୃଢ଼ ନିଷ୍ପତ୍ତି

ନେଲେ, ଆଜି ହିଁ ଯିବି ହିମାୟିତପୁର । ବାସ୍, ତା'ପରେ ଯାତ୍ରାରମ୍ଭ ହେଲା ।

ଆଶ୍ରମରେ ପହଞ୍ଚି ଠାକୁରଙ୍କ ସମ୍ମୁଖରେ ନତଜାନୁ ହୋଇ ପ୍ରଣାମ କରନ୍ତେ ସଙ୍ଗେ ସଙ୍ଗେ ଠାକୁରଙ୍କ ପ୍ରଶ୍ନ — "କେତେବେଳେ ଆସିଲୁ ରେ ?"

ଏପରି ମଧୁର, ଏତେ ସ୍ନେହଝରା, ଏତେ ପ୍ରାଣକଢ଼ା କଥା ଜୀବନରେ ସେ କେବେ ଶୁଣିନାହାଁନ୍ତି । ସତେ ଯେମିତି ଅନେକ ଦିନର ପରିଚିତ । ଯଦିଓ ପ୍ରଥମ କରି ଠାକୁର-ଦର୍ଶନ କରୁଛନ୍ତି ସେ । ପ୍ରଣାମ କରି ଉଠିପଡ଼ିଲେ ।

ସେଥର ଦୁଇଦିନ ଧରି ରହିଲେ ଆଶ୍ରମରେ । ଆଶ୍ରମର ପରିବେଶ ଶ୍ରୀଶ୍ରୀଠାକୁରଙ୍କ ଅନୁପମ ପ୍ରେମପ୍ରୀତିର ବନ୍ଧନରେ ସେ ପ୍ରାୟଃ ବାନ୍ଧି ହୋଇଗଲେ । ଶନିବାର ହେଲେ ଚାଲିଯାଆନ୍ତି ହିମାୟିତପୁର । ପୁଣି ରବିବାର ଦିନ ଅପରାହ୍ଣରେ ଫେରିଆସନ୍ତି ।

ଏହିପରି କେତେଥର ଯିବାଆସିବା ପରେ ସଦ୍ୟ ଉପସ୍ଥିତ ହୋଇ ଶ୍ରୀଶ୍ରୀଠାକୁରଙ୍କୁ ପ୍ରଣାମ କରୁଛନ୍ତି ଜଗତମୋହନ ଭାଇ । କେଷ୍ଟଦାଙ୍କୁ ଡ଼ାକି ଠାକୁର କହିଲେ — "କେଷ୍ଟଦା, ତା'କୁ ଦୀକ୍ଷା ଦେଇ ଦିଅନ୍ତୁ ।"

ଜଗତମୋହନଭାଇ ମନେ ମନେ ଦୀକ୍ଷା ନେବା କଥା ଭାବୁଛନ୍ତି । ସୁତରାଂ ତାଙ୍କ ମନର କଥା ଜାଣିପାରି ଠାକୁର ଏପରି ନିର୍ଦ୍ଦେଶ ଦେଲେ ।

ଦୀକ୍ଷା ନେବା ପାଇଁ ସେ ଦୀକ୍ଷା ପ୍ରକୋଷ୍ଠରେ ଯାଇ ବସିଲେ । ଯେ ବସି ରହିଲେ ତାହା ଅନେକ ସମୟ ପର୍ଯ୍ୟନ୍ତ । ଏ ମଧ୍ୟରେ ବାରଟା ବାଜିଗଲା । ସେ ତ ନୂଆ ଲୋକ । ଭାବୁଛନ୍ତି, ଠାକୁର ତ କହିଲେ, କେଷ୍ଟଦା ଅବଶ୍ୟ ମୋତେ ଡ଼ାକିବେ ।

କିନ୍ତୁ କେଷ୍ଟଦା ଆସିଲେ ନାହିଁ । ଦୀକ୍ଷା ବି ହେଲା ନାହିଁ । ମନରେ କଷ୍ଟ । ଦୁଃଖ ବି । ଏହି ସମୟରେ ଠାକୁର ତାଙ୍କ ନିକଟକୁ ଆସି କହିଲେ — "କି ରେ ଦୀକ୍ଷା ନେଇଛୁ ?"

— ଆଜ୍ଞା ନା । କେଷ୍ଟଦା ଆସିଲେନି ।

— "ଡ଼ାକ କେଷ୍ଟଦାକୁ ।"

ଠାକୁରଙ୍କ ଶ୍ରୀମୁଖରୁ ଏତିକି ବାହାରୁ ବାହାରୁ କେହି ହୁଏତ ଧାଇଁ ଗଲା କେଷ୍ଟଦାଙ୍କୁ ଡ଼ାକିବାକୁ । ଆଉ ଶ୍ରୀକୃଷ୍ଣ ପ୍ରସନ୍ନ ଭଟ୍ଟାଚାର୍ଯ୍ୟ ଶଶବ୍ୟସ୍ତ ହୋଇ ଧାଇଁ ଆସିଲେ ଶ୍ରୀଶ୍ରୀଠାକୁରଙ୍କ ନିକଟକୁ ।

ଠାକୁର କହିଲେ, ଆପଣଙ୍କୁ କହିଲି ନା ଯେ ଦୀକ୍ଷା ଦେଇ ଦିଅନ୍ତୁ ।

କେଷ୍ଟଦା କହିଲେ — ଆଜ୍ଞା ହଁ । ମୁଁ ଭୁଲି ଯାଇଥିଲି ।

ଠାକୁର ଚାଲିଯିବା ପରେ ଜଗତ୍‌ମୋହନଭାଇ କେଷ୍ଟଦାଙ୍କ ସଙ୍ଗେ ଚାଲିଲେ । କେଷ୍ଟଦା ଭାବିଲେ, ସେ ବୋଧହୁଏ ଠାକୁରଙ୍କ ନିକଟରେ ତାଙ୍କ ବିରୁଦ୍ଧରେ ଅଭିଯୋଗ କରିଛନ୍ତି । କିନ୍ତୁ ସେ ବାରମ୍ବାର ବୁଝାଇ କହିଲେ, ମୁଁ ଠାକୁରଙ୍କୁ କିଛିହିଁ କହିନାହିଁ । ଠାକୁର ହିଁ ସ୍ୱୟଂ ମୋତେ ତାଙ୍କ ତରଫରୁ ପଠାଇଲେ ।

ଯା' ହେଉ ସେଦିନ ଜଗତମୋହନ ଚକ୍ରବର୍ତ୍ତୀଙ୍କର ଶ୍ରୀଶ୍ରୀଠାକୁରଙ୍କ ଚରଣରେ ଆଶ୍ରିତ ହେବାର ସୁଯୋଗ ପ୍ରାପ୍ତ ହେଲା ।

ଶ୍ରୀକୃଷ୍ଣପ୍ରସନ୍ନ ଭଟ୍ଟାଚାର୍ଯ୍ୟଙ୍କ ମାଧ୍ୟମରେ ଦୀକ୍ଷାପ୍ରାପ୍ତ ହେଲେ ଜଗତମୋହନ ଚକ୍ରବର୍ତ୍ତୀ । ତା'ପରେ ଅନେକଥର ଆଶ୍ରମକୁ ଆସିଛନ୍ତି । ଆସିଲେ କେଷ୍ଟଭାଇଙ୍କ ବସାରେ ଉଠନ୍ତି । ତାଙ୍କ ପ୍ରେରଣାରେ ଶ୍ରୀଶ୍ରୀଠାକୁରଙ୍କ ପ୍ରତି ଜଗତଭାଇଙ୍କର ନିଷ୍ଠା କ୍ରମଶଃ ବଢ଼ିଚାଲେ ।

ଏହାର ଚାରିପାଞ୍ଚ ବର୍ଷ ପରେ ହଠାତ୍ ଟେଲିଗ୍ରାମ ପାଇଲେ ଜଗତଭାଇ । Shree Shree Thakur wants you in the ashram.
— K.K. Bhattacharyya

ଜଗତଭାଇ ସେତେବେଳେ ଚାକିରୀ କରୁଥିଲେ । କାର୍ଯ୍ୟାଳୟର ବଡ଼କର୍ତ୍ତାବାବୁଙ୍କୁ ସେ କହିଲେ, ମୁଁ ପାବନା ଯିବି । ଏହା ଶୁଣି ରାଗିଉଠିଲେ ଅଧିକାରୀ ଜଣକ । ଆଉ କହିଲେ, Do not be silly.

ସ୍ୱୟଂ ଠାକୁର ଚାହୁଁଛନ୍ତି ତାଙ୍କୁ । ପ୍ରଭୁଙ୍କର ଡ଼ାକରା ଆସିଛି । ଆଉ ସେ ଯିବେନି — ଏହା କ'ଣ ହୋଇପାରେ ! ମନରେ ସ୍ଥିର କଲେ, ଯେମିତି ହେଲେ ମୋତେ ଆଶ୍ରମକୁ ଯିବାକୁ ପଡ଼ିବ । ଯିବି ବି ମୁଁ ନିଶ୍ଚୟ । I must go — ମୁଁ ନିଶ୍ଚୟ ଯିବି । ଏଥିରେ ଯଦି ମୋ ଚାକିରୀ ଚାଲିଯିବ ତ ଯାଉ । ଆଗେ ଠାକୁରଙ୍କ ଆଦେଶ ପାଳନ ତା'ପରେ ଆଉ ସବୁକିଛି । ଏହିପରି ଦୃଢ଼ନିଶ୍ଚୟ ମନରେ ଆଣିଲେ ସେ ।

ମନକୁ ଦୃଢ଼ କରି କିଛି ସମୟ ପରେ ପୁନରାୟ ଅଧିକାରୀବାବୁଙ୍କ ନିକଟକୁ ଯାଇ କହିଲେ — ମୁଁ ମୋ ଠାକୁରଙ୍କ ଆଶ୍ରମ ପାବନାକୁ ଯିବି । ଠାକୁରଙ୍କ ଆବେଶ ଆସିଛି ।

ଅଧିକାରୀବାବୁ ଜଣକ ଟିକେ ହସିଲେ ଆଉ ପଚାରିଲେ — କେତେବେଳେ ?

ସେ ଉତ୍ତର ଦେଲେ — ଏଇକ୍ଷଣିହିଁ ।
ମୋଟାମୋଟି ଅନୁମତି ହୋଇଗଲା ।
ସେହିଦିନ ହିଁ ସେ ପାବନା ଚାଲିଗଲେ ।
ତୁରନ୍ତ ଯାଇ ହାଜର ହେଲେ ଶ୍ରୀଶ୍ରୀଠାକୁରଙ୍କ ସମ୍ମୁଖରେ ।

ନତଜାନୁ ହୋଇ ପ୍ରଣାମ କରୁ କରୁ ଠାକୁର ପଚାରିଲେ— ତୋ ବାପାଙ୍କ ନାମ କ'ଣ ?

ବାପାଙ୍କ ନାମ କହିଲେ ଜଗତମୋହନଭାଇ ।

ଶ୍ରୀଶ୍ରୀଠାକୁର ତା'ପରେ ଜେଜେବାପାଙ୍କ ନାମ ଏବଂ ମା'ଙ୍କ ବଂଶର ସମସ୍ତଙ୍କ କଥା ପଚାରି ଚାଲିଲେ । ଜେଜେବାପାଙ୍କ କଥା ପଚାରିବାରୁ ତାଙ୍କର ନାମ କହିଲେ— ଆଚାର୍ଯ୍ୟ କାଳୀପ୍ରସନ୍ନ ଭଟ୍ଟାଚାର୍ଯ୍ୟ । ଜେଜେବାପା ଥିଲେ ପୂଜାରୀ ବ୍ରାହ୍ମଣ । ପୂଜାର୍ଚ୍ଚନା କରି ହିଁ ଦିନ କାଟୁଥିଲେ ।

— କହୁଛୁ କ'ଣ ?

— ହଁ । ଗାମୁଛା ନେଇ ବାହାରି ପଡୁଥିଲେ....।

— 'ସେ କଥା ଆଉ କେବେ ବି କହିବୁନି । ସେ କଥା କହନ୍ତିନି ।'

— ଜଗତଭାଇ କହିଲେ— ଆଜ୍ଞା ନା । ଆଉ କହିବିନି ।

ଏଥର ଶ୍ରୀଶ୍ରୀଠାକୁର ଜଗତମୋହନଭାଇଙ୍କୁ ପବିତ୍ର ପାଞ୍ଜା ପ୍ରଦାନ କଲେ । ହଠାତ୍ ଏପରି ଘଟଣାରେ ଘାବୁରେଇ ଗଲେ ସେ । ଆତଙ୍କିତ ହୋଇ କହିଲେ- ଯା'କୁ ନେଇ ମୁଁ କ'ଣ କରିବି ? ମୁଁ କ'ଣ ପାରିବି ? ମୁଁ ନିଜେହିଁ ତ କିଛି ଜାଣେନା ।

ଶ୍ରୀଶ୍ରୀଠାକୁର କହିଲେ, ''ତୁ ମୋଠାରୁ ବେଶୀ ବୁଝୁ: ମୁଁ ଯାହା କହେ, ତାହା କର ।''

ଶ୍ରୀଶ୍ରୀଠାକୁର ଯତୀନଭାଇଙ୍କୁ କହିଲେ ସବୁ କହିଦେବା ପାଇଁ, ଶିଖାଇ ଦେବା ପାଇଁ । ଅଗତ୍ୟା ବାଧ ହୋଇ ପାଞ୍ଜା ଗ୍ରହଣ କଲେ ଜଗତଭାଇ ଆଉ ଦୁଇଦିନ ପରେ ଆଶ୍ରମରୁ କଲିକତା ଚାଲିଗଲେ ।

ଏହି ସମୟରେ ଜଗତଭାଇଙ୍କର ସ୍ତ୍ରୀ ଖୁବ୍ ଅସୁସ୍ଥ ହୋଇପଡ଼ନ୍ତି । ଆଶ୍ରମ ଗଲେ କେଷ୍ଟଭାଇ ଓ ନନୀଭାଇ ଦୁଇଜଣ ହିଁ କହନ୍ତି, ଚାଲ୍ ଠାକୁରଙ୍କ ନିକଟରେ ଯାଇ କହ ।

ଜଗତଭାଇ କହିଲେ, ମୋ ସ୍ତ୍ରୀର କଥା ମୁଁ କହିବି କିପରି ?

ଯା' ହେଉ ସେଥର କିଛି କୁହା ହେଲା ନାହିଁ । ଜଗତଭାଇ କଲିକତା ଚାଲିଗଲେ । କିଛିଦିନ ପରେ ପୁଣି ଆଶ୍ରମ ଆସିଲେ ।

ବସ୍‌ରୁ ଓହ୍ଲାଇବା ପରେ ଜଣେ ତାଙ୍କୁ ଆସି କହିଲେ, ଠାକୁର ଡ଼ାକୁଛନ୍ତି ଆପଣଙ୍କୁ ।

ଜଗତଭାଇ କହିଲେ, ଜିନିଷଗୁଡ଼ିକ ରଖିଦେଇ ଯାଉଛି ।

— ଆରେ, ଧେଡ୍ ମହାଶୟ । ଠାକୁର ଡ଼ାକୁଛନ୍ତି ଚାଲନ୍ତୁ ନା ଶୀଘ୍ର ଶୀଘ୍ର ।

ଠାକୁରଙ୍କୁ ପ୍ରଣାମ କରି ଜଗତଭାଇ ଛିଡ଼ା ହୁଅନ୍ତେ ଠାକୁର କହିଲେ, ଆରେ, ତୋ କଥା ମୋର ମନେ ପଡୁଥିଲା । ମୋତେ ଗୋଟେ ରାଇସ ହଲର ଦେବୁ ।

— ଜଗତଭାଇ କହିଲେ, ଆଜ୍ଞା.....!

''ଏକ୍ଷଣି ହିଁ କିନ୍ତୁ ମୋର ଦରକାର । ଚଟାପଟ୍ ଦରକାର । ଭୁଲି ଯିବୁନି ତ ? ବଡ଼ବୋଉ ଚାହିଁଛି ।''

ଯତୀନଭାଇ, କେଷ୍ଟଭାଇ ଆଦି ସମସ୍ତେ ସେଠାରେ ଉପସ୍ଥିତ ଥିଲେ । ଜଗତଭାଇଙ୍କ କଥା କହିବା ପାଇଁ ଯତୀନଭାଇ ଥରେ କହିଦେଲେ— ଜଗତଭାଇଙ୍କ ଧର୍ମପତ୍ନୀ ଖୁବ୍ ଅସୁସ୍ଥ ।

ଶ୍ରୀଶ୍ରୀଠାକୁର କହିଲେ, ଏଇ ତ ରାଇସ ହଲର କଥା କହିଛି । ଯେପରି ଭୁଲି ନ ଯାଏ ।

କେଷ୍ଟଭାଇ ଥରେ ଠାକୁରଙ୍କୁ କହିଲେ— ଜଗତଭାଇଙ୍କ ସ୍ତ୍ରୀର ଖୁବ୍ କଠିନ ଅବସ୍ଥା ।

ଶ୍ରୀଶ୍ରୀଠାକୁର କହିଲେ, ''ଏଇ, କେବେ ତୁ କଲିକତା ଯିବୁ ?''

ଜଗତଭାଇ କହିଲେ— ରବିବାର ରାତିରେ ଯିବି । ସୋମବାର ଯାଇ ଅଫିସ କରିବି ।

ଶ୍ରୀଶ୍ରୀଠାକୁର— ରାଇସ ହଲର କଥା ଭୁଲିବୁନି ।

କେଷ୍ଟଭାଇ କହିଲେ, ଠାକୁର ଯେତେବେଳେ ଶୁଣୁ ନାହାଁନ୍ତି.....! ତାଙ୍କ କହିବାର ଉଦ୍ଦେଶ୍ୟ ହୁଏତ ତୁମ ସ୍ତ୍ରୀ ବଞ୍ଚିବନି ବା ଏ ମଧ୍ୟରେ ଜୀବନ ହାରି ସାରିଲାଣି । ଏଣୁ ସେ ବିଷୟରେ ଠାକୁର କିଛି ପ୍ରତିକ୍ରିୟା ପ୍ରକାଶ କରୁ ନାହାଁନ୍ତି । କେଷ୍ଟଭାଇଙ୍କ କହିବାର ଭଙ୍ଗୀରୁ ଏହା ଅନୁମାନ କଲେ ଜଗତଭାଇ । ଆଉ ସେ ବି ନିଶ୍ଚିତ ହେଲେ ଶ୍ରୀମତୀ ଆଉ ବଞ୍ଚିବେନି.....ଆଶା ନାହିଁ ।

ରାଇସ ହଲର ସମ୍ବନ୍ଧରେ ଜଗତଭାଇଙ୍କର କୌଣସି ଜ୍ଞାନ ନଥିଲା । ଯା' ହେଉ କଲିକତା ଯାଇ ଖୋଜଖବର ନେଇ କିଣି ନେଇ ଆସିବେ ।

ରବିବାର ହୋଇଗଲା । ଅପରାହ୍ନ ସମୟରେ ଶ୍ରୀଶ୍ରୀଠାକୁର କହିଲେ, ତୁ କଲିକତା ଯାଇନୁ ?

— ଆସାମ ମେଲ ଆସିନି, ତେଣୁ ଯାଇ ପାରିନି ।

ଶ୍ରୀଶ୍ରୀଠାକୁର କହିଲେ, ''ରାଇସ ହଲର କିନ୍ତୁ ଭୁଲିବୁନି ।''

ଯା' ହେଉ ଶେଷକୁ ଆଶ୍ରମରୁ ଘରକୁ ଫେରିଲେ ଜଗତଭାଇ । ଭୟରେ, ଆତଙ୍କରେ ଘର ଭିତରକୁ ପ୍ରବେଶ କଲେ । ଶ୍ରୀମତୀ ବଞ୍ଚିଛନ୍ତି କି ନାହିଁ ସନ୍ଦେହ । ମନ ପାପ ଛୁଉଁଛି । ଯେପରି ଅବସ୍ଥାରେ ତାଙ୍କୁ ଦେଖି ଯାଇଥିଲି ସେଥିରେ ସେ ବଞ୍ଚି ରହିଥିବେ ସେପରି ଆଶା ନାହିଁ । ପତ୍ନୀଙ୍କର ସେପରି କଠିନ ଅବସ୍ଥାରେ ତାଙ୍କୁ ଛାଡ଼ି ଦେଇ ଆଶ୍ରମ ଯିବାଟା ତଥାକଥିତ ଭାବେ ବିଚାର କଲେ ଉଚିତ୍ ନ ଥିଲା । କିନ୍ତୁ ଜଗତଭାଇଙ୍କର ଜୀବନରେ ପ୍ରଥମ

ସ୍ଥାନରେ ଥିଲେ ଠାକୁର । ଠାକୁର ଡ଼କାଇନ୍ତି ମାନେ ସମସ୍ତ ପ୍ରକାର ବିପଦ-ଆପଦ, ମୃତ୍ୟୁକୁ ବି ପଛରେ ପକାଇ ସେ ଯିବେ ହିଁ । ଏପରିକି ଚାକିରୀ ଚାଲିଯିବାର ମଧ୍ୟ ଭୟ ଥିଲା । କିନ୍ତୁ ସେସବୁ ପ୍ରତି ଖାତିର ନ କରି ସେ ତୁରନ୍ତ ଯାଇ ହାଜର ହୋଇଥିଲେ ଆଶ୍ରମରେ ।

ଠାକୁରଙ୍କ ନିକଟରେ ନିଜ ସ୍ତ୍ରୀର ରୋଗ କଥା କହିବାର ଇଚ୍ଛା ଆଦୌ ନ ଥିଲା ତାଙ୍କର । ଯତୀନଭାଇ, କେଷ୍ଟଭାଇ ସମ୍ବେଦନଶୀଳ ହୋଇ କହି ପକାଇଲେ । କିନ୍ତୁ ଠାକୁର କିଛି ପ୍ରତିକ୍ରିୟା ପ୍ରକାଶ କଲେ ନାହିଁ କି ସେ ସମ୍ବନ୍ଧରେ ପଚୁଟିଏ ବି କହିଲେ ନାହିଁ । ମୋଟାମୋଟି ଜଣାଗଲା ଯେ ଠାକୁର ତାହା ଶୁଣିବାକୁ ଚାହୁଁ ନାହାଁନ୍ତି । ଏଥିରେ ରତ୍ନିଗାଚାର୍ଯ୍ୟ କୃଷ୍ଣପ୍ରସନ୍ନ ଭଟ୍ଟାଚାର୍ଯ୍ୟ ଯେଉଁ ମନ୍ତବ୍ୟ ଦେଲେ ଯେ ଠାକୁର ଯେତେବେଳେ ଶୁଣୁ ନାହାଁନ୍ତି ସେତେବେଳେ ମା'ଙ୍କର ବଞ୍ଚିବାର ଆଶା ନାହିଁ କହିଲେ ଚଳେ । ଏଥିରେ ବଡ଼ ଭୟଭୀତ ହୋଇ ଯାଇଥିଲେ ସେ । ନିଜେ ବି ଭାବି ନେଇଥିଲେ ଶ୍ରୀମତୀଙ୍କୁ ଆଉ ସେ ଯାଇ ଦେଖିପାରିବେ କି ନାହିଁ ସନ୍ଦେହ ।

ଯଦି ଶ୍ରୀମତୀ ଦେହତ୍ୟାଗ କରିଥିବେ ତେବେ ଘରେ କାନ୍ଦବୋବାଳି ପଡ଼ିଥିବ । ଛନ୍ନଛଡ଼ା ହୋଇ ଯାଇଥିବ ସଂସାର । ଏଥିପାଇଁ ସେ ଭୟ ଭାବ ସହିତ ଆସ୍ତେ ଆସ୍ତେ ପାଦ ପକାଇଲେ ଘର ଆଡ଼କୁ ।

ଏ କ'ଣ ? ଘରର ଲାଇଟ ଜଳୁଛି । କଥାବାର୍ତ୍ତା ହେବାର ଶୁଣା ଯାଉଛି । କିଛି ଅଘଟଣ ଘଟିଥିଲେ ତ ପରିବେଶ ଏପରି ହୋଇ ନଥା'ନ୍ତା... । ହୁଏତ ଅଘଟଣ କିଛି ଘଟିନି । ବଞ୍ଚି ଅଛନ୍ତି ଶ୍ରୀମତୀ ।

ଗୃହ ମଧ୍ୟକୁ ପ୍ରବେଶ କଲେ ଜଗତଭାଇ । ଅନ୍ତଃକରଣରେ ପ୍ରବଳ ବେଗରେ ଚାଲିଛି ନାମର ମନନ । ପ୍ରବେଶ କରି ଦେଖିଲେ, ସ୍ତ୍ରୀ ବଳ ବଳ ହୋଇ ଚାହିଁଛନ୍ତି । ସେ ଅବସ୍ଥାରେ ତାଙ୍କୁ ଦେଖି ମନରେ ଭରସା ଆସିଲା ।

ପରଦିନ ଜଗତଭାଇ ଯାଇ ଡ଼ାକ୍ତରଙ୍କୁ ଡ଼ାକି ଆଣିଲେ । ଡ଼ାକ୍ତରବାବୁ ପରୀକ୍ଷା କରି କହିଲେ, ଏ କ'ଣ ! ଏତେ ପରିବର୍ତ୍ତନ ତ ଆଶା କରିନି । ଇଏ ତ ମିରାକଲ୍ ! ସେ ଅନେକ ଇଂପ୍ରୁଭ (ଉନ୍ନତି) କରିଛନ୍ତି ।

ଡ଼ାକ୍ତରଙ୍କ କଥା ଶୁଣି ଜଗତଭାଇ ଦୀର୍ଘନିଃଶ୍ୱାସ ପକାଇଲେ । ମନରେ ଆଶ୍ୱସ୍ତ ହେଲେ । ବିପଦଟା ହୁଏତ କଟିଗଲା । ଠାକୁରଙ୍କ ଶ୍ରୀମୁଖ ଭାସିଉଠିଲା ଆଖି ସମ୍ମୁଖରେ । ମନେ ମନେ କେବଳ କହିଲେ, ତୁମେ କିଏ ଜାଣେନା, ତେବେ ଯିଏ ହିଁ ହୁଅ ତୁମେ ମୋର ଭଗବାନ ।

ସୋମବାର ଦିନ ମଧ୍ୟାହ୍ନ ଜଳଯୋଗ ସମୟରେ ଅଫିସରୁ ୮୪ କ୍ଲାଇବ ଷ୍ଟ୍ରିଟ୍‌କୁ ଯାଇ ଖବର ନେଲେ । ହଠାତ୍ ଦେଖିଲେ ତାଙ୍କ ସାମନାରେ ଲେଖା ହୋଇଛି ରାଇସ ହଲର । ଦୋକାନ ବନ୍ଦ । ପାଖ ଦୋକାନରେ ପଚାରି ବୁଝିଲେ, ଦୋକାନର ମାଲିକ ନମାଜ ପଢ଼ିବାକୁ ଯାଇଛନ୍ତି । ସେଠାରେ ସେ ଅପେକ୍ଷା କଲେ ।

କିଛି ସମୟ ପରେ ଦୋକାନ ମାଲିକ ଆସିଲେ । ଯେଉଁ ଜିନିଷଟିର କଥା ଠାକୁର ବର୍ଣ୍ଣନା କରି କହିଥିଲେ ଠିକ୍ ସେହି ଜିନିଷଟି ସେଠାରେ ମିଳିଗଲା । ମୂଲ୍ୟ ନିର୍ଦ୍ଧାରଣ କରି ସେ ସମୟ ମୁତାବକ ଫେରି ଆସିଲେ ।

ତା'ପରଦିନ ଟଙ୍କା ନେଇ ଅର୍ଡ଼ର ବୁକ୍ କରି ଆସିଲେ ।

ଜିନିଷ ମିଳିବା ପରେ ଆଶ୍ରମକୁ ପଠାଇବାର ସମସ୍ତ ବ୍ୟବସ୍ଥା କଲେ ଜଗତମୋହନଭାଇ ।

ପରେ ଆଶ୍ରମକୁ ଯାଇ କେଷ୍ଟଭାଇଙ୍କଠାରୁ ଜାଣିଲେ ଶ୍ରୀଶ୍ରୀଠାକୁର କାହିଁକି ତାଙ୍କଠାରୁ ରାଇସ ହଲର ଚାହିଁଥିଲେ । ରାଇସ ହଲର ଦେବା ପାଇଁ ଠାକୁର ବାରମ୍ବାର କହୁଥିଲେ । ଖୁବ୍ ଶୀଘ୍ର ଦେବା ପାଇଁ କହୁଥିଲେ । ସେହି ରାଇସ ହଲର ଜଗତଭାଇଙ୍କ ମାର୍ଫତ ନେଇ ତାଙ୍କ ସ୍ତ୍ରୀଙ୍କର ଜିଦ୍ଦ ଖଣ୍ଡନ କରିଦେଲେ ଠାକୁର । ଯଦି ତାହା ଠିକ୍ ସମୟରେ ଦିଆ ଯାଇ ନଥା'ନ୍ତା ତେବେ ହୁଏତ କିଛି ବି ଅଘଟଣ ଘଟି ଯାଇଥା'ନ୍ତା !

ଜାତକ ଅନୁସାରେ ସେହି ସମୟରେ ମଙ୍ଗଳ ଗ୍ରହଙ୍କ ପ୍ରକୋପ ଦେଇ ଜଗତଭାଇଙ୍କ ପତ୍ନୀଙ୍କର ମୃତ୍ୟୁ ଯୋଗ ଥିଲା । ମଙ୍ଗଳ ଗ୍ରହ ହେଲେ ଲୁହାର ପ୍ରତୀକ । ଲୌହ ଦାନ ଗ୍ରହଣ କରି ମଙ୍ଗଳଙ୍କୁ ଶାନ୍ତ କରାଗଲା ଆଉ ଏଥିସହିତ ମୃତ୍ୟୁ ପରି ଅକାଟ୍ୟ ସତ୍ୟକୁ କାଟି ଦିଆଗଲା ।

ସ୍ୱୟଂ ପୁରୁଷୋତ୍ତମଙ୍କ ବ୍ୟତୀତ ଆଉ କାହାର ବା ସାଧ ଅଛି ନିଶ୍ଚିତ ମୃତ୍ୟୁକୁ ବଞ୍ଚାଇ ପାରିବେ !!

ଉକ୍ତ ସାଧାରଣ ଘଟଣାର ପଶ୍ଚାତ୍‌ପଟରେ ଯେଉଁ ଅସାଧାରଣ ତତ୍ତ୍ୱ ଲୁକ୍‌କାୟିତ ରହିଛି ତା' ବିଶେଷଭାବେ ପ୍ରଣିଧାନଯୋଗ୍ୟ ।

ଜଗତମୋହନଭାଇ ବାରମ୍ବାର ଆଶ୍ରମକୁ ଯାଉଥିଲେ । କିନ୍ତୁ ସେ ଦୀକ୍ଷା ନେଇ ନଥିଲେ । ପରମପିତାଙ୍କ ବିଶେଷ ଦୃଷ୍ଟିରେ ହୁଏତ ସେ ଥିଲେ । ତେଣୁ ସେ ନିବେଦନ କରି ନଥିଲେ ବି ଶ୍ରୀଶ୍ରୀଠାକୁର ସ୍ୱୟଂ କେଷ୍ଟଭାଇଙ୍କୁ ଡ଼ାକି ଆବେଶ କଲେ, ତା'କୁ ଦୀକ୍ଷା ଦେଇ ଦିଅନ୍ତୁ ।

ଏ ଏକ ବିଶେଷ ଘଟଣା । ଦୀକ୍ଷା ନେଇଛ କି ନାହିଁ,

କା'ର ପ୍ରଶ୍ନରେ ହୁଏତ ଦୀକ୍ଷା ନେବା ଠିକ୍ ଏହିପରି ବିଭିନ୍ନ ସମୟରେ ଠାକୁର ବିଭିନ୍ନ କଥା କହିଥାଆନ୍ତି । କିନ୍ତୁ ହଠାତ୍ ଦୀକ୍ଷାଦାତାଙ୍କୁ ନିର୍ଣ୍ଣୟ କରି ଆଦେଶ ଦେଇଦେବା ଯେ ତା'କୁ ଦୀକ୍ଷା ଦେଇଦିଅ — ଏପରି ଘଟଣା ଖୁବ୍ କମ୍ ଘଟିଥାଏ ।

ଏଥିରୁ ସ୍ପଷ୍ଟ ହୁଏ ଜଗତମୋହନଭାଇଙ୍କ ଭିତରେ ଠାକୁରଙ୍କ ପ୍ରତି ଅଟୁଟ ଶ୍ରଦ୍ଧା, ଅକାଟ୍ୟ ଅନୁରାଗ ଥିଲା । ତାହା ପ୍ରଭୁ ଜାଣି ପାରିଥିଲେ । ଏଣୁ ସିଧାସଳଖ ଦୀକ୍ଷା ଦେବା ପାଇଁ ଆଦେଶ କରିଦେଲେ ।

ଦୀକ୍ଷା ନେବା ପାଇଁ ଅପେକ୍ଷା କରି ବସିଅଛନ୍ତି ଜଗତଭାଇ । କିନ୍ତୁ ଦୀକ୍ଷାଦାତା ଶ୍ରୀକୃଷ୍ଣପ୍ରସନ୍ନ ଭଟ୍ଟାଚାର୍ଯ୍ୟ ଆସିଲେ ନାହିଁ । ଶ୍ରୀଶ୍ରୀଠାକୁର ସ୍ୱୟଂ ତାଙ୍କ ପାଖକୁ ଯାଇ କହିଲେ, କି ରେ, ଦୀକ୍ଷା ନେଇଛୁ ?

ଏହିପରିଭାବେ ପଚାରିବା ମଧ୍ୟ ପ୍ରାୟତଃ ଘଟି ନାହିଁ ଆଗରୁ । କେଷ୍ଟଭାଇଙ୍କୁ ଡ଼କା ହେଲା ଏବଂ ସେ ଚଟ୍‌ଷଣାତ୍ ଦୀକ୍ଷା ପ୍ରଦାନ କଲେ । ଏହା ଏକ ବିଶେଷ ଘଟଣା । କେତେଜଣଙ୍କ କ୍ଷେତ୍ରରେ ଶ୍ରୀଶ୍ରୀଠାକୁର ଦୀକ୍ଷା ନେବା ପାଇଁ ଏତେ ତତ୍ପର ରହିବା ଦେଖା ଯାଇଛି ? ଏପରି ବି ଦୃଷ୍ଟାନ୍ତ ଅଛି ଦୀକ୍ଷା ନେବା ପାଇଁ ମାସ ପରେ ମାସ, ବର୍ଷ ପରେ ବର୍ଷ ଇଚ୍ଛା କରି, ଚେଷ୍ଟା କରି ମଧ୍ୟ ଦୀକ୍ଷା ପାଇ ନାହାଁନ୍ତି । କେହି ବା ଅନେକ ବିଳମ୍ବରେ ବହୁ ଚେଷ୍ଟା ପରେ ଦୀକ୍ଷା ନେବାର ସୌଭାଗ୍ୟ ଅର୍ଜନ କରିଛନ୍ତି । କିନ୍ତୁ ଜଗତମୋହନଭାଇଙ୍କ କ୍ଷେତ୍ରରେ ଶ୍ରୀଶ୍ରୀଠାକୁର ସ୍ୱୟଂ ଏତେ ଆଗ୍ରହୀ ହେବାର କାରଣ ହୁଏତ କିଛି ଥିବ ଅନ୍ତରାଳରେ ।

ଦୀକ୍ଷା ନେବାର ଚାରିପାଞ୍ଚ ବର୍ଷ ପରେ ହଠାତ୍ ଆଶ୍ରମରୁ ଟେଲିଗ୍ରାମ ଆସିଲା, ଶ୍ରୀଶ୍ରୀଠାକୁର ଆପଣଙ୍କୁ ଆଶ୍ରମରେ ଚାହୁଁଛନ୍ତି ।

ଏ ଥିଲା ତାଙ୍କ ପାଇଁ ବଡ଼ ପରୀକ୍ଷା । ଘରେ ଧର୍ମପତ୍ନୀ ଭୀଷଣଭାବେ ଅସୁସ୍ଥ । ଡ଼ାକ୍ତରମାନେ ଚେଷ୍ଟା କରୁଛନ୍ତି ତଥାପି ଭଲ ହେଉ ନାହାଁନ୍ତି ଶ୍ରୀମତୀ । ଜୀବନସାଥୀ ରୋଗଗ୍ରସ୍ତ, ଶଯ୍ୟାଶାୟୀ । ସେତେବେଳେ ସବୁଠାରୁ ବେଶୀ ଆବଶ୍ୟକ ପଡ଼ନ୍ତି ହିଁ ଜୀବନସାଥୀ । ପତ୍ନୀ ହେଉ କି ପତି ଜଣେ ଅପରକୁ ଚାହିଁଥାଏ ଏହି ସମୟରେ । ଜଗତଭାଇ ମଧ୍ୟ ତାଙ୍କୁ ସମୟ ଦେଉଥିଲେ । ଏହି ସମୟରେ ହଠାତ୍ ଆଶ୍ରମରୁ ଯିବା ପାଇଁ ଠାକୁରଙ୍କ ଡ଼ାକରା ଆସିଲା ।

ଦ୍ୱିତୀୟତଃ କାର୍ଯ୍ୟାଳୟରେ ହଠାତ୍ ଛୁଟି ନେଇ ଆଶ୍ରମ ଯିବା ପାଇଁ ଅନୁମତି ମିଳିଲା ନାହିଁ । ଉପରିସ୍ଥ ଅଧିକାରୀ ତାଙ୍କର ଛୁଟିକୁ ମଞ୍ଜୁର କଲେ ନାହିଁ । ଯେଉଳିଭାବେ ସେ ପ୍ରତିକ୍ରିୟା ପ୍ରକାଶ କଲେ ସେଥିରୁ ସ୍ପଷ୍ଟ ହେଉଥିଲା କୌଣସିମତେ ସେ ଜଗତମୋହନଙ୍କ ଛୁଟିକୁ ମଞ୍ଜୁର କରିବେ ନାହିଁ । ଏଣେ ବୃତ୍ତିକାର୍ଯ୍ୟ ତେଣେ ଇଷ୍ଟକାର୍ଯ୍ୟ । ଏଣେ ଜୀବିକାର କଥା ତେଣେ ଜୀବନର କଥା । କେଉଁଟା ଗ୍ରହଣୀୟ, କେଉଁଟା ଅନୁସରଣୀୟ — ଏପରି ଦ୍ୱନ୍ଦ୍ୱରେ ପ୍ରାୟତଃ ଅନେକ ପଡ଼ିଥା'ନ୍ତି ।

ଏହି ଦ୍ୱନ୍ଦ୍ୱରେ ଦ୍ୱିଧାଦୀର୍ଣ୍ଣ ହୋଇଥାଆନ୍ତି ପ୍ରାୟତଃ । କିନ୍ତୁ ଜଗତମୋହନଭାଇ ଏଭଳି ଦ୍ୱିଧାଦୀର୍ଣ୍ଣ ପରିସ୍ଥିତିରେ ନିଜକୁ ଦ୍ୱିଭାଜ୍ୟ କରିବା ତ ଦୂରର କଥା ସମ୍ପୂର୍ଣ୍ଣଭାବେ ଅଖଣ୍ଡଭାବେ ସେ ଏକଭାଗ ଅଭାଜ୍ୟ ହୋଇ ରହିଲେ । ଏ ଜୀବନ, ଏ ଦେହ, ଏ ସଂସାର ସବୁକିଛି ଠାକୁରଙ୍କ ପାଇଁ ସମର୍ପିତ । 'ଚାକିରୀ ରହିଲେ ରହୁ ନ ରହିଲେ ନାହିଁ । ଆଶ୍ରମକୁ ଯିବି ହିଁ ମୁଁ ।'

ଚାକିରୀ ଚାଲିଗଲେ ଆର୍ଥିକ ଅବସ୍ଥା ସଙ୍ଗୀନ ହୋଇପାରେ । ଏଣେ ଗୃହିଣୀଙ୍କର ଯଦି କିଛି ହୋଇଯାଏ ତେବେ ଗୃହସଂସାର ମଧ୍ୟ ଉଜୁଡ଼ି ଯିବ । ଘର ଉଜୁଡୁ ବା ଜୀବିକା ଯାଉ ପ୍ରଥମେ ଅନୁସରଣୀୟ, ଅନୁକରଣୀୟ ହେଉଛନ୍ତି ଇଷ୍ଟଦେବ ଶ୍ରୀଶ୍ରୀଠାକୁର ।

ଏତେକ ଭାବି ନେଇ ଦୃଢ଼ ମନରେ ସେ ଚାଲିଲେ ଆଶ୍ରମ । ଏଇଠି ପ୍ରମାଣିତ ହେଲା ତାଙ୍କର ଇଷ୍ଟପ୍ରାଣତା କେତେ ଭୀଷଣଭାବେ ଦୃଢ଼ନିଶ୍ଚିତ । ଯାହାକି ଶ୍ରୀଶ୍ରୀଠାକୁରଙ୍କ ଶ୍ରୀଚରଣରେ ସୁଷ୍ଠୁଭାବେ ସମର୍ପିତ ହୋଇଥିବ ।

ଯେଉଁ ମୁହୂର୍ତ୍ତରେ ସେ ସ୍ଥିର କଲେ ଚାକିରୀ ରହିଲେ ରହୁ ନ ରହିଲେ ନାହିଁ ଆଶ୍ରମକୁ ଯିବି, ସେ ମୁହୂର୍ତ୍ତରେ ଉପରିସ୍ଥ ଅଧିକାରୀଙ୍କର ମନାଭ୍ୟନ୍ତରେ ସୃଷ୍ଟି ହେଲା ଆଲୋଡ଼ନ । କିଛିସମୟ ଆଗରୁ ଯେ ବିରୋଧ କରୁଥିଲେ ବା ଆଦୌଁ ଅନୁମତି ଦେବେ ନାହିଁ ବୋଲି ଦୃଢ଼ନିଶ୍ଚୟ ଥିଲେ ତାଙ୍କର ସେହି ତୁଷାର-କଠିନତା-ଦୃଢ଼ତା ସବୁ ତରଳି ଯାଇ ତରଳ ଜଳରେ ପରିଣତ ହେଲା । ଅର୍ଥାତ୍ ନରମ ଭାବ ପୋଷଣ କରି ସେ ପଚାରିଲେ, କେତେବେଳେ ଯିବ ?

ଏଥିରୁ ସ୍ପଷ୍ଟ ହୁଏ, ପରୀକ୍ଷା, ବିପଦ ଜୀବନରେ ଅନେକ ଆସିବ । କିନ୍ତୁ ତୁମେ ସେହି ସମୟରେ ଯଦି ଇଷ୍ଟଙ୍କୁ ମୁଖ୍ୟ କରି ଦୃଢ଼ ରୁହ ତେବେ ପାହାଡ଼ ପରି ଛିଡ଼ା ହୋଇଥିବା ବିପଦଟି ଅଣୁ ପରିମାଣ ହୋଇ କେଉଁଆଡ଼େ ଉଭେଇ ଯିବ ।

ଜଗତ୍‌ଭାଇ ଚାଲିଗଲେ ଆଶ୍ରମ । ସେ ଜାଣି ନଥିଲେ କାହିଁକି ତାଙ୍କୁ ଡ଼କା ଯାଉଛି । ତାଙ୍କୁ ଯେତେବେଳେ ସହ-ପ୍ରତି-ଗ୍ରହିକ୍‌ର ପବିତ୍ର ପାଞ୍ଜା ପ୍ରଦାନ ପାଇଁ କୁହାଗଲା ସେ ଲାଜାୟିତ ହେବା ତ ଦୂରର କଥା ଆଶ୍ଚର୍ଯ୍ୟ ହୋଇ ଘାବୁରେଇ ଗଲେ ।

ବିଜଳଭାବେ କହିଲେ, ମୁଁ ଏହାକୁ ନେଇ କ'ଣ କରିବି ? ମୁଁ କ'ଣ ପାରିବି ? ଇତ୍ୟାଦି ଇତ୍ୟାଦି । ଶ୍ରୀଶ୍ରୀଠାକୁର କିନ୍ତୁ ତାଙ୍କୁ ଉତ୍ସାହିତ କଲେ, 'ତୁ ପାରିବୁ ବୋଲି' ଉଚ୍ଚସ୍ୱରରେ କହିଲେ । 'ମୁଁ ଯାହା କହୁଛି ତାହା କର' ।

ଶେଷକୁ ଶ୍ରୀଶ୍ରୀଠାକୁରଙ୍କ ଆଶୀର୍ବାଦପୁଷ୍ଟ ପବିତ୍ର ପାଞ୍ଜା ମଥାପାତି ଗ୍ରହଣ କଲେ ଶ୍ରୀଜଗତମୋହନ ଚକ୍ରବର୍ତ୍ତୀ ।

ଏହି ସମୟରେ କେଷ୍ଟଭାଇ, ନନୀଭାଇ କହିଲେ — ତୁମ ସ୍ତ୍ରୀଙ୍କ ଅସୁସ୍ଥତାର କଥା ଠାକୁରଙ୍କ ପାଖରେ ନିବେଦନ କର । ଜଗତଭାଇ କିନ୍ତୁ ଆଦୌଁ ରାଜି ହେଲେନି । ଏଣୁ ନିବେଦନ ହୋଇପାରିଲା ନାହିଁ ।

ସେଥର ପରି ପାଞ୍ଜା ନେଇ ଫେରି ଆସିଲେ ସେ କଲିକତା ।

ଏ ମଧ୍ୟରେ ଧର୍ମପତ୍ନୀଙ୍କର ଶରୀର ଆହୁରି ଖରାପ ହୋଇ ଆସିଲା । ଜଗତଭାଇଙ୍କ ପତ୍ନୀଙ୍କ ଦେହ ଖରାପ — ଏହା କେଷ୍ଟଭାଇ ଓ ନନୀଭାଇ ପ୍ରଭୃତି ଜାଣିଛନ୍ତି । ସେ ତାଙ୍କୁ କହନ୍ତି — ଏ ବିଷୟରେ ଶ୍ରୀଶ୍ରୀଠାକୁରଙ୍କ ଶ୍ରୀଚରଣରେ ନିବେଦନ କର । କିନ୍ତୁ ମୋ ନିଜ କଥା ଠାକୁରଙ୍କୁ କହିବି କିପରି କହି ଏଡ଼ାଇ ଯାଆନ୍ତି ଜଗତଭାଇ । ଠାକୁରଙ୍କୁ ନିଜର କଥା, ନିଜ ପରିବାରର କଥା ଜଣାଇବା ଠିକ୍ ନୁହେଁ । ଏପରି ଧାରଣା ପୋଷଣ ସହିତ ଗଭୀରତାର ସହିତ ଏହାକୁ କାର୍ଯ୍ୟକାରୀ କରୁଥିଲେ ଜଗତମୋହନଭାଇ । ପ୍ରଭୁଙ୍କ ଆଦେଶ ପାଳନ କରିବ ବିନା ଦ୍ୱିଧାରେ, ବିନା ସ୍ୱାର୍ଥରେ ପ୍ରଭୁଙ୍କ କାମ କରିଚାଲିବା — ଏହାହିଁ ଭକ୍ତ ଓ ଶିଷ୍ୟର କର୍ତ୍ତବ୍ୟ । ତାଙ୍କ ନିକଟରେ ନିଜର ସୁବିଧା-ଅସୁବିଧାର କଥା ଜଣାଇବା ଉଚିତ୍ ନୁହେଁ । ଏହି ଭାବର ଭକ୍ତ ଥିଲେ ସେ ।

ଖୁବ୍ ଅଳ୍ପଦିନ ମଧ୍ୟରେ ପୁନଶ୍ଚ ଆଶ୍ରମକୁ ଗଲେ ଜଗତଭାଇ ।

ଏଥର ଠାକୁରଙ୍କ ନିକଟରେ ନିବେଦନ କରିବା ପୂର୍ବରୁ ଠାକୁର ତାଙ୍କୁ ରାଇସ ହଲର ଆଣି ଦେବା ପାଇଁ କହିଲେ । ଖୁବ୍ ଶୀଘ୍ର ଆଣି ଦେବା ପାଇଁ ମଧ୍ୟ କହିଲେ । ଏହି କଥା ଚାଲିଥିବା ସମୟରେ ଯତୀନଭାଇ, କେଷ୍ଟଭାଇ ଉପସ୍ଥିତ ଥିଲେ । ଯତୀନଭାଇ ଜଗତଭାଇଙ୍କର ହୋଇ କହିଦେଲେ, ଜଗତଭାଇଙ୍କ ଧର୍ମପତ୍ନୀ ଖୁବ୍ ଅସୁସ୍ଥ ।

ଶ୍ରୀଶ୍ରୀଠାକୁର ସେକଥାର ଉତ୍ତର ନ ଦେଇ କେବଳ କହିଲେ, ଏଇ ତ ରାଇସ ହଲର କଥା କହିଛି ଯେପରି ଭୁଲି ନ ଯାଏ । କେଷ୍ଟଭାଇ ପୁନର୍ବାର ତାଙ୍କ ସ୍ତ୍ରୀଙ୍କ କଥା କହିଲେ । ଶ୍ରୀଶ୍ରୀଠାକୁର ସେ ପ୍ରତି କର୍ଣ୍ଣପାତ କଲେ କି ନାହିଁ ତାଙ୍କୁ ଜଣା କିନ୍ତୁ ରାଇସ ହଲର କଥା ପୁନରାୟ କହିଲେ ।

ସେ ପରିସ୍ଥିତିରେ ତଥାକଥିତଭାବେ ଜଣାଗଲା, ଶ୍ରୀଶ୍ରୀଠାକୁର ଜଗତଭାଇଙ୍କ ପତ୍ନୀଙ୍କ ସମସ୍ୟାର କଥା ଶୁଣିବାକୁ ଚାହୁଁ ନାହାଁନ୍ତି । ବରଂ ରାଇସ ହଲର ଆଣି ଦେନ୍ତୁ, ଶୀଘ୍ର ଦେବୁ — ଏହା ବାରମ୍ବାର କହି ଚାଲିଛନ୍ତି ।

ଉପସ୍ଥିତ ସମସ୍ତେ ଅନୁଭବ କଲେ — ଶ୍ରୀଶ୍ରୀଠାକୁର ଜଗତଭାଇଙ୍କ ସ୍ତ୍ରୀଙ୍କ କଥା ଶୁଣିବାକୁ ଚାହୁଁ ନାହାଁନ୍ତି । ନିଜେ କେଷ୍ଟଭାଇ ମଧ୍ୟ କହିଲେ, ଠାକୁର ଯେତେବେଳେ ଶୁଣୁ ନାହାଁନ୍ତି.....! ଏହାର ତାତ୍ପର୍ଯ୍ୟ ତାଙ୍କ ସ୍ତ୍ରୀ ଆଉ ବଞ୍ଚିବେ ନାହିଁ । ସେହିପରି ଏକ ନିରାଶା ଭାବ ନେଇ ଜଗତଭାଇ ଆଶ୍ରମରୁ ଫେରିଲେ ।

ଘରେ କିନ୍ତୁ ଦେଖୁଲେ ସବୁ ଠିକ୍‌ଠାକ୍ ଅଛି । ଯେତିକି ଗଭୀର ଭାବରେ ସେ ଆତଙ୍କି ଉଠିଥିଲେ ସେତିକି ଗଭୀରତା ନାହିଁ ନିରାଶାରେ । ବରଂ ସବୁକିଛି ହାଲ୍‌କା ହୋଇ ଆସିଛି । ପରଦିନ ଡ଼ାକ୍ତର ବି ଦେଖି କହିଲେ, ଏ କିପରି ସମ୍ଭବ ? ଏ ତ ଅଲୌକିକ କଥା । ଏତେ ଶୀଘ୍ର ଏତେ ପରିବର୍ତ୍ତନ, ଏତେ ଉନ୍ନତି କଦାପି ସମ୍ଭବ ହୋଇପାରିବନି । ଚିକିତ୍ସା ଶାସ୍ତ୍ର ଏଠି ହାର ମାନିଛି ।

ଶ୍ରୀଶ୍ରୀଠାକୁରଙ୍କ ଆଦେଶ ଅନୁସାରେ ରାଇସ ହଲର ସଂଗ୍ରହ କରି ନେଇ ଆଶ୍ରମରେ ପହଞ୍ଚାଇ ଦେଲେ । ସେଠାକୁ ଯାଇ ଜାଣିଲେ ଶ୍ରୀଶ୍ରୀଠାକୁରଙ୍କର ରାଇସ ହଲର ଦେବା ପାଇଁ କହିବାଟାହିଁ ତାଙ୍କ ପତ୍ନୀଙ୍କୁ ଆସନ୍ନ ମୃତ୍ୟୁମୁଖରୁ ଉଦ୍ଧାର କରି ଆଣିଲା ।

ଜ୍ୟୋତିଷ ଶାସ୍ତ୍ର ଅନୁସାରେ ଜଗତଭାଇଙ୍କ ପତ୍ନୀ ଭୀଷଣଭାବେ ମଙ୍ଗଳ ଗ୍ରହଙ୍କ କୋପରେ ଗ୍ରସ୍ତ ଥିଲେ । ତାଙ୍କର ମୃତ୍ୟୁ ଅନିବାର୍ଯ୍ୟ ହୋଇପଡ଼ିଥିଲା । ଏଣୁ ଶ୍ରୀଶ୍ରୀଠାକୁର ତାହା ଜାଣିପାରି ରାଇସ ହଲର ଆଣି ଶୀଘ୍ର ଦେବା ପାଇଁ କହିଥିଲେ । ରାଇସ ହଲର ଲୁହାରେ ତିଆରି । ମଙ୍ଗଳ ଗ୍ରହଙ୍କ ପ୍ରତୀକାତ୍ମକ ଧାତୁ ହେଉଛି ଲୁହା । ଗୁରୁଙ୍କ ନିକଟରେ ଲୌହ ନିବେଦନ କରିବା ଦ୍ୱାରା ତାଙ୍କର ମଙ୍ଗଳ ଗ୍ରହଙ୍କର କୋପ ଶାନ୍ତ ହୋଇଗଲା । ରିଷ୍ଟ ହେଲା ଖଣ୍ଡିତ । ବଞ୍ଚିଗଲେ ଶ୍ରୀମତୀ ଚକ୍ରବର୍ତ୍ତୀ ।

ଗ୍ରହରିଷ୍ଟ ଖଣ୍ଡନର ଏ ଅଦ୍ଭୁତ ପ୍ରତିକାର ବ୍ୟବସ୍ଥା କେବଳ ପୁରୁଷୋତ୍ତମଙ୍କ ପାଦମୂଳେ ସମ୍ଭବ । କେହି ସେହି ରିଷ୍ଟ ଖଣ୍ଡନର ବ୍ୟବସ୍ଥା ହୁଏତ ଜାଣି ନଥିଲେ । ଶ୍ରୀଶ୍ରୀଠାକୁର କିନ୍ତୁ ଭକ୍ତ କହିବା ପୂର୍ବରୁ ତା'ର ଦୁଃଖ, ସମସ୍ୟାର କଥା ଜାଣିପାରି ସମାଧାନର ବାଟ ଦେଇଦେଲେ । ସର୍ବଜ୍ଞ, ତ୍ରିକାଳଜ୍ଞ ଶ୍ରୀଶ୍ରୀଠାକୁରଙ୍କ ପକ୍ଷେ ଏହା ଏକମାତ୍ର ସମ୍ଭବ । ସେ ଯା' ଉପରେ କୃପା କରନ୍ତି ସ୍ୱତଃହିଁ ତା'ର ସମସ୍ୟାର ସମାଧାନ କରିଦିଅନ୍ତି । ତାଙ୍କୁ ନିବେଦନ

କରାଯାଉ କି ନ ଯାଉ । ନିବେଦନ କରିଦେଲେ ଯାଇ ସେ ସମାଧାନ କରିବେ, ନକଲେ କରିବେନି ଏପରି ଭାବିବା ଅମୂଳକ ।

ଆମେ ଦୀକ୍ଷିତ ସତ୍‌ସଙ୍ଗୀମାନେ ନିଃସ୍ୱାର୍ଥପର ଭାବରେ ଅକାଟ୍ୟ ଇଷ୍ଟାନୁରାଗ ନେଇ ଶ୍ରୀଶ୍ରୀଠାକୁରଙ୍କ ପଥରେ ଚାଲିବା, ତାଙ୍କ ନିର୍ଦ୍ଦେଶିତ ଭାବାଦର୍ଶକୁ ଅନୁସରଣ କରି କରି ଆଗକୁ ବଢ଼ିବା । ଏପରି କଲେ ତାଙ୍କ ବାହୁ ଛାୟା ତଳେ ପବିତ୍ର ପାଦମୂଳେ ଆମର ସମ୍ପୂର୍ଣ୍ଣ ନିବାସ ହୋଇଯିବ ।

ମୂର୍ତ୍ତ ଈଶ୍ୱର ପୁରୁଷୋତ୍ତମଙ୍କ ପାଦମୂଳେ ଯଦି ଆମେ ପ୍ରକୃତ ରୂପେ ବାସ କରିପାରିବା ତେବେ ଆମ ଅଗୋଡ଼ରେ କଣ୍ଟା ବୋହିବ ନାହିଁ । କୌଣସି ଶାତନ ଶକ୍ତିର ଆହ୍ୱର୍ଷା ହେବନି ଆମକୁ ହଇରାଣ କରିବାର । ଶାତନ ଶକ୍ତି ପ୍ରବେଶ କରେ ଆମର ପ୍ରବୃତ୍ତି ପରତନ୍ତ୍ରତା ହେତୁ । ମୁଖ୍ୟ ବୃତ୍ତି ଯଦି ଇଷ୍ଟ ହୁଅନ୍ତି ତେବେ ତଥାକଥିତ ପ୍ରବୃତ୍ତି ଆମକୁ କୌଣସିମତେ ଅସତ୍‌ପଥରେ, ଭୁଲ୍ ପଥରେ ନେଇ ପାରିବ ନାହିଁ ।

ପଥ ଦୁଇଟି । ସତ୍ ଓ ଅସତ୍ । ଭଗବାନଙ୍କର ଓ ଶଇତାନର । ଆମେ ସତ୍ ପଥରେ ବା ଭଗବାନଙ୍କ ପଥରେ ଚାଲୁନେ ମାନେ ଆମେ ଅସତ୍ ବା ଶଇତାନର ପଥରେ ଚାଲୁଛେ । ମଧ୍ୟମ ପଥ କିଛି ନାହିଁ ।

କିଛି ଲୋକ ଭାବନ୍ତି, ମୁଁ ଦୁଃଖରେ ପଡ଼ିଛି, ଅସୁବିଧାରେ ପଡ଼ିଛି, ଠାକୁରଙ୍କ ନିକଟରେ କାନ୍ଦି ବିକଳ ହୋଇ ନିବେଦନ କଲେ ସେ ଶୁଣିବେ ଏବଂ ଆମ ସମସ୍ୟାର ସମାଧାନ କରିଦେବେ ।

ଉପରୋକ୍ତ ଘଟଣାରୁ ଏହା ପ୍ରତୀତ ହେଉନି କି ଠାକୁରଙ୍କ ନିକଟରେ ନିଜର କୌଣସି ସମସ୍ୟାର କଥା କହିବା ଆଦୌ ଉଚିତ୍ ନୁହେଁ । ଠାକୁର ଯଦି ସ୍ୱୟଂ ମୂର୍ତ୍ତ ଈଶ୍ୱର ପୁରୁଷୋତ୍ତମ ତେବେ ସେ ସମସ୍ତଙ୍କ ଅନ୍ତରରେ ଗମନପୂର୍ବକ ତା'ର ସବୁକିଛିକୁ ଜାଣିପାରନ୍ତି ବା ସେହି ଜାଣିବା ତାଙ୍କର ନଖଦର୍ପଣରେ ଥାଏ । ସେ ତ ଜାଣିଛନ୍ତି ମୋର ଅସୁବିଧା କ'ଣ, ସମସ୍ୟା କ'ଣ ? ମୁଁ କହିଲେ ଯାଇ ସେ ଜାଣିବେ ନ ହେଲେ ନାହିଁ ଏପରି ଭାବିବା ଅଜ୍ଞାନତା ନୁହେଁ ତ ଆଉ କ'ଣ ? ମୁଁ କେବଳ ତାଙ୍କ ପଥରେ ଚାଲିବି, ନିଃସ୍ୱାର୍ଥପରଭାବରେ, କୌଣସି ଆଶା, ଆକାଂକ୍ଷା, ଇଚ୍ଛା ପୋଷଣ ନ କରି ତାଙ୍କ ଇଚ୍ଛା ଅନୁଯାୟୀ ଯଦି ନିଜକୁ ଆପାଦମସ୍ତକ ଆମନଚିତ୍ତବୁଦ୍ଧି ତାଙ୍କ ସେବାରେ ନିୟୋଜିତ ହେବି ତେବେ ସେ ତାଙ୍କ ତରଫରୁ ମୋ ସମସ୍ୟାର ସମାଧାନ କରିଦେବେ । ଯେପରି ଜଗତମୋହନଭାଇଙ୍କର ହେଲା ।

କେଷ୍ଟଭାଇ, ନନୀଭାଇ, ଯତୀନଭାଇ ପ୍ରମୁଖ ତାଙ୍କୁ ଶ୍ରୀଶ୍ରୀଠାକୁରଙ୍କ ନିକଟରେ ପତ୍ନୀଙ୍କର ଅସୁସ୍ଥତାର କଥା ଜଣାଇବାକୁ କହିଲେ । କିନ୍ତୁ ଜଗତଭାଇ କହିଲେ, ନିଜ କଥା, ନିଜ ପତ୍ନୀଙ୍କ କଥା ଠାକୁରଙ୍କ ଆଗରେ ଯାଇ କହି ପାରିବିନି । ଏପରି ନିଃସ୍ୱାର୍ଥପରଭାବେ ଠାକୁରଙ୍କ ପ୍ରତି ଅକାଟ୍ୟ ଓ ସକ୍ରିୟ ଶ୍ରଦ୍ଧା ଭାବ ପୋଷଣ କରୁଥିବା ଭକ୍ତଶ୍ରେଷ୍ଠ ଜଗତମୋହନ ଚକ୍ରବର୍ତ୍ତୀ ପରମପିତାଙ୍କ କୃପାଦୃଷ୍ଟିରେ ଆସିବେ ହିଁ ଆସିବେ ।

ଏହି ଘଟଣାରେ ଶ୍ରୀଶ୍ରୀଠାକୁରଙ୍କର ଏକ ଅଭିନବ ଲୀଳାର ସଂରଚନା ହେଲା । ତାହା ହେଉଛି, ଠାକୁରଙ୍କ କାମ କରିଯାଅ ନିଃସ୍ୱାର୍ଥପରଭାବରେ । କ'ଣ ହେବ ନ ହେବ ଭାବିବା ଦରକାର ନାହିଁ । ଯାହା ତୁମର ଭଲ ହେବ ତାହା ପ୍ରଭୁ ନିଜେ ବ୍ୟବସ୍ଥା କରିବେ ।

ସତ୍ୟାନୁସରଣରେ ଶ୍ରୀଶ୍ରୀଠାକୁର ସ୍ୱୟଂ କହିଛନ୍ତି, "ସତ୍‌ଗୁରୁଙ୍କ ଶରଣାପନ୍ନ ହୁଅ, ସତ୍‌ନାମ ମନନ ଆଉ ସତ୍‌ସଙ୍ଗର ଆଶ୍ରୟ ଗ୍ରହଣ କର— ମୁଁ ନିଶ୍ଚୟ କରି କହୁଛି, ତୁମକୁ ଆଉ ତୁମର ଉନ୍ନୟନ ପାଇଁ ଭାବିବାକୁ ହେବ ନାହିଁ ।"

ସତ୍ୟାନୁସରଣର ଏହି ପବିତ୍ର ଉକ୍ତି ଉକ୍ତ ଘଟଣାରେ ବାସ୍ତବାୟିତ ହେଲା । ଜୟ ଜଗତମୋହନ । ଜୟ ହେଉ ତୁମର ଭକ୍ତିପଣିଆର ।

ଯେତେବେଳେ ଏହିପରି ଶ୍ରୀଶ୍ରୀଠାକୁରଙ୍କର ବିଶେଷ କୃପାର କଥା ଅନବଦ୍ୟ ଲୀଳାର କଥା କୁହାଯାଏ, ଲେଖାଯାଏ କେତେକ ପ୍ରଶ୍ନ କରନ୍ତି ସେତେବେଳେ ଠାକୁର ସ୍ୱଦେହରେ ଥିଲେ ତାଙ୍କ ନିକଟରେ ଯାଇ କହିଦେଲେ ସମାଧାନ ହୋଇ ଯାଉଥିଲା । ବର୍ତ୍ତମାନ ଆମେ କ'ଣ କରିବୁ ?

ଏହିଭଳି ପ୍ରଶ୍ନ ତୋଳୁଥିବା ବ୍ୟକ୍ତିମାନଙ୍କ ପାଇଁ ଉକ୍ତ ଘଟଣାଟି ବାସ୍ତବ ଦୃଷ୍ଟାନ୍ତ । ଶ୍ରୀଶ୍ରୀଠାକୁରଙ୍କର ପ୍ରକୃତ ସ୍ୱରୂପ ହେଉଛି ସତ୍‌ନାମ । ଯେପର୍ଯ୍ୟନ୍ତ ସତ୍‌ନାମର ମନନ ଆମ ଅନ୍ତଃକରଣରେ ସ୍ୱତଃ ମତ ହୋଇ ଚାଲିଛି ସେ ଆମ ଭିତରେ ଜୀବନ୍ତ ହୋଇ ରହିଛନ୍ତି । ସୁତରାଂ ସେତେବେଳେ ଥିଲେ ବର୍ତ୍ତମାନ ନାହାଁନ୍ତି— ଏପରି ଅମୂଳକ କଥାର କୌଣସି ମୂଲ୍ୟ ନାହିଁ । ସେ ଚିରନ୍ତନ, ସର୍ବତ୍ର ବିଦ୍ୟମାନ । ଉକ୍ତ ଘଟଣାରୁ ଯେଉଁ ମହାନ୍ ତତ୍ତ୍ୱର ଅବତାରଣା ହେଲା ତାହା ହେଉଛି ତାଙ୍କ ନିକଟକୁ ଶାରୀରିକ ଭାବରେ ଯାଇ ଉପସ୍ଥିତ ହେବାକୁ ହେବ ଆଉ ନିବେଦନ କରିବାକୁ ହେବ ତା'ପରେ ଯାଇ ସିଏ ସମାଧାନ ଦେବେ ବା କୃପା କରିବେ— ଏପରି ଧାରଣା ପୋଷଣ କରିବା ଅମୂଳକ ଅଟେ । ଯେ ଯେଉଁଠାରେ ଥାଉ ନା କାହିଁକି ଯଦି ସେ ଇଷ୍ଟାନୁରାଗ ପୋଷଣ କରି ସକ୍ରିୟଭାବେ ଅକାଟ୍ୟ ଶ୍ରଦ୍ଧା ନେଇ ତାଙ୍କ ପଥରେ ଚାଲେ ତା'ର ପଥ ସୁଗମ ହୋଇ ଚାଲୁଥିବ । କୌଣସି ଶକ୍ତି ତା'କୁ ହଇରାଣ କରି ପାରିବ ନାହିଁ— ଏହା ଧ୍ରୁବସତ୍ୟ ।

– ବନ୍ଦେ ପୁରୁଷୋତ୍ତମମ୍

ନିବନ୍ଧ

ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦାଙ୍କ ଶୁଭ ୧୧୪ତମ ଜନ୍ମଦିବସ ଉଦ୍‌ଯାପନ

ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦାଙ୍କ ନିତ୍ୟ-ନିୟତ, ନିରଳସଭାବେ ପ୍ରତିଟି ମଣିଷର କଲ୍ୟାଣ ପାଇଁ ଅର୍ଥାତ୍ ପ୍ରତିଟି ହୃଦୟରେ ଶ୍ରୀଶ୍ରୀଠାକୁରଙ୍କୁ ପ୍ରତିଷ୍ଠା ପାଇଁ ଅତନ୍ଦ୍ର ପ୍ରହରୀ ଭଳି ନାନାଭାବେ, ନାନା କୌଶଳରେ ସଚେଷ୍ଟ ଥିଲେ । ତାଙ୍କ ଜୀବନର ପ୍ରତିଟି କ୍ଷଣରେ, ପ୍ରତିଟି କର୍ମ ମଧ୍ୟରେ, ତାଙ୍କ ସଙ୍ଗୀତ ରଚନାରେ ସହଜଭାବେ ଫୁଟି ଉଠୁଥିଲା ପ୍ରିୟପରମଙ୍କୁ ପ୍ରତିଷ୍ଠା କରିବା, ପ୍ରିୟପରମଙ୍କ ଆଲୋକ ସର୍ବଭୂତେ ଖେଳେଇ ଦେବାର ପ୍ରବଳ ଆକୂତି ।

ତାଙ୍କରିହିଁ ଶୁଭ ୧୧୪ତମ ଜନ୍ମଦିବସ ଗତ ୫ମାର୍ଗଶୀର, ୧୪୩୧, ଗୁରୁବାର (ଇଂ୨୧-ନଭେମ୍ବର, ୨୦୨୪) ସତ୍‌ସଙ୍ଗ ଦେଓଘରେ ନାନା ପ୍ରାନ୍ତରୁ ଆଗତ ଅଗଣିତ ଭକ୍ତ ଓ ଅନୁରାଗୀମାନଙ୍କ ପ୍ରବଳ ଉତ୍ସାହ ଓ ଉଦ୍ଦୀପନା ମାଧ୍ୟମରେ ସାଡ଼ମ୍ବରେ ଉଦ୍‌ଯାପିତ ହୁଏ । ଶୁଭ ଜନ୍ମଦିବସ ଉପଲକ୍ଷେ ଠାକୁରବଙ୍ଗଳାର ପ୍ରବେଶଦ୍ୱାର ଓ ପରମପ୍ରେମମୟ ଶ୍ରୀଶ୍ରୀଠାକୁର ଓ ଜଗଜ୍ଜନନୀ ଶ୍ରୀଶ୍ରୀବଡ଼ମା'ଙ୍କ ଆବାସଗୃହ ସହ ଆଶ୍ରମର ନିତ୍ୟ-ଆରାଧନା ସ୍ଥଳଗୁଡ଼ିକ ବିଚିତ୍ର ସୁନ୍ଦର ପୁଷ୍ପଦାମରେ ସୁସଜ୍ଜିତ ଓ ମାଙ୍ଗଳିକ ଆଲପନାରେ ଅଙ୍କିତ କରାଯାଏ ।

ଏହିଦିନ ବ୍ରାହ୍ମମୁହୂର୍ତ୍ତରେ ଉଷାକୀର୍ତ୍ତନ ବଳର ଆଶ୍ରମ ପରିକ୍ରମଣ ପରେ ନହବତର ମଧୁର ସ୍ୱର ପରିବେଶରେ ଉତ୍ସବର ଆମୋଦ ଖେଳେଇ ଦିଏ । ତତ୍‌ପରେ ଠାକୁରବଙ୍ଗଳାରେ ପୂଜନୀୟ ଶୁଭଦାଙ୍କ ଉପସ୍ଥିତିରେ ଅଗଣିତ ଭକ୍ତମଣ୍ଡଳୀଙ୍କ ସମାବେଶରେ ସକାଳ ୫ଟା ୫୯ମିନିଟ୍‌ରେ ସମବେତ ପ୍ରାର୍ଥନାଦି ପରେ ପରମପ୍ରେମମୟ ଶ୍ରୀଶ୍ରୀଠାକୁରଙ୍କ ଅମିୟଗ୍ରନ୍ଥ 'ସତ୍ୟାନୁସରଣ' ଓ 'ଶାଶ୍ୱତୀ' ବିଭିନ୍ନ ଭାଷାରେ ପାଠ ହୁଏ । ସକାଳ ୭ଟାଠାରୁ ଠାକୁରବଙ୍ଗଳାର ବଡ଼ନାଟମଣ୍ଡପରେ ବିଶେଷ ପ୍ରଭାତୀ ଅନୁଷ୍ଠାନ, ସଙ୍ଗୀତାଞ୍ଜଳି ଅନୁଷ୍ଠିତ ହୁଏ । ସଙ୍ଗୀତାଞ୍ଜଳିରେ ନିବେଦିତ ଗୀତି-ଅର୍ଘ୍ୟରେ ବେଶୀଭାଗ ଥିଲା ପରମପୂଜ୍ୟପାଦ ଶ୍ରୀଶ୍ରୀବାଦାଙ୍କ ରଚନା । ଗୋଟେ ପରେ ଗୋଟେ ସଙ୍ଗୀତ ପରିବେଷଣ କରନ୍ତି ଆଶ୍ରମିକ ଶିଶୁମାନେ, ବାଳିକାମାନେ, ଯୁବକମାନେ, ଭାଇମାନେ ଓ ମା'ମାନେ ସମବେତଭାବେ ଏବଂ ଏକକଭାବେ । ସଙ୍ଗୀତାଞ୍ଜଳି ପରିଚାଳନାରେ ଥିଲେ ଦୃଃ ସ୍ୱପନ କୁମାର ମଣ୍ଡଳ । ସଙ୍ଗତେ ଥିଲେ ସୁନୀତ କରଣ, ପ୍ରଦୀପ୍ତ ମଣ୍ଡଳ, ଦୀପଜ୍ୟୋତି ଲାଲ ପ୍ରମୁଖ । ଭାଷ୍ୟପାଠ ଓ ସଞ୍ଚାଳନାରେ ଥିଲେ ତରୁଣ କୁମାର ପାଲ ।

ପ୍ରତିଦିନ ଭଳି ବଡ଼ନାଟମଣ୍ଡପରେ ଏହିଦିନ ୮ଟା ୫୫ମିନିଟ୍‌ରୁ ୫ମିନିଟ୍ ସମବେତ ନାମଜପ ପରେ 'ଶ୍ରୀଶ୍ରୀଗୁରୁଗ୍ରନ୍ଥସାହେବଜୀ' ଏବଂ ବିଭିନ୍ନ ଭାଷାରେ ପରମପ୍ରେମମୟ ଶ୍ରୀଶ୍ରୀଠାକୁରଙ୍କ ଅମିୟଗ୍ରନ୍ଥ 'ଧୃତିବିଧାୟନା' ପାଠାନ୍ତେ ଦୁଇଟି ଭକ୍ତିଗୀତି ପରିବେଷିତ ହୁଏ ।

ସାନ୍ଧ୍ୟ ବିନତି ପ୍ରାର୍ଥନାଦି ପରେ ପାଞ୍ଚ ମିନିଟ୍ ସମବେତ ନାମଜପ ଓ ବିଭିନ୍ନ ଭାଷାରେ ଶ୍ରୀଶ୍ରୀଠାକୁରଙ୍କ ବାଣୀଗ୍ରନ୍ଥ 'ଅନୁଶ୍ରୁତି' (୫ମଖଣ୍ଡ) ଓ 'ବିବିଧ-ସୂକ୍ତି'ରୁ ବାଣୀପାଠ କରାଯାଏ । ଏହାପରେ ପରମପ୍ରେମମୟ ଶ୍ରୀଶ୍ରୀଠାକୁରଙ୍କ ନାମ-ସଂକୀର୍ତ୍ତନ ଓ ସତ୍‌ସଙ୍ଗ ହୁଏ । ପରିବେଷିତ ହୁଏ ଚାରିଟି ସମବେତ ସଙ୍ଗୀତ ଓ ଦୁଇଟି କୀର୍ତ୍ତନ । ସନ୍ଧ୍ୟାରେ ବାତିଘର ପରିଚାଳନାରେ ଆଲୋକମାଳାରେ ଝଲମଲ କରିଉଠେ ଆଶ୍ରମ ପ୍ରାଙ୍ଗଣ । ଏହିଦିନ ଦ୍ୱିପହରେ ଓ ରାତିରେ ଅଗଣିତ ଭକ୍ତବୃନ୍ଦ ଆନନ୍ଦବଜାରରେ ପ୍ରସାଦ ଗ୍ରହଣ କରନ୍ତି । ତତ୍ତ୍ୱାବଧାନରେ ଥିଲେ— ଶ୍ରୀବିଶ୍ୱପତି ସରକାର ।

ଆଶ୍ରମ ବାଳକବାଳିକାମାନଙ୍କର କ୍ରୀଡ଼ା ପ୍ରତିଯୋଗିତା

୨୧ ନଭେମ୍ବର, ୨୦୨୪, ସକାଳେ ସାଢ଼େ ୯ଟାରେ ଦାଁ-ହାଉସ ପଡ଼ିଆରେ ଆଶ୍ରମ ବାଳକ-ବାଳିକାମାନଙ୍କର କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୁଏ ଅଗଣିତ କ୍ରୀଡ଼ାମୋଦୀମାନଙ୍କ ବିପୁଳ ଉତ୍ସାହ-ଉଦ୍ଦୀପନା ତୁମୁଳ ହର୍ଷଧ୍ୱନି ମାଧ୍ୟମରେ । ପୂଜନୀୟ ଟିଙ୍କୁଦା ଓ ବିଷ୍ଣୁଦାଙ୍କ ସାନନ୍ଦ ଉପସ୍ଥିତି କ୍ରୀଡ଼ାକୁଶଳୀମାନଙ୍କୁ ପ୍ରଭୂତ ଉତ୍ସାହ ପ୍ରଦାନ କରେ । ଏହିଦିନ ସନ୍ଧ୍ୟା ସାତଟାରେ କୋଇଲାଡ଼ିପୋ ପ୍ରାଙ୍ଗଣରେ 'ଉତ୍ସୁଜୀ' ଶିଳ୍ପକଳା ପ୍ରଦର୍ଶନୀର ଅସ୍ଥାୟୀ ମଞ୍ଚରେ ସଫଳ ପ୍ରତିଯୋଗୀମାନଙ୍କୁ ପାରିତୋଷିକ ବିତରଣ କରନ୍ତି ପୂଜନୀୟ ଶୁଭଦା । ଅନୁଷ୍ଠାନର ଦାୟିତ୍ୱ ସୁଚାରୁଭାବେ ସୁସମ୍ପନ୍ନ କରନ୍ତି ସର୍ବଶ୍ରୀ ନିରୁପସୁନ୍ଦର ଭଟ୍ଟାଚାର୍ଯ୍ୟ, ଚନ୍ଦନ ଝା, ଅନୀଶ ଗାଙ୍ଗୁଲୀ, ଦୀପ୍ତିସୁନ୍ଦର ଭଟ୍ଟାଚାର୍ଯ୍ୟ, ଗୋବିନ୍ଦ ସାହା, ଶୁଭବ୍ରତ ଦାସ ପ୍ରମୁଖ ।

ସମ୍ପାଦକୀୟ : ତରୁଣ କୁମାର ପାଲ

ବିବରଣୀ

ପରମପୂଜ୍ୟପାଦ ଶ୍ରୀଶ୍ରୀଆଚାର୍ଯ୍ୟଦେବଙ୍କ ଆସାମରାଜ୍ୟ-ପରିକ୍ରମା



ଦୀକ୍ଷାପତ୍ର କାର୍ଯ୍ୟ— 'ନିଜ' କାର୍ଯ୍ୟ । ଯେଉଁ କାର୍ଯ୍ୟର ଅଭିନିବେଶରେ ନିଜରିହିଁ ଦେହ-ମନ ହୋଇଉଠେ ପ୍ରାଣବନ୍ତ । ସାମାଜିକ ବନ୍ଧନ ବାନ୍ଧବ-ଅନୁଚର୍ଯ୍ୟାରେ ସଜୀକ ହୋଇଉଠେ । ଆଉ, ପ୍ରିୟପରମଙ୍କ ସଙ୍ଗେ ଆଧ୍ୟାତ୍ମିକ ଯୋଗ ହୋଇଉଠେ ମଧୁମୟ । ଦେଶ ସହ ସାରା ବିଶ୍ୱର ସତ୍‌ସଙ୍ଗି-ସମାଜରେ ଏହି ଦୀକ୍ଷାପତ୍ରର କାର୍ଯ୍ୟରେ ଜୀବନୀଶକ୍ତିର ଉଚ୍ଛଳ ପ୍ରବାହ ବହି ଚାଲିଛି ଗତ କେଇ ବର୍ଷ ଧରି । ପରମପୂଜ୍ୟପାଦ ଶ୍ରୀଶ୍ରୀଆଚାର୍ଯ୍ୟଦେବ ଇଚ୍ଛା ବ୍ୟକ୍ତ କରିଲେ— ଦେଶର ଯେଉଁଠି ସେଠି ଏହି କର୍ମକାଣ୍ଡର ପ୍ରଗତି ତ୍ୱରିତ୍ୟ ଓ କୃତିତ୍ୱର ସଙ୍ଗେ ଆଗେଇଛି, ସେହି ସେହି ସ୍ଥାନ ସିଏ ସଶରୀରେ ପରିଦର୍ଶନ କରିବେ, ଉପଭୋଗ କରିବେ ଗଣଜାଗରଣର ଏହି ଇଷ୍ଟୀ ଉଭାସ ।

ଦିଗେ ଦିଗେ ତାଙ୍କର ଶୁଭାଗମନର ସମ୍ଭାବନା-ବାର୍ତ୍ତା ପହଞ୍ଚିଛି । ସମସ୍ତ ପ୍ରଦେଶର କର୍ମୀବୃନ୍ଦ ଅପୂରନ୍ତ ଉଚ୍ଛ୍ୱାସରେ ସେମାନଙ୍କ ଜୀବନ-ଅଧିନାୟକଙ୍କ ସ୍ୱାଗତବନ୍ଦନାର ଆୟୋଜନରେ ତତ୍ପର । ଗତ ୪-ନଭେମ୍ବର, ୨୦୨୪, ଆସାମରାଜ୍ୟ ପରିକ୍ରମା ମଧ୍ୟ ଦେଇ ସେହି ବହୁ ପ୍ରତୀକ୍ଷିତ ପୁଣ୍ୟ-ଅଭିଯାନର ସୂତ୍ରପାତ ହେଲା ।

ଗତ ୨ନଭେମ୍ବର, ଶନିବାର ବିମାନଯୋଗେ ଦେଓଘରୁ କଲିକତା ଯାତ୍ରା କରନ୍ତି ଆଚାର୍ଯ୍ୟଦେବ । ଗୋଟେ ଦିନ ସେଠାରେ ଅତିବାହିତ କରି ୪-ନଭେମ୍ବର ସକାଳେ ଦୁଇପୁତ୍ର ପୂଜ୍ୟପାଦ ଅବିନଦା ଓ ଅର୍ଣ୍ଣବାଙ୍କୁ ସାଙ୍ଗରେ ନେଇ ଗୌହାଟୀ ବିମାନବନ୍ଦରରେ ଅବତରଣ କରନ୍ତି ସିଏ । ବିମାନବନ୍ଦରରୁ ହିଁ ପାଖାପାଖି ତାଙ୍କର ଆସାମ-ପରିକ୍ରମାର ଶୁଭ-ସୂଚନା ଘଟେ । ପୂର୍ବନିର୍ଦ୍ଧାରିତ ଯୋଜନା-ଅନୁସାରେ ଗୋଟେ ପରେ ଗୋଟେ ନିର୍ବାଚିତ ଜନପଦଗୁଡ଼ିକରେ ଆଚାର୍ଯ୍ୟଦେବଙ୍କ ପରିଭ୍ରମଣ ଆରମ୍ଭ ହୁଏ । ୪ରୁ ୧୯ ନଭେମ୍ବର- ଷୋହଳ ଦିନବ୍ୟାପୀ ଏହି ଆନନ୍ଦ-ଅଭିଯାତ୍ରାରେ ଯେଉଁ ଯେଉଁ ସ୍ଥାନ ତାଙ୍କ ପୂତ ପଦାର୍ପଣରେ ପରିପ୍ଲାବିତ ହୋଇଛି, ସେଗୁଡ଼ିକର ଗୋଟେ ସଂକ୍ଷିପ୍ତ ତାଲିକା

ପ୍ରଦତ୍ତ ହେଲା ।

୧ମଦିନ : ତା୦୪.୧୧.୨୦୨୪ରିଖ : ଛୟଗାଁଓ, ଧୂପଧରା, ନଗରବେଡ଼ା, ରଙ୍ଗଜୁଳି, ମାଟିୟା, ଦୁଧନୈ (ରାତ୍ରିବାସ) ।

୨ୟଦିନ : ତା୦୫.୧୧.୨୦୨୪ରିଖ : କୃଷ୍ଣାଇ, ବାଇଦା, ବାରିଦୁରି, ଅଭୟାପୁରୀ, ଉତ୍ତର ଶାଲମାରା, ବୈଠାମାରି, ବିଜାସୀପାଡ଼ା, ଗୌରୀପୁର (ରାତ୍ରିବାସ) । ଅର୍ଣ୍ଣବା ଯୋଗୀଘୋପାରେ ସତ୍‌ସଙ୍ଗ-କେନ୍ଦ୍ରର ଉଦ୍‌ବୋଧନ କରନ୍ତି । ବାରିଦୁରିରୁ ଅଭୟାପୁରୀ ଯିବା ପଥରେ ଯୋଗୀଘୋପା କେନ୍ଦ୍ର ପରିଦର୍ଶନ କରନ୍ତି ଆଚାର୍ଯ୍ୟଦେବ ।

୩ୟ ଦିନ : ତା୦୬.୧୧.୨୦୨୪ରିଖ : ଧୁବରିର ଡ଼ି.ଏସ୍.ଏ. ଷ୍ଟାଡ଼ିୟମ, କାଳାଇହାଟ, ଦୋତାମା ଫୁଟକିବାଡ଼ିର ଶପଥଗ୍ରାମ, ଶାଳାକାଠି, ବାସୁଗାଁଓ, ଡ଼ଂଟଲ, ବଙ୍ଗାଇଗାଁଓ (ରାତ୍ରିବାସ) । ଅବିନଦା ଏହିଦିନ ଶ୍ରୀରାମପୁର, ଦାମଡ଼ାପଡ଼ା, ଗୋକୁଳକାଟା ପରିଦର୍ଶନ କରନ୍ତି ଏବଂ ହରିରହାଟ ଓ ଚାମାରହାଟରେ ଦୁଇଟି ସତ୍‌ସଙ୍ଗ-କେନ୍ଦ୍ରର ଉଦ୍‌ବୋଧନ କରନ୍ତି । କରତିମାରିରେ ସତ୍‌ସଙ୍ଗ-କେନ୍ଦ୍ରର ଉଦ୍‌ବୋଧନ କରନ୍ତି ଅର୍ଣ୍ଣବା ।

୪ର୍ଥ ଦିନ : ତା୦୭.୧୧.୨୦୨୪ରିଖ : ବିଜନୀ, ପାଟିଲାଦହ, ସରଭୋଗ, ବରପେଟା ରୋଡ଼ର ସିମଲାଇଗୁଡ଼ି, ହାଉଲୀ, ବରମା, ଚାମତା, ନଳବାଡ଼ୀ, ବାହାରଘାଟ, କଠୋରା, ରଙ୍ଗିୟା (ରାତ୍ରିବାସ) । ଏହିଦିନ ହାଉଳୀରେ ସତ୍‌ସଙ୍ଗ-କେନ୍ଦ୍ରର ଉଦ୍‌ବୋଧନ କରନ୍ତି ଆଚାର୍ଯ୍ୟଦେବ । ଅବିନଦା ବେଣ୍ଟଲ, ଭିରାନଗାଁଓ ଓ ଖୟରାବାଡ଼ି ପରିଦର୍ଶନ କରନ୍ତି, ମୟନାମାତାରେ ଗୋଟେ ସତ୍‌ସଙ୍ଗ-କେନ୍ଦ୍ର ଉଦ୍‌ବୋଧନ କରନ୍ତି । ତିହୁରେ ସତ୍‌ସଙ୍ଗ-କେନ୍ଦ୍ର ଉଦ୍‌ବୋଧନ କରନ୍ତି ଅର୍ଣ୍ଣବା ଏବଂ ନିଜତପା ଗ୍ରାମ ପରିଦର୍ଶନ କରନ୍ତି ।

୫ମ ଦିନ : ତା୦୮.୧୧.୨୦୨୪ରିଖ : ବେଟାଗାଁଓ, ସୁୟାଗପୁର, କଛାଡ଼ିପଡ଼ା, ଖୟରାବାଡ଼ୀ, ଟଂଲା, ତରାବାଡ଼ୀ, ହରିସିଂହା, ମନପୁର, ଓଦାଳଗୁଡ଼ି, ଇକରାବାଡ଼ୀ, ଖାଲୁପେଟିୟା, ରଓତା (ରାତ୍ରିବାସ) । ଏହିଦିନ ବେଟାଗାଁଓ ଓ ତରାବାଡ଼ୀରେ ଦୁଇଟି ସତ୍‌ସଙ୍ଗ-କେନ୍ଦ୍ର ଏବଂ ହରିସିଂହ ସତ୍‌ସଙ୍ଗ-ବିହାରରେ ଶ୍ରୀଶ୍ରୀବଡ଼ମା' ଓ ଶ୍ରୀଶ୍ରୀବଡ଼ଦାଙ୍କ ମନ୍ଦିର ଉଦ୍‌ବୋଧନ କରନ୍ତି ଆଚାର୍ଯ୍ୟଦେବ । ଅବିନଦା କଲାଇଗାଁଓ, ମଙ୍ଗଳଦଇ, ଭକତପାଡ଼ା ଓ ଖାଲୁପେଟିୟା ପରିଦର୍ଶନ କରନ୍ତି, ଏବଂ ମଙ୍ଗଳଦଇ ସତ୍‌ସଙ୍ଗ-କେନ୍ଦ୍ର ଉଦ୍‌ବୋଧନ କରନ୍ତି । ଅର୍ଣ୍ଣବା ପରିଦର୍ଶନ କରନ୍ତି ତାମୁଲପୁର, କୁମାରୀକାଟା, ଗୋରେଶ୍ୱର, ବାଗାନପାଡ଼ା ଓ ମେରକୁଟି । ଶେଷର ଦୁଇଟିରେ ସତ୍‌ସଙ୍ଗ-କେନ୍ଦ୍ରର ଉଦ୍‌ବୋଧନ କରନ୍ତି ସିଏ ।

୬ଷ୍ଠ ଦିନ : ତା୦୯.୧୧.୨୦୨୪ରିଖ : ଓରାଂ, ଠେଲାମାରା, ବରବିଲ, ରୂପାଝୁଲି ଚା-ବଗିଚା, ନାହାରାନି ଚା-ବଗିଚା, ବାଲିପାଡ଼ା, ସାଲୋନିବାଡ଼ୀ, ସୋନାଭିଲ, ତେଜପୁର (ରାତ୍ରିବାସ) । ଏହିଦିନ ଓରାଂ ସତ୍‌ସଙ୍ଗ-ବିହାରରେ ଶ୍ରୀଶ୍ରୀବଡ଼ମା' ଓ ଶ୍ରୀଶ୍ରୀବଡ଼ଦାଙ୍କ ମନ୍ଦିର, ତଥା ରୂପାଝୁଲି ଓ ନାହାରାନିରେ ଦୁଇଟି ସତ୍‌ସଙ୍ଗ-କେନ୍ଦ୍ରର ଉଦ୍‌ବୋଧନ କରନ୍ତି ଆଚାର୍ଯ୍ୟଦେବ । ଠେଲାମାରା ସତ୍‌ସଙ୍ଗ-ବିହାରରେ ଆସି ସେଠାରେ ୧୯୭୫ ସାଲର ୨୮ମାର୍ଚ୍ଚରେ ଶ୍ରୀଶ୍ରୀବଡ଼ଦାଙ୍କ ସଙ୍ଗେ ଶ୍ରୀଶ୍ରୀଦାଦାଙ୍କ ପୁଣ୍ୟ ପଦାର୍ପଣର କଥା ସ୍ମରଣ କରନ୍ତି ସିଏ । ବରବିଲ ଗ୍ରାମରେ ତାଙ୍କୁ ଘେରି ଏକ ଆନନ୍ଦଘନ ପରିବେଶର ସୂଚନା ହୁଏ । ଛୋଟ ଏହି ଗ୍ରାମଟିର ସମସ୍ତ ଅଧିବାସୀହିଁ ଶ୍ରୀଶ୍ରୀଠାକୁରଙ୍କ ଚରଣାଶ୍ରିତ । ପ୍ରାୟଃ ସମସ୍ତେହିଁ ସେମାନେ ସ୍ଥାନୀୟ ଚା-ବଗିଚାର ଶ୍ରମିକ । ଅର୍ଥାଭାବର ପ୍ରତିବନ୍ଧକତାକୁ ତୁଚ୍ଛ କରି ଯେଉଁ ନିଷ୍ଠାର ସହିତ ସେମାନେ ପ୍ରଶସ୍ତ ଜମି ସଂଗ୍ରହ କରି ସେଠାରେ ଠାକୁରଙ୍କ ଶ୍ରୀମନ୍ଦିର ରଚନା କରିଛନ୍ତି, ତା' ଅଭାବନୀୟ । ଏହିଦିନ ଅବିନଦା ବେଲସିଡ଼ି ଓ କାଁଠାଲଝୁଲି ପରିଦର୍ଶନ କରନ୍ତି, ଏବଂ କାଁଠାଲଝୁଲି ସତ୍‌ସଙ୍ଗ-କେନ୍ଦ୍ରର ଉଦ୍‌ବୋଧନ କରନ୍ତି । ଅର୍ଣ୍ଣବା ପରିଦର୍ଶନ କରନ୍ତି ଡ଼ାଲଗାଁଓ ଓ କପାଟି । ଡ଼ାଲଗାଁଓରେ ସିଏ ସତ୍‌ସଙ୍ଗ-କେନ୍ଦ୍ରର ଉଦ୍‌ବୋଧନ କରନ୍ତି ।

୭ମ ଦିନ : ତା୧୦.୧୧.୨୦୨୪ରିଖ : ପାଞ୍ଚମାଇଲ, ଇଟାଖୋଲା, ଚଟିୟା, ବେବେତି, ଆମଜାରନୀ, ସିମଲୁଗୁଡ଼ି, ବିହ୍‌ପରିୟା, ଲାଲୁକ, ଲକ୍ଷ୍ମିମପୁର (ରାତ୍ରିବାସ) ।

୮ମ ଦିନ : ତା୧୧.୧୧.୨୦୨୪ରିଖ : ବଗୀନଦୀ, ଗୋଗାମୁଖ, ଶିଲାପଥାର, ସିମେନ ସାପରି, ଜୋନାଇ, ଲେପେକାଁଟା, ବଲାଇ, ଡ଼ିବ୍ରୁଗଡ଼ (ରାତ୍ରିବାସ) । ଗୋମାମୁଖରୁ ଶିଲାପଥାର ଯିବା ସମୟରେ ପଥ ମଧ୍ୟରେ ଧେମାଜିରେ ଗାଡ଼ି ଅଟକାଇ ଗୋଟେ ଅପରିଚିତ ଚା' ଦୋକାନରେ କିଛିସମୟ ବିଶ୍ରାମ କରନ୍ତି ଆଚାର୍ଯ୍ୟଦେବ । ଅଦାକ୍ଷିତ ଦୋକାନଦାର-ଦମ୍ପତି ତାଙ୍କ ସଙ୍ଗେ ଆଳାପ କରି ମନ୍ତ୍ରମୁଗ୍ଧ ହୋଇପଡ଼ନ୍ତି, ଯଥାସାଧ୍ୟ ସେବାରେ ତାଙ୍କୁ ତୁଷ୍ଟ କରିବାକୁ ତତ୍ପର ହୁଅନ୍ତି । ଇତ୍ୟବସରେ କେଇଜଣ ସହଯାତ୍ରୀ ତାଙ୍କ ନିର୍ଦ୍ଦେଶରେ ଅନତିଦୂରରେ ଅବସ୍ଥିତ ଧେମାଜି ମନ୍ଦିର ପରିଦର୍ଶନ କରି ଆସନ୍ତି । ଏହିଦିନ ସିମେନ ସାପରି ଓ ମାଜରବାଡ଼ୀରେ ସତ୍‌ସଙ୍ଗ କେନ୍ଦ୍ରର ଉଦ୍‌ବୋଧନ କରନ୍ତି ଅବିନଦା । ଅର୍ଣ୍ଣବା ବଲାଇ ସତ୍‌ସଙ୍ଗ-କେନ୍ଦ୍ର ଉଦ୍‌ବୋଧନ କରନ୍ତି ଏବଂ ପରେ ରୂପହି ଓ ଜେଂରାଇମୁଖ ପରିଦର୍ଶନ କରନ୍ତି । ସନ୍ଧ୍ୟା ପରେ ବଲାଇ ଗ୍ରାମରେ ଯେତେବେଳେ ଆଚାର୍ଯ୍ୟଦେବ ପ୍ରବେଶ କରୁଛନ୍ତି, ଗ୍ରାମର ବାଳକ-ବାଳିକାମାନେ ସେତେବେଳେ ପ୍ରଦୀପ ହାତରେ

ଧରି ରାସ୍ତାର ଦୁଇପାର୍ଶ୍ୱରେ ଧାଡ଼ି ହୋଇ ଠିଆ ହୋଇ ଏକ ଅଭିନବ ସ୍ୱାଗତ-ଅଭିବାଦନ ଜ୍ଞାପନ କରନ୍ତି ତାଙ୍କୁ । ଗ୍ରାମବାସୀମାନଙ୍କର ଭଲପାଇବାଭରା ଆପ୍ରାଣତାରେ ମୁଗ୍ଧ ହୁଅନ୍ତି ସମସ୍ତ ଅଭିଯାତ୍ରୀ ।

୯ମ ଦିନ : ତା୧୨.୧୧.୨୦୨୪ରିଖ : ତିନସୁକିୟା, ମାକୁମ, ଜାସୁନ, ଅଶୋକନଗର, ଜୟରାମପୁର, ଲିଡୁ, ମାର୍ଗାରିଟା, ମାକୁମକିଲା, ଡ଼ିଗବୟ (ରାତ୍ରିବାସ) । ଉଲ୍ଲେଖ୍ୟ, ଏହି ଅଶୋକନଗରର ନାମକରଣ ହୋଇଛି ପରମପୂଜ୍ୟପାଦ ଶ୍ରୀଶ୍ରୀଦାଦାଙ୍କ ନାମାନୁସାରେ । ଜୟରାମପୁରରେ ସୁଉଚ୍ଚ ପାହାଡ଼ଟିଲା ଉପରେ ଅନିନ୍ଦ୍ୟସୁନ୍ଦର ପରିବେଶରେ ନିର୍ମିତ ସତ୍‌ସଙ୍ଗ-କେନ୍ଦ୍ରଟି ସମସ୍ତ ଭ୍ରମଣକାରୀଙ୍କ ମନୋହରଣ କରେ । ଲିଡୁରେ ଶ୍ରୀଶ୍ରୀବଡ଼ମା' ଓ ଶ୍ରୀଶ୍ରୀବଡ଼ଦାଙ୍କ ବିଗ୍ରହର ଆବରଣ-ଉନ୍ମୋଚନ କରନ୍ତି ଆଚାର୍ଯ୍ୟଦେବ । ଅବିନଦା ଏହିଦିନ ଦିନଯାନରେ ସତ୍‌ସଙ୍ଗ-କେନ୍ଦ୍ର ଉଦ୍‌ବୋଧନ କରନ୍ତି ଏବଂ ଛାବୁୟା ଓ ମାକୁମକିଲା ପରିଦର୍ଶନ କରନ୍ତି । ଝୁମଝୁମା ଓ ବାଦଲାଭେଟାରେ ସତ୍‌ସଙ୍ଗ-କେନ୍ଦ୍ର ଉଦ୍‌ବୋଧନ କରନ୍ତି ଅର୍ଣ୍ଣଦା, ପରିଦର୍ଶନ କରନ୍ତି ରୁପାଇସିଟିଂ ।

୧୦ମ ଦିନ : ତା୧୩.୧୧.୨୦୨୪ରିଖ : ବରଝୁବି, ଧୁଲିୟାଜାନ, ଜୟପୁର, ନାମରୂପ, ଟିଂଖଂ, ନେମୁପଥାର ଚାବରିଚା, ଉଫୁଲିୟା (ଡ଼ିକସମ), ମରାନହାଟ (ରାତ୍ରିବାସ) । ନେମୁପଥାରେ ସତ୍‌ସଙ୍ଗ-କେନ୍ଦ୍ରର ଉଦ୍‌ବୋଧନ କରନ୍ତି ଆଚାର୍ଯ୍ୟଦେବ । ଏହି ଅଞ୍ଚଳଟି ବି ଚା-ବଗିଚାର ଶ୍ରମିକବୃନ୍ଦ-ଅଧ୍ୟୁଷିତ । ସେମାନଙ୍କର ଉଚ୍ଛଳ ସେବା ଓ ମା'ମାନଙ୍କର ସମ୍ମିଳିତ ସ୍ୱରରେ ଝୁମୁର ଗୀତ ଆଚାର୍ଯ୍ୟଦେବଙ୍କୁ ଚିତ୍ତପ୍ରସାଦ ଦାନ କରେ । ଏହିଦିନ ଧୁଙ୍ଗୁଲା ଓ ରଙ୍ଗଶାଳିରେ ସତ୍‌ସଙ୍ଗ-କେନ୍ଦ୍ର ଉଦ୍‌ବୋଧନ କରନ୍ତି ଅବିନଦା, ପରିଦର୍ଶନ କରନ୍ତି ତିଓ୍ୱାରିଗୋଲା ।

୧୧ଶ ଦିନ : ତା୧୪.୧୧.୨୦୨୪ରିଖ : ସେପନ, ଭୋଜୋ, ବିହୁବର, ଶିମଳଗୁଡ଼ି, ନାଜିରା, ଆମଗୁଡ଼ି ଚା-ବଗିଚା, ସେଲେଂଘାଟ ଚା-ବଗିଚା, ଚିତାବର, ଜୋଡ଼ହାଟ (ରାତ୍ରିବାସ) । ଏ ମଧ୍ୟରେ ନାଜିରା ଓ ସେଲେଂଘାଟରେ ସତ୍‌ସଙ୍ଗ କେନ୍ଦ୍ରର ଉଦ୍‌ବୋଧନ କରନ୍ତି ଆଚାର୍ଯ୍ୟଦେବ । ଅବିନଦା ଖେରାହାଟ ଓ ଶିବସାଗର ପରିଦର୍ଶନ କରନ୍ତି । ଅର୍ଣ୍ଣଦା ସତ୍‌ସଙ୍ଗ-କେନ୍ଦ୍ର ଉଦ୍‌ବୋଧନ କରନ୍ତି ଲିଗିରିପୁଖୁରି ଓ ଗେଲେକି-ରେ ।

୧୨ଶ ଦିନ : ତା୧୫.୧୧.୨୦୨୪ରିଖ : ବାହଫଲା (ଧନଖୁଲୈ), ଦେଢ଼ଗାଓ, ଦୁରିୟା, ରଙ୍ଗାଗଡ଼ା ଚା-ବଗିଚା, ଲବଣଘାଟ, ଧଳାଗୁଡ଼ି, ଫାରକାଟିଂ, ଓଖା ଗୋରାଙ୍ଗା (ରାତ୍ରିବାସ) । ଏହିଦିନ ବହାଫଲା, ଦେଢ଼ଗାଁଓ, ରଙ୍ଗାଗଡ଼ା ଓ ଲବଣଘାଟରେ ସତ୍‌ସଙ୍ଗ-କେନ୍ଦ୍ରର ଉଦ୍‌ବୋଧନ କରନ୍ତି ଆଚାର୍ଯ୍ୟଦେବ । ଅବିନଦା ବୋଜାଲକାଟାରେ ଗୋଟେ ସତ୍‌ସଙ୍ଗ-କେନ୍ଦ୍ର ଉଦ୍‌ବୋଧନ କରନ୍ତି ଏବଂ ଦକ୍ଷିଣ ହେଙ୍ଗେରା ଓ ପରୁଲ୍ଲା ପରିଦର୍ଶନ କରନ୍ତି । ଅର୍ଣ୍ଣଦା ପରିଦର୍ଶନ କରନ୍ତି ତାମୁଲୀପଥାର, କହରା, ଗୋଲାଘାଟ ଓ ବୋକାଖାତ । ଏହିଦିନ ଦିପରେ ବ୍ୟାଙ୍ଗାଲୋରରୁ ଅତ୍ତିକଦା ବିମାନଯୋଗେ ଡ଼ିବ୍ରୁଗଡ଼ରେ ଆସି ପହଞ୍ଚନ୍ତି ଏବଂ ସନ୍ଧ୍ୟାରେ ପିତାଙ୍କ ସଙ୍ଗେ ମିଳିତ ହୁଅନ୍ତି ।

୧୩ଶ ଦିନ : ତା୧୬.୧୧.୨୦୨୪ରିଖ : ବରପଥାର, ସରୁପଥାର, ବୋକାୟାନ, ଡ଼ିଫୁ, ଲାଂହିନ, ମଦାରତଳି, ଶଙ୍କରଦେବନଗର, ଲଙ୍କା (ରାତ୍ରିବାସ) । ଲାଂହିନରେ ଶ୍ରୀଶ୍ରୀବଡ଼ମା' ଓ ଶ୍ରୀଶ୍ରୀବଡ଼ଦାଙ୍କ ମନ୍ଦିର ଉଦ୍‌ବୋଧନ କରନ୍ତି ଆଚାର୍ଯ୍ୟଦେବ । ଦୟାଂମୁଖେ ସତ୍‌ସଙ୍ଗ-କେନ୍ଦ୍ର ଉଦ୍‌ବୋଧନ କରନ୍ତି ଅର୍ଣ୍ଣଦା ଏବଂ ଲାମଡ଼ିଂ ପରିଦର୍ଶନ କରନ୍ତି ।

୧୪ଶ ଦିନ : ତା୧୭.୧୧.୨୦୨୪ରିଖ : କୁମଡ଼ୋକୋଟା, ହୋଜାଇ, କାଠିୟାତଳି, ସୋନାରୀବାଲି, ଧନେଖୋୟା, ଆମବାଗାନ, ନଗାଁଓ (ରାତ୍ରିବାସ) । ଏହିଦିନ ସୋନାରୀବାଲି ଓ ଆମବାଗାନେ ସତ୍‌ସଙ୍ଗ-କେନ୍ଦ୍ର ଉଦ୍‌ବୋଧନ କରନ୍ତି ଆଚାର୍ଯ୍ୟଦେବ । ନଗାଁଓରେ ତାଙ୍କ ସନ୍ଦର୍ଶନରେ ଆସନ୍ତି ସ୍ଥାନୀୟ ବିଧାୟକ ଶ୍ରୀରୂପକ ଶର୍ମା । ଏହିଦିନ ଅବିନଦା ହାମରେନ ଓ ରାଜାଗାଓଁ ପରିଦର୍ଶନ କରନ୍ତି । ଅର୍ଣ୍ଣଦା ପରିଦର୍ଶନ କରନ୍ତି ଡ଼ଙ୍ଗାମୋକାମ ଓ କାମପୁର ।

୧୫ଶ ଦିନ : ତା୧୮.୧୧.୨୦୨୪ରିଖ : ଧୁଂ, ଚଡ଼ାଇହାଗୀ, ମରିଗାଁଓ, କୁସ୍ତଳୀ, କମାରବାଡ଼ୀ, ଭୂରାଗାଁଓ, ଜାଗିରୋଡ଼ (ରାତ୍ରିବାସ) । ଚଡ଼ାଇହାଗୀରେ ସତ୍‌ସଙ୍ଗ-କେନ୍ଦ୍ର ଉଦ୍‌ବୋଧନ କରନ୍ତି ଆଚାର୍ଯ୍ୟଦେବ । ଆଦିବାସୀ ସତ୍‌ସଙ୍ଗୀମାନଙ୍କ ଅଧ୍ୟୁଷିତ ଅଞ୍ଚଳ କୁସ୍ତଳୀ ପରିଦର୍ଶନ କରି ସିଏ ଅତିଶୟ ଆନନ୍ଦିତ ହୁଅନ୍ତି । ମଞ୍ଚରେ ଅଧିଷ୍ଠାନ ନ କରି ସାଧାରଣ ଜନତାଙ୍କ ସମ୍ମୁଖରେ ମାଟିରେ ବିଛାଯାଇଥିବା ତ୍ରିପଲ ଆସନରେ ବସି ସିଏ ସମସ୍ତଙ୍କ ସଙ୍ଗେ ପ୍ରାଣୋଚ୍ଛଳ ରସାଳାପରେ କିଛି ସମୟ ଯାପନ କରନ୍ତି, ସମସ୍ତଙ୍କର ଦୈନନ୍ଦିନ ଜୀବନର ଛୋଟମୋଟ ସୁଖ-ଦୁଃଖର କାହାଣୀ ଶୁଣନ୍ତି ଏବଂ ତାଙ୍କ ସୁଧାସ୍ୟନ୍ଦୀ ସ୍ନେହରେ ସମସ୍ତଙ୍କର ଅନ୍ତଃସ୍ଥଳ ନ୍ତ୍ରପ୍ତିତ କରି ଦିଅନ୍ତି । କମାରବାଡ଼ୀର ଆଦିବାସୀ ଗୁରୁଭାଇ ଓ ମା'ମାନେ ଆଚାର୍ଯ୍ୟଦେବଙ୍କ ସାନ୍ନିଧ୍ୟରେ ଉଦ୍ଦାମ କୀର୍ତ୍ତନ ପରିବେଷଣ କରି ସମଗ୍ର ପରିବେଶକୁ ମରୁଆରା କରି ତୋଳନ୍ତି । ପ୍ରୀତ ହୁଅନ୍ତି ସିଏ । ଏହିଦିନ ଚାପାରମୁଖ ଓ ହାହିମ ପରିଦର୍ଶନ କରି ଗୌହାଟୀ ବିଶ୍ୱବିଦ୍ୟାଳୟକୁ ଯାଆନ୍ତି ଅବିନଦା ଏବଂ ସେଠାକାର ବିଦ୍ୟାର୍ଥୀ ଓ ଅଧ୍ୟାପକମାନଙ୍କ ସଙ୍ଗେ ବିଭିନ୍ନ ବିଷୟରେ

(ଅବଶିଷ୍ଟାଂଶ ୧୯୭ପୃଷ୍ଠାରେ)

ବିଶେଷ ବିଜ୍ଞପ୍ତି

ପରମପୂଜ୍ୟପାଦ ଶ୍ରୀଶ୍ରୀଅର୍କଦ୍ୟୁତି ଚକ୍ରବର୍ତ୍ତୀଙ୍କ ୫୬ତମ ଜନ୍ମଦିବସ ୮ ଜୁନ୍, ୨୦୨୩ର ଶୁଭକ୍ଷଣରେ ସତ୍‌ସଙ୍ଗ ଫିଲାନ୍‌ଥ୍ରପୀରେ online ଇଷ୍ଟଭୃତି ପ୍ରେରଣର ବ୍ୟବସ୍ଥା ସର୍ବସାଧାରଣଙ୍କ ବ୍ୟବହାର ପାଇଁ ଚାଲୁ କରାହୁଏ ।

ସତ୍‌ସଙ୍ଗର ନିଜସ୍ୱ ୱେବ୍‌ସାଇଟ୍‌ରେ www.satsang.org.inରେ ପ୍ରବେଶ କରି menu barରେ ଅବସ୍ଥିତ donationରେ କ୍ଲିକ୍ କରିଲେ ହିଁ online ଅର୍ଘ୍ୟ ଜମା ଦେବାର ବ୍ୟବସ୍ଥା ଖୋଲିଯିବ ।

ପ୍ରଥମେ ନିଜସ୍ୱ ମୋବାଇଲ ନମ୍ବର ନେଇ ନାମ ରେଜିଷ୍ଟର କରିବାକୁ ହେବ । ରେଜିଷ୍ଟାର୍ଡ଼ ମୋବାଇଲ ନମ୍ବରରେ OTP ଯିବ । Pan card no ଓ Aadhar card no ଉଲ୍ଲେଖ କରିଲେ ତା'ପରେ ହିଁ ଅର୍ଘ୍ୟ ଜମା ହେବାର ପ୍ରକ୍ରିୟା ଆରମ୍ଭ ହେବ ।

ସକାଳ ୬ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଏହି ବ୍ୟବସ୍ଥା ପ୍ରତିଦିନ କାର୍ଯ୍ୟକର ରହିବ ।

ଏହି ବିଷୟ ସଂକ୍ରାନ୍ତ ଯେକୌଣସି ଅନୁସନ୍ଧାନ ପାଇଁ ଗୋଟେ ମୋବାଇଲ ନମ୍ବର ପ୍ରଦତ୍ତ ହେଉଛି : 9153963390. କେବଳ ଏହି ନମ୍ବରରେ ହିଁ ଅନଲାଇନ ଅର୍ଘ୍ୟ ଜମା ଦେବା ବିଷୟରେ ଜିଜ୍ଞାସାବାଦ କରାଯିବ, ଅନ୍ୟ କୌଣସି ନମ୍ବରରେ ନୁହେଁ ।

ବିଶେଷଭାବେ ଉଲ୍ଲେଖ୍ୟ, ଏହି ପ୍ରକ୍ରିୟା କେବଳ ଭାରତ ମଧ୍ୟରେହିଁ ପ୍ରଯୋଜ୍ୟ ହେବ, ଅନ୍ୟ କୌଣସି ଦେଶରୁ ଅର୍ଘ୍ୟ ପ୍ରେରଣ କରାଯାଇ ପାରିବ ନାହିଁ ।

ଶୀଘ୍ର ହିଁ ବ୍ୟବହାର ବିଧି-ସଂକ୍ରାନ୍ତ ଗୋଟେ ଅଡ଼ିଓ ଭିଜୁୟାଲ ପ୍ରେଜେଣ୍ଟେସନ ପ୍ରକାଶ କରାଯିବ ।

Online Register ଓ ଅର୍ଘ୍ୟ ଜମା କରିବାର ପଦ୍ଧତି ନିମ୍ନରେ ଦିଆଗଲା ।

Step 1 : www.satsang.org.in

Step 2 : Donation

Step 3 : Creat an Account

Step 4 : Member Code as Mentioned (ଏଠାରେ ୧୨ ସଂଖ୍ୟାର Family Code ଦେବାକୁ ହେବ)

Step 5 : Register Account (ଆପଣଙ୍କ Family Codeରେ ଆଗରୁ Mobile No ଥାଏ ତା'ହେଲେ ଉକ୍ତ Mobile Noରେ OTP ଯିବ ।)

Step 6 : OTP ଦେବା ପରେ ଗୋଟେ ପୃଷ୍ଠା ଖୋଲିଯିବ, ଯେଉଁଠାରେ ଆପଣ Password ଦେବେ ପୁଣି password confirm କରିବାକୁ ହେବ । ଅଥବା ଯଦି ଆପଣଙ୍କ Family Codeରେ Mobile No ନ ଥାଏ ତେବେ ଆପଣଙ୍କର ଜମା ଦିଆ ଅର୍ଘ୍ୟପ୍ରସ୍ୱସ୍ତିର Serial No-Date-Mobile No ବସାଇବାକୁ ହେବ ।

Step 7 : ଏଥର ଆପଣ ୧୨ ସଂଖ୍ୟାର Family Code ଏବଂ Password ଦେଇ login କରିବେ ।

Step 8 : Donate Online ତଳେ Donete ବଟମରେ Click କରିବେ ।

Step 9 : ଗୋଟେ Form ଖୋଲି ଆସିବ ଆପଣଙ୍କୁ Form ଟା Fillup କରିବାକୁ ହେବ ।

Step 10 : Formଟା Fillup କରି ତଳେ Terms & Condition Accept କରି submit କରିବାକୁ ହେବ ।

Step 11 : Payment Confirm ହୋଇଗଲେ ଆପଣଙ୍କୁ ଗୋଟେ Receipt Copy ଦେଖାଯିବ । ସେଇଟା ଆପଣ Print କରି ନେବେ ।

Step 12 : ଆପଣଙ୍କ Family detailsରେ Click କରି ଅର୍ଘ୍ୟ-ପ୍ରଶସ୍ତି Download କରିବାକୁ ହେବ ।

କୌଣସି କୌଣସି Codeରେ ଅର୍ଘ୍ୟ ଜମା ଦେଇପାରିବେ ତା'ର ଗୋଟେ ତାଲିକା ଉଲ୍ଲେଖ କରାହେଲା ।

ଇଷ୍ଟଭୃତି (ISTAV), ସ୍ୱସ୍ତ୍ୟୟନୀ (SWAST), ଆଚାର୍ଯ୍ୟଭୃତି (ACHAR), ଦକ୍ଷିଣା (DAKSH), ସଂଗଠନୀ (SANGA), ଋତ୍ୱିକୀ (RITWI), ପ୍ରଣାମୀ (PRONA), ଶ୍ରୀମନ୍ଦିର (SRIMN), ଆନନ୍ଦବଜାର (ANAND), ପରିଭୃତି (PRVRT), ଶ୍ରୀଶ୍ରୀଠାକୁରଙ୍କ ସେଣ୍ଟେନାରୀ ଫଣ୍ଡ (CENTE), କୃଷ୍ଟିପ୍ରହରୀ (KPRAH), କୃଷ୍ଟିବାନ୍ଧବ (KBNDB), ଇଷ୍ଟାୟନୀ (ISTAN), ଶାନ୍ତିଲ୍ୟ ୟୁନିଭର୍ସିଟି (SUNI), କର୍ମୀମାନଙ୍କର ଉତ୍ସବ ଅର୍ଘ୍ୟ (UTSAV), ଦୀକ୍ଷା-ପ୍ରଣାମୀ (DPRNM) ଓ ଆଚାର୍ଯ୍ୟ-ପ୍ରଣାମୀ (APRNM) ଜମା ଦିଆଯିବ । ଏହାଛଡ଼ା ଅନ୍ୟ କୌଣସି ପ୍ରକାର ଅର୍ଘ୍ୟ ଅନଲାଇନରେ ଜମା ଦିଆଯାଇପାରିବ ନାହିଁ ।

ସେକ୍ରେଟାରୀ, ସତ୍‌ସଙ୍ଗ
୦୮.୦୬.୨୦୨୩

ଆଶ୍ରମ ସମ୍ବାଦ



ଶ୍ରୀଶ୍ରୀଆଚାର୍ଯ୍ୟଦେବଙ୍କ ଉପସ୍ଥିତିରେ ଭକ୍ତ ନରନାରୀପୂର୍ଣ୍ଣ ଠାକୁରବଙ୍ଗଳାରେ ପ୍ରାତଃକାଳୀନ ବିନତି-ପ୍ରାର୍ଥନା ଓ ପ୍ରଣାମାଦି ପରେ ପରମଦୟାଳ ଶ୍ରୀଶ୍ରୀଠାକୁରଙ୍କ 'ସତ୍ୟାନୁସରଣ' ଓ 'ଶାଶ୍ୱତୀ' ଗ୍ରନ୍ଥର ବାଣୀ ବିଭିନ୍ନ ଭାଷାରେ ପାଠ ହୁଏ । ସେଦିନ ଅକ୍ଟୋବର-୨୬, ସତ୍ୟାନୁସରଣର ବାଣୀ ପାଠ ହୁଏ— 'କୌଣସିକିଛିରେ ଯୁକ୍ତ ହେବା ବା ଏକମୁଖୀ ଆସକ୍ତିର ନାମହିଁ— ଯୋଗ ।'

ଆଚାର୍ଯ୍ୟଦେବ ବାଣୀଟିର ଆଲୋଚନାର ସୂତ୍ରପାତ ଘଟାନ୍ତି— ଆସକ୍ତି ମାନେ ସଦା ପ୍ରୀତିଯୁକ୍ତ । ନିର୍ଦ୍ଦିଷ୍ଟ କୌଣସି ବିଷୟରେ ଅଷ୍ଟଳିତଭାବେ ଯୁକ୍ତ ରହିବା । ସିଏ ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦାଙ୍କ ପ୍ରସଙ୍ଗ ଉଠାଇଲେ । ସିଏ କହିଥିଲେ, ସବୁସମୟରେ ନାମଜପ କରିବାକୁ । କେଇଦିନ ନିଭୃତରେ ରହି କେବଳ ନାମ କରି ଯିବାକୁ । ତନ୍ମୁଖୀ ହୋଇ ଏକାଦିକ୍ରମେ ତିନିଦିନ କରି ପାରିଲେ ହିଁ ଅକିଆମଳିଆ ଚିନ୍ତାର ତରଙ୍ଗଗୁଡ଼ିକ ସ୍ଥିର ହୋଇ ଚିନ୍ତାଗୁଡ଼ିକ ଶୃଙ୍ଖଳାବଦ୍ଧ ହେବ ।

ବିଷୟାନ୍ତରେ କହିଲେ, ଯେତେବେଳେ ଯାଜନ କରେ ସେତେବେଳେ ମୁଁ ଠାକୁରଙ୍କ ପ୍ରତିନିଧି ହୋଇ କଥା କହୁଛି, ମୋର ଇଷ୍ଟଙ୍କ ବାର୍ତ୍ତା ଲୋକଙ୍କ ନିକଟରେ ମୋ ମାଧ୍ୟମରେ ପାଉଛନ୍ତି । ଲୋକେ ମୋ ଆଡ଼େ ଚାହୁଁଛନ୍ତି, ମୋର ହାବ-ଭାବ, ଚିନ୍ତା, କଥା କହିବା ସବୁ ନେଇ ଲୋକେ ମୋ ମଧ୍ୟରେ ଠାକୁରଙ୍କୁ ଖୋଜି ପାଇବାକୁ ଚାହାଁନ୍ତି । ତେଣୁ ଠିକ୍ ଠିକ୍ ଯାଜନ କରିବାକୁ ହେଲେ ମୋତେ ପୁରାପୁରି ଠାକୁରଙ୍କର ହେବାକୁ ହେବ । ମୋର ଧନା ଧୋତି-ପଞ୍ଜାବୀ, 'ଜୟଗୁରୁ' ସମ୍ବାଷଣ ସବୁକିଛି ମଧ୍ୟରେ ଯେପରି ଠାକୁରଙ୍କୁ ଖୋଜି ପାଏ ।

ଶରୀର-ମନ ଶୁଦ୍ଧ ଓ ପବିତ୍ର ରଖିବାକୁ ସଦାଚାରପରାୟଣ ହୋଇ ଚାଲିବା ଦରକାର । କରୋନା ମହାମାରୀରେ ବହୁ ମଣିଷ ସଦାଚାରୀ ହୋଇଛନ୍ତି ଜୀବନ-ରକ୍ଷାର ତାଗିଦରେ । ତା' ପିଇ

ବି ଯେ ହାତରେ ପାଣି ନେବାକୁ ହୁଏ (ହାତ ଧୋଇବାକୁ ହୁଏ) ଏହି ଅଭ୍ୟାସଟା ଦେଓଘରବାସୀମାନେ ପାଇଛନ୍ତି ସତ୍‌ସଙ୍ଗୀ ଆଶ୍ରମିକମାନଙ୍କୁ ଦେଖି । 'ଶାଶ୍ୱତୀ' ଗ୍ରନ୍ଥର ବାଣୀ ନେଇ ବି ଆଲୋଚନା କରନ୍ତି । ସମସ୍ତଙ୍କ ନିକଟରେ ବିଷୟଟି ପ୍ରାଞ୍ଜଳ ଓ ସହଜବୋଧ୍ୟ ହୋଇଉଠେ । ସମୃଦ୍ଧ ହୁଅନ୍ତି ସମସ୍ତେ ।

୮ଟା ୫୫ମିନିଟ୍‌ରେ ଶ୍ରୀଶ୍ରୀଆଚାର୍ଯ୍ୟଦେବଙ୍କ ଉପସ୍ଥିତିରେ ସମବେତ ନାମଜପ ପରେ 'ଗୁରୁଗ୍ରନ୍ଥସାହେବଜୀ' ଓ 'ଧୃତି-ବିଧାୟନା' (୧ମଖଣ୍ଡ)ରୁ ବାଣୀପାଠ ହୁଏ । ତା'ପରେ ହୁଏ ଭକ୍ତିଗୀତି ।

ସନ୍ଧ୍ୟାରେ ୪ଟା ୫୬ମିନିଟ୍‌ରେ ସମବେତ ବିନତି-ପ୍ରାର୍ଥନା, ପାଞ୍ଚ ମିନିଟ୍ ସମବେତ ନାମଜପ, ତତ୍‌ପରେ 'ଅନୁଶ୍ରୁତି' (୫ମଖଣ୍ଡ) ଓ 'ବିବିଧ-ସୂକ୍ତ' ଗ୍ରନ୍ଥର ବାଣୀପାଠ ହୁଏ ।

ଶ୍ରୀଶ୍ରୀଆଚାର୍ଯ୍ୟଦେବ ପ୍ରତ୍ୟହ ଦୁଇବେଳା : ସମୟ ଦଶଟାରୁ ୧ଟା ଏବଂ ରାତିରେ ସାତଟାରୁ ଦଶଟା ପର୍ଯ୍ୟନ୍ତ ଫିଲାନ୍‌ଥ୍ରପୀ ସମ୍ମୁଖସ୍ଥ ନାଟମଣ୍ଡପରେ ବସନ୍ତି । ଏହି ସମୟରେ ଆଶ୍ରମିକ ଓ ବହିରାଗତ ଅସଂଖ୍ୟ ନରନାରୀ ସମସ୍ୟାଦି ବ୍ୟକ୍ତ କରି ଥାଆନ୍ତି । ପ୍ରତ୍ୟେକଙ୍କ କଥା ସିଏ ମନ ଦେଇ ଶୁଣନ୍ତି ଏବଂ ବାସ୍ତବ ଅଭିଜ୍ଞତାରୁ ସମାଧାନସୂତ୍ର ଧରେଇ ଦିଅନ୍ତି । ଶୈଶବରୁହିଁ ପିତାମାତା ଶିଶୁକୁ ବାଧାର ସମ୍ମୁଖୀନ ହେଲେ ତା'କୁ ବାଧା ଅତିକ୍ରମ କରିବାର ମନୋବଳ ବଢ଼େଇ ଦିଅନ୍ତି । ଶିଶୁ ଯେତେବେଳେ ରାସ୍ତାରେ ଚାଲିବାକୁ ଯାଇ ଝୁଣ୍ଟିପଡ଼େ, ସେତେବେଳେ ପିତାମାତା ରାସ୍ତାକୁ ପ୍ରହାର ନ କରି ଶିଶୁର ମନୋବଳ ବଢ଼ାଇବା ପାଇଁ କହବାକୁ ପଡ଼େ— ଝୁଣ୍ଟି ପଡ଼ିଲୁ ତ କ'ଣ ହେଲା ? ଉଠି ଠିଆ ହୋ' । ରାସ୍ତା ଦେଖି ଚାଲିବାକୁ ହୁଏ ବାବା ! ଦୋଷ ତ ତୁମରହିଁ, ରାସ୍ତାର ତ କୌଣସି ଦୋଷ ନାହିଁ । ଏହିଭାବେ ବୁଝାଇ କହି ପାରିଲେ ସନ୍ତାନ ନିଜର ଭୁଲ୍ ଧରିପାରିବ । ଆହୁରିବି ସତର୍କ ହୋଇ ଚାଲିବ ।

କିଛିଦିନ ହେଲା ସ୍ୱାମୀ-ବିଚ୍ଛେଦ ହୋଇଛି ଜନୈକା ମା'ଙ୍କର । ବିମର୍ଷ ହୋଇ ପଡ଼ିଛନ୍ତି ସେହି ମା' । ହତାଶା ସମ୍ବଳ କରି ସ୍ୱାମୀ-ଚିନ୍ତାରେ ମଶଗୁଲ ରୁହନ୍ତି । ସେହି ମା'ଙ୍କ ସଙ୍ଗେ ଦୁଇଜଣ ସନ୍ତାନ । ଘରେ ଆହୁରି ଦୁଇଜଣ ସନ୍ତାନଙ୍କୁ ଛାଡ଼ି ଆସିଛନ୍ତି । ସେହି ମା'ଙ୍କୁ ଦେଖି କହିଲେ— ସ୍ୱାମୀ-ସ୍ତ୍ରୀଙ୍କର ବିବାହ ହୁଏ, ସଂସାରଧର୍ମ ନିର୍ବାହ କରନ୍ତି । କିଏ କେତେବେଳେ ଇହଧାମ ଛାଡ଼ି ଚାଲିଯିବ ତା'ର ଠିକ୍ ନାହିଁ । ଚାଲି ଯିବାଟା ଭବିତବ୍ୟ, ଏହାକୁ ସ୍ୱୀକାର କରି ନ ପାରିବାଟା ମୂର୍ଖାମି । ତା' ସ୍ୱୀକାର କରି ନେଇ ଇଷ୍ଟଙ୍କୁ ଜୀବନର ସାର କରି ଅଗ୍ରସର ହେବାକୁ ହେବ । ଯେତେଦିନ ବଞ୍ଚି ରହିଛି ଭଲଭାବେ ବଞ୍ଚିବାକୁ ହେବ ଠାକୁରଙ୍କୁ ସମ୍ବଳ କରି । ସିଏ ଜଗତ-ସ୍ୱାମୀ । ସିଏ ଚିରସତ୍ୟ, ଚିରଭାସ୍ୱର । ତାଙ୍କ ଦିଆ ଜୀବନ-ଚଳନା— 'ନାରୀର ନୀତି'ରେ ଅଛି, ବିଧବାମାନଙ୍କର ଜୀବନ ଚଳନା କିପରି ହେବ ତା' ଉଲ୍ଲେଖ କରିଛନ୍ତି । ପୁତ୍ରକନ୍ୟାମାନଙ୍କୁ ନେଇ ଠାକୁରଙ୍କ ବିଧାମମତ ଯଜନ-ଯାଜନ-ଇଷ୍ଟଭୃତି ପରାୟଣ ହୋଇ ଚାଲ, ପିଲାମାନଙ୍କୁ ବି ଏହି ପଥରେ ଚାଲିବାକୁ ଉତ୍ସାହ ଯୋଗାଅ । ଠାକୁର ଚିର ଅକ୍ଳାନ୍ତ, ଚିର ଅମଳିନ । ଖବର ନେଇ ଦେଖିବ, ତୁମ ଅଞ୍ଚଳରେ ମା'ମାନେ ଦୀକ୍ଷାପତ୍ରର କାର୍ଯ୍ୟ କରି ଚାଲିଛନ୍ତି । ସେହି କାର୍ଯ୍ୟ ସଙ୍ଗେ ନିଜେ ବି ଯୁକ୍ତ ରୁହ । ଅନେକ ଲୋକଙ୍କ ସଙ୍ଗେ ଆଳାପ ହେବ ଏହି କାର୍ଯ୍ୟରେ ଯୁକ୍ତ ରହି ରହି । ପାରିପାର୍ଶ୍ୱିକର କିଏ କିପରି ଅଛି, ଖୋଜଖବର ନିଅ, ଯିଏ ଦୁଃଖ-କଷ୍ଟରେ ପଡ଼ିଛି ତା'ର କଷ୍ଟ ଦୂର କରିବାର ବ୍ୟବସ୍ଥା କର । ଠାକୁରଙ୍କ ପଥରେ ତା'କୁ ବି ଚଲାଅ, ଚାଲିବାକୁ ଉତ୍ସାହ ଯୋଗାଅ । ପରିବେଶକୁ ଇଷ୍ଟମୁଖୀ କରିତୋଳ । ସ୍ୱାମୀ-ବିୟୋଗରେ ଭାରାକ୍ରାନ୍ତ ମନ ନେଇ ପଡ଼ି ରହିଲେ ନିଜେ ଭଲ ରହି ପାରିବନି, ସନ୍ତାନମାନଙ୍କୁ ବି ମଣିଷ କରି ତୋଳି ପାରିବନି ।

ଅତଃପର ଆଚାର୍ଯ୍ୟଦେବ ଜଣେ ଭାଇଙ୍କ ଉଦାହରଣ ଦେଲେ । କହିଲେ— ତା'କୁ କହିଥିଲି, ଚୋର ଘର ନିକଟରେ ଯେଉଁ ମନ୍ଦିର ଅଛି ସେହି ମନ୍ଦିରର ପାଞ୍ଚଟା ଧାପ ରୋଜ ଧୋଇ-ପୋଛି ଆସିବୁ । ସେହି କାମ ସେ ନିଷ୍ଠାର ସହିତ କରି ଚାଲିଲା । ଏହି କାମ କରି କରି ଠାକୁରଙ୍କ ପ୍ରତି ତା'ର ଟାଣ ଗଜେଇଲା । ସଚେତନ ନାଗରିକରେ ପରିଣତ ହେଲା । ଏବେ ସେ ସରକାରୀ ଚାକିରୀ କରେ । ବିବାହ କରିଛି ଠାକୁରଙ୍କ ବିଧାନ ଅନୁସାରେ । ସଂସାରଜୀବନରେ ସ୍ୱାମୀ-ସ୍ତ୍ରୀ ଉଭୟେ ଇଷ୍ଟମୁଖୀ ଚଳନରେ ଚାଲୁଛନ୍ତି ସନ୍ତାନ-ସନ୍ତତି ସହ ।

ଗ୍ରାମର ଜଣେ ଅପାଂକ୍ତେୟ ମା'ଙ୍କ ପାଇଁ ସମାଧାନ ଦେବାକୁ ଆଚାର୍ଯ୍ୟଦେବ ଏତେ ଦୀର୍ଘସମୟ ଧରି ଉଦ୍‌ବୁଦ୍ଧ କରିବାକୁ ସଚେଷ୍ଟ ହେଲେ ଦେଖି ଅବାକ୍ ହୋଇଯାଇଛନ୍ତି ସମସ୍ତେ । ସେଇ ମା'ବି ଅକୂଳ ସାଗରେ ଭାସୁଥିଲେ, ଭରସା ପାଇଲେ । ଏପରି ଭରସା ସେହି ମା' ଆଉ କୋଉଠି ପାଇ ନାହାଁନ୍ତି । ସେ ଆଚାର୍ଯ୍ୟଦେବଙ୍କୁ ଏକାନ୍ତ ନିଜର ଅନୁଭବ କରିଲେ । ଏପରି କରି ଦିନ ପରେ ଦିନ ଆଚାର୍ଯ୍ୟଦେବ ଅଗଣିତ ଲୋକଙ୍କ ଜୀବନର କାଣ୍ଡାରୀ ହୋଇ ସେମାନଙ୍କ ଜୀବନର ବାଙ୍କଗୁଡ଼ିକରେ ଠିଆ ହୋଇ ସମସ୍ୟା ଉତ୍ତରଣର ରାସ୍ତାଟି ଧରେଇ ଦେଉଛନ୍ତି । ସେମାନଙ୍କ ଅନ୍ଧକାରାଚ୍ଛନ୍ନ ଜୀବନରେ ଆଲୋକ ଜଳାଇ ପଥଟି ଦେଖାଉଛନ୍ତି । ବଦଳି ଯାଉଛି ସେମାନଙ୍କ ଜୀବନ-ଚଳନା । ମା'ଙ୍କର ଚଳନ ଦେଖି ସନ୍ତାନମାନେ ଉଦ୍‌ବୁଦ୍ଧ ହେଉଛନ୍ତି, ସେମାନେ ବି ମା'ଙ୍କ ପଥ ଅନୁସରଣ କରୁଛନ୍ତି କଷ୍ଟକୁ ସ୍ୱୀକାର କରି ନେଇ ବାଧାକୁ ଅତିକ୍ରମ କରିବା ଶିଖୁଛନ୍ତି ।

ଆଚାର୍ଯ୍ୟଦେବ କୁହନ୍ତି — ଜୀବନ ଥିଲେ ବାଧା ଆସିବହିଁ । ଯେଉଁ ଜୀବନରେ ବାଧା ନାହିଁ, ସେ ଜୀବନ ନିଥର, ସେ ଜୀବନରେ ଉନ୍ନତିବି ନାହିଁ, ଆନନ୍ଦ ବି ନାହିଁ । ଶ୍ରୀରାମଚନ୍ଦ୍ରଙ୍କୁ ଅବତାର ପୁରୁଷ ବୋଲି ମାନୁ । ତାଙ୍କ ଜୀବନରେ କେତେ ବାଧା ! ଶ୍ରୀଶ୍ରୀଠାକୁରଙ୍କ ଜୀବନବି ବାଧାବିଘ୍ନରେ ଭରା । ସବୁ ଉତୀର୍ଣ୍ଣ ହୋଇଛନ୍ତି ସେମାନେ ।

ଗତ ଅକ୍ଟୋବର-୨୭, ୨୦୨୪, ଭୋର ୩ଟା ୮ମିନିଟ୍‌ରେ ସତ୍‌ସଙ୍ଗ ଦେଓଘରେ **ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦାଙ୍କ କନିଷ୍ଠ ଜ୍ୱାଇଁ ପୂଜନୀୟ ଶ୍ରୀଜୟଗୋପାଳ ଚଟ୍ଟୋପାଧ୍ୟାୟଙ୍କ ଜୀବନାବସାନ** ହୁଏ । ତାଙ୍କ ଜ୍ୟେଷ୍ଠା କନ୍ୟା ଜୈତ୍ରୀ ଦେବୀଙ୍କ ଉପସ୍ଥିତିରେ ଅନ୍ତ୍ୟେଷ୍ଟିକ୍ରିୟା ତଥା ପାରଲୌକିକ କ୍ରିୟାକର୍ମାଦି ପରମପୂଜ୍ୟପାଦ ଶ୍ରୀଶ୍ରୀଆଚାର୍ଯ୍ୟଦେବଙ୍କ ପ୍ରତ୍ୟକ୍ଷ ବ୍ୟବସ୍ଥାପନାରେ ଦେଓଘରେହିଁ ସୁଷ୍ଠୁଭାବେ ସୁସମ୍ପନ୍ନ ହୁଏ । ୧୯୫୧ସାଲର ୨୮-ଫେବୃଆରୀରେ ହୁଗୁଳୀ ଜଲ୍ଲାର ନବଗ୍ରାମରେ ତାଙ୍କର ଜନ୍ମ । ଛାତ୍ରଜୀବନରେ ସେ ଅତ୍ୟନ୍ତ କୃତୀ ଓ ମେଧାବୀ ଥିଲେ । ଦୁର୍ଗାପୁର ଆର.ଇ.କଲେଜରୁ କୃତିତ୍ୱର ସହିତ ଉତୀର୍ଣ୍ଣ ହେବା ପରେ ବିଭିନ୍ନ ନାମୀ ପ୍ରତିଷ୍ଠାନରେ ଉଚ୍ଚପଦରେ ସୁନାମର ସହିତ କାର୍ଯ୍ୟ କରିଛନ୍ତି । କର୍ମରତ ଅବସ୍ଥାରେ ବି ସେ ଶ୍ରୀଶ୍ରୀବଡ଼ଦାଙ୍କ ନିର୍ଦ୍ଦେଶରେ ଆଶ୍ରମ-ସଂଶ୍ଳିଷ୍ଟ ଅନେକ କାର୍ଯ୍ୟକର୍ମରେ ନିଷ୍ଠାର ସହିତ ଯୁକ୍ତ ଥିଲେ । ସତ୍, କର୍ମନିଷ୍ଠ, ମଧୁରଭାଷୀ, ପରୋପକାରୀ, ଏହି ବ୍ୟକ୍ତିତ୍ୱଙ୍କ ଆକସ୍ମିକ ପ୍ରୟାଣ ସମସ୍ତଙ୍କୁହିଁ ମର୍ମାହତ କରି ତୋଳେ । ୧୯୭୪ ସାଲର ମାର୍ଚ୍ଚ-୮, ପୁଣ୍ୟ ଦୋଳଯାତ୍ରା ଦିନ ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦାଙ୍କ କନିଷ୍ଠା କନ୍ୟା ପୂଜନୀୟା ଅଞ୍ଜିଦେବୀଙ୍କ (ସୁଚୁଜବି) ସଙ୍ଗେ ତାଙ୍କର ଶୁଭ ବିବାହ ସୁସମ୍ପନ୍ନ ହୁଏ । ୧୯୮୭ ସାଲର ୨୦-ଜାନୁଆରୀ, ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦା ତାଙ୍କୁ ପରମଦୟାଳ ଶ୍ରୀଶ୍ରୀଠାକୁରଙ୍କ ପବିତ୍ର ପାଞ୍ଜା ପ୍ରଦାନ କରନ୍ତି । ପ୍ରୟାଣକାଳେ ସିଏ ଦୁଇ କନ୍ୟା ଛାଡ଼ି ଯାଇଛନ୍ତି । କ୍ରିୟାକର୍ମରେ ଇଷ୍ଟ-ପରିବାରର ତଥା ଆଶ୍ରମିକଗଣ ଉପସ୍ଥିତ ରୁହନ୍ତି । କ୍ରିୟାନ୍ତେ ଅପରାହ୍ଣରେ ଷୋଡ଼ଶୀଭବନରେ ବିଦେହୀ ଆତ୍ମାର ସଦ୍‌ଗତି ଉଦ୍ଦେଶ୍ୟରେ ସତ୍‌ସଙ୍ଗ ଅନୁଷ୍ଠିତ ହୁଏ ।

ପ୍ରତି ବର୍ଷର କାର୍ତ୍ତିକମାସରେ ଶ୍ରୀବୈଦ୍ୟନାଥଧାମ ଶିବମନ୍ଦିରରେ ସନ୍ଧ୍ୟାରତି ପରେ ପ୍ରତ୍ୟହ ଭଜନ ଓ ନାମ-ସଂକୀର୍ତ୍ତନର ବିଶେଷ ଅନୁଷ୍ଠାନ ଆୟୋଜିତ ହୁଏ । ପଣ୍ଡା-ସମାଜର ବିଶିଷ୍ଟ ବ୍ୟକ୍ତିଗଣ ସତ୍‌ସଙ୍ଗ ଆଶ୍ରମର ଶିଳ୍ପୀମାନଙ୍କ ଦ୍ୱାରା ଉକ୍ତ ସ୍ଥାନରେ ଭଜନ-କୀର୍ତ୍ତନ ପରିବେଷଣର ଆହ୍ୱାନ ଜଣାନ୍ତି । ସେମାନଙ୍କ ପ୍ରାର୍ଥନା ଅନୁଯାୟୀ ଶ୍ରୀଶ୍ରୀଆଚାର୍ଯ୍ୟଦେବଙ୍କ ନିର୍ଦ୍ଦେଶମତ ଗତ ୮-ନଭେମ୍ବର, ସତ୍‌ସଙ୍ଗ ଆଶ୍ରମର ଶିଳ୍ପୀମାନେ- ସର୍ବଶ୍ରୀ ସ୍ୱପନ ମଣ୍ଡଳ, ପ୍ରଦୀପ ଚକ୍ରବର୍ତ୍ତୀ, କୃପାବିଭବ ଦାସ, କୃଷ୍ଣସୁନ୍ଦର ଦାସ, ମଧୁରିମା ବିଶ୍ୱାସ, ବନ୍ଦିତା ପାରମିତା ରାୟ, ପୁଷ୍ପିତା ସେନ, ପ୍ରଭାତୀ ମଣ୍ଡଳ ପ୍ରମୁଖ ଶ୍ରୀବୈଦ୍ୟନାଥଧାମ ଶିବମନ୍ଦିରରେ ସନ୍ଧ୍ୟାରତି ପରେ ଦୀର୍ଘ ସମୟବ୍ୟାପୀ ଭଜନ-କୀର୍ତ୍ତନ ପରିବେଶଣ କରନ୍ତି । ଅନୁଷ୍ଠାନର ସଞ୍ଚାଳକ ଧୃତିମାନ ସିଂ ଭାଷ୍ୟପାଠରେ ଦେବାଦିଦେବ ମହାଦେବଙ୍କ ମାହାତ୍ମ୍ୟ ତୋଳି ଧରନ୍ତି । ପଣ୍ଡା-ସମାଜର ବିଶିଷ୍ଟ ବ୍ୟକ୍ତିଗଣ, ବହିରାଗତ ଓ ସ୍ଥାନୀୟ ବିପୁଳ ସଂଖ୍ୟକ ଭକ୍ତମଣ୍ଡଳୀ ଅନୁଷ୍ଠାନ ଉପଭୋଗ କରି ଅନୁଷ୍ଠାନର ଉଚ୍ଛ୍ୱସିତ ପ୍ରଶଂସା ଓ ସାଧୁବାଦ ଜଣାନ୍ତି ।

ଆଶ୍ରମରେ ବିଭିନ୍ନ ବିଭାଗର କାର୍ଯ୍ୟକର୍ମାଦି ଯଥାରୀତି ଚାଲିଛି । ଠାକୁରବଙ୍ଗଳାରେ ପରମଦୟାଳ ଶ୍ରୀଶ୍ରୀଠାକୁର ଓ ଜଗଜ୍ଜନନୀ ଶ୍ରୀଶ୍ରୀବଡ଼ମା'ଙ୍କ ଭୋଗ ନିତ୍ୟ ଚାରିବେଳା ଯଥାନିୟମରେ ନିବେଦିତ ହେଉଛି ।

ଶ୍ରୀଶ୍ରୀଆଚାର୍ଯ୍ୟଦେବଙ୍କ ଆଶୀର୍ବାଦରୁ ଦେଶର ବିଭିନ୍ନ ସ୍ଥାନରେ ସତ୍‌ସଙ୍ଗ କେନ୍ଦ୍ର ମନ୍ଦିର ଗଢ଼ି ଉଠିଛି । ଯେଉଁସବୁ କେନ୍ଦ୍ର ମନ୍ଦିର ବହୁ ଆଗରୁ ଗଢ଼ି ଉଠିଛି ସେହିସବୁ କେନ୍ଦ୍ରମନ୍ଦିରଗୁଡ଼ିକରେ ନାନା ପ୍ରେକ୍ଷୀରେ ପରିବର୍ତ୍ତନ, ପରିବର୍ଦ୍ଧନ ଓ ସମ୍ପ୍ରସାରଣ ଘଟିଛି ତାଙ୍କରିହିଁ ଆଶୀର୍ବାଦ ଓ ନିର୍ଦ୍ଦେଶନାରେ । ସଂଶ୍ଳିଷ୍ଟ କର୍ମୀମାନଙ୍କ ଇଚ୍ଛା, ଆଚାର୍ଯ୍ୟଦେବ ଯଦି ଥରେ ସ୍ୱଚକ୍ଷୁରେ ଦେଖି ଯାଆନ୍ତେ । ଦୀର୍ଘଦିନ ଧରି ଏହି ପ୍ରାର୍ଥନା କରି ଆସୁଛନ୍ତି ସାମ୍ପ୍ରତିକକାଳରେ ନିର୍ମିତ କେନ୍ଦ୍ରମନ୍ଦିରର ସଂଶ୍ଳିଷ୍ଟ କର୍ମୀମାନେ ବି । ଶ୍ରୀଶ୍ରୀଆଚାର୍ଯ୍ୟଦେବ ପ୍ରତ୍ୟେକଙ୍କୁ ଜଣେଇ ରଖିଛନ୍ତି — 'ମୋର ସମୟ ହେଲେ ଯିବି ।' ଗତ ୨-ନଭେମ୍ବର, ଏତଦୁଦ୍ଦେଶ୍ୟେ ସିଏ ସତ୍‌ସଙ୍ଗ ଦେଓଘରୁ ଯାତ୍ରାରମ୍ଭ କରିଛନ୍ତି । ପ୍ରଥମେ ସିଏ ପ୍ରବେଶ କରିଛନ୍ତି ଆସାମ ରାଜ୍ୟରେ । ପ୍ରତ୍ୟହ ଏକାଧିକ କେନ୍ଦ୍ରମନ୍ଦିର ପରିଦର୍ଶନ କରୁଛନ୍ତି । ସେହି ପରିକ୍ରମାରେ ପୂଜନୀୟ ଅବିନବାବୁ ଓ ଅର୍ଣ୍ଣବାବୁ ବି ଅଛନ୍ତି । ଆଚାର୍ଯ୍ୟଦେବଙ୍କ ନିର୍ଦ୍ଦେଶମତ ସେମାନେ ବି ପରିକ୍ରମା କରୁଛନ୍ତି ।

କାର୍ତ୍ତିକ ପାର ହୋଇ ମାର୍ଗଶୀର ଆସୁଛି । ଶୀତ ପୀଡ଼ା ଆରମ୍ଭ ହୋଇଛି । ବର୍ତ୍ତମାନ ନିମ୍ନତମ ତାପମାତ୍ରା ୧୬° ସେଲ୍‌ସିୟସ୍‌ରୁ ୧୮° ସେଲ୍‌ସିୟସ୍ ଏବଂ ଊର୍ଦ୍ଧ୍ୱତମ ତାପମାତ୍ରା ୨୮° ସେଲ୍‌ସିୟସ୍‌ରୁ ୩୦° ସେଲ୍‌ସିୟସ୍ ମଧ୍ୟରେ ଉଠାପକା କରୁଛି ।

କୃପାସିନ୍ଧୁ ରଞ୍ଜିତ
ସତ୍‌ସଙ୍ଗ, ଦେଓଘର
୧୬.୧୧.୨୦୨୪

(୧୯୨ ପୃଷ୍ଠାର ଅବଶିଷ୍ଟାଂଶ)

ଆଳାପଚାରିତା କରନ୍ତି ବେଶ୍ କିଛିକ୍ଷଣ । ଅର୍ଣ୍ଣବା ପରିଦର୍ଶନ କରନ୍ତି ନେଲ୍ଲି ଓ ବୋକୋ ।

୧୬ଶ ଦିନ : ତା୧୯.୧୧.୨୦୨୪ରିଖ : ଝାଡ଼ଗାଁଓ, ଚନ୍ଦ୍ରପୁର (ବାନ୍ଦା), ଆମୀନଗାଁଓ, ବଙ୍ଗୋରା (ଲାରିକା) । ଅବିନବା ଲାରିକା ପରିଦର୍ଶନ କରନ୍ତି । ଏହିଦିନ ମୁମ୍ବାଇରୁ ବିମାନଯୋଗେ ଗୌହାଟୀରେ ଆସି ପହଞ୍ଚନ୍ତି ପରମପୂଜନୀୟା ବଡ଼ବୋହୂରାଣୀମା' । ଏହାପରେ ପରିବାର ଓ ଅନୁଗାମିବୃନ୍ଦଙ୍କ ସହ ଶିଲଂ ସତ୍‌ସଙ୍ଗ-ବିବହାରକୁ ଗମନ କରନ୍ତି ଆଚାର୍ଯ୍ୟଦେବ ଏବଂ ତିନି ଦିନ ସେଠାରେହିଁ ଅବସ୍ଥାନ କରନ୍ତି ସିଏ । ଏହି କେଇଦିନ ଶିଲଂ ସହ ଆସାମର ବିଭିନ୍ନ ପ୍ରାନ୍ତରୁ ତଥା ମେଘାଳୟର ଗାରୋ, ଖାସିୟା ଓ ଜୟନ୍ତିୟାର ପାର୍ବତ୍ୟ ଅଞ୍ଚଳରୁ ଅଗଣ୍ୟ ମଣିଷ ତାଙ୍କ ଦର୍ଶନକାମନାରେ ଶିଲଂ ମନ୍ଦିରରେ ସମବେତ ହୁଅନ୍ତି ।

୧୭ଶ ତଥା ଅନ୍ତିମ ଦିନ : ତା୨୩.୧୧.୨୦୨୪ରିଖ : ଆଚାର୍ଯ୍ୟଦେବ ଏହିଦିନ ସପରିବାର ଗୌହାଟୀ ମନ୍ଦିରରେ ଆସି ପହଞ୍ଚନ୍ତି । ସେଠାରୁ ଅବିନବା ପାଣ୍ଡୁ ସତ୍‌ସଙ୍ଗ-କେନ୍ଦ୍ର ପରିଦର୍ଶନ କରି ଆସନ୍ତି ଏବଂ ଅର୍ଣ୍ଣବା ବଶିଷ୍ଠ ସତ୍‌ସଙ୍ଗ-କେନ୍ଦ୍ରର ଉଦ୍‌ବୋଧନ କରନ୍ତି । ସର୍ବଶେଷ ଗଣନା-ଅନୁସାରେ — ଉଦ୍‌ବୋଧନାଦି କାର୍ଯ୍ୟକ୍ରମ ସହ ଆସାମର ମୋଟ ୪୨ଟି ସ୍ଥାନ ପରିଭ୍ରମଣ କରିଛନ୍ତି ଅବିନବା ଏବଂ ଅର୍ଣ୍ଣବା ପରିଦର୍ଶନ କରିଛନ୍ତି ମୋଟ ୩୦ଟି ସ୍ଥାନ । ଏବଂ ସାକଲ୍ୟେ ୧୩୪ଟି ଅଞ୍ଚଳ ପରମପୂଜ୍ୟପାଦ ଆଚାର୍ଯ୍ୟଦେବଙ୍କ ଶ୍ରୀଚରଣ-ସଞ୍ଚାରଣରେ କୃତିସାର୍ଥକତା ଲାଭ କରିଛି ।

ତାଙ୍କର ଏହି ପରିକ୍ରମାର ପ୍ରତ୍ୟେକଟି ଜନପଦରେ ଅଗଣିତ ଭକ୍ତଜନଙ୍କ ଉଦ୍ଦେଶ୍ୟରେ ଗଣସମ୍ବାଷଣ କରିଛନ୍ତି ସିଏ । କହିଛନ୍ତି ଜୀବନର କଥା, ଜୀବନଦେବତାଙ୍କଠାରେ ଆତ୍ମନିବେଦନର କଥା । ଜନସମୁଦ୍ରର ମଝିରେ ଯାଇ ଠିଆ ହୋଇଛନ୍ତି । ସହଜସୁନ୍ଦର ଭାଷା ଆଉ ଆଦର-ନିର୍ଝର ଆହ୍ୱାନରେ ସମସ୍ତଙ୍କୁ ତ୍ରାକି ତ୍ରାକି ପାଖକୁ ଟାଣି ନେଇଛନ୍ତି । ପ୍ରେମ ବାଣ୍ଟିଛନ୍ତି ଅକାତରେ । ଗୋଟେ ହିଁ ଭାବ ତାଙ୍କର, ଗୋଟେହିଁ ଦିଶା ତୁମେମାନେ ସମସ୍ତେ ଠାକୁରଙ୍କର ହୋଇଉ ! ଯେଉଁ ଅବସ୍ଥାରେ ଥାଅ, ଠାକୁରଙ୍କ କଥା ଭାବ, ଠାକୁରଙ୍କ କଥାହିଁ କୁହ । ସଂସାରରେ, ଆତ୍ମୀୟସ୍ୱଜନଙ୍କ ନିକଟରେ, ପଡ଼ାପଡ଼ୋଶୀଙ୍କ ନିକଟରେ, କର୍ମକ୍ଷେତ୍ରରେ, ହାଟ-ବଜାରରେ ସର୍ବତ୍ର । ସବୁଠାରେ ତୁମର ଗୋଟେ ହିଁ ପରିଚୟ ହେଉ — ତୁମେ 'ଠାକୁରଙ୍କ ମଣିଷ' ! ଆନନ୍ଦରେ ରୁହ, ଆନନ୍ଦରେ ରଖ । ଆନନ୍ଦରୁହିଁ ଏକାଗ୍ରତା, ସେଥିରୁ ଆସେ ନିଷ୍ଠା, ଆଉ ନିଷ୍ଠାର ପରିଣତିହିଁ ପ୍ରାପ୍ତି ।

ପ୍ରତିବେଦକ : ମୃଣାଳ ପାଳିରା

ଆଜିକାଲି ଏକାଧିକ ଭଗବାନ ଆବିର୍ଭୂତ ହୋଇଛନ୍ତି ବୋଲି ସମ୍ବାଦ ପରିବେଷିତ ହେଉଛି । କିଏ ଶିବଙ୍କ ଅବତାର ତ କିଏ ବିଷ୍ଣୁଙ୍କର । ସବୁଠାରୁ ବେଶୀ ଅବତାର ହେଉଛନ୍ତି କଳ୍କୀ ଅବତାର । ଆମର ଆଧ୍ୟାତ୍ମିକ ପରମ୍ପରାରେ ଦଶମ ତଥା ଶେଷ ଅବତାର କଳ୍କୀ ଅବତାର ହେବେ ବୋଲି କୁହାଯାଇଛି । ତେଣୁ ଭାରତବର୍ଷରେ ବର୍ତ୍ତମାନ ଅନେକ କଳ୍କୀ ଅବତାର ଥିବାର ସମ୍ବାଦ ପରିବେଷିତ ହେଉଛି । କଳ୍କୀ ଅବତାର କହିବେଳେ ବେଶୀ ଲୋକ ଆକୃଷ୍ଟ ହୋଇ ଆସିବେ ଏବଂ ତାଙ୍କର ସ୍ୱାର୍ଥସିଦ୍ଧି ହେବାତା ସହଜ ହୋଇଲଠିବ । ଏଥିପାଇଁ ଏପରି ପ୍ରପଞ୍ଚ । କିଛିଲୋକ ଏମାନଙ୍କୁ ମାନନ୍ତି ତ କିଛି ଲୋକ ସନ୍ଦେହ କରନ୍ତି । କିଛି ଲୋକ ବିରୋଧ କରନ୍ତି ତ କିଛି ଲୋକ ନୀରବ ରୁହନ୍ତି । ପ୍ରକୃତରେ କ'ଣ ଏମାନେ ଅବତାର ପୁରୁଷ ବା ଭଗବାନ ?

କିପରି ଜାଣିବା ଆମେ ପ୍ରକୃତ ଅବତାର ପୁରୁଷ ଆବିର୍ଭୂତ ହୋଇଛନ୍ତି ନା ନାହିଁ ? ଏହି ପରିପ୍ରେକ୍ଷୀରେ ପୁରୁଷୋତ୍ତମଙ୍କ ଭାବାବର୍ଣ୍ଣ ଏକ ସହଜ, ସ୍ପଷ୍ଟ ସୂତ୍ରର ନିର୍ଦ୍ଦେଶ ଦିଏ —

ଆଲୋକ ଯେପରି କହି ପାରେନା— 'ମୁଁ ଆଲୋକ',
ପବନ ଯେପରି କହି ପାରେନା— 'ମୁଁ ପବନ',
କ୍ଷିତି ଯେପରି କହି ପାରେନା— 'ମୁଁ କ୍ଷିତି',
ସେହିପରି ଯା'ଙ୍କ ଅନ୍ତରରେ
ଭଗବତ୍ତା ଉଭିନ୍ନ ହୋଇଛି
ସିଏ ବି କହି ପାରନ୍ତିନି— 'ମୁଁ ଭଗବାନ',
ଯେପରି, ତୁମେ ତୁମକୁ ଦେଖି ପାରନା,
ତୁମେ କିପରି, ତା' ତୁମେ କହି ପାରନା,
ଅନ୍ୟମାନେ ତୁମ ପ୍ରତି ଯେପରି
ସେପରି ତୁମକୁ ବୋଧ କରନ୍ତି ଓ କହନ୍ତି;
ତେଣୁ, ତାଙ୍କ ପ୍ରତି ସମ୍ବଦ୍ଧ ଯେଉଁମାନେ, —
ସେମାନଙ୍କ ନିକଟରୁ ହିଁ ତାଙ୍କର ପରିଚୟ ନେବାକୁ ହୁଏ —
ସଙ୍ଗତିଶୀଳ ସୁସମୀକ୍ଷ ବୋଧ୍ୟତାପୂର୍ଯ୍ୟ ନେଇ,
କାରଣ, ଯେ ଯେଉଁଥିରେ ଯେପରି ସମ୍ବଦ୍ଧ
ତା' ସମ୍ବନ୍ଧରେ ଜ୍ଞାନ ବି ତା'ର ସେପରି ।

(ଆର୍ଯ୍ୟ-ପ୍ରତିମୋକ୍ଷ-୪୫୭୭)

ଆମର ଆରାଧ୍ୟ ଇଷ୍ଟଦେବ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର କେବେବି ସ୍ୱମୁଖରେ କାହାକୁ କହି ନାହାଁନ୍ତି 'ମୁଁ ପୁରୁଷୋତ୍ତମ, ଅବତାର ବା ଭଗବାନ' । ସେ ନିଜର ପରିଚୟ ଦେଇ କହନ୍ତି, 'ମୁଁ ଶ୍ରୀଶିବଚନ୍ଦ୍ର ଚକ୍ରବର୍ତ୍ତୀଙ୍କ ପୁଅ' । ପୂର୍ବତନ ପୁରୁଷୋତ୍ତମମାନଙ୍କ ଜୀବନଚର୍ଯ୍ୟା ଆଲୋକନ କଲେ ଜଣାଯାଏ, ପ୍ରଥମ ପୁରୁଷୋତ୍ତମ ଶ୍ରୀରାମ ସର୍ବଦା ମୁଁ ଦଶରଥତନୟ ରାମ ବୋଲି କହୁଥିଲେ । ଶ୍ରୀକୃଷ୍ଣ ମଧ୍ୟ ବସୁଦେବଙ୍କ ପୁତ୍ର ବାସୁଦେବ କୃଷ୍ଣ ବୋଲି ନିଜକୁ ପରିଚୟ ଦେଉଥିଲେ । କଦାପି କେହି ନିଜକୁ ପୁରୁଷୋତ୍ତମ ବା ଭଗବାନ ବୋଲି ଘୋଷଣା କରି ନାହାଁନ୍ତି । ପ୍ରକୃତ ଅବତାର ପୁରୁଷ ବା ଭଗବାନଙ୍କ ଯେତେ ଲକ୍ଷଣ ରହିଛି ତା' ମଧ୍ୟରୁ ମୁଖ୍ୟ ହେଲା ସେ କେବେ କହିବେ ନାହିଁ, 'ମୁଁ ପୁରୁଷୋତ୍ତମ ବା ଭଗବାନ' । କିନ୍ତୁ ସେମାନଙ୍କର ଜୀବନଚର୍ଯ୍ୟା, କାର୍ଯ୍ୟକଳାପ, ଦର୍ଶନ ଆଚାର-ବ୍ୟବହାର ଅନେକ କିଛି ଦେଖି ତାଙ୍କ ପରିବେଶ କହେ, ଏ ହେଉଛନ୍ତି ପୁରୁଷୋତ୍ତମ । ଯଦି କେହି କହୁଛି 'ମୁଁ ଭଗବାନ' ତେବେ ସେ ଭଣ୍ଡ ଅଥବା ଛଦ୍ମବେଶୀ ସାଧୁ, ଅବତାର ବା ଭଗବାନ । ନିଜକୁ ଭଗବାନ ସଜାଇ ଲୋକଙ୍କର ସରଳତାର ସୁଯୋଗ ନେଇ ସ୍ୱାର୍ଥସିଦ୍ଧି କରିବା ହିଁ ତା'ର ଏକମାତ୍ର ଉଦ୍ଦେଶ୍ୟ । ସରଳ ଲୋକମାନଙ୍କୁ ପ୍ରତାରଣା କରିବାର କିଛି କୁହେଳିକା ମଧ୍ୟ ସୃଷ୍ଟି କରାଯାଏ । କିଛି କିଛି କ୍ଷେତ୍ରରେ ବାବା ନିଜେ ନିଜକୁ ଆତ୍ମଘୋଷିତ ଭଗବାନ କରିଥା'ନ୍ତି ତ ଅନ୍ୟ କେଉଁଠି ଅନ୍ୟଦ୍ୱାରା କୁହାଇଥା'ନ୍ତି, ପ୍ରଚାର କରାଇଥା'ନ୍ତି । ଏହି କ୍ଷେତ୍ରରେ ସଙ୍ଗତିଶୀଳ ସୁସମୀକ୍ଷ ବୋଧ୍ୟତାପୂର୍ଯ୍ୟ ନେଇ ସେହି ଆତ୍ମଘୋଷିତ ଭଗବାନଙ୍କର ଜୀବନଚର୍ଯ୍ୟାକୁ ବିଚାର କରିବା ଉଚିତ୍ । ଅର୍ଥାତ୍ ତାଙ୍କର କଥା ଓ କର୍ମରେ ସଙ୍ଗତି ରହିଛି କି ନାହିଁ, ମଙ୍ଗଳ ଉଦ୍ଦେଶ୍ୟରେ ସବୁକିଛିର ସମୀକ୍ଷା କରିବା ଉଚିତ୍ । ନିଜର ବୋଧ, ବୁଦ୍ଧିର ପ୍ରୟୋଗ କରି ତାତ୍ପର୍ଯ୍ୟାନୁଶୀଳନ କରିବାର ମଧ୍ୟ ଆବଶ୍ୟକତା ରହିଛି । ପ୍ରତିଟି କଥା, କାର୍ଯ୍ୟର ବାସ୍ତବିକ୍ ରୂପରେଖ କ'ଣ ତାହା ବିଚାରସମନ୍ୱିତ ଅନୁଶୀଳନ କରାଯିବା ମଧ୍ୟ ଉଚିତ୍ । ତେବେ ସ୍ପଷ୍ଟ ହେବ ସେ କିଏ ? ପ୍ରକୃତ ସାଧୁ ନା ଭଣ୍ଡ ! ଏପରି ନ କରି ଯଦି ଆମେ ତାଙ୍କ ଭେଳିକିବାଜିରେ ପଡ଼ିଯିବା ତେବେ ଠକି ହେବା ନିଶ୍ଚୟ । ଯାଦୁବିଦ୍ୟା ବା ବିଜ୍ଞାନର ସହାୟତାରେ ଏପରି କିଛି କର୍ମ ପ୍ରଦର୍ଶନ କରାଯାଏ ଯାହାକି ସାଧାରଣ ଲୋକ ଦେଖି ହୁଏ ଆଶ୍ଚର୍ଯ୍ୟ । ସେ ଭାବେ, ଏହା ପ୍ରଭୁଙ୍କ ମହିମାରୁ ହେଉଛି । ତା'ର ପଶ୍ଚାତପଟେ ଯେଉଁ କାରଣ ରହିଛି ତାହାକୁ ଭେଦ କରି ନ ପାରିବାର ଅଜ୍ଞାନତା ହିଁ ସେମାନଙ୍କୁ ଏହି ପ୍ରତାରଣାର ଶୀକାର ହେବାକୁ ସୁଯୋଗ ଦିଏ । ଯଦି କେହି ଅପପ୍ରଚାର ଦ୍ୱାରା ନିଜକୁ ଭଗବାନ ସଜାଏ ଅଥବା ଅନ୍ୟ କାହାଦ୍ୱାରା ପ୍ରଚାର କରାଯାଏ ତେବେ ଆମେ ନିଜେ ବିଚାର-ବିମର୍ଷ କରି ତଥା ସବୁକିଛିର ବିଜ୍ଞାନସମ୍ମତ କାରଣ ବାହାର କରି କଥାର ସତ୍ୟତାକୁ ଉନ୍ମୋଚନ କରିବା ଉଚିତ୍ । ତେବେ ଯାଇ ଆମେ ପ୍ରତାରଣାରୁ ରକ୍ଷା ପାଇ ପାରିବା ।

– ବନ୍ଦେ ପୁରୁଷୋତ୍ତମମ୍

ବିଶେଷ ବିଜ୍ଞପ୍ତି

ଜାନୁଆରୀ-୨୦୨୫ ସଂଖ୍ୟାର ପତ୍ରିକାଠାରୁ ପ୍ରଯୋଜ୍ୟ

ପରମପୂଜ୍ୟପାଦ ଶ୍ରୀଶ୍ରୀଆଚାର୍ଯ୍ୟଦେବଙ୍କ ଅନୁମତିକ୍ରମେ ପତିକ୍ରା ସଂଗ୍ରହ ପାଇଁ ଅର୍ଘ୍ୟ ଜମା ଦେବା ବିଷୟରେ ନିର୍ଦ୍ଦେଶ ଅବଗତ କରାହେଲା-

Alochana (Bengali), Urjana (Odia), Agambani (Assamia), Satwati (Hindi), Swastisevak (Bengali), Ligate (English) – ମାସିକ ପତ୍ରିକା ସମୂହ ସଂଗ୍ରହ ପାଇଁ ଅଗ୍ରୀମ ଅର୍ଘ୍ୟ ଇଂରାଜୀ ମାସର ପହିଲା ତାରିଖଠାରୁ ୧୬ତାରିଖ ମଧ୍ୟରେ ଜମା କରିବାକୁ ହେବ ।

ପତ୍ରିକାର ଅର୍ଘ୍ୟ Satsang Philanthropy Computer Centre (Deoghar, Kolkata, Bhubaneswar, Sambalpur, Siliguri, Guwahati, Agartala, Silichar, Banglore, Hyderbad, Chennai, Mumbai) ଗୁଡ଼ିକରେ ହିଁ ଜମା କରିବାକୁ ହେବ ।

Offline

ଅର୍ଘ୍ୟର ପରିମାଣ ୧୦,୦୦୦ଟଙ୍କାରୁ ଅଧିକ ହେଲେ Powerjyoti Challanରେ ବା Pay Slip ମାଧ୍ୟମରେ SBI A/C No. : 31478951316 ଏବଂ CBI A/C No.: 313174589 6ରେ ଅର୍ଘ୍ୟ ଜମା କରି Satsang Philanthropy Computer Centreଗୁଡ଼ିକରେ ନିମ୍ନଲିଖିତ Form fill up କରି Powerjyoti ବା Pay Slip ସହିତ ଜମା କରି ରସିଦ୍ ସଂଗ୍ରହ କରି ନେବେ ।

F.C. No. :..... Name :.....

Magazine Name	Qty	Amount
Alochana		
Urjana		
Swastisevak		
Ligate		
Satwati		
Agambani		

Delivery Address (with Pin Code) :.....

.....

Mobile No. : (1) ..... (2) .....

(Rupees.....only) Total Amount : .....

Signature for depositor

Online

1. **Satsangphilantropy.com**
2. Loging (F.C. No and Password =>
3. Select Magazine =>
4. Select Patrika Name =>
5. Select Bulk or Subscription=>
6. Select Payment Mode=>
7. Trick Terms & Condition next your payment process.

***Please confirm Delivery Address with Pin Code No and Alternate Mobile No.

Journal and Magazines section enquiry number : 9341933917 (Time : 10:30am to 7:30pm)

ପତ୍ରିକାର ନିୟମାବଳୀ

ଲେଖକମାନଙ୍କ ପ୍ରତି

୧. ପତ୍ରିକାରେ ପ୍ରକାଶ ପାଇଁ ରଚନାର ନକଲ ରଖି ପାଣ୍ଡୁଲିପି ସମ୍ପାଦକଙ୍କ ନାମରେ ନିର୍ଦ୍ଦିଷ୍ଟ ପତ୍ରିକା ପାଇଁ ନିର୍ଦ୍ଧାରିତ ୬୫ ଛରରେ ୬୫ କରି ପଠାଇବା ଆବଶ୍ୟକ ।

୨. କୌଣସି ଲେଖା ବିଶେଷ ସଂଖ୍ୟାରେ ପ୍ରକାଶ କରିବାର ବାଧ୍ୟବାଧକତା ନାହିଁ ।

୩. ଲେଖାର ଅଂଶବିଶେଷ ପରିବର୍ତ୍ତନ ଓ ପରିବର୍ଦ୍ଧନ ସମ୍ପାଦକଙ୍କର ଇଚ୍ଛାଧୀନ ।

୪. ପ୍ରେରିତ ରଚନା କମ୍ପ୍ୟୁଟରରେ ଟାଇପ କରି PDF ଫାଇଲ mail କରିବାକୁ ହେବ । ଅନ୍ୟଥା କାଗଜର ଗୋଟେ ପଟେ ମାର୍ଜିତ ଓ ତଫାତ୍ ରଖି ସ୍ୱଚ୍ଛାକ୍ଷରରେ ଲିଖିତ ହେବା ଆବଶ୍ୟକ । ହାତଲେଖା କପି ଯଥାଯଥଭାବେ ଫଟୋ ଉଠାଇ PDF କରି PDF ଫାଇଲ mail କରିବା ଆବଶ୍ୟକ । ସେ କ୍ଷେତ୍ରରେ ଫଟୋ ଅସ୍ପଷ୍ଟ ହେଲେ ଲେଖାଟି ପ୍ରକାଶ ପାଇଁ ବିବେଚିତ ହେବ ନାହିଁ ।

୫. ଲେଖା ସହିତ ଲେଖକଙ୍କର ନାମ, ଠିକଣା ଓ ଯୋଗାଯୋଗ, ଫୋନ ନମ୍ବରର ଉଲ୍ଲେଖ ନ ରହିଲେ ପ୍ରକାଶ ପାଇଁ ତାହା ଗୃହୀତ ହେବ ନାହିଁ ।

୬. ରଚନା ମଧ୍ୟରେ କୌଣସି ଉଦ୍ଧୃତି ଦେବାକୁ ହେଲେ ଲେଖକଙ୍କର ନାମ, ମୂଳ ପୁସ୍ତକର ନାମ, ପୃଷ୍ଠାସଂଖ୍ୟା ଉଲ୍ଲେଖ ରହିବା ଏକାନ୍ତ ପ୍ରୟୋଜନ । ଅନ୍ୟଥା ସେହି ଲେଖା ପ୍ରକାଶ କରିବାରେ ଅସୁବିଧା ହେବ ।

୭. ଲେଖା ମଧ୍ୟରେ କୌଣସି ଚିତ୍ର ଥିଲେ ତାହା କପି ସହିତ ସଂଯୁକ୍ତ କରିବାକୁ ହେବ ।

୮. ଉର୍ଜ୍ଜନା ପତ୍ରିକାରେ ଲେଖା ପଠାଇବା ପାଇଁ –

mail id : urjana@satsang.org.in

ଆଲୋଚନ୍ଦ୍ର । ପତ୍ରିକାରେ ଲେଖା ପଠାଇବା ପାଇଁ –

mail id : alochana@satsang.org.in

ସ୍ୱସ୍ତିସେବକ ପତ୍ରିକାରେ ଲେଖା ପଠାଇବା ପାଇଁ –

mail id : swastisevak@satsang.org.in

ସାତ୍ୱତୀ ପତ୍ରିକାରେ ଲେଖା ପଠାଇବା ପାଇଁ –

mail id : satwati@satsang.org.in

ଲାଇଗେଟ ପତ୍ରିକାରେ ଲେଖା ପଠାଇବା ପାଇଁ –

mail id : ligate@satsang.org.in

ବାର୍ଷିକ ଗ୍ରାହକମାନଙ୍କ ପ୍ରତି

୧. ଆଶ୍ୱିନ ମାସରୁ ଉର୍ଜ୍ଜନାର ବର୍ଷ ଆରମ୍ଭ । ଚଳିତ ଇଂରାଜୀ ମାସର ତା୧ରିଖ ଓ ତା୧୫ରିଖରେ ପତ୍ରିକା ପ୍ରକାଶିତ ହୁଏ ଓ ତା୧୯/୨୦ରିଖରେ ଡାକଯୋଗେ ପଠାଯାଏ ।

୨. ଗ୍ରାହକଗଣ ଯଦି ଚଳିତ ଇଂରାଜୀ ମାସର ୨୫ ତାରିଖ ଓ ୨୮ତାରିଖ ମଧ୍ୟରେ ପତ୍ରିକା ନ ପାଆନ୍ତି, ତେବେ ଡୁପ୍ଲିକେଟ୍ କପି ପାଇଁ ଏକ ଟଙ୍କା ଡାକ ଟିକେଟ୍ ସହ ପତ୍ର ଦେବେ ।

୩. ଠିକଣା ପରିବର୍ତ୍ତନ ପାଇଁ ୧୫ ଦିନ ପୂର୍ବରୁ ଉର୍ଜ୍ଜନା କାର୍ଯ୍ୟାଳୟକୁ ଜଣାଇବା ଆବଶ୍ୟକ ।

୪. ଭି.ପି.ପି. ଯୋଗେ ପତ୍ରିକା ପଠାଯାଏ ନାହିଁ । ଗ୍ରାହକ ଚାନ୍ଦା ମନିଅର୍ଡ଼ର ଯୋଗେ ଉର୍ଜ୍ଜନା କାର୍ଯ୍ୟାଳୟକୁ ପଠାଇବା ଆବଶ୍ୟକ । ଚିଠି ପତ୍ରରେ ଓ କୁପନରେ ଗ୍ରାହକ ନମ୍ବର ଉଲ୍ଲେଖ କରିବେ । ଉତ୍ତର ପାଇବାକୁ ହେଲେ ରିପ୍ଲାଇ କାର୍ଡ଼ରେ ପତ୍ର ଦେବେ ।

୫. ଭାରତରେ ଡାକଖର୍ଚ୍ଚ ସହ ଦେୟ ଅର୍ଘ୍ୟର ପରିମାଣ : ବାର୍ଷିକ ୧୨୦ ଟଙ୍କା । ଷାଣ୍ମାସିକ ୬୦ ଟଙ୍କା । ପ୍ରତି ଖଣ୍ଡର ମୂଲ୍ୟ ୧୦ଟଙ୍କା ।

୬. ଟଙ୍କା ପଠାଇବାର ଠିକଣା–ମ୍ୟାନେଜର, ଉର୍ଜ୍ଜନା, ପୋ.: ସତ୍‌ସଙ୍ଗ , ଦେଓଘର, (ଝାଡଖଣ୍ଡ), **Pin. : 814116**

Published and Printed by Raghunandan Dutta on behalf of Satsang. Printed at Bartaman Private Limited, 6, JBS Halden Avenue, Kolkata-700105. Published From Satsang, P.O.- Satsang, Dist.- Deoghar, Jharkhand-814116.
Editor : Dr. Binayak Mohapatra